# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୧୯/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 19/ 2019 (Career & Appointment) | ★★★★★★

୪୫ଶ ଭାଗ ୫୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଭାରତର ସ୍ମରଣୀୟ ସିରିଜ ବିଜୟ**

ମେଲବୋର୍ନରେ ଅନୁଷ୍ଠିତ ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ବିଜୟ ସହ ଅଷ୍ଟ୍ରେଲିଆ ମାଟିରେ ପ୍ରଥମଥରପାଇଁ ଦ୍ୱିପାକ୍ଷିକ କ୍ରିକେଟ ସିରିଜ ଜିତିଛି ଟିମ୍ ଇଣ୍ଡିଆ।

୧୮

୦୮

**କର୍ନି ସେନାଙ୍କ ଆଗରେ ନଇଁବି ନାହିଁ: କଙ୍ଗନା**

କର୍ନି ସେନାଙ୍କ ଧମକ ଆଗରେ ମୁଣ୍ଡ ନୁଆଁଇବାର ପ୍ରଶ୍ନ ଉଠୁନାହିଁ ବୋଲି ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାୱତ୍ ପ୍ରକାଶ କରିଛନ୍ତି।



# ପିପିରେ ପେଷି ହେଉଛି ପକ୍କାଘର


ସୁନିତ୍ ମିଶ୍ର
ଭୁବନେଶ୍ୱର, ୧୮ ।୧

- ପ୍ରତିଶ୍ରୁତି ପୂରଣ ହୋଇପାରିବ ନାହିଁ; ମାନିଲେ ମନ୍ତ୍ରୀ
- ଲକ୍ଷ୍ୟ ରଖିଥିବା ସଂଖ୍ୟା ବି ଛୁଇଁ ପାରିଲେନି
- ଥିବା ଲୋକଙ୍କୁ ମିଳୁଛି, ଲାଞ୍ଚ ଦେବାରେ ଅକ୍ଷମଙ୍କ ପାଇଁ ସୁବିଧା ନାହିଁ

୨୦୧୯ ସୁଦ୍ଧା ରାଜ୍ୟର ସମସ୍ତ କଚ୍ଚା ଘରକୁ ପକ୍କା ଘର କରାଯିବ। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଏଭଳି ପ୍ରତିଶ୍ରୁତି ଦେଇ ବିଜେଡି ନିଜ ନିର୍ବାଚନୀ ଇସ୍ତାହାରରେ ଉଲ୍ଲେଖ କରିଥିଲା। ଲୋକମାନଙ୍କ ବିପୁଳ ସମର୍ଥନ ପାଇ ୪ର୍ଥ ଥର ଲାଗି ବିଜେଡି କ୍ଷମତାକୁ ଫେରିଥିଲା। ହେଲେ ରାଜ୍ୟ ସରକାର ୨୦୧୯ ସୁଦ୍ଧା ୨୫ ଲକ୍ଷ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଲେ। ଲୋକେ ଭାବିଥିଲେ ସରକାର ପର୍ଯ୍ୟାୟ କ୍ରମେ ଏହି ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧିକରିବେ ଏବଂ ନିର୍ବାଚନ ସମୟର ପ୍ରତିଶ୍ରୁତି ପାଳନ କରିବେ। ମାତ୍ର ସରକାର ଏସବୁଥିରେ ବିଫଳ ହୋଇଛନ୍ତି। ଏନେଇ ପଞ୍ଚାୟତିରାଜ ସଚିବ ଦେଓରଞ୍ଜନ ସିଂ(ଆଇଏଏସ୍)ଙ୍କୁ ଧରିତ୍ରୀ ତରଫରୁ ପଚାରିବାରୁ ସେ କହିଥିଲେ ଯେ, ୨୦୧୪ରୁ ୨୦୧୯ ମଧ୍ୟରେ ଆମେ ୨୫ଲକ୍ଷ ଘର କରିବାକୁ ଲକ୍ଷ୍ୟ ରଖିଥିଲୁ। ପ୍ରାୟ ୨୧ଲକ୍ଷ ପକ୍କାଘର ଲୋକଙ୍କୁ ଦିଆଯାଇଛି। ମାର୍ଚ୍ଚ ସୁଦ୍ଧା ୪ଲକ୍ଷ ଘର କାର୍ଯ୍ୟ ସାରିବାକୁ ଚେଷ୍ଟା କରିବୁ। କିଛି ଜିଲାରେ ଠିକ୍‌ଭାବେ କାମ ହେଉ ନ ଥିବା ଦେଓ ରଞ୍ଜନ ସ୍ୱୀକାର କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସଚିବ କହିଥିବା ୨୧ଲକ୍ଷ ଘର ମଧ୍ୟରେ କେନ୍ଦ୍ର ସରକାରଙ୍କ ଯୋଜନାରେ ଅର୍ଦ୍ଧନିର୍ମିତ ଘରଗୁଡିକ ମଧ୍ୟ ସାମିଲ। ଅର୍ଥାତ୍ ସରକାରଙ୍କ ପକ୍ଷରୁ ଦାବି କରାଯାଉଥିବା ୨୧ ଲକ୍ଷ ନିର୍ମିତ ଘର ବିଜୁ ପକ୍କାଘର ଯୋଜନା ଅନ୍ତର୍ଭୁକ୍ତ ନୁହେଁ ଏବଂ ପୁରୁଣା ଘର ନିର୍ମିତ ହେଉଥିବାରୁ ନୂତନ ହିତାଧିକାରୀ ଲାଭବାନ ହୋଇପାରୁ ନାହାନ୍ତି।

ପ୍ରଥମ କଥା ସରକାରଙ୍କ ହିତାଧିକାରୀ ଚୟନରୁ ବହୁ ଯୋଗ୍ୟବ୍ୟକ୍ତି ବାଦ୍ ପଡ଼ିଛନ୍ତି। ସେମାନେ ସରକାରୀ ଯୋଜନାରେ ପକ୍କାଘର ପାଇବା ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇପଡ଼ିଛନ୍ତି। ଦ୍ୱିତୀୟ କଥା ଯେଉଁମାନେ ହିତାଧିକାରୀ ଚିହ୍ନଟ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ନାମ କେବଳ ତାଲିକାରେ ସୀମିତ ରହିଛି। ସେମାନଙ୍କ କଚ୍ଚା ଘର ଏଯାଏ ପକ୍କା ହୋଇପାରିନାହିଁ। ବିଜେଡି ଦେଇଥିବା ପ୍ରତିଶ୍ରୁତି ପାଳନର ସତ୍ୟାସତ୍ୟ ପରଖିବା ପାଇଁ କେତେକ ପଞ୍ଚାୟତକୁ ଯିବା ପରେ ଏଭଳି ବାସ୍ତବତା ଜଣାପଡ଼ିଛି। ଏପରି କି ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ 'ସବୁ କଚ୍ଚା ଘର ପକ୍କା ଘର ହେବା' ପ୍ରତିଶ୍ରୁତି ପାଳନ ହୋଇପାରିବ ନାହିଁ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରମେଶ ମାଝୀ ସ୍ୱୀକାର କରିନେଇଛନ୍ତି। ମନ୍ତ୍ରୀ ମାଝୀ କହିଛନ୍ତି ଯେ, ଯେତିକି କଚ୍ଚାଘରକୁ ପକ୍କାଘର କରିବା ପାଇଁ ଲକ୍ଷ୍ୟ ରଖିଥିଲୁ ତାହା ପୂରଣ ହୋଇନାହିଁ। ପର୍ଯ୍ୟାୟକ୍ରମେ ସମସ୍ତଙ୍କୁ ଘର ଦେବାକୁ ଚେଷ୍ଟା କରୁଛୁ। ଯାହା ଲକ୍ଷ୍ୟ ଥିଲା ତାହା ୨୦୧୯ ସୁଦ୍ଧା ପୂରଣ ହୋଇପାରିବ ନାହିଁ ବୋଲି ମାଝୀ କହିଛନ୍ତି।

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଜ୍ୟ ସରକାରଙ୍କ ବିଜୁ ପକ୍କାଘର ଯୋଜନା, ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା ଏବଂ ପକ୍କାଘର ଯୋଜନା(ଖଣି) ମାଧ୍ୟମରେ ଗରିବମାନଙ୍କୁ ସରକାର ଘର ଯୋଗାଇ ଦେଉଛନ୍ତି। ଏହି ସବୁ ଯୋଜନାରେ ପ୍ରାୟ ୨୫ ଲକ୍ଷ ହିତାଧିକାରୀଙ୍କୁ ୨୦୧୪ରୁ ୨୦୧୯ ମଧ୍ୟରେ ପକ୍କାଘର ଯୋଗାଇ ଦେବାପାଇଁ ଲକ୍ଷ୍ୟ ରଖାଯାଇଥିଲା ବେଳେ ମାତ୍ର ୨୦ ଲକ୍ଷ ୧୮ ହଜାର ୭୭୯ଜଣଙ୍କୁ ଘର ଦିଆଯାଇଛି। ବିଧାନସଭାର ଗତ ଶୀତ ଅଧିବେଶନ ସମୟରେ ବିଧାୟକ ନବ ଦାସ ପଚାରିଥିବା ☞ ପୃଷ୍ଠା–୪



୨୦୧୪ରେ ବିଜେଡିର ନିର୍ବାଚନ ଇସ୍ତାହାର।



ପୁରୀ ଜିଲା ପିପିଲି ବ୍ଲକର ସାନସରଗାଇଲୋ ଗ୍ରାମ।

ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ସଂସ୍କାର ପାଇଁ ତରତର ନାହିଁ

**ଆଜିର ମନ୍ତବ୍ୟ**

ଭାରତ ବିରୋଧୀ ସ୍ଲୋଗାନ ଦେଉଥିବା ଲୋକଙ୍କ ସହ କଂଗ୍ରେସ ଛିଡ଼ାହୋଇଛି।
-ସ୍ମୃତି ଇରାନୀ, କେନ୍ଦ୍ରମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 18.01.2019 Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 75 | 126 | 136 |
| DKL | 77 | 128 | 138 |
| BDK | 76 | 127 | 137 |
| BLS | 79 | 131 | 141 |
| ANG | 77 | 128 | 138 |

*Conditions Apply
Eggs Retail Price- 54/-Dozen
Issued in the Interest of Consumers





STORES ONLY AT: BHUBANESWAR: 621, Saheed Nagar, Janpath | BHUBANESWAR: Biju Patnaik International Airport | BHUBANESWAR: 309, District Centre, Chandrasekharpur
BERHAMPUR : Venkatraju Arcade, Sano Bazar | CUTTACK: 558/834, Cantonment Road | ROURKELA: Kesar Bhawan, Main Road | Toll Free: 1800 3131 777 | Open on Sundays

DSPL-357

ଓଡ଼ିଶା ସରକାର

ଆମ ଗାଁ ଆମ ବିକାଶ

ODISHA ONE
ଓଡ଼ିଶା ଆମ ଗୌରବ


# PEETHA

( PEOPLES EMPOWERMENT ENABLING TRANSPARENCY AND ENHANCING ACCOUNTABILITY ON ODISHA INITIATIVES )

# ପିଠା

ସଶକ୍ତିକରଣ ଏବଂ ସଚେତନତା

## ଜାନୁଆରୀ ୧୫ ରୁ ପ୍ରତି ଗ୍ରାମପଞ୍ଚାୟତ ଓ ସହରାଞ୍ଚଳରେ ଆରମ୍ଭ ହୋଇଛି ପିଠା ଶିବିର, ଚାଲିବ ୨୦ ତାରିଖ ପର୍ଯ୍ୟନ୍ତ ।



- ୩ ଲକ୍ଷ ନୂଆ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଉଛି ୧୫,୦୦୦ ଟଙ୍କା ଲେଖାଏଁ ମୂଳଧନ । ସେଥିପାଇଁ ମଞ୍ଜୁର ହୋଇଛି ୪୫୦ କୋଟି ଟଙ୍କା
- ପ୍ରତ୍ୟେକ ନୂଆ ସ୍ୱୟଂସହାୟକ ଗୋଷ୍ଠୀ ଗଢିବା ପାଇଁ ସଂପୃକ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ ମିଳୁଛି ୫ ଶହ ଟଙ୍କା ଏବଂ ସହାୟିକାଙ୍କୁ ୨ ଶହ ଟଙ୍କା
- ଶୁଭାରମ୍ଭ ହୋଇଛି ଆମ ଏଲ୍. ଇ. ଡି (LED) ଯୋଜନା, ଯେଉଁଥିରେ ଟଙ୍କିକିଆ ଚାଉଳ ପାଉଥିବା ପରିବାରକୁ ମାଗଣାରେ ଦିଆଯାଉଛି ୪ଟି ଏଲ୍. ଇ. ଡି ବଲ୍‌ବ
- 'ସୁନେତ୍ର' ଯୋଜନାରେ ଦିଆଯାଉଛି ଚକ୍ଷୁର ମାଗଣା ଚିକିତ୍ସା ଓ ମିଳୁଛି ମାଗଣା ଚଷମା
- ଚାଷୀ ଭାଇମାନେ ଆସି 'କାଳିଆ' ଯୋଜନା ବିଷୟରେ ବୁଝୁଛନ୍ତି
- ସହରାଞ୍ଚଳର 'ପିଠା' ଶିବିରରେ ମଧ୍ୟ ବିଭିନ୍ନ ଯୋଜନାର ସୁବିଧା ମିଳୁଛି ହିତାଧିକାରୀଙ୍କୁ

**ପିଠା ଶିବିରକୁ ଯାଆନ୍ତୁ, ଆପଣଙ୍କ ପାଇଁ ଉଦ୍ଦିଷ୍ଟ ସହାୟତା ନିଅନ୍ତୁ, ଏବଂ ସରକାରଙ୍କ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମ ସଂପର୍କରେ ଜାଣନ୍ତୁ ।**



19001/13/0031/1819

ଜାପାନ ସମୁଦ୍ର ଉପରେ ରୁଷିଆର ଦୁଇଟି ଏସ୍ୟୁ-୩୪ ଯୁଦ୍ଧବିମାନ ମଧ୍ୟରେ ଧକ୍କା ହୋଇଛି। ପ୍ରଶିକ୍ଷଣ ବେଳେ ଏହି ଦୁର୍ଘଟଣା ଘଟିଛି। ତେବେ ସମୁଦ୍ର ମଧ୍ୟରୁ ଦୁଇ ବିମାନର ପାଇଲଟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।





## ସଂକ୍ଷେପରେ

### ହାଇକୋର୍ଟଙ୍କ ଆଦେଶ
## ଏଏସ୍ଓ ପରୀକ୍ଷା ଅବଧି ଘୁଞ୍ଚିବନି

**କଟକ ଅଫିସ, ୧୮।୧:** ସହକାରୀ ସେକ୍ସନ ଅଫିସର (ଏଏସ୍ଓ) ପରୀକ୍ଷା ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ। ପରୀକ୍ଷା ସମୟ ଘୁଞ୍ଚାଇବା ପାଇଁ ହାଇକୋର୍ଟ ସ୍ପଷ୍ଟ ମନା କରିଛନ୍ତି। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଭଳି ଆଦେଶ ହୋଇଛନ୍ତି। ଫଳରେ ପୂର୍ବ ନିର୍ଦ୍ଧାରିତ ତାରିଖରେ ପରୀକ୍ଷା ହେବା ସ୍ପଷ୍ଟ ହୋଇଯାଇଛି। ସୂଚନାଥାଉକି, ଜାନୁୟାରୀ ୨୦ରେ ଏଏସ୍ଓ ପରୀକ୍ଷା ସହିତ ରେଲୱେର ଏଏଲ୍ପି (ଆସିଷ୍ଟାଣ୍ଟ ଲୋକୋ ପାଇଲଟ) ଓ ଆଇବିପିଏସ୍ (ଇନ୍ଷ୍ଟିଚ୍ୟୁଟ ଅଫ ବ୍ୟାଙ୍କିଙ୍ଗ ପର୍ସୋନେଲ ସିଲେକ୍ସନ)ର କ୍ଲର୍କ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହେବ। ଏହି ୩ ପଦବୀ ନିମନ୍ତେ ଅନେକ ପ୍ରାର୍ଥୀ ଆବେଦନ କରିଛନ୍ତି। ତେଣୁ ଗୋଟିଏ ଦିନରେ ୩ଟି ଯାକ ପଦବୀ ପାଇଁ ପରୀକ୍ଷା ହେଉଥିବାରୁ ଆବେଦନକାରୀମାନେ ବଞ୍ଚିତ ହେବା ନିଶ୍ଚିତ ହୋଇଥିଲା। ତେବେ ଏଏସ୍ଓ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ଅନ୍ୟ ଦୁଇଟି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେଣୁ ଏଏସ୍ଓ ପରୀକ୍ଷାକୁ ଘୁଞ୍ଚାଇବା ପାଇଁ ପରୀକ୍ଷାର୍ଥୀମାନେ ପ୍ରଥମେ ଓପିଏସ୍ସିଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଓପିଏସ୍ସି ଏଥିପ୍ରତି ଧ୍ୟାନ ନ ଦେବାରୁ ଆଶାୟୀ ପରୀକ୍ଷାର୍ଥୀମାନେ ସ୍ୟାଟ୍କୁ ଯାଇଥିଲେ। ସ୍ୟାଟ୍ ଓପିଏସ୍ସିକୁ ନିଷ୍ପତ୍ତି ନେବାକୁ ଆଦେଶ ଦେଇଥିଲେ। ଫଳରେ କେତେଜଣ ଆବେଦନକାରୀ ସ୍ୟାଟ୍ଙ୍କ ଆଦେଶ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।




## 'ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦିଅ'

ଭୁବନେଶ୍ୱର,୧୮।୧(ବ୍ୟୁରୋ)

- ଦାବି ଦୋହରାଇଲେ ମୁଖ୍ୟମନ୍ତ୍ରୀ
- ପ୍ରଧାନମନ୍ତ୍ରୀଙ୍କୁ ଲେଖିଲେ ଚିଠି

ବାତ୍ୟା, ବନ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପଦ ରାଜ୍ୟକୁ ଘେରି ରହିଛି। ଏହା ସତ୍ତ୍ୱେ କେନ୍ଦ୍ର ସରକାର ରାଜ୍ୟକୁ ଲଗାତର ଅବହେଳା କରି ଆସିଛନ୍ତି। କିନ୍ତୁ ରାଜ୍ୟର ଅଭିବୃଦ୍ଧି ଆଗକୁ ମାଡ଼ି ଚାଲିଛି। ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାବି କରିଛନ୍ତି। ସେ ଏ ନେଇ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି।

ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବାତ୍ୟା ତିତ୍ଲି ୨୦୧୮ ଅକ୍ଟୋବର ୧୧ରେ ଓଡ଼ିଶା ଉପକୂଳକୁ ଅତିକ୍ରମ କରିଥିଲା। ବଡ଼ ବଡ଼ ଗଛ ଉପୁଡି ପଡ଼ିବା ସହ ବହୁ ଫସଲ ନଷ୍ଟ ହେଲା। ଘର, ରାସ୍ତାଘାଟ, ପୋଲ, ବିଦ୍ୟୁତ, ପାନୀୟ ଜଳ ଏବଂ ଜଳସେଚନ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଥିଲା। ଲୋକମାନଙ୍କ ଜୀବନ ବଞ୍ଚାଇବା ପାଇଁ ରାଜ୍ୟ ସରକାର ଯଥା ସମ୍ଭବ ଚେଷ୍ଟା କରିବା ସହ ରିଲିଫ ଏବଂ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ପାନୀୟ ଜଳ, ବିଦ୍ୟୁତ ଯୋଗାଣ, ରାସ୍ତାଘାଟ ପୁନଃ ସ୍ଥାପନ କରିଛନ୍ତି। ତେବେ ଦୀର୍ଘକାଳୀନ ପୁନଃ ନିର୍ମାଣ ଓ ଥଇଥାନ ପାଇଁ ବହୁ ପରିମାଣର ସମ୍ବଳର ଆବଶ୍ୟକତା ରହିଛି। ୧୯୦୦ରୁ ୨୦୧୮ ମଧ୍ୟରେ ଓଡ଼ିଶା ପ୍ରତିବର୍ଷ ବନ୍ୟା, ବାତ୍ୟା, ଘୂର୍ଣ୍ଣିଝଡ଼, ମରୁଡ଼ି ଭଳି ପ୍ରାକୃତିକ ବିପତ୍ତିର ସମ୍ମୁଖୀନ ହୋଇ ଆସୁଛି। ଏପରିକି ଗୋଟିଏ ବର୍ଷରେ ବହୁମୁଖୀ ବିପର୍ଯ୍ୟୟକୁ ମଧ୍ୟ ସମ୍ମୁଖୀନ ହେବାକୁ ପଡୁଛି। ରାଜ୍ୟର ୮୦% ଅଞ୍ଚଳ ଏବଂ ପ୍ରାୟ ୯୦% ଲୋକ ସର୍ବଦା ବିପର୍ଯ୍ୟୟ ପ୍ରବଣ ମଧ୍ୟରେ ରହୁଛନ୍ତି। ଜଳବାୟୁ ପରିବର୍ତ୍ତନ ହେଉଥିବାରୁ ଓଡ଼ିଶା ଆହୁରି ବିପଦଗ୍ରସ୍ତ ହୋଇପଡ଼ିଛି। ମରୁଡ଼ି ମଧ୍ୟ ରାଜ୍ୟର ଅନ୍ୟ ଏକ ସମସ୍ୟା। ଏତେ ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ରାଜ୍ୟର ସାମାଜିକ ଓ ଆର୍ଥିକ ବିକାଶ ତ୍ୱରାନ୍ୱିତ ହୋଇଛି। ଗତ ୬ ବର୍ଷ ମଧ୍ୟରେ ଘରୋଇ ଉତ୍ପାଦ ୫୦% ବୃଦ୍ଧି ପାଇଛି। ୨୦୦୪-୦୫ରୁ ୨୦୧୧-୧୨ ମଧ୍ୟରେ ଦାରିଦ୍ର୍ୟ ୨୪.୬%କୁ ହ୍ରାସ ପାଇଛି। ଏହି ହାର ଦେଶର ଅଗ୍ରଣୀ ରାଜ୍ୟଗୁଡ଼ିକଠାରୁ ମଧ୍ୟ ବହୁ ଆଗରେ ରହିଛି। ଓଡ଼ିଶାର ପ୍ରାକୃତିକ ସମ୍ପଦରୁ କେନ୍ଦ୍ର ଭରପୂର ଲାଭ ଉଠାଉଛି। ଅନେକ ବର୍ଷ ଧରି ଓଡ଼ିଶାର ଲୁହାପଥର ଓ ଅନ୍ୟ ଖଣିଜ ପଦାର୍ଥ ଦେଶ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି। ଏହା ସତ୍ତ୍ୱେ କେନ୍ଦ୍ର ସରକାର କ୍ରମାଗତ ଭାବେ ଓଡ଼ିଶାକୁ ଅବହେଳା କରି ଆସିଛନ୍ତି। ଟେଲି ଯୋଗାଯୋଗ, ରେଲୱେ ନେଟୱର୍କ, ବ୍ୟାଙ୍କିଂ ନେଟୱର୍କ, ଜାତୀୟ ରାଜପଥ ଓ ଏୟାର କନେକ୍ଟିଭିଟି କ୍ଷେତ୍ରରେ କେନ୍ଦ୍ର ସରକାର ଅବହେଳା କରି ଆସୁଛନ୍ତି। ସେଥିପାଇଁ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବାକୁ ଆମେ ବାରମ୍ବାର ଦାବି କରି ଆସୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜାତୀୟ ହାର ତୁଳନାରେ ଓଡ଼ିଶାର ଅଭିବୃଦ୍ଧି ହାର ଅଧିକ ରହିଛି। ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ମିଳିବା ପରେ ରାଜ୍ୟର ଅଭିବୃଦ୍ଧି ହାର ଆହୁରି ବଢ଼ିବା ସହ ଶିଳ୍ପ କ୍ଷେତ୍ରରେ ବିକାଶ ହେବ ଓ ଅଧିକ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିପାରିବ। ଓଡ଼ିଶାର ଦାବିକୁ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## କଂଗ୍ରେସରୁ ଇସ୍ତଫା ଦେଲେ ଯୋଗେଶ

**ସୁନ୍ଦରଗଡ/ ଭୁବନେଶ୍ୱର ୧୮।୧ (ଡି.ଏନ୍.ଏ.) :** କଂଗ୍ରେସରୁ ନିଲମ୍ବିତ ପରେ ଶୁକ୍ରବାର ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂ କଂଗ୍ରେସ ପ୍ରାଥମିକ ସଭ୍ୟପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନିକଟକୁ ପଠାଇ ଦେଇଛନ୍ତି। ତା'ର ଏକକିତା ନକଲ ଏଆଇସିସ ସାଧାରଣ ସମ୍ପାଦକ ତଥା ରାଜ୍ୟ କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂ, ମସ୍ତାନ୍ ଭାଲି ଓ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି।

ଯୋଗେଶ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି, କାରଣ ଦର୍ଶାଅ ନୋଟିସ ନ ଦେଇ କିମ୍ବା ଆଗୁଆ କୌଣସି ସୂଚନା ଦିଆ ନ ଯାଇ ହଠାତ୍ ପିସିସି ଶୃଙ୍ଖଳା କମିଟି ମୋତେ ନିଲମ୍ବିତ କରିଥିଲା । ମୋ ଉପରେ ଦଳ ବିରୋଧୀ ଆରୋପ ଲଗାଗଲା । ଏହି କଥା ଗଣମାଧ୍ୟମରୁ ଜାଣିବା ପରେ ମୁଁ ବିସ୍ମିତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିବା ଓ ଆସନ୍ତା ୨୫ରେ ଏଆଇସିସି ଅଧ୍ୟକ୍ଷ ରାହୁଲଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମରେ ନିଜର କାର୍ଯ୍ୟବ୍ୟସ୍ତତା ଓ ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଯୋଗୁ ଯୋଗ ଦେଇ ପାରିବି ନାହିଁ ବୋଲି କହିବା ଦଳବିରୋଧୀ କାର୍ଯ୍ୟ ବୋଲି ମନେକରୁନାହିଁ। ବିଗତ ୧୭ ବର୍ଷ ଧରି କଂଗ୍ରେସର ଜଣେ ଶୃଙ୍ଖଳିତ କର୍ମୀ ଭାବେ ଓ ଗତ ୧୦ବର୍ଷ ଧରି ବିଧାୟକ ଭାବେ କର୍ତ୍ତବ୍ୟକୁ ସୂଚାରୁରୂପେ ନିର୍ବାହ କରିଆସିଛି। ମାତ୍ର ପିସିସି ଶୃଙ୍ଖଳା କମିଟି ଏଭଳି ପଦକ୍ଷେପ କାହିଁକି ନେଲା ବୁଝିପାରୁନାହିଁ। ମୋ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଉପା ସରକାରର ବହୁ କେନ୍ଦ୍ରମନ୍ତ୍ରୀ ଓ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ମଧ୍ୟ ପ୍ରଶଂସା କରିଛନ୍ତି। ହେଲେ ବର୍ତ୍ତମାନ ମୋ କ୍ଷେତ୍ରରେ ଏଭଳି କାର୍ଯ୍ୟାନୁଷ୍ଠାନ ପୂର୍ବରୁ କୌଣସି ଯୋଗାଯୋଗ କରାଯାଇ ନ ଥିଲା। ଅନ୍ୟପଟେ ଶାସକ ଦଳର ଜଣେ ବରିଷ୍ଠ ନେତାଙ୍କ ସୂଚନା ମୁତାବକ ଚଳିତ ମାସ ଶେଷସୁଦ୍ଧା ଯୋଗେଶ ବିଜେଡିରେ ଯୋଗଦେବା ନେଇ ଆପାତତଃ ବୃତ୍ତାନ୍ତ ହୋଇସାରିଛି। ସୂଚନାଯୋଗ୍ୟ ଯେ, ଗୁରୁବାର ଦଳ ବିରୋଧୀ କାର୍ଯ୍ୟ କରୁଥିବା ଦର୍ଶାଇ ଯୋଗେଶଙ୍କୁ ପିସିସି ଶୃଙ୍ଖଳା କମିଟି ଦଳରୁ ନିଲମ୍ବିତ କରିଥିଲା।

### ଲୋକ ସଭା ସହ ୫ ରାଜ୍ୟ ବିଧାନସଭା ଭୋଟ
## ମାର୍ଚ୍ଚରେ ତାରିଖ ଘୋଷଣା

**ନୂଆଦିଲ୍ଲୀ,୧୮।୧(ପି.ଟି.):** ସାଧାରଣ ନିର୍ବାଚନ ପାଇଁ ସବୁ ରାଜନୈତିକଦଳପକ୍ଷରୁତତ୍ପରତାପ୍ରକାଶପାଇଥିବାବେଳେ କେବଳ ତାରିଖ ଘୋଷଣାକୁ ରହିଛି ଅପେକ୍ଷା। ନିର୍ବାଚନ କମିଶନ (ଇସି) ଲୋକ ସଭା ସହ ୫ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ମାର୍ଚ୍ଚ ପ୍ରଥମ ସପ୍ତାହରେ ତାରିଖ ଘୋଷଣା କରିବେ ବୋଲି ଶୁକ୍ରବାର ସୂତ୍ରରୁ ଜଣାପଡ଼ିଛି।

ଷୋଡ଼ଶ ଲୋକ ସଭାର କାର୍ଯ୍ୟକାଳ ଆସନ୍ତା ଜୁନ୍ ୩ରେ ଶେଷ ହେଉଛି। ଏହା ପୂର୍ବରୁ ଦେଶରେ ସାଧାରଣ ନିର୍ବାଚନ କରାଇବା ଜରୁରୀ। ତେଣୁ ଇସିଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କେଉଁ କେଉଁ ମାସରେ କେତୋଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯିବ ସେନେଇ ଇସି ଅନୁଧ୍ୟାନ କରୁଛନ୍ତି। ମିଳିଥିବା ସୂଚନାନୁସାରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ସିକିମ ଓ ଅରୁଣାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ସହ ଲୋକ ସଭା ଭୋଟ ହେବ। ସେହିପରି ୨୦୧୮ ନଭେମ୍ବରରେ ଜମ୍ମୁ-କଶ୍ମୀର ବିଧାନସଭାକୁ ଭଙ୍ଗ କରାଯାଇ ପରେ ସେଠାରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା। ତେଣୁ ମେ ପୂର୍ବରୁ ଅର୍ଥାତ୍ ଲୋକ ସଭା ନିର୍ବାଚନ ସହ ଏହି ରାଜ୍ୟର ବିଧାନସଭା ଭୋଟ ଏକସଙ୍ଗେ କରାଯାଇପାରେ। ଗତ ସାଧାରଣ ନିର୍ବାଚନ ପାଇଁ ଇସି ୨୦୧୪ ମାର୍ଚ୍ଚ ୫ରେ ତାରିଖ ଘୋଷଣା କରିଥିଲେ। ଏପ୍ରିଲ ୭ରୁ ମେ ୧୨ ମଧ୍ୟରେ ୯ଟି ପର୍ଯ୍ୟାୟରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟ ଗ୍ରହଣ କରାଯାଇଥିଲା। ତେଣୁ ଏଥର ମଧ୍ୟ ମାର୍ଚ୍ଚ ପ୍ରଥମ ସପ୍ତାହରେ ନିର୍ବାଚନ ତାରିଖ ଘୋଷଣା କରାଯାଇପାରେ ବୋଲି କୁହାଯାଉଛି।












ନୟାଗଡ଼ ବ୍ଲକ ଅଶ୍ୱତ୍ଥପଡ଼ା ଓ ବଡ଼ିଆସାହି ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ ଭାଲୁ ଆକ୍ରମଣରେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଖୁଣ୍ଟୁବନ୍ଧ ପଞ୍ଚାୟତ ଅଶ୍ୱତ୍ଥପଡ଼ା ଗ୍ରାମର ସଂସାରୀ ସ୍ୱାଇଁ (୭୦) ଓ ନଡ଼ିଆଳି ପଞ୍ଚାୟତ ବଡ଼ିଆସାହି ଗ୍ରାମର ଚିନ୍ମୟ ପ୍ରଧାନ (୨୮)।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଭୁମିକା
ପରିବାରବର୍ଗ



ଧରିତ୍ରୀ
ପରିବାରବର୍ଗ



ଶ୍ରୁତି
ପରିବାରବର୍ଗ



ସୁପ୍ରିୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

## automobile

### SALE

Hyundai Creta- 2016, Sx(0), Cruze- 2014, LTZ, Lancer Cedia Sports red, Skoda Octavia, Nissan Teanna, Land Rover. 7381091234, 9861194627. D-65330

## real estate

### SALE

2BHK simplex @ 25,50,000/- at Balianta, Hanspal. Mob: 7064994691, 8763499150. D-10631

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ଭୁବନେଶ୍ୱର ବାଲିଅନ୍ତା roadside Puri Bypass sideରେ ପ୍ଲଟ ମିଳୁଛି। 8093465134. D-65338

ମୋର ଘାଟିକିଆ ମୌଜାରେଥିବା ୨୦୦ ଫୁଟ୍ ରାସ୍ତାକୁ ଲାଗି ପ୍ଲଟ୍ ବିକ୍ରିହେବ। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। ଫୋନ୍ ନଂ: 9937273159. D-10524

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-10478

ଭୁବନେଶ୍ୱର ବାଳକାଟିବଜାରରୁ 3km. ଦୂରତାରେ 30'ରୋଡ୍ ଇଲେକ୍ଟ୍ରିସିଟି ସୁବିଧାଥାଇ ଘରବାରି ପାଚେରିସହ ପିଚୁରୋଡକୁଲାଗି sqft. 550/-, ଜଟଣୀଗେଟ୍‌ରୁ 1km. 1200କୁ 2,40,000/-ରେ ବିକ୍ରିହେବ। 9090053827, 9348020724. D-65335

BDA yellowzone gharabadi boundary, electricity and greenery facilities plot at Patrapada, Tamnado and Infovally GITA College Square. 9938770157, 7008818121. D-65339

Bhubaneswar Patia KIIT University ନିକଟରେ ବାସୋପଯୋଗୀ plot କିଣନ୍ତୁ। 9439444251, 9078085655. D-65334

Plot sale near AIIMS Hospital, Bhubaneswar 30' wide road. 8280401077. D-65333

Land required in cuttack, Bhubaneswar for marketing, sharing, outright. 9937816565. D-10644

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଙ୍କାରୁ ବିକ୍ରିହେବ। 9178660666. D-65509

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-10648

Bhubaneswar AIIMS Hospital, NMIET, DOON School, ନିକଟରେ 30' roadଥାଇ gharabari plot. 9777553622. D-64769

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ 1200 sqft. 1,80,000/-, ପ୍ରତାପନଗରୀ ଧାଙ୍କୁଲେଇପୀଠରୁ କିଛି ଦୂରତାରେ 1200କୁ 2,60,000/- (outright). 9938177361, 9776934361. D-65321

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-10649

ଭୁବନେଶ୍ୱର ଖଣ୍ଡଗିରି AMRI Hospital ନିକଟରେ ପାଚେରିସହ plot sqft. 1350/-. 9776452737. D-65340

BDA yellowzone gharabari plot 30ft. road near Hanspal Square and Samantarapur Nuagaon: 9438419823, 9437286655. D-65448

3 bedroom new premium group housing duplex for immediate sale at Garage Chhak, Bhubaneswar. Contact Deepak: 9937329999. D-64568

Gharabari plot with boundary 50mtr. from Khandagiri Square/ BDA approved Duplex 1Km. from Hanspal Square and Atala: 9438419823, 9437286655. D-65449

2800 sqft. semi commercial land for immediate sale at Hanspal, NH-5, Bhubaneswar. Contact Deepak: 9937329999. D-64569

Booking one lakh simplex 2BHK 1200 sqft. land 20,50,000/- BDA area Tankapani Road, Sai Temple. Instalment 10,000/-. 7735738102. D-10628

## GENERAL

### SALE

Shop for sale 210 sqft. Metrohouse Vanivihar, BBSR. Contact: 7381077972. D-10643

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## construction

**Construct your dream home @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-10650

## to-let

1400 sqft. commercial space at BMC Bhabani mall sqft. 50/-. 9337119834. D-65331

1000, 750, 700, 650, 450 sqft. available for office purpose at centrally located Unit-9. 2300 sqft. office space available at Metro house Vanivihar. 3BHK available for rent at Damayanti Apartment Nayapally. Mob: 7789837712, 9861256148. D-71411

ଭୁବନେଶ୍ୱରରେ ଆଇବେଷ୍ଟସ ଘର-3 phase line ସହ ଖୋଲା ଜାଗା ଆବଶ୍ୟକ। Contact: 8018172594. D-62917

## ACCOMMODATION

3BHK house road side ground floor for clinic. Contact: 7894744308. D-59846

## healthcare

Fully refreshed/ relaxed body massage by expert therapist, Shastri Nagar. 7377944773. D-65282

Rejuvenate and Ayurvedic full body massage by smart therapist. 9114402304. D-65283

Saishree ayurvedic full body massage ladies & gents. Contact: 7438896074. D-64689

Experience full body massage with us by expert Enquiry: 06742597822, 7377048581. D-65512

Herbal full body massage with refreshment by well trained therapist. 7381239385. D-65513

Ayurvedic full body massage ladies/ gents experts therapist. 8338097451. D-64693

Herbal full body massage by smart/ expert therapist. Contact: 8338067247. D-65514

Newly opening ayurvedic massage smart therapist, Shree herbal. 7750020754. D-65515

Improving your health, skin care through expert therapist, excellent offer. 9668374480. D-65516

Pamper yourself this Mansoon professional massage. Contact Purple Orchid. 9776598888. D-65517

Sai solution ayurvedic full body massage ladies/ gents. Contact: 8117033493. D-64695

## business

Buy one Jeans pant only 850/- and earn upto 30,000/- per month. Cash on delivery available. Order only to whatsapp: 8114680173. D-64775

## AFFIDAVIT

By virtue of an affidavit before the Notary Bhubaneswar, I declare that I Lipu Mallick have changed my name to Prajukta Mallick for all purposes. D-10629

### ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



(ବେବିନ)

**ଯଶରାଜ ପାଢୀ**
ବାହାରପାଳ, ଖେରଙ୍ଗ, ଭଦ୍ରକ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଳାପଥ କୁସୁମିତ ଏବଂ ମଙ୍ଗଳମୟ ହେଉ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ବୁଢୀଆଈ, ବାପା, ମାଆ, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ଲୁଲୁକକା, ନେତକକା, ବୁଲାକକା, ବାବୁକକା, ଓମ୍, ମାମନ, ବାପନ, ମାମାଲି, ତପି, ଶିବାନୀ, ସୋନାଲି, କାହ୍ନା, ମନିଷା, ଗୁଡୁଲୁ, ଗେହ୍ଲି, ସେଲି, ସ୍ନେହା ଓ ମାଟି। ଧ-୧୦୫୭୧

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



(ସ୍ନେହା)

**ଶୁଭଶ୍ରୀ ପ୍ରିୟଦର୍ଶିନୀ**
ସରିପୁର, ବାଲିପାଟଣା, ଖୋର୍ଦ୍ଧା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ଯେ ତୋର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ବିଦ୍ୟୁଲତା ସାହୁ, ଲକ୍ଷ୍ମୀଧର ସାହୁ, କମଳଲୋଚନ ସାହୁ, ମାନିନୀ ସାହୁ, ମନ୍ଦାକିନୀ, ବାସୁଦେବ, ସାନୁ, ସୋନୁ, ସାଇ, ଲିଜା, ଲକିନା, ନନ୍ଦୁ, ମାନୁ, ପ୍ରାଚୀ, ଲାଲା, ଖୁସି, ବନ୍ଧୁ ଓ ପରିବାରବର୍ଗ। ଧ-୬୪୬୯୪

### ଜନ୍ମବାର୍ଷିକ ଶୁଭେଚ୍ଛା



(ରୁଦ୍ର)

**ରୁଦ୍ରାଂଶୁ ମହାପାତ୍ର**
ମନ୍ଦାରିଆପାଟଣା, ଜଗନ୍ନାଥପୁର, ଖୋର୍ଦ୍ଧା

ଆଜି ତୋର ପ୍ରଥମ ଜନ୍ମବାର୍ଷିକରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ ତୋର ଚଲାପଥ ସଦାସର୍ବଦା ପୁଷ୍ପମଣ୍ଡିତ ହେଉଥାଉ ଏତିକି ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଅଛୁ। ତୋର ଶୁଭେଚ୍ଛା ସହ: ବାବା, ମାମା, ବଡବାପା, ବଡବୋଉ, ଅଜା, ଆଈ, ପିଉସା, ପିଉସୀ, ମାମୁ, ମାଇଁ, ଭାଇ, ଭଉଣୀ। ଧ-୧୦୬୦୬

### କିଛି ତଥ୍ୟ

୨୦୧୮ ଡିସେମ୍ବରରେ ଦେଶର ପିଗ୍ ଆଇରନ ଉତ୍ପାଦନ ୫.୫% ହ୍ରାସ ଘଟି ୦.୫୩୦ ନିୟୁତ ଟନ୍ ରହିଛି।

– ଇସ୍ପାତ ମନ୍ତ୍ରଣାଳୟ

# ଏସ୍‌ସିବିରେ ନାବାଳିକା ମା', ଶିଶୁ

## ଅବସ୍ଥା ଗୁରୁତର

କଟକ ଅଫିସ, ୧୮ା୧

ଏସ୍‌ସିବିରେ ଭର୍ତ୍ତି ହୋଇଛନ୍ତି ୧୫ ବର୍ଷ ବୟସର ନାବାଳିକା ମା' ଓ ଦୁଇଦିନର ଶିଶୁକନ୍ୟା। ପ୍ରସବ ପରେ ନାବାଳିକାଙ୍କର ପ୍ରବଳ ରକ୍ତସ୍ରାବ ହୋଇଥିଲା। ଫଳରେ ତାଙ୍କୁ କଳିଙ୍ଗନଗର ଡାକ୍ତରଖାନାରୁ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। କଟକ ଚାଇଲ୍ଡ ଲାଇନ ପକ୍ଷରୁ ଉଭୟ ମା' ଓ ଶିଶୁଙ୍କର ଦେଖାଶୁଣା କରାଯାଉଛି। ସୂଚନାଥାଉକି, ସମ୍ପୃକ୍ତ ଆଦିବାସୀ ନାବାଳିକା ଜଣକ ଯାଜପୁର ଅଞ୍ଚଳରୁ ଆସିଛନ୍ତି। ମା' ଛେଉଣ୍ଡ ଏହି ନାବାଳିକା ଜଣକ ଦୁଇଦିନ ତଳେ କଳିଙ୍ଗନଗର ଡାକ୍ତରଖାନାରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ସେ ନିଜ ଘରେ ରହୁଥିଲେ। ତେବେ ସେ କିଭଳି ଗର୍ଭବତୀ ହେଲେ ସେ ନେଇ ଥାନାରେ ଏତଲା ଦିଆଯାଇଥିବା ଯାଜପୁର ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର କହିଛନ୍ତି। କରଙ୍କ କହିବା ଅନୁଯାୟୀ ନାବାଳିକାଙ୍କ ଘର ନିକଟରେ ଏକ ରେଲୱେ ଠିକା ସଂସ୍ଥାର କର୍ମଚାରୀମାନେ ରହୁଥିଲେ। ସେମାନେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅନୁମାନ କରାଯାଉଛି। ବାଲେଶ୍ୱରର ଏହି ଠିକା ସଂସ୍ଥାକୁ ଧରିବା ପାଇଁ ପୋଲିସ ଉଦ୍ୟମ କରୁଥିବା କର କହିଛନ୍ତି। ଏପଟେ ନାବାଳିକାଙ୍କ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଚାଇଲ୍ଡ ଲାଇନ ସଂଯୋଜକ ନାରାୟଣ ଶୁକ୍ଳା କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

# ପିସିରେ ପେଷି ...

ଅଣତାରକା ପ୍ରଶ୍ନ ୪୧୩ର ଉତ୍ତର ରଖି ୨୦।୧୧।୧୮ରେ ତତ୍କାଳୀନ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ ଏହି ସୂଚନା ଦେଇଥିଲେ। ଆହୁରି ୪,୧୫, ୩୦୨ ଘର ଏବେ ବି ନିର୍ମାଣ ହୋଇ ନ ଥିବା ସେ ଦର୍ଶାଇଥିଲେ। ହେଲେ ବାସ୍ତବତା ପରଖିବାବେଳେ ସରକାରଙ୍କ ତଥ୍ୟରେ ସତ୍ୟତା ନ ଥିବା ଜଣାପଡିଛି। କେବଳ କାଗଜପତ୍ରରେ ହିତାଧିକାରୀମାନଙ୍କୁ ଘର ମିଳିଥିବା ଲୋକଙ୍କ ଅଭିଯୋଗରୁ ବୁଝାପଡ଼ିଛି।

କେତେ ସଂଖ୍ୟକ ଗରିବଙ୍କୁ ସରକାର ପକ୍କାଘର ଦେବାରେ ସକ୍ଷମ ହୋଇଛନ୍ତି, ତାହା ଜାଣିବା ପାଇଁ ଆମେ କେତେକ ଅଞ୍ଚଳ ଯାଇଥିଲୁ। ପିପିଲିର ସାନସରଗାଇଲୋ ଗାଁରେ ପହଞ୍ଚିବା ପରେ ଜଣେ ବୃଦ୍ଧ ଆମ ହାତକୁ ଟାଣି ନେଇ ନିଜର ଭଙ୍ଗା ଦଦରା ଘରର ଚିତ୍ର ଦେଖାଇବା ଆରମ୍ଭ କରିଥିଲେ। ଆମେ କାଳେ ସରକାରୀ ଅଧିକାରୀ ଭାବି ନିଜର ଦୁଃଖ ବଖାଣି ପକାଇଥିଲେ। ୪ବର୍ଷ ହେଲାଣି ସେ ଘର ପାଇଁ ଦୌଡୁଥିବା ବେଳେ ପଞ୍ଚାୟତସ୍ତରର ଜନପ୍ରତିନିଧିମାନଙ୍କୁ ଲାଞ୍ଚ ନ ଦେବା କାରଣରୁ ତାହା ସମ୍ଭବ ହେଉ ନ ଥିବା ଅଭିଯୋଗ ଆଣିଥିଲେ। ଉକ୍ତ ବୃଦ୍ଧଙ୍କ ଧାରଣା ଥିଲା କୌଣସି ସରକାରୀ ଅଧିକାରୀ ବୋଧେ ଆସିଛନ୍ତି ଏବଂ ତାଙ୍କୁ ଘରଖଣ୍ଡେ ମିଳିଯିବ। ହେଲେ ଗଣମାଧ୍ୟମରୁ ଆସିଛୁ ଜାଣିବାପରେ ଆଉ କେତେଜଣ ଲୋକ ଆକୁଳ ନିବେଦନ କରି ସେମାନଙ୍କୁ କିପରି ଘରଖଣ୍ଡେ ମିଳିଯିବ ସେଥିପାଇଁ ଗୁହାରି କରିଥିଲେ। ସେମାନେ ଏହା ମଧ୍ୟ କହିଥିଲେ ଥିବା ଲୋକକୁ ଘର ମିଳୁଛି, ଲାଞ୍ଚ ଦେବାରେ ଅକ୍ଷମ ଗରିବକୁ କୌଣସି ସୁବିଧା ଯୋଗାଇ ଦିଆଯାଉନାହିଁ।

ନୟାଗଡ ନିର୍ବାଚନମଣ୍ଡଳୀର ବଡପଣ୍ଣୁସର ପଞ୍ଚାୟତ ହରେକୃଷ୍ଣପୁର ଗ୍ରାମର ଆନନ୍ଦ ମହାନ୍ତି କହିଛନ୍ତି, ଘରେ ଖଣ୍ଡେ ପାଇବା ପାଇଁ ସବୁଆଡେ ଦୌଡି ସାରିଲୁଣି। ୪ବର୍ଷ ହୋଇଗଲା ଏ ବର୍ଷ ନୁହେଁ ଆର ବର୍ଷ କହି ସମସ୍ତେ ସମୟ ଗଡାଇ ସାରିଛନ୍ତି। ଏହା ଭିତରେ ସରପଞ୍ଚ, ବିଡିଓ ଏବଂ ଜିଲାପାଳଙ୍କ ପାଖକୁ ଯାଇଛି। ତାଲିକାରେ ନାଁ ଥାଇ ମଧ୍ୟ ଘରଖଣ୍ଡେ ମିଳୁନାହିଁ। ବିଜେଡି ସରକାର ଉପରେ ଭରସା କରି ଭୋଟ ଦେଲୁ ଏବେ ତା'ର ଫଳ ପାଉଛୁ ବୋଲି ମହାନ୍ତି କହିଛନ୍ତି।

ସେହିପରି ବଡପଣ୍ଣୁସର ପଞ୍ଚାୟତର ମୁକୁତା ମହାନ୍ତି କହିଛନ୍ତି, ୧୦ବର୍ଷ ତଳୁ ଆମେ ଘରଖଣ୍ଡେ ପାଇଁ ଦୌଡୁଛୁ। ବିଜେଡି ଯେତେବେଳେ ସମସ୍ତ କଚ୍ଚାଘରକୁ ପକ୍କାଘର କରିବାର ପ୍ରତିଶ୍ରୁତି ଦେଲା ଆମେ ବିଶ୍ୱାସ କରି ଭୋଟ ଖଣ୍ଡେ ଦେଲୁ। ହେଲେ ଆଜି ଯାଏଁ ଦୌଡିଦୌଡି ଘର ଖଣ୍ଡେ ମିଳିପାରିଲା ନାହିଁ। ଏ ସରକାର ଥାଇ କେତେ ନ ଥାଇ କେତେ ବୋଲି ମୁକୁତା କହିଛନ୍ତି।

ସାନସରଗାଇଲୋ ଗ୍ରାମର ହଜୁରି ବେହେରା କହିଛନ୍ତି, ଆମକୁ ଘରଖଣ୍ଡେ ଦେବେ ବୋଲି ସମସ୍ତେ ଭଣ୍ଡାଇ ଚାଲିଛନ୍ତି। ୧୦ହଜାର ଟଙ୍କା ଦେଲେ ଘର ଦେବେ ବୋଲି କହୁଛନ୍ତି। ଏତେ ଟଙ୍କା ଆମେ ଆଣିବୁ କୋଉଠାରୁ ଯେ ଦବୁ। ଏ ସରକାର ଉପରେ ଆମର ବିଶ୍ୱାସ ଅଛି କେତେବେଳେ ଆମ ଦୁଃଖ ବୁଝି ଘରଖଣ୍ଡେ ଦେଇପାରନ୍ତି। ୪ବର୍ଷ ଗଲାଣି, ଆଗକୁ ଆମକୁ କେବେ ଘର ମିଳିବ ଅପେକ୍ଷା କରିଛୁ ବୋଲି ସେ କହିଛନ୍ତି।

# ମନେ ପଡନ୍ତି


### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ରଘୁନାଥ ପାଳ**
ଦେୱାନ୍ ସାହି, ଗୁରୁଜଙ୍ଗ, ଖୋର୍ଦ୍ଧା
ଆବିର୍ଭାବ: ୦୧।୦୧।୧୯୩୨
ତିରୋଧାନ: ୦୯।୦୧।୨୦୧୯

ବାପା, ଆପଣଙ୍କ ଅକାଳ ବିୟୋଗରେ ଆମେ ସମସ୍ତେ ମର୍ମାହତ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା କରୁଅଛୁ। ଆପଣଙ୍କ ଦର୍ଶିତ ମାର୍ଗରେ ଚାଲିବାର ସଂକଳ୍ପ ନେଉଛୁ। ପିଲାମାନେ: ମଳୟେଶ, ପ୍ରଳୟେଶ, ନିଳୟେଶ ଓ ନିଳୟଲକ୍ଷ୍ମୀ, ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୧୦୬୪୦

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ହରମୋହନ ସେନାପତି**
ଜନ୍ମ: ୦୯।୦୭।୧୯୩୯
ତିରୋଧାନ: ୦୯।୦୧।୨୦୧୯
ସ୍ଥାନ: କୁମୁଟି ସାହି, ପୁରୀ ଟାଉନ୍

ଚାହୁଁ ଚାହୁଁ ଏଗାରଦିନ ହୋଇଗଲା। ଆପଣ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇଦେଇ ଆରପାରିକୁ ଚାଲିଯାଇଅଛନ୍ତି। ଆପଣଙ୍କ ଜ୍ୟେଷ୍ଠପୁତ୍ର- ଚନ୍ଦ୍ରଜିତ୍ ସେନାପତିଙ୍କ ପରଲୋକ ଗମନର ଅଷ୍ଟମ ଦିବସରେ ଆପଣଙ୍କ ବିୟୋଗ ଆମ୍ଭମାନଙ୍କୁ ସ୍ତବ୍ଧ କରିଦେଇଛି। ଭଗବାନ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ କି ଆପଣ ଓ ଜ୍ୟେଷ୍ଠପୁତ୍ର ଚନ୍ଦ୍ରଜିତ୍‌ଙ୍କର ଆତ୍ମାର ସଦ୍‌ଗତି ପ୍ରାପ୍ତ ହେଉ। ଆପଣଙ୍କର ହତଭାଗ୍ୟ ପୁତ୍ର- ବିଶ୍ୱଜିତ୍, ସତ୍ୟଜିତ୍, ରଣଜିତ୍, ବୋହୂ, ନାତୁଣୀ ଓ ବନ୍ଧୁପରିବାରବର୍ଗ। ଧ-୬୩୭୫୩

### ଏକାଦଶାହ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବୃଷଭ ପଣ୍ଡା**
ଜଗନ୍ନାଥପ୍ରସାଦ, ନାକଟିଦେଉଳ,
ଜିଲା- ସମ୍ବଲପୁର
ଆବିର୍ଭାବ- ୦୨.୦୧.୧୯୨୬
ତିରୋଧାନ- ୦୯.୦୧.୨୦୧୯

ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ- ପତ୍ନୀ- ସୁନୀତା, ଝିଅ- ଅଲି, ଜୟନ୍ତୀ, ଖୁଲଣା, ସୁଜାତା, ମାମି, ସଂଗୀତା, ଜ୍ୱାଇଁ ମାନେ, ନାତି ନାତୁଣୀ ଓ ବନ୍ଧୁ ପରିବାର ବର୍ଗ। ଧ-୧୦୬୫୪

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଶନିଦୃଷ୍ଟ ଚନ୍ଦ୍ର ଓ ରେବତୀ ନକ୍ଷତ୍ରସ୍ଥ ରାଶ୍ୟାଧିପତି ହେତୁ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ କେତେକାଂଶରେ ପ୍ରଭାବିତ ହୋଇପାରେ। ପାରିବାରିକ ସ୍ଥିତି ପୂର୍ବପରି ରହିବା ସାଙ୍ଗକୁ ପାଖ ପଡୋଶୀଙ୍କ ସହ ସମ୍ପର୍କ ଗତାନୁଗତିକ ରୀତିରେ ଗଡି ଚାଲିବ। ବ୍ୟବସାୟ, ଯାତ୍ରା ଓ ପ୍ରଶାସନିକ କ୍ଷେତ୍ର ମଧ୍ୟମ ପ୍ରକାରର ରହିପାରେ। ଅପରାହ୍ନେ ଶୁଭଖବର ପାଇବେ।

**ବୃଷ** – ମିତ୍ର ନକ୍ଷତ୍ରସ୍ଥ ଶୁକ୍ର ଓ ଚନ୍ଦ୍ର କେନ୍ଦ୍ରାଧିପତିଙ୍କ ସମ୍ବନ୍ଧିତ ହେତୁ ଉଚ୍ଚ ସମ୍ମାନ ସହ ଆର୍ଥିକ ଅଭିବୃଦ୍ଧି ମନକୁ ଉଚ୍ଚାଟ କରିବ। ମନୋରଞ୍ଜନରେ ଆଗ୍ରହୀ ହେବା ସହ ସାହିତ୍ୟ,କଳା,ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ବୃହସ୍ପତିଙ୍କ ସ୍ଥାନ ପ୍ରଭାବ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ଯାତ୍ରାକାଳୀନ କୌଣସି ସମସ୍ୟାର ସମ୍ମୁଖୀନ ହେବେ।

**ମିଥୁନ** – ରାଶିରେ ଚନ୍ଦ୍ର ଓ ଏକାଦଶାଧିପତି ଧନାଧିପଙ୍କ ନକ୍ଷତ୍ରରେ ରହିଥିବାରୁ ଆଜି ଯାହା ପାଇବାକୁ ଆଶା ବାନ୍ଧିଛନ୍ତି ତାହା ନିଶ୍ଚିତ ପାଇପାରିବେ। କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ଶିଳ୍ପ,ବାଣିଜ୍ୟ,କଳ କାରଖାନା,ହୋଟେଲ,ବ୍ୟବସାୟରୁ ସୁଫଳ ପାଇବେ।

**କର୍କଟ** – ରାଶିପ୍ରତି ଗୁରୁଦୃଷ୍ଟି ଆପଣଙ୍କ କଥାର ଓଜନକୁ ବୃଦ୍ଧି କରିବ ଫଳରେ କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ବୃଦ୍ଧି ପାଇବ। କୌଣସି ନୂଆ କାମଟିକୁ ଆରମ୍ଭ କରିବା କ୍ଷେତ୍ରରେ ବିଳମ୍ବ କରନ୍ତୁ ନାହିଁ। ଅଶ୍ଳେଷା ନକ୍ଷତ୍ର କିନ୍ତୁ ଭାବପ୍ରବଣତା କିମ୍ବା ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ସାମୟିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ।

**ସିଂହ** – ଆଜିର ଦ୍ୱାଦଶାଧିପ ଚନ୍ଦ୍ର ଏକାଦଶ ଭାବରେ ରହି ଆପଣଙ୍କ ଯାତ୍ରାରେ ଲକ୍ଷ୍ୟ ହାସଲ କରାଇବେ। ଆଶା କରିଥିବା ଦିଗରୁ ଅର୍ଥ, ସମ୍ମାନ ଓ ଅଭିଳଷିତ କାର୍ଯ୍ୟ ସମ୍ପନ୍ନ କରିବାରେ କୌଣସି ଅସୁବିଧା ରହିବ ନାହିଁ। ପାରିବାରିକ କ୍ଷେତ୍ରରେ ଅସୁବିଧା ଜନକ ସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ।

**କନ୍ୟା** – କର୍ମ ସ୍ଥାନରେ ଚନ୍ଦ୍ର ହେତୁ ଆଜିର ଦିନଟି ପୂର୍ବାପେକ୍ଷା ବହୁତ ଭଲ ରହିବ। କର୍ମକ୍ଷେତ୍ର,ବ୍ୟବସାୟ ଓ ଯାତ୍ରା ମଧ୍ୟ ମନ୍ଦ ହେବନି। କିନ୍ତୁ ପାରିବାରିକ କ୍ଷେତ୍ରରେ ମତାନ୍ତର ପାଇଁ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ। ଅଫିସ୍‌ରେ ଖୋଜୁଥିବା କୌଣସି ଫାଇଲପତ୍ର ଆବଶ୍ୟକ ସମୟରେ ନ ପାଇବା କାରଣରୁ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** – ଆପଣ ଯାହା କରିବା ସକାଶେ ମନସ୍ଥ କରିଛନ୍ତି ଶୀଘ୍ର ଆରମ୍ଭ କରିଦେବା ବହୁତ ଭଲ ହେବ। ଯୋଗକାରକ ଶନିଙ୍କ ଦୃଷ୍ଟି ଚନ୍ଦ୍ର ଉପରେ ପତିତ ହେଉଥିବାରୁ କୌଣସି ବିଜାତୀୟବ୍ୟକ୍ତିଙ୍କ ସହାୟତା ପାଇବାର ସମ୍ଭାବନା ରହିଛି। ଆଜି ଆକସ୍ମିକ ଭାବରେ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା** – କିଛି ଆଶା ଓ ଆଶଙ୍କା ମଧ୍ୟରେ ମାନସିକ ସ୍ଥିତି ଦୋଦୁଲ୍ୟମାନ ଅବସ୍ଥାରେ ରହିବ। ଅଷ୍ଟମ ଚନ୍ଦ୍ର କାରଣରୁ ଅସ୍ଥିରତା ମଧ୍ୟରେ ଯଦିଓ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ କିନ୍ତୁ ସହଜ ଓ ସୁବିଧାରେ ନୁହେଁ। ଅର୍ଥନୈତିକ, ପ୍ରଶାସନିକ,ସାମାଜିକ ସ୍ଥିତି ପ୍ରାୟତଃ ମଧ୍ୟମ ପ୍ରକାରର ରହିବ। ସାହିତ୍ୟ, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ।

**ଧନୁ** – ଦୀର୍ଘଦିନର ଆଶା ଓ ଅଭିଳାଷକୁ ପୂରଣ କରିବାର ବେଳ ଆସିଯାଇଛି ତଥାପି ଆଜିର ଦିନଟି ମଧ୍ୟମ ପ୍ରକାରର ରହିବ। ଚନ୍ଦ୍ରଙ୍କ ପ୍ରଭାବରେ ଆଜିର ଯାତ୍ରାରେ ଯେଉଁଥି ସକାଶେ ଯାଉଛନ୍ତି ସେଥିରେ ସଫଳତା ଅବଶ୍ୟମ୍ଭାବୀ ଦ୍ୱାଦଶ ଭାବରେ ଗୁରୁ ଓ ଶୁକ୍ରଙ୍କ ସ୍ଥିତି ଜନିତ ସଭାସମିତିରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ।

**ମକର** – ପୂର୍ବର ସରାଗ କେତେକାଂଶରେ ମଉଳିଯିବା ସହ ସ୍ୱାସ୍ଥ୍ୟ, ଯାତ୍ରା ଓ ଲକ୍ଷ୍ୟପୂରଣ ବହୁଳାଂଶରେ ବାଧାପ୍ରାପ୍ତ ହେବ। ତଥାପି ସାମୟିକ ଭାବରେ ଆଜି ଦିନଟିରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ।

**କୁମ୍ଭ** – ନିକଟ ସମ୍ପର୍କୀୟମାନେ ନିଜର ଆଶା ଓ ଅଭିଳାଷକୁ ପୂରଣ କରିବା ସକାଶେ ମନଗଢା କାହାଣୀମାନ ଉପସ୍ଥାପିତ କରିପାରନ୍ତି। ପରିବାର ସଦସ୍ୟଙ୍କ କାର୍ଯ୍ୟକଳାପ ମନକୁ ନ ପାଇଲେ ମଧ୍ୟ କିଛି କରିବାର ଉପାୟ ପାଇବେ ନାହିଁ। ଗୁରୁ କର୍ମସ୍ଥାନରେ ଥିବାରୁ ଅସୁବିଧା ନ ହେଲେ ମଧ୍ୟ କେତେକ କାମ ଅଧାରେ ଅଟକି ଯାଇପାରେ।

**ମୀନ** – ଆଜିର ଚନ୍ଦ୍ର ଆପଣଙ୍କୁ ଜହ୍ନମାମୁ ଭଳି ନିଜ ପରିସର,କର୍ମକ୍ଷେତ୍ର ଓ ବନ୍ଧୁଗହଣରେ ଆଦରଣୀୟ କରାଇବ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବଢିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇପାରେ। ଅତୀତ ଘଟଣା, ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ସାମୟିକ ରହିବ।

ଆଜି ପୌଷ ଶୁକ୍ଳ ତ୍ରୟୋଦଶୀ ଶନିବାର, ଜାନୁୟାରୀ ୧୯ ତାରିଖ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ରାଶି ନକ୍ଷତ୍ର-ଦିବା ଘ୧୧।୧୯ମି. ପର୍ଯ୍ୟନ୍ତ ମୃଗଶିରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ଦିବା ଘ୧୨।୦୧ମି. ଗତେ ଘ୧।୨୪ମି. ମଧ୍ୟେ, ଘ୨।୪୮ମି. ଗତେ ଘ୪।୧୦ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୫୨ମି. ଗତେ ଘ୯।୧୫ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୯।୧୨ମି. ଗତେ ଘ୧୦।୩୫ମି. ମଧ୍ୟେ ରାହୁକାଳ।

# ଓଡ଼ିଶାର ୪ ଶିଶୁ ପାଇବେ ଜାତୀୟ ସାହସିକତା ପୁରସ୍କାର

## କେନ୍ଦ୍ରାପଡ଼ାର ସିଡୁ, ସୋନପୁରର ଝିଲି, କଳାହାଣ୍ଡିର ରଞ୍ଜିତା, ଜଗତ୍‌ସିଂହପୁରର ବିଶ୍ୱଜିତ ମନୋନୀତ


ଜାତୀୟ ସାହସିକତା ପୁରସ୍କାର ପାଇଁ ମନୋନୀତ ହୋଇଥିବା ଓଡ଼ିଶାର ୪ ଶିଶୁ।

ଭୁବନେଶ୍ୱର, ୧୮।୧(ବ୍ୟୁରୋ)

ଓଡ଼ିଶାର ୪ ଶିଶୁଙ୍କୁ ଜାତୀୟ ସାହସିକତା ପୁରସ୍କାର ପ୍ରଦାନ କରାଯିବ। ସାରା ଦେଶରୁ ୨୧ଜଣ ଏହି ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବାବେଳେ ଓଡ଼ିଶାରୁ ୪ଜଣ ମନୋନୀତ ହୋଇଛନ୍ତି। ସାଧାରଣତନ୍ତ୍ର ଦିବସ ଅବସରରେ ଏହି ସମ୍ମାନ ପ୍ରଦାନ କରାଯିବ। ଓଡ଼ିଶାର ପୁରସ୍କାର ପାଇବାକୁ ଥିବା ଏହି ସାହସୀ ପିଲାମାନେ ହେଲେ କେନ୍ଦ୍ରାପଡ଼ା ଜିଲା ରାଜନଗରର ସିଡୁ ମଲ୍ଲିକ, ସୋନପୁର ତରଭା ଅଞ୍ଚଳର ଝିଲି ବାଗ, କଳାହାଣ୍ଡି ଜିଲା ନକରୁଣ୍ଡି ଅଞ୍ଚଳର ରଞ୍ଜିତା ମାଝି ଓ ଜଗତସିଂହପୁର ଜିଲା ବାଲିକୁଦା ବ୍ଳକର ବିଶ୍ୱଜିତ ପୁହାଣ।

୧୪ ବର୍ଷୀୟ ସିଡୁ ସମ୍ମାନଜନକ 'ବାପୁ ଗଇଧନୀ' ପୁରସ୍କାର ପାଇବେ। ୨୦୧୮ ଫେବୃୟାରୀ ୨୦ରେ ସିଡୁଙ୍କ ଦାଦା ବିନୋଦ ହାତ ଧୋଇବା ପାଇଁ ନଦୀକୁ ଯାଇଥିବା ସମୟରେ ଗୋଟିଏ କୁମ୍ଭୀର ତାଙ୍କୁ ଆକ୍ରମଣ କରିଥିଲା। ସିଡୁ ଏକ ବାଉଁଶରେ କୁମ୍ଭୀର ମୁଣ୍ଡକୁ ବାଡ଼େଇ ତାଙ୍କ ଦାଦାଙ୍କ ଜୀବନ ବଞ୍ଚାଇଥିଲେ। ନିଜ ଦାଦାଙ୍କୁ କୁମ୍ଭୀର କବଳରୁ ରକ୍ଷା କରିଥିବାରୁ ସିଡୁଙ୍କୁ ଏହି ସାହସିକତା ପୁରସ୍କାର ମିଳିବ।

ସେହିପରି ୨୦୧୮ ଜୁନ ୧୬ରେ ୮ବର୍ଷୀୟା ଝିଲି ବାଗ ତାଙ୍କ ସାନ ଭଉଣୀ ମିଲି ସହିତ ଏକ ଅବ୍ୟବହୃତ କୂଅ ପାଖରେ ଖେଳୁଥିଲେ। ଅସାବଧାନତା ଯୋଗୁ ମିଲି କୂଅରେ ପଡ଼ି ଯାଇଥିଲେ। ଝିଲି ଉପସ୍ଥିତ ବୁଦ୍ଧି ଖଟାଇ ସାଙ୍ଗମାନଙ୍କୁ ପରିବାର ଓ ଗାଁ ଲୋକଙ୍କୁ ଡାକିବାକୁ ପଠାଇଦେବା ସହ ଭଉଣୀକୁ ଉଦ୍ଧାର କରିବାକୁ ୨୫ ଫୁଟ ଗଭୀର କୂଅ ଭିତରକୁ ଡେଇଁ ପଡ଼ିଥିଲେ। ଝିଲି କୂଅ ଭିତରେ ମିଲିଙ୍କୁ ୨୦ମିନିଟ୍ ପର୍ଯ୍ୟନ୍ତ ଦୁଇ ହାତରେ ଧରି ଛିଡା ହୋଇ ରହିଥିଲେ। ପରିବାର ଓ ଗାଁ ଲୋକେ ଆସିବା ପରେ ସେମାନଙ୍କୁ କୂଅରୁ ଉଦ୍ଧାର କରାଯାଇଥିଲା।

୨୦୧୭ ଅକ୍ଟୋବର ୧୪ରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଇଛାପୁର ଗାଁର ୫ ବର୍ଷୀୟା ବାଳିକା ମାମୁନି ବିଶ୍ୱାଳ ତାଙ୍କ ଖୁଡ଼ୀ ସହିତ କେନାଲକୁ ଯାଇଥିଲେ। କେନାଲ ପାଖରେ ସେ ଖେଳୁଥିବା ବେଳେ ପାଣିକୁ ଖସି ପଡ଼ିଥିଲେ। ତାଙ୍କ ଚିତ୍କାର ଶୁଣି ରାସ୍ତାରେ ଯାଉଥିବା ବିଶ୍ୱଜିତ ପୁହାଣ(୧୦) ଜୀବନକୁ ବାଜି ଲଗାଇ କେନାଲକୁ ଡେଇଁ ୬ରୁ ୭ ଫୁଟ୍ ଗଭୀର ପାଣିରୁ ମାମୁନିଙ୍କୁ ଉଦ୍ଧାର କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ତାଙ୍କ ଘରେ ଛାଡ଼ିଥିଲେ।

କଳାହାଣ୍ଡି ଜିଲାର ରଞ୍ଜିତା ମାଝି ସପ୍ତମ ଶ୍ରେଣୀରେ ପଢୁଥିଲେ। ଏହି ବୟସରେ ତାଙ୍କ ବାପା ଜଣେ ମଦ୍ୟପଙ୍କ ସହିତ ତାଙ୍କର ବାହାଘର ଠିକ କରିଦେଇଥିଲେ। କିନ୍ତୁ ରଞ୍ଜିତା ପଢ଼ିବାକୁ ଚାହୁଁଥିଲେ। ତେଣୁ ସେ ତାଙ୍କ ବାପାଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ। ସେଥିପାଇଁ ସେ ପୂଜାଛୁଟିରେ ଘରକୁ ନ ଯାଇ ହଷ୍ଟେଲ୍‌ରେ ରହିବା ପାଇଁ ସୁପରିଣ୍ଟେଣ୍ଡେଣ୍ଟଙ୍କ ଜରିଆରେ ପ୍ରଧାନ ଶିକ୍ଷକଙ୍କୁ ଅନୁରୋଧ କରିଥିଲେ। ଏହାପରେ ଜିଲାପାଳଙ୍କ ନିକଟରେ କଥା ପହଞ୍ଚିଥିଲା। ଜିଲାପାଳ ଘଟଣାକୁ ଗୁରୁତର ସହ ନେଇଥିଲେ ଏବଂ ତାଙ୍କ ନିର୍ଦ୍ଦେଶରେ ଶିଶୁ କଲ୍ୟାଣ ସମିତି କର୍ମକର୍ତ୍ତା ସ୍କୁଲରୁ ରଞ୍ଜିତା ଓ ତାଙ୍କ ଘରୁ ଅନ୍ୟ ଦୁଇ ଭଉଣୀଙ୍କୁ ଉଦ୍ଧାର କରିଥିଲେ। ସେମାନେ ବର୍ତ୍ତମାନ ବାଳ ସୁଧାର ଗୃହରେ ରହି ପଢୁଛନ୍ତି। ରଞ୍ଜିତାଙ୍କ ଏପରି ଉଦ୍ୟମ ପାଇଁ ତାଙ୍କୁ ସାହସିକତା ପୁରସ୍କାର ପ୍ରଦାନ କରାଯିବ।

# ଧାନ ମେଶିନ ଓଲଟି ଝିଅାରୀ ମୃତ, ଦାଦା ଗୁରୁତର

ରାଜନଗର, ୧୮।୧ (ଡି.ଏନ୍.ଏ.)

ରାଜନଗର ବ୍ଲକ ଅଧୀନ ବ୍ରାହ୍ମଣସାହି ପଞ୍ଚାୟତ ସୁନ୍ଦରୀପାଳ ଗ୍ରାମରେ ଶୁକ୍ରବାର ଧାନ ମେଶିନ ଓଲଟି ଝିଅାରୀର ମୃତ୍ୟୁ ଘଟିଥିବା ବେଳେ ଦାଦା ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୁନ୍ଦରୀପାଳ ଗ୍ରାମର ସମଲ ମଣ୍ଡଳ ଖଳାରେ ମେଶିନ ଯୋଗେ ଧାନ ଅମଳ କରୁଥିଲେ। ସମଲଙ୍କ ଝିଅ ରିନାରାଣୀ(୧୦) ଓ ଭାଇ ଶ୍ରୀକାନ୍ତ ସେହି ସ୍ଥାନରେ ଥିବା ବେଳେ ହଠାତ୍ ମେଶିନଟି ସେମାନଙ୍କ ଉପରେ ଓଲଟି ପଡ଼ିଥିଲା। ଉଭୟେ ମେଶିନ ତଳେ ଚାପି ହୋଇ ରହିଯାଇଥିଲେ। ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଉଦ୍ଧାର କରି ପରିବାର ଲୋକେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ରିନାରାଣୀଙ୍କୁ ମୃତ ଘୋଷଣା କରିଥିବା ବେଳେ ଗୁରୁତର ଅବସ୍ଥାରେ ଶ୍ରୀକାନ୍ତଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ରିନାରାଣୀଙ୍କ ମୃତ୍ୟୁ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ସ୍ଥାନୀୟ ସୁନ୍ଦରୀପାଳ ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପାଠ ପଢୁଥିବାରୁ ଶୁକ୍ରବାର ସ୍କୁଲରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ତାଙ୍କ ଉଦ୍ଦେଶ୍ୟରେ ଗୋଟିଏ ଦିନ ପାଇଁ ସ୍କୁଲ ବନ୍ଦ ରଖାଯାଇଥିଲା।






ବ୍ୟକ୍ତି– ସର୍ବସ୍ୱ ସମାଜ ବ୍ୟବସ୍ଥା ଅପେକ୍ଷା ସମଷ୍ଟି–ସର୍ବସ୍ୱ ବ୍ୟବସ୍ଥା ମୂଳତଃ ଶ୍ରେଷ୍ଠତର – ଯେପରି ଈର୍ଷା ଓ ପରର ହତ୍ୟା ଅପେକ୍ଷା ଭ୍ରାତୃଭାବର ସମ୍ପର୍କ ହେଉଛି ଶ୍ରେଷ୍ଠ। କିନ୍ତୁ ୟୁରୋପର ଯେତେ ସମାଜ– ତନ୍ତ୍ରୀ ବ୍ୟବସ୍ଥା କାର୍ଯ୍ୟତଃ ପ୍ରଣୟନ କରାଯାଇଛି– ସେଗୁଡିକ ହେଲା ଯୁଗଭାର –ଅତ୍ୟାଚାର–ଓ କାରାଗାର।
–ଶ୍ରୀଅରବିନ୍ଦ



# ସଂସ୍କାର ପାଇଁ ତରତର ନାହିଁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନୀତି ଆୟୋଗର ଷ୍ଟ୍ରାଟେଜି ଡକୁମେଣ୍ଟ 'Strategy for New India@75'ରେ ଭାରତୀୟ ଅମଲାତନ୍ତ୍ରରେ ସଂସ୍କାର ଆଣିବା ପାଇଁ ବହୁବିଧ ପଦକ୍ଷେପ ନେବା ଲାଗି ସୁପାରିସ କରାଯାଇଛି। ସେଗୁଡ଼ିକ ମଧ୍ୟରେ ରହିଛି ଅପାରଗ ବାବୁମାନଙ୍କୁ ବାଧ୍ୟତାମୂଳକ ଅବସର ଦେବା, ବର୍ତ୍ତମାନ ପ୍ରଚଳିତ ପ୍ରଶାସନିକ ସେବା ସଂଖ୍ୟା କମାଇଦେବା, ପ୍ରଶାସନିକ ସେବା ପରୀକ୍ଷା ଦେବା ଲାଗି ସାଧାରଣ ପ୍ରାର୍ଥୀମାନଙ୍କ ସର୍ବୋଚ୍ଚ ବୟସ ସୀମା ୩୨ରୁ ୨୭ ବର୍ଷକୁ ହ୍ରାସ କରିବା ଇତ୍ୟାଦି। ଉଭୟ ରାଜ୍ୟ ଓ କେନ୍ଦ୍ରୀୟ ପ୍ରଶାସନିକ ସେବା ପାଇଁ ଗୋଟିଏ ସର୍ବଭାରତୀୟ ପରୀକ୍ଷା କରିବା ଲାଗି ମଧ୍ୟ ବିଶେଷଜ୍ଞମଣ୍ଡଳୀ ପ୍ରସ୍ତାବ ଦେଇଛନ୍ତି। ଆମ ରୁଗ୍ଣ ପ୍ରଶାସନିକ ସେବା ବ୍ୟବସ୍ଥାକୁ ସୁଧାରିବା ଲାଗି ଡାକ୍ତରଙ୍କ ବ୍ୟବସ୍ଥାପତ୍ର ଭଳି ବିଶେଷଜ୍ଞମାନେ ସିନା ସଂସ୍କାର–ପ୍ରସ୍ତାବମାନ ଦେଇଦେଲେ, ହେଲେ ମିଳିଥିବା ପ୍ରସ୍ତାବଗୁଡ଼ିକୁ ସରକାର ଏବେ ତରତର ହୋଇ କାର୍ଯ୍ୟକାରୀ କରିବାକୁ ଯାଉନାହାନ୍ତି। କାରଣ ସାଧାରଣ ନିର୍ବାଚନ ଆଉ ଅଳ୍ପ କେଇମାସ ବାକି ଥିବାରୁ ଏଗୁଡ଼ିକ କାର୍ଯ୍ୟକାରୀ କଲେ ବିରାଟ ରାଜନୈତିକ ମୂଲ୍ୟ ଦେବାକୁ ପଡ଼ିବ ବୋଲି ସରକାର ଭୟ କରୁଛନ୍ତି। ଏହିସବୁ ପ୍ରସ୍ତାବ ଦେବାରେ ନୀତି ଆୟୋଗ ପ୍ରଥମ ନୁହନ୍ତି। ଅନେକ କମିଟି ତଥା ଦ୍ୱିତୀୟ ପ୍ରଶାସନିକ ସଂସ୍କାର କମିଶନ ଆଗରୁ ଏଭଳି ପ୍ରସ୍ତାବ ଦେଇଥିଲେ। କିନ୍ତୁ ସ୍ଥିତାବସ୍ଥା ବିଗିଡ଼ିବା ଓ ଅନେକ ରାଜନୈତିକ ଜଟିଳତା ସୃଷ୍ଟିହେବା ଭୟରେ ଏଗୁଡ଼ିକୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ନୀତି ଆୟୋଗର ପ୍ରସ୍ତାବଗୁଡ଼ିକ ମଧ୍ୟ ସମଦଶା ଭୋଗିବାର ସମ୍ଭାବନା ରହିଛି।

## ଅନିଶ୍ଚିତତାରେ ମେଡିକାଲ ସେବା କ୍ୟାଡର

୨୦୧୭ ମସିହାରେ ମୋଦି ସରକାର ଆଇଏଏସ୍ ଓ ଆଇପିଏସ୍ କ୍ୟାଡର ଭଳି ସର୍ବଭାରତୀୟ ମେଡିକାଲ ସେବା (ଏଆଇଏମ୍‌ଏସ୍) କ୍ୟାଡର ପ୍ରତିଷ୍ଠା କରିବା ଲାଗି ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏ ନେଇ ମେଡିକାଲ ପ୍ରଫେସନାଲମାନଙ୍କ ତରଫରୁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରସ୍ତାବଟିକୁ ଆଗକୁ ନେବା ଦିଗରେ ସାମାନ୍ୟତମ ଉଦ୍ୟମ କରାଯାଇ ନାହିଁ। ସ୍ୱାସ୍ଥ୍ୟ ରାଜ୍ୟ ସରକାରଙ୍କ ବିଷୟ ହୋଇଥିବାରୁ କେନ୍ଦ୍ର ସରକାର ଏ ପ୍ରସ୍ତାବ ଉପରେ ରାଜ୍ୟ ସରକାରଗୁଡ଼ିକର ମତାମତକୁ ଅପେକ୍ଷା କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଏ ସମ୍ପର୍କରେ ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମାତ୍ର ଛଅଟି ରାଜ୍ୟ ମତାମତ ଦେଇଛନ୍ତି। ସେହି ରାଜ୍ୟଗୁଡ଼ିକ ହେଉଛନ୍ତି ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, କେରଳ, ସିକ୍କିମ, ଗୋଆ ଓ ମିଜୋରାମ। ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଦାଦ୍ରା ଓ ନଗର ହାଭେଳି ଏବଂ ଆଣ୍ଡାମାନ ଓ ନିକୋବର ମଧ୍ୟ ଉତ୍ତର ଦେଇଛନ୍ତି। ଆନ୍ଧ୍ରପ୍ରଦେଶ ନିଜ ପ୍ରତିକ୍ରିୟାରେ ଅଧିକ ବୋଧଗମ୍ୟ ଓ ବିସ୍ତୃତ ପ୍ରସ୍ତାବ ଦେବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଲେଖିଛି। ଏ ଦିଗରେ ଅଧିକ ଅଗ୍ରଗତି କରିବା ପାଇଁ ଅନ୍ୟ ରାଜ୍ୟଗୁଡ଼ିକର ପ୍ରତିକ୍ରିୟା ମିଳିବାକୁ ଅପେକ୍ଷା କରାଯାଇଥିବାରୁ ଏଥିପାଇଁ ଦୀର୍ଘ ସମୟ ଲାଗିବ ବୋଲି ଅନୁମାନ କରାଯାଉଛି।

## ଆଇପିଏସ୍ ବାବୁମାନଙ୍କ ଅସନ୍ତୋଷ

ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ନେତୃତ୍ୱରେ ଗଠିତ ସଂସଦୀୟ କମିଟିର ସୁପାରିସକୁ ନେଇ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସରମାନେ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି। ସୂଚନା ଅନୁସାରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଆର୍‌ପିଏଫ୍) ଉପରେ ଆଇପିଏସ୍ ଅଫିସରମାନଙ୍କ ପ୍ରଭୁତ୍ୱ ହଟାଇବା ପାଇଁ କମିଟି ସରକାରଙ୍କୁ ସୁପାରିସ କରିଛି। ସ୍ୱରାଷ୍ଟ୍ର ସଂସଦୀୟ କମିଟିର ସୁପାରିସ ଅନୁସାରେ ସିଆର୍‌ପିଏଫ୍‌ରୁ ଆଇପିଏସ୍ ଅଫିସରମାନଙ୍କୁ କ୍ରମଶଃ ଅପସାରଣ କରାଯିବ ଏବଂ ଏହି ବାହିନୀରେ ଆଇପିଏସ୍‌ଙ୍କ ଡେପୁଟେଶନ ମାତ୍ର ୨୫ ପ୍ରତିଶତ ଭିତରେ ସୀମିତ ରହିବ। ସିଆର୍‌ପିଏଫ୍ ଅଫିସରମାନେ ଏହି ସୁପାରିସକୁ ଯଥାର୍ଥ ବୋଲି ଅଭିହିତ କରିଥିଲାବେଳେ ଆଇପିଏସ୍ ଅଫିସରମାନେ ଏହାକୁ 'ଅଦରକାରୀ' ଓ 'ବିପଜ୍ଜନକ' ବୋଲି ମତ ଦେଇଛନ୍ତି। ପ୍ରତ୍ୟେକ ବାହିନୀରେ ନିଜ ନିଜର କ୍ୟାଡର ଥିବାବେଳେ ନିୟମତଃ ଜଣେ ଜଣେ ଆଇପିଏସ୍ ଅଫିସର ମହାନିର୍ଦ୍ଦେଶକ (ଡିଜି) ପଦବୀରେ ଅବସ୍ଥାପିତ ହୋଇ ସେଗୁଡ଼ିକର ମୁଖ୍ୟ ହୋଇଥାନ୍ତି। ଏପରି କି ଅତିରିକ୍ତ ଡିଜି, ଆଇଜି, ଡିଆଇଜି ପରି ପଦବୀଗୁଡ଼ିକ ମଧ୍ୟ ପ୍ରାୟତଃ ଆଇପିଏସ୍ ଅଫିସରମାନଙ୍କ ପାଇଁ ସଂରକ୍ଷିତ ଥାଏ। ଏହା ସିଆର୍‌ପିଏଫ୍ କ୍ୟାଡର ଅଫିସରମାନଙ୍କ ଭିତରେ ବ୍ୟାପକ ଅସନ୍ତୋଷ ସୃଷ୍ଟି କରିଥାଏ। ସେମାନଙ୍କ ମତରେ ନିଜ ବାହିନୀରେ ସେମାନଙ୍କୁ ସର୍ବୋଚ୍ଚ ପଦରୁ ବଞ୍ଚିତ କରାଯିବା ଅନ୍ୟାୟ ଓ ପାତରଅନ୍ତରମୂଳକ। ସଂସଦୀୟ କମିଟି ମତରେ ସିଆର୍‌ପିଏଫ୍ କ୍ୟାଡର ଅଫିସରମାନଙ୍କୁ ସେମାନଙ୍କ ନିଜ ବାହିନୀରେ ମୁଖ୍ୟ ପଦରେ ଅବସ୍ଥାପିତ କଲେ ସେମାନଙ୍କ ମନୋବଳ ବୃଦ୍ଧି ପାଇବ ଏବଂ ସିଆର୍‌ପିଏଫ୍ ସେବା ଭିତରକୁ ଅଧିକ ଶିକ୍ଷିତ ଓ ଯୋଗ୍ୟ ଅଫିସରମାନେ ଆସିବେ। କିନ୍ତୁ କମିଟିର ସୁପାରିସକୁ ନେଇ ଆଇପିଏସ୍ ଅଫିସର ସଂଘ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ଏହା ବିରୋଧରେ ଚିଦାମ୍ବରମ୍ ଓ ଅନ୍ୟ ସଦସ୍ୟମାନଙ୍କୁ ଚିଠି ଲେଖିବାକୁ ବିଚାର କରୁଛି। ସେମାନଙ୍କୁ ଏ ପ୍ରସଙ୍ଗରେ ଆଇଏଏସ୍ ସଂଘ ମଧ୍ୟ ସମର୍ଥନ କରୁଥିବା ଜଣାପଡ଼ିଛି।

Email: dilipcherian@gmail.com

# ଆଧ୍ୟାତ୍ମିକତାର ମର୍ମ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ସମ୍ପ୍ରତି ଧର୍ମ ଓ ଆଧ୍ୟାତ୍ମିକତା ସମାର୍ଥବାଚକ ଶବ୍ଦ ଭାବରେ ବ୍ୟବହୃତ ହେଉଛି। ମାତ୍ର ସାମାଜିକ ଧର୍ମାନୁଷ୍ଠାନ ସହ ଆଧ୍ୟାତ୍ମିକତାର ବିଶେଷ ସମ୍ପର୍କ ନାହିଁ। ଆଜିକାଲି ଭଗବାନଙ୍କ ଉପରେ ଉପରଠାଉରିଆ ବିଶ୍ୱାସ। ମନ୍ଦିର, ମସ୍‌ଜିଦ ବା ଗୀର୍ଜାରେ ପହଞ୍ଚି ଉପାସନା କରିବାକୁ ଧର୍ମନିଷ୍ଠା କୁହାଯାଉଛି। ଏହା ସହ ଆଧ୍ୟାତ୍ମିକତାର ସିଧାସଳଖ କୌଣସି ସମ୍ପର୍କ ନାହିଁ। ବିଶେଷଣ ପଦ ରୂପେ ଅଧ୍ୟାତ୍ମ ଶବ୍ଦର ଅର୍ଥ ହେଲା 'ଆତ୍ମ ବିଷୟକ'। ବିଶେଷ୍ୟ ପଦ ଭାବରେ ଏହାର ଅର୍ଥ ହେଲା ପରମାତ୍ମା ବା ବ୍ରହ୍ମ। ଆଧ୍ୟାତ୍ମିକ ମାନେ 'ବ୍ରହ୍ମ ବା ପରମାତ୍ମା ବିଷୟକ'। ଏହି ବ୍ରହ୍ମ ବିଷୟକ ଭାବ ହେଉଛି ଆଧ୍ୟାତ୍ମିକତା। ଏଣୁ ଆଧ୍ୟାତ୍ମିକତାର ମର୍ମ ବୁଝିବାକୁ ହେଲେ ଆମକୁ ବ୍ରହ୍ମ ସମ୍ପର୍କରେ ବୁଝିବାକୁ ହେବ। ଗୀତାରେ ଭଗବାନ୍ କହିଛନ୍ତି, ଏ ସଂସାରରେ ଜୀବ ରୂପ ଧରିଥିବା ଆତ୍ମା ମୋର ହିଁ ସନାତନ ଅଂଶ। ଏଣୁ ପ୍ରତ୍ୟେକ ଜୀବାତ୍ମା ମଧ୍ୟରେ ପରମାତ୍ମା ବା ବ୍ରହ୍ମଙ୍କୁ ଉପଲବ୍ଧି କରିବା ହେଉଛି ଆଧ୍ୟାତ୍ମିକତା। ସମସ୍ତଙ୍କ ହୃଦୟରେ ବ୍ରହ୍ମଙ୍କୁ ଦେଖିବା ଓ ବ୍ରହ୍ମଙ୍କଠାରେ ସମସ୍ତଙ୍କୁ ଦେଖିବା (ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି– ଗୀତା ୬/୩୦) ହେଉଛି ଆଧ୍ୟାତ୍ମିକତାର ମୂଳକଥା।

ମଣିଷ ଆଧ୍ୟାତ୍ମିକ ଭାବାପନ୍ନ ହେଲେ ସେ ଅନୁଭବ କରେ ଯେ ତା'ର ସମସ୍ତ କର୍ମରେ ପରମାତ୍ମାଙ୍କ ଶକ୍ତି କାମ କରୁଛି। ଯେତେବେଳେ ମଣିଷ ଅଧ୍ୟାତ୍ମଚିତ୍ତ ହୋଇଯାଏ ସେ ତା'ର ସମସ୍ତ କର୍ମ ଭଗବାନଙ୍କୁ ଅର୍ପଣ କରିଦିଏ। ସେ ନିଷ୍କାମ ହୋଇଯାଏ। କାମନା ହିଁ ଦୁଃଖର କାରଣ। ଏଣୁ ନିଷ୍କାମ ହୋଇଗଲେ ମନରେ ଆଉ ସନ୍ତାପ ରହେନାହିଁ। ମୁଁ ସମସ୍ତ କର୍ମର ନିମିତ୍ତମାତ୍ର ଭାବି ସେ ସବୁକୁ ଭଗବାନଙ୍କୁ ସମର୍ପଣ କରି ନିଷ୍କାମ ହୋଇ କର୍ମ କଲେ କର୍ମଟି 'ଯୋଗ' ହୋଇଯାଏ।

ଜଣେ ଆଧ୍ୟାତ୍ମିକ ଭାବାପନ୍ନ ମଣିଷ ବାହ୍ୟ ଉପଚାର ଉପରେ ଗୁରୁତ୍ୱ ଦିଏନାହିଁ। ଧର୍ମ ନାମରେ ଆମେ ଯାହାସବୁ କରୁଛୁ ତାହା ଏକପ୍ରକାର ଆତ୍ମସନ୍ତୋଷ ଓ ଧାର୍ମିକ ବା ଭକ୍ତ ବୋଲାଇବାର ଅହଂ। ଈଶ୍ୱର ବିଶ୍ୱାସକୁ ନେଇ ବହୁ ଗୋଷ୍ଠୀ ସୃଷ୍ଟି ହୋଇଛି। ପ୍ରତ୍ୟେକ ଧର୍ମୀୟ ଗୋଷ୍ଠୀ ନିଜ ନିଜ ଧର୍ମକୁ ଶ୍ରେଷ୍ଠ ଓ ଅନ୍ୟ ଧର୍ମକୁ ନିକୃଷ୍ଟ ବୋଲି ପ୍ରମାଣ କରିବା ପାଇଁ ଉଦ୍ୟତ। ଏହିସବୁ ଦାବିରୁ ଗୋଷ୍ଠୀ ସଂଘର୍ଷ ହେଉଛି। ପ୍ରତ୍ୟେକ ଧର୍ମ ଗୋଟିଏ ଲେଖାଏଁ ଆଧ୍ୟାତ୍ମିକ ଅନୁଭୂତି। ଆଧ୍ୟାତ୍ମିକତା ହେଉଛି ଧର୍ମର ଆତ୍ମା। ମାତ୍ର ଧର୍ମ ନାମରେ ଅହଂର ପରିପ୍ରକାଶ ହେଲେ ଆଧ୍ୟାତ୍ମିକତାର ମୃତ୍ୟୁ ହୁଏ। କୌଣସି ଧର୍ମ ବା ଈଶ୍ୱରଙ୍କଠାରେ ବିଶ୍ୱାସ ନ ରଖି ମଧ୍ୟ ଆଧ୍ୟାତ୍ମିକ ଜୀବନ ସମ୍ଭବ। ବୁଦ୍ଧଦେବ ଈଶ୍ୱରଙ୍କ ସ୍ଥିତି ସମ୍ପର୍କରେ ନୀରବ ଥିଲେ। ସେ ଗୁରୁତ୍ୱ ଦେଇଥିଲେ 'ଅଷ୍ଟାଙ୍ଗ ମାର୍ଗ'– ସତ୍‌କାର୍ଯ୍ୟ, ସତ୍‌ଭାବନା, ସତ୍‌ବାକ୍ୟ, ସତ୍ ସଙ୍କଳ୍ପ, ସତ୍‌ଜୀବିକା, ସତ୍ ପରିଶ୍ରମ, ସତ୍ ସ୍ମୃତି ଓ ସତ୍ ସମାଧି ଉପରେ। ଜଣେ ଏକ ଧର୍ମର ନିର୍ଦ୍ଦିଷ୍ଟ ଈଶ୍ୱରଙ୍କୁ ବିଶ୍ୱାସ ନ କରି ମଧ୍ୟ ଯଦି ତା'ର ଅନ୍ତରାତ୍ମାରେ ଦିବ୍ୟଶକ୍ତି ଉପଲବ୍ଧି କରେ ତାହା ହେଉଛି ଆଧ୍ୟାତ୍ମିକ ଅନୁଭୂତି। ଏହି ଅନୁଭବ ହେଲେ ସେ ଜଗତର ସମସ୍ତ ପ୍ରାଣୀଙ୍କୁ ସେହି ଦିବ୍ୟ ଚେତନାର ପରିପ୍ରକାଶ ବୋଲି ମନେ କରେ। ସେ କେବଳ ନିଜ ପାଇଁ ବଞ୍ଚେ ନାହିଁ, ବଞ୍ଚେ ସମସ୍ତଙ୍କ ପାଇଁ। ଏହି ପ୍ରସଙ୍ଗରେ ମନେପଡ଼େ ଏକ କାହାଣୀ।

ଜଣେ ରାଜା ଏକ ଭୟଙ୍କର ବ୍ୟାଧିରେ ପୀଡ଼ିତ ହେଲେ। ରାଜ୍ୟର ସମସ୍ତ କୁଶଳୀ ବୈଦ୍ୟଙ୍କ ଚିକିତ୍ସା ସତ୍ତ୍ୱେ ସେ ଆରୋଗ୍ୟ ଲାଭ କରିପାରିଲେ ନାହିଁ। ଦିନେ ଦେଖିଲେ ସେ ଏକ ସ୍ୱପ୍ନ। ଜଣେ ଦିବ୍ୟପୁରୁଷ କହୁଛନ୍ତି, ''ଯଦି ଈଶ୍ୱରଙ୍କୁ କିଛି ମାଗି ନ ଥିବା ଜଣେ ଲୋକ ତୁମକୁ ରୋଗମୁକ୍ତ କରିବା ପାଇଁ ପ୍ରାର୍ଥନା କରେ ତୁମେ ସୁସ୍ଥ ହେବ।'' କଥାଟା ଚାରିଆଡ଼େ ପ୍ରଘଟ ହେଲା। ବିନା କାମନାରେ କେହି କେବେ ପ୍ରାର୍ଥନା କରେ ନାହିଁ। ସମସ୍ତଙ୍କ ଧାରଣା, ଈଶ୍ୱରଙ୍କୁ ପ୍ରାର୍ଥନା କଲେ ମନୋବାଞ୍ଛା ପୂର୍ଣ୍ଣ ହୁଏ। ମୋଟ୍ ଉପରେ ରାଜାଙ୍କ ସୁସ୍ଥ ଜୀବନ ନିମନ୍ତେ ଲୋଡ଼ା ଜଣେ ନାସ୍ତିକ। କାରଣ ନାସ୍ତିକମାନେ ଈଶ୍ୱର ବିଶ୍ୱାସ କରନ୍ତି ନାହିଁ, ତେଣୁ କାମନା ପୂରଣ କରିବା ପାଇଁ ପ୍ରାର୍ଥନା ବି କରନ୍ତି ନାହିଁ। ଜଣେ ନାସ୍ତିକ ପ୍ରାର୍ଥନା କଲେ ରାଜା ସୁସ୍ଥ ହେବେ, ଏହା ଥିଲା ଏକ ବିରୋଧାଭାସ। କାରଣ ଯିଏ ଈଶ୍ୱରଙ୍କୁ ବିଶ୍ୱାସ କରେ ନାହିଁ ସେ କାହିଁକି ବା ପ୍ରାର୍ଥନା କରିବ? ତଥାପି ରାଜକର୍ମଚାରୀମାନେ ଦିବ୍ୟପୁରୁଷଙ୍କ ସୂଚନା ଅନୁସାରେ ସେହିଭଳି ଏକ ମଣିଷ ଠାବ କଲେ। ସେ କେବେ ମନ୍ଦିର, ମସ୍‌ଜିଦ୍ ବା ଚର୍ଚ୍ଚକୁ ଯାଏ ନାହିଁ। ଈଶ୍ୱରଙ୍କୁ ବିଶ୍ୱାସ କରେ ନାହିଁ। ସେ ନିଜ ଶକ୍ତି ଉପରେ ବିଶ୍ୱାସ କରେ। ପୂଜାପାଠ କରେ ନାହିଁ। ମାତ୍ର ନିଜ ସାମର୍ଥ୍ୟ ଅନୁସାରେ ତା'ର ଚାରିପାଖରେ ଥିବା ଦୀନ, ଦରିଦ୍ର ଓ ଦୁଃଖୀ ମଣିଷର ସେବା କରିବାକୁ ସେ କର୍ତ୍ତବ୍ୟ ମଣେ। ସେ ଈଶ୍ୱରଙ୍କୁ ଭଲ ପାଇବା ପରିବର୍ତ୍ତେ ମଣିଷକୁ ଭଲପାଏ। ରାଜକର୍ମଚାରୀ ସେହି ନାସ୍ତିକକୁ ରାଜାଙ୍କ ଆରୋଗ୍ୟ କାମନା କରି ଈଶ୍ୱରଙ୍କୁ ପ୍ରାର୍ଥନା କରିବା ପାଇଁ ଅନୁରୋଧ କଲେ। ଏପ୍ରକାର ଅନୁରୋଧ ଲୋକଟି ପାଇଁ ଗ୍ରହଣୀୟ ନ ଥିଲା। ତଥାପି ସେ କହିଲା, ଯଦି ଆପଣମାନେ ବିଶ୍ୱାସ କରୁଥିବା ଈଶ୍ୱରଙ୍କୁ ପ୍ରାର୍ଥନା କଲେ ରାଜାଙ୍କ ଜୀବନ ରକ୍ଷା ହେବ, ମୁଁ ନିଶ୍ଚୟ ପ୍ରାର୍ଥନା କରିବି। ସେ ସଙ୍ଗେ ସଙ୍ଗେ ଜୀବନରେ କେବେ ବିଶ୍ୱାସ କରୁ ନ ଥିବା ଈଶ୍ୱରଙ୍କୁ ପ୍ରାର୍ଥନା କଲା। ସତକୁ ସତ ରାଜା ସୁସ୍ଥ ହେଲେ। ନାସ୍ତିକ ଲୋକଟି କେବେ ଈଶ୍ୱରଙ୍କୁ ବିଶ୍ୱାସ ନ କଲେ ସୁଦ୍ଧା ଅନ୍ୟ ଜଣକୁ ବଞ୍ଚାଇବା ପାଇଁ ନିଜର ଆଦର୍ଶବିରୋଧୀ କାମଟି କଲା। ଏହା କେବଳ ଜଣେ ଆଧ୍ୟାତ୍ମିକଭାବାପନ୍ନ ମଣିଷ କରିପାରେ। ଏଣୁ ଆଧ୍ୟାତ୍ମିକତା ସହିତ ଈଶ୍ୱର ବିଶ୍ୱାସ ବା ପୂଜାର୍ଚ୍ଚନାର କୌଣସି ଅବିଚ୍ଛେଦ୍ୟ ସମ୍ପର୍କ ନାହିଁ। ଧର୍ମର ଇତିହାସ ଅଧ୍ୟୟନ କଲେ ଜଣାପଡ଼େ ଯେ ପ୍ରଥମ ପର୍ଯ୍ୟାୟରେ ଧର୍ମ ଓ ଆଧ୍ୟାତ୍ମିକତା ଅବିଚ୍ଛିନ୍ନ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କେହି କେହି ଧର୍ମାନୁଷ୍ଠାନ ଭିତରୁ ଆଧ୍ୟାତ୍ମିକ ଅଭିଜ୍ଞତା ଅର୍ଜନ କରିଛନ୍ତି। ମାତ୍ର ଏହି ପର୍ଯ୍ୟାୟରେ ନାନା କୁସଂସ୍କାର, ଅନ୍ଧବିଶ୍ୱାସ ଉତ୍ପତ୍ତି ହୋଇଛି। ପୂର୍ବରୁ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ ନ ଥିଲା। ପରେ ଦ୍ୱିତୀୟ ପର୍ଯ୍ୟାୟରେ ଏସବୁର ବିକାଶ ଘଟିଛି। ତତ୍ ସଙ୍ଗେ ସଙ୍ଗେ ପୂଜାପାର୍ବଣ ଓ ବିଭିନ୍ନ ଧର୍ମାନୁଷ୍ଠାନ ମୁଣ୍ଡ ଟେକିଛି। ମଣିଷ ନିଜ ଅନ୍ତଃସତ୍ତାକୁ ଜାଣିବାକୁ ଚେଷ୍ଟା ନ କରି ବାହ୍ୟ ଉପଚାରରେ ଗୁରୁତ୍ୱ ଦେଇଛି। ତା'ପରେ ଆସିଛି ଦୁର୍ଭାଗ୍ୟଜନକ ତୃତୀୟ ପର୍ଯ୍ୟାୟ। ଆନୁଷ୍ଠାନିକ ଧର୍ମରୁ ଶୃଙ୍ଖଳା ଓ ସଂସ୍କୃତି ବିଦାୟ ନେଇଛି। ଆନୁଷ୍ଠାନିକ ଧର୍ମ ହୋଇଛି ଆମୋଦପ୍ରମୋଦର ମାଧ୍ୟମ। ଆଜିକାଲି ଯେଉଁଭଳି ଭାବରେ ଗଣେଶ ପୂଜା, ସରସ୍ୱତୀ ପୂଜା, ଦୁର୍ଗାପୂଜା ଆଦି ଆୟୋଜିତ ହେଉଛି ସେଗୁଡ଼ିକ ଦେଖିଲେ ନିଶ୍ଚିତ ହେବାକୁ ପଡ଼େ ଆଧ୍ୟାତ୍ମିକ ଅନୁଭୂତି ଅର୍ଥରେ ଧର୍ମର ମୃତ୍ୟୁ ଘଟିଛି। ଅନ୍ୟ ଭାଷାରେ କହିଲେ, ସାମ୍ପ୍ରତିକ ଧର୍ମାନୁଷ୍ଠାନରେ ଆଧ୍ୟାତ୍ମିକତାର ମୃତ୍ୟୁ ଘଟିଛି।

ମଣିଷ ଯେତେବେଳେ ବାହ୍ୟ ଉପଚାର ଛାଡ଼ି ଚେତନାର ଇଲାକାରେ ପ୍ରବେଶ କରେ ସେତେବେଳେ ତା'ର ଦୃଷ୍ଟିଭଙ୍ଗୀ ବଦଳିଯାଏ। ସେ ବସ୍ତୁବାଦୀ ମୂଲ୍ୟବୋଧକୁ ତ୍ୟାଗ କରେ। ଧନସମ୍ପଦ, ଇନ୍ଦ୍ରିୟ ଲାଳସା, କ୍ଷମତା, ଅର୍ଥଲୋଭ ଆଦି ସୁଖ ବାହାରେ ଆଉ କିଛି ବାସ୍ତବତା ଅଛି ବୋଲି ଅନୁଭବ କରେ। ସେତେବେଳେ ସେ ଜୀବନକୁ ଗଭୀର ଦୃଷ୍ଟିଦେଇ ଦେଖେ। ଭୌତିକ ସୁଖ ଓ ବିଷୟାସକ୍ତିରେ ଭାସି ନ ଯାଇ ଜୀବନର ରହସ୍ୟ ଖୋଜିବାକୁ ଆରମ୍ଭ କରେ। ସତ୍ୟ ଜାଣିବାକୁ ଚେଷ୍ଟା କରେ। ସେତେବେଳେ ସେ ହୁଏ ଆଧ୍ୟାତ୍ମିକ ପଥର ଯାତ୍ରୀ। ଆଧ୍ୟାତ୍ମିକତାର ଆଧାରଶିଳା ଉପରେ ପ୍ରତିଷ୍ଠିତ ଧର୍ମ ଚିରନ୍ତନ ଓ ବିଶ୍ୱକଲ୍ୟାଣକର ହୁଏ। ଏଣୁ ଧର୍ମର ବାହ୍ୟ ଉପଚାର ଉପରେ ଗୁରୁତ୍ୱ ନ ଦେଇ ଚେତନାର ଅନ୍ତର୍ମୁଖୀ ଯାତ୍ରାକୁ ଗୁରୁତ୍ୱ ଦେଲେ ମଣିଷ ହୁଏ ଆଧ୍ୟାତ୍ମିକ ପଥର ଯାତ୍ରୀ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ମୋ–୯୪୩୭୩୨୯୨୬୩

# ବାଂଲାଦେଶ ନିର୍ବାଚନ



ଶରତ ଚନ୍ଦ୍ର ମିଶ୍ର

ଡିସେମ୍ବର ୩୦, ୨୦୧୮ରେ ବାଂଲାଦେଶରେ ଏକାଦଶ ଜାତୀୟ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ସଦ୍ୟ ସମାପ୍ତ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଆୱାମୀ ଲିଗ୍ ୩୦୦ରୁ ୨୬୭ଟି ସ୍ଥାନ ଅଧିକାର କରି ଅଭୂତପୂର୍ବ ସଫଳତା ହାସଲ କରିଛି। ତାଙ୍କର ସହଯୋଗୀ ଦଳ ଜାତୀୟ ପାର୍ଟି ୨୦ଟି ସ୍ଥାନ ପ୍ରାପ୍ତ ହୋଇଛି। ଜାତୀୟ ପାର୍ଟିର ନେତା ହେଉଛନ୍ତି ପୂର୍ବତନ ମିଲିଟାରୀ ଶାସକ ଜେନେରାଲ ଏରସାଦ। ଦେଶର ମୁଖ୍ୟ ବିରୋଧୀ ଦଳ ବାଂଲାଦେଶ ଜାତୀୟ ଦଳ ଅନ୍ୟାନ୍ୟ ଛୋଟ ଛୋଟ ୧୦ଟି ଦଳ ସହିତ ମିଶି ଜାତୀୟ ମିଳିତ ସାମ୍ମୁଖ୍ୟ ଗଠନ କରି ପ୍ରମୁଖ ବିରୋଧୀ ଭାବରେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲା। ଏହି ସାମ୍ମୁଖ୍ୟର ନେତୃତ୍ୱ ନେଇଥିଲେ ପ୍ରବୀଣ ନେତା ଡ. କମାଲ ହୋସେନ ଏବଂ କେତେକ ସ୍ୱାଧୀନତା ସଂଗ୍ରାମୀ କାଦେର ସିଦ୍ଦିକଙ୍କ ନେତୃତ୍ୱରେ ଏଥିରେ ଯୋଗଦେଇଥିଲେ। ଡ. କମାଲ ହୋସେନ ଏକଦା ଆୱାମୀ ଲିଗ୍‌ର ପ୍ରମୁଖ ନେତା ଥିଲେ। ସେ ଶେଖ୍ ମୁଜିବୁର ରହେମାନଙ୍କ ସରକାରରେ ମନ୍ତ୍ରୀ ଥିଲେ। ସେ ଏକଦା (୧୯୮୨) ରାଷ୍ଟ୍ରପତି ପଦ ନିମନ୍ତେ ଆୱାମୀ ଲିଗ୍ ତରଫରୁ ପ୍ରାର୍ଥୀ ହୋଇଥିଲେ ଓ ବାଂଲାଦେଶର ପ୍ରଥମ ସମ୍ବିଧାନ ପ୍ରଣୟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ୮୨ ବର୍ଷ ବୟସ୍କ ପ୍ରବୀଣ ଆଇନଜ୍ଞଙ୍କୁ ବାଂଲାଦେଶର ଆମ୍ବେଡକର ବୋଲି କୁହାଯାଏ। ଜାତୀୟ ମିଳିତ ସାମ୍ମୁଖ୍ୟ ମାତ୍ର ସାତଟି ଆସନ ପ୍ରାପ୍ତ ହୋଇଛି।

ବାଂଲାଦେଶ ଜାତୀୟ ପାର୍ଟି ଆଗରୁ ଦୁଇଥର ନିର୍ବାଚନରେ ଜୟ ଲାଭ କରିଥିଲା ଓ ଏହାର ନେତ୍ରୀ ବେଗମ୍ ଖାଲେଦା ଜିଆ ଦୁଇଥର ପ୍ରଧାନମନ୍ତ୍ରୀ ହୋଇଥିଲେ। ବର୍ତ୍ତମାନ ଖାଲେଦା ଜିଆ ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ଜେଲଦଣ୍ଡ ଭୋଗୁଛନ୍ତି। ଦଳର ଜେନେରାଲ ସେକ୍ରେଟାରି, ତାଙ୍କ ପୁତ୍ର ତାରେକ ରହେମାନ ମଧ୍ୟ ଦୁର୍ନୀତି ଅଭିଯୋଗରେ ଦଣ୍ଡିତ ହୋଇ ଦେଶରୁ ଫେରାର ଅଛନ୍ତି। ନେତୃତ୍ୱହୀନ ହୋଇ ଦଳ କମାଲ ହୋସେନଙ୍କ ନେତୃତ୍ୱକୁ ମାନି ନେଇଥିଲା।

ଦ୍ୱିତୀୟରେ ୨୦୧୪ ନିର୍ବାଚନକୁ ବାଂଲାଦେଶ ଜାତୀୟ ଦଳ ବର୍ଜନ କରି ସେଥିରେ ଭାଗ ନେଇ ନ ଥିଲା। ଫଳତଃ ଦଳ ଗତ ପାଞ୍ଚବର୍ଷ ଧରି ନିଷ୍କ୍ରିୟ ଥିଲା। ବାଂଲାଦେଶ ସମ୍ବିଧାନରେ ଏକ ଧାରା ଥିଲା ଯେ, ନିର୍ବାଚନ ଏକ ମଧ୍ୟବର୍ତ୍ତିକାଳୀନ ନିରପେକ୍ଷ ସରକାର ହିଁ ପରିଚାଳନା କରିବେ। ସାଧାରଣତଃ ପ୍ରଧାନ ବିଚାରପତି ଅଥବା ସେନାଧ୍ୟକ୍ଷ ମଧ୍ୟବର୍ତ୍ତିକାଳୀନ ସରକାରଙ୍କ ମୁଖ୍ୟ ହୁଅନ୍ତି। ଏହିପରି ଏକ ସେନାଚାଳିତ ମଧ୍ୟବର୍ତ୍ତିକାଳୀନ ସରକାରଙ୍କ ନିର୍ବାଚନ ପରିଚାଳନା ପ୍ରକ୍ରିୟାରେ ଶେଖ୍ ହାସିନା ୨୦୦୯ରେ କ୍ଷମତାସୀନ ହୋଇଥିଲେ। ହାସିନା କ୍ଷମତାକୁ ଆସିଲା ପରେ ଏହି ବ୍ୟବସ୍ଥାଟିକୁ ସମ୍ବିଧାନ ସଂଶୋଧନ କରି ଲୋପ କରିଦେଲେ। ଏହାର ପ୍ରତିବାଦରେ ବାଂଲାଦେଶ ଜାତୀୟ ଦଳ ୨୦୧୪ ନିର୍ବାଚନରେ ଭାଗ ନେଲାନାହିଁ ଓ ଜାତୀୟ ସଂସଦକୁ ଆୱାମୀ ଲିଗ୍‌ର ୧୫୩ ଜଣ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେଲେ।

ହାସିନାଙ୍କ ଗତ ଦଶବର୍ଷର ଶାସନ କାଳରେ ଦେଶରେ ସାମାଜିକ ଓ ଅର୍ଥନୈତିକ ପ୍ରଗତି ଘଟିଛି। ଦେଶର ଆର୍ଥିକ ଅଭିବୃଦ୍ଧି ପ୍ରାୟ ବର୍ଷକୁ ୬ ପ୍ରତିଶତ। ବାଂଲାଦେଶୀମାନେ ବିଦେଶରୁ ସ୍ୱଦେଶକୁ ପ୍ରଚୁର ଅର୍ଥ ପ୍ରେରଣ କରୁଛନ୍ତି। ଆମେରିକୀୟ କମ୍ପାନୀଗୁଡ଼ିକର ପୁଞ୍ଜି ଲଗାଣ ବୃଦ୍ଧି ପାଇଛି ଏବଂ ବାଂଲାଦେଶ ବର୍ତ୍ତମାନ ଚାଇନା ପଛକୁ ପୃଥିବୀର ଦ୍ୱିତୀୟ ବୃହତ୍ ପୋଷାକ ରପ୍ତାନିକାରୀ ଦେଶ। ରୁଷିଆ ବାଂଲାଦେଶରେ ଏହାର ପ୍ରଥମ ଆଣବିକ ଶକ୍ତି କାରଖାନା ନିର୍ମାଣ କରୁଛି।

ଶେଖ୍ ମୁଜିବୁର ରହେମାନଙ୍କ ତନୟା ହାସିନା ପ୍ରଥମେ ୧୯୯୬ରୁ ୨୦୦୧ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ହୋଇଥିଲେ। ପୁଣି ୨୦୦୯ ଜାନୁୟାରୀରେ ନିର୍ବାଚିତ ହୋଇ ପ୍ରଧାନମନ୍ତ୍ରୀ ଭାବରେ ଦଶବର୍ଷ ହେଲା ଅଛନ୍ତି। ତାଙ୍କ ସମୟରେ ଦେଶରେ ସ୍ଥିରତା ଓ ପ୍ରଗତି ଘଟିଥିଲେ ମଧ୍ୟ ମାନବିକ ଅଧିକାର ଉଲ୍ଲଂଘନ ଓ ଗଣତାନ୍ତ୍ରିକ ବାତାବରଣ ଅଭାବର ଅଭିଯୋଗ ହୁଏ। ଗତ ନିର୍ବାଚନରେ ମଧ୍ୟ ହିଂସାକାଣ୍ଡ ଘଟି ୧୭ ଜଣଙ୍କର ପ୍ରାଣହାନି ଘଟିଛି। ବିରୋଧୀ ଦଳ ନିର୍ବାଚନରେ ବ୍ୟାପକ ଜାଲିଆତିର ଅଭିଯୋଗ କରି ପୁନଃନିର୍ବାଚନ ଦାବି କରିଛନ୍ତି। ପାଶ୍ଚାତ୍ୟ ଦେଶର ଗଣମାଧ୍ୟମ ଓ ପାକିସ୍ତାନର ଗଣମାଧ୍ୟମ ମଧ୍ୟ ଏହି ଅଭିଯୋଗ ଆଣିଛନ୍ତି। ପ୍ରତିବାଦ କରି ଜାତୀୟ ମିଳିତ ସାମ୍ମୁଖ୍ୟର ସାତଜଣ ସଦସ୍ୟ ଜାତୀୟ ସଂସଦରେ ଶପଥ ଗ୍ରହଣ କରିନାହାନ୍ତି। ୯୦ ଦିନ ମଧ୍ୟରେ ଶପଥ ଗ୍ରହଣ ନ କଲେ ସେମାନଙ୍କ ସଦସ୍ୟ ପଦ ବାତିଲ ହୋଇଯିବ। ଆମେରିକା ଓ ୟୁରୋପୀୟ ସଂଘ ହିଂସାକାଣ୍ଡ, ଜାଲିଆତି ଓ ଭୋଟଦାନରେ ବାଧା ସୃଷ୍ଟି ଇତ୍ୟାଦି ଅଭିଯୋଗର ତଦନ୍ତ କରିବା ନିମନ୍ତେ ନୂତନ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ହାସିନା ବର୍ତ୍ତମାନ ଦେଶର ସବୁଠାରୁ ଜନପ୍ରିୟ ଓ ପ୍ରଭାବଶାଳୀ ନେତ୍ରୀ। ସେ ଜଣେ ଦକ୍ଷ ଶାସକ ଭାବରେ ପ୍ରଶଂସିତ ଓ ପ୍ରଭୁତ୍ୱବାଦୀ ବ୍ୟକ୍ତି ଭାବରେ ସମାଲୋଚିତ। ବେଗମ୍ ଖାଲେଦା ଜିଆଙ୍କ କାରାବରଣ ପରେ ଦେଶରେ ତାଙ୍କ ସମକକ୍ଷ ନେତା ଆଉ ନାହାନ୍ତି। ଖାଲେଦା ଜିଆ ମଧ୍ୟ ତାଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ବ୍ୟାପକ ଦୁର୍ନୀତି ହେତୁ ଜନପ୍ରିୟତା ହରାଇ ବସିଛନ୍ତି।

ହାସିନାଙ୍କର ଗତ ଦଶବର୍ଷର ଶାସନ କାଳରେ ଭାରତ ସହ ତାଙ୍କ ଦେଶର ସମ୍ପର୍କରେ ଉନ୍ନତି ଘଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ତାଙ୍କୁ ଅଭିନନ୍ଦନ ଜଣାଇବାରେ ପ୍ରଥମ ବିଦେଶୀ ନେତା। ବାଂଲାଦେଶ ସାଙ୍ଗରେ ତିସ୍ତା ନଦୀଜଳ ବଣ୍ଟନ ସମ୍ବନ୍ଧୀୟ ଚୁକ୍ତି ସ୍ୱାକ୍ଷର ବାକି ଅଛି। ବାଂଲାଦେଶୀଙ୍କ ଭାରତରେ ଅନୁପ୍ରବେଶ ଓ ରୋହିଙ୍ଗ୍ୟା ମୁସଲମାନଙ୍କ ପ୍ରତ୍ୟର୍ପଣ ଆଦି ସମସ୍ୟା ମଧ୍ୟ ରହିଛି। ପ୍ରତିବର୍ଷ ପ୍ରାୟ ଦଶ ଲକ୍ଷ ବାଂଲାଦେଶୀ ଭିଜା ନେଇ ଭାରତ ଆସନ୍ତି। ସେମାନଙ୍କର ସୁବିଧା ନିମନ୍ତେ ବର୍ତ୍ତମାନ ଭାରତ ସରକାର ବାଂଲାଦେଶର ୧୫ଟି ଜାଗାରେ ଭିଜା ପ୍ରଦାନର ସୁବିଧା ଉପଲବ୍ଧ କରାଉଛନ୍ତି। ଦୁଇ ଦେଶର ବ୍ୟବସାୟ ବାଣିଜ୍ୟରେ ଉନ୍ନତି ନିମନ୍ତେ ଭାରତ ବାଂଲାଦେଶକୁ ସାଢ଼େ ୨ ବିଲିୟନ ଡଲାର ଋଣ ପ୍ରଦାନ କରିଛି ଏବଂ ଉଭୟ ଦେଶର ବାଣିଜ୍ୟରେ ଉନ୍ନତି ଘଟିଛି।

ହାସିନାଙ୍କ ସରକାର ଚାଇନା ସାଙ୍ଗରେ ସମ୍ପର୍କ ଉତ୍ତମ ରଖିଛନ୍ତି। କିନ୍ତୁ ଚାଇନାକୁ ତାଙ୍କ ଦେଶରେ ପ୍ରାଧାନ୍ୟ ପ୍ରଦାନ କରୁନାହାନ୍ତି। ହାସିନାଙ୍କ ନିର୍ବାଚନ ଭାରତ ପ୍ରତି ଶୁଭକାରକ। ତାଙ୍କ ସମୟରେ ବାଂଲାଦେଶରେ ଭାରତ ବିରୋଧୀ ମନୋଭାବ ହ୍ରାସ ପାଇଛି ଏବଂ ଆଗକୁ ଉଭୟ ଦେଶର ବିଭିନ୍ନ ସମସ୍ୟା ସମାଧାନର ବାଟ ଫିଟିବ ବୋଲି ଆଶା କରାଯାଏ।

ମୋ–୯୯୩୭୪୨୨୫୨୧

## ଏଇ ଭାରତରେ

ବିବାହ ଏକ ପବିତ୍ର ବନ୍ଧନ। ଏହା ପୁରୁଷ ଓ ସ୍ତ୍ରୀ ମଧ୍ୟରେ ଦୃଢ଼ ସମ୍ପର୍କ ସ୍ଥାପନ କରେ। କାହିଁ କେଉଁ ଅନାଦି କାଳରୁ ଏହି ପରମ୍ପରା ଚଳିଆସୁଛି। ବିବାହ ପରେ ପୁରୁଷ–ସ୍ତ୍ରୀ ମଧ୍ୟରେ ଦୈହିକ ସମ୍ପର୍କ ପବିତ୍ର। କିନ୍ତୁ ରାଞ୍ଚିର ଜନଜାତି ସମ୍ପ୍ରଦାୟ ବିବାହ ନ କରି ଦୀର୍ଘବର୍ଷ ଧରି ଏକତ୍ର ରହି ଆସୁଛନ୍ତି। ଏହା ପଛର ଅସଲ କାରଣ ହେଉଛି ବିବାହ ଉତ୍ସବରେ ଖର୍ଚ୍ଚକରିବା ଲାଗି ସେମାନଙ୍କ ପାଖରେ ଟଙ୍କା ନାହିଁ। ସେମାନଙ୍କ ଅସୁବିଧା ସମ୍ପର୍କରେ ଅବଗତ ହେବା ପରେ ଏଠାରେ ସାମାଜିକ ସେବା ଜାରି ରଖୁଥିବା ଏକ ସଂଗଠନ ଅଭାବୀ ଲୋକମାନଙ୍କର ବିବାହ କରାଉଛି। କେତେକ ଲୋକ ଏଠାରେ ୪୦ବର୍ଷରୁ ଅଧିକ ହେଲା ଏକାଠି ରହି ଆସୁଛନ୍ତି। ପିଲାଛୁଆ ହୋଇଥିଲେ ମଧ୍ୟ ଏହି ଦମ୍ପତି ଏ ପର୍ଯ୍ୟନ୍ତ ବିବାହ କରିନାହାନ୍ତି। ୨୦୧୬ରେ ଏଭଳି ୨୧ ଦମ୍ପତିଙ୍କର ବିବାହ କରାଯାଇଥିବାବେଳେ ୨୦୧୭ରେ ୪୩ ଏବଂ ୨୦୧୮ରେ ୧୩୨ ଦମ୍ପତିଙ୍କର ବିବାହ ହୋଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଓରାନ୍, ମୁଣ୍ଡା ଏବଂ ହୋ ଆଦି ଜନଜାତି ସମ୍ପ୍ରଦାୟର ଅନେକ ଲୋକ ଲିଭ୍–ଇନ୍–ରିଲେଶନ୍‌ଶିପ୍‌ରେ ରହି ଆସୁଛନ୍ତି।

## ଚିରନ୍ତନୀ

ବିରାଜିଲ ଧରାଧାମେ ଅଭିରାମ
ଅଦ୍ୱିତୀୟ ସତ୍ୟ
ମାନବର ବୁଦ୍ଧି ପରେ ବଢ଼ାଇଲ
ଆପଣା ମହତ୍ତ୍ୱ।
କର୍ମର ପ୍ରେରଣା ତୁମେ ବିଶ୍ୱର
ଆଳସ୍ୟହାରୀ ସୁଧା
କ୍ଷୁଦ୍ରର ଆକାଶ–ଚାନ୍ଦ କ୍ଷୁଧିତର
ହେ ଚରମ କ୍ଷୁଧା !
(ସୁନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଜାନୁୟାରୀ ୧୯୯୪

- ଆଙ୍ଗୋଲା ଗୃହଯୁଦ୍ଧରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ସହାୟତା କରିବା ପାଇଁ ଅଷ୍ଟ୍ରେଲିଆ ଜରୁରିକାଳୀନ ଅର୍ଥ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି।
- ଦକ୍ଷିଣ କାଲିଫର୍ଣ୍ଣିଆର ଲସ୍ ଏଞ୍ଜେଲସଠାରେ ଭୟାବହ ଭୂମିକମ୍ପ ଘଟି ୫୦ ଜଣଙ୍କ ମୃତ୍ୟୁ।
- କଂଗ୍ରେସ (ଇ) ସଭାପତି ପି.ଭି. ନରସିଂହ ରାଓ ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦରେ ବୀରାପ୍ପା ମୋଇଲିଙ୍କୁ ଅବ୍ୟାହତ ରଖିଛନ୍ତି।

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | 3 | | 0 | | | | | | | 4 | 2 | | B |
| | 7 | 9 | C | | | | | 8 | 1 | | B | | 5 | |
| | | 8 | 1 | | | | A | | 5 | | 7 | | | |
| D | | 2 | | | | 0 | | 1 | | E | | | | |
| | 0 | | 8 | | A | E | 5 | | | D | | | 7 | |
| | 9 | | | | | 5 | 0 | | | | A | | | E |
| | | 7 | | | | | 9 | 3 | C | 4 | 6 | | | |
| | | | | | 0 | | | | 7 | B | E | | A | 1 |
| | | 1 | | B | | | | 6 | 8 | 5 | | 3 | 0 | C |
| C | | | | | | | | | | | | 4 | D | |
| | 2 | 5 | | | | 6 | | A | | 9 | | | | |
| | 8 | | | C | | | | | | | | E | | |
| 7 | | | | 4 | | | 8 | 0 | | C | 5 | | | |
| | 1 | | 2 | 9 | | 3 | | | D | | | B | 8 | |
| | B | 4 | | | | | | 5 | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 9 | 1 | A | C | B | 6 | 4 | 8 | 7 | 0 | 2 | E | 3 | 5 |
| 4 | 6 | 2 | 7 | E | 1 | C | B | A | 8 | 3 | 5 | D | 0 | 9 |
| 0 | 7 | 3 | 5 | 9 | 4 | 1 | D | E | 6 | B | A | 2 | C | 8 |
| B | 8 | A | D | 3 | 0 | 5 | 7 | 2 | E | C | 9 | 6 | 1 | 4 |
| C | E | 5 | 8 | 2 | 6 | 3 | 9 | 0 | D | 4 | 1 | 7 | A | B |
| A | B | D | 6 | 7 | 2 | E | 0 | 4 | 3 | 8 | C | 5 | 9 | 1 |
| 2 | 0 | 6 | 1 | D | 5 | 9 | 3 | B | A | 7 | E | 8 | 4 | C |
| E | 4 | 9 | B | 8 | 3 | D | 1 | C | 0 | 5 | 6 | A | 7 | 2 |
| 1 | C | 8 | 9 | 4 | E | 7 | A | 5 | 2 | D | B | 0 | 6 | 3 |
| 3 | 5 | 7 | C | 0 | A | 2 | 8 | 6 | 9 | 1 | 4 | B | E | D |
| 6 | 1 | C | 0 | B | 7 | 4 | E | 9 | 5 | 2 | 8 | 3 | D | A |
| 9 | 3 | 4 | 2 | 6 | D | A | 5 | 1 | B | E | 0 | C | 8 | 7 |
| 7 | A | 0 | E | 5 | C | 8 | 2 | D | 4 | 9 | 3 | 1 | B | 6 |
| 5 | D | E | 4 | A | 8 | B | C | 3 | 1 | 6 | 7 | 9 | 2 | 0 |
| 8 | 2 | B | 3 | 1 | 9 | 0 | 6 | 7 | C | A | D | 4 | 5 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିଶା ସମ୍ପୂର୍ଣ୍ଣ ବନ୍ଦ ହେଉ

ମହାଶୟ,

ନିଶା ଏକ ମାରାତ୍ମକ ଜିନିଷ। ମଣିଷ ଯେତେବେଳେ ନିଶାଗ୍ରସ୍ତ ହୋଇଯାଏ ସେତେବେଳେ ସେ ହିତାହିତ ଜ୍ଞାନ ଭୁଲିଯାଏ। ନିଶାଖୋର ବ୍ୟକ୍ତି ଅନେକ ଅପରାଧ ଓ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହନ୍ତି। ସମାଜରେ ତାଙ୍କର ମାନସମ୍ମାନ ରହେନାହିଁ। ଯେତେବେଳେ ଅସାମାଜିକ କାର୍ଯ୍ୟକଳାପ ଦ୍ୱାରା ନିଜକୁ ବା ନିଜ ଜୀବନକୁ ବୃଥା ମନେକରେ ସେତେବେଳେ ତା'ର ଆତ୍ମହତ୍ୟାପ୍ରବଣତା ଜାଗ୍ରତ ହୁଏ। ତେଣୁ ଆମ ରାଜ୍ୟରେ ବିହାର ପରି ସମ୍ପୂର୍ଣ୍ଣ ମଦ ବନ୍ଦ କରାଯିବା ସହ ସବୁ ପ୍ରକାର ନିଶା ସେବନକୁ ନିରୁତ୍ସାହିତ କରାଯିବା ଉଚିତ।

ଅଜିତ ବେଉରା, ଶୈଳଶ୍ରୀ ବିହାର, ଭୁବନେଶ୍ୱର

### ବଳାତ୍କାରୀଙ୍କୁ ଦଣ୍ଡ ମିଳୁ

ରାଜ୍ୟରେ ବଳାତ୍କାରୀମାନଙ୍କୁ କଠୋର ଦଣ୍ଡ ଦିଆଯାଉ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଅସଦାଚରଣ ଥମୁନାହିଁ। ପୋଲିସର କାର୍ଯ୍ୟାନୁଷ୍ଠାନ ଆଖିଦୃଶିଆ ନୁହେଁ। ଆଇନକୁ ଲଂଘନ କରି ସମାଜରେ ବିଶୃଙ୍ଖଳାକୁ ପ୍ରଶ୍ରୟ ଦିଆ ନ ଯାଉ। ଏଥିପାଇଁ ନାରୀମାନଙ୍କୁ ସମ୍ମାନ ମିଳିବା ବଦଳରେ ସେମାନଙ୍କ ପକ୍ଷରୁ ନ୍ୟାୟଭିକ୍ଷା କରାଯାଉଛି। ଏପରିକି ପିପିଲିର ବେବିନା, ସାଲେପୁର ନାବାଳିକା ପ୍ରତି ବଳାତ୍କାର ଘଟଣା ଲୋମହର୍ଷଣକାରୀ। ଗୋଟିଏ ପରେ ଗୋଟିଏ ଘଟଣା ମହିଳାଙ୍କ ସମ୍ମାନରେ ଆଘାତ ଆଣୁଛି। ଭବିଷ୍ୟତରେ ଏହାର ପୁନରାବୃତ୍ତି ନ ହେଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ଶ୍ରୀମନ୍ଦିରରେ ବିଶୃଙ୍ଖଳା

ଶ୍ରୀମନ୍ଦିର ସେବାୟତ ଓ ସରକାରଙ୍କ ମଧ୍ୟରେ ବିଚାରବିମର୍ଶ ସର୍ବଦା ଚାଲିଛି। କିନ୍ତୁ ସମସ୍ୟାର ସମାଧାନ ହେଉନାହିଁ। ସେବାୟତ କହୁଛନ୍ତି, ଶ୍ରୀଜଗନ୍ନାଥ ଆମ ପୈତୃକ ସମ୍ପତ୍ତି, ଏଥିରେ ଆଉ କାହାରି ଅଧିକାର ନାହିଁ। ସରକାର ଆମ କଥାକୁ ଗ୍ରହଣ କରନ୍ତୁ, ତା' ନ ହେଲେ ନୀତି ବନ୍ଦ। ସରକାର ଦୃଢ଼ ପଦକ୍ଷେପ ନେଉନାହାନ୍ତି। ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ଯଦି ଦର୍ଶନ ନ କରି ଫେରିନ୍ତି ଓଡ଼ିଶାକୁ ଆଉ ଆସିବେ କି?

ପ୍ରଭାତ ପାଣି, ବଡ଼ବାଗସାହି, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



୨୦୧୯ ବଜେଟ ଦେଶର ଚାଷୀଙ୍କ ପାଇଁ ଆଶ୍ୱସ୍ତି ଆଣିଦେବ ବୋଲି ଶୁକ୍ରବାର ଭାଜପା ପକ୍ଷରୁ କୁହାଯାଇଛି। ଭାଜପା କୃଷକ ସେଲ୍ ଅଧ୍ୟକ୍ଷ ବୀରେନ୍ଦ୍ର ସିଂ ମସ୍ତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, କୃଷି ଋଣଛାଡ଼ ଏକ ସ୍ଥାୟୀ ସମାଧାନ ନୁହେଁ।


**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ଏସ୍‌ଇଆର୍‌ସିଓଏନ୍-ଜିଆର୍‌ସି-ସିଇ-ସି-୦୧-୯୫-୧୮; (୨) ଏସ୍‌ଇଆର୍‌ସିଓଏନ୍-ଜିଆର୍‌ସି-ସିଇ-ସି-୦୧-୯୬-୧୮। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଓଏନ୍)/I/ଜିଆର୍‌ସି, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହା ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି। ଟେଣ୍ଡର ଧାର୍ଯ୍ୟ ତାରିଖ ଦିନ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ। **କ୍ର.ସଂ., କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା, ଧାର୍ଯ୍ୟ ତାରିଖ, ଆନୁମାନିକ ମୂଲ୍ୟ, ଇଏମ୍‌ଡି, ସମାପ୍ତି ଅବଧି** ନିମ୍ନ ଅନୁଯାୟୀ ହେବ: (୧) ହାଟିଆ-ବଣ୍ଡମୁଣ୍ଡା ସେକ୍ସନ ମଧ୍ୟରେ ଡବ୍‌ଲିଂ କାର୍ଯ୍ୟ- ମାଟିକାମ, ଛୋଟ ସେତୁ, ପି.ୱେ. ଲିଙ୍କିଙ୍ଗ୍, ଟ୍ରାକ୍ ବାଲାଷ୍ଟ ଯୋଗାଣ ଇତ୍ୟାଦି ତାତି (ୟାର୍ଡ ଅନ୍ତର୍ଭୁକ୍ତ) - (ଏକ୍ସ) ପ୍ରବତୋନିଆ (ୟାର୍ଡ ବହିର୍ଭୂତ) ଷ୍ଟେଶନ ମଧ୍ୟରେ କିମି: ୫୩୮ରୁ କିମି: ୫୪୫.୪୦୦ ଇତ୍ୟାଦି ପର୍ଯ୍ୟନ୍ତ, **୧୩।୦୨।୨୦୧୯**, ₹୫୮.୧୪ କୋଟି, ₹୩୦,୫୭,୧୦୦/-, ୧୮ ମାସ; (୨) ହାଟିଆ-ବଣ୍ଡମୁଣ୍ଡା ସେକ୍ସନ ମଧ୍ୟରେ ଡବ୍‌ଲିଂ କାର୍ଯ୍ୟ- ମାଟିକାମ, ଛୋଟ ସେତୁ, ପି.ୱେ. ଲିଙ୍କିଙ୍ଗ୍, ଟ୍ରାକ୍ ବାଲାଷ୍ଟ ଯୋଗାଣ ଇତ୍ୟାଦି ପ୍ରବତୋନିଆ (ୟାର୍ଡ ଅନ୍ତର୍ଭୁକ୍ତ) - ଓର୍ଗା (ଓର୍ଗା ୟାର୍ଡ ବହିର୍ଭୂତ) ଷ୍ଟେଶନ ମଧ୍ୟରେ କିମି: ୫୪୫.୪୦୦ରୁ କିମି: ୫୫୩.୫୦୦ ଇତ୍ୟାଦି ପର୍ଯ୍ୟନ୍ତ, **୧୩।୦୨।୨୦୧୯**, ₹୫୫.୮୨ କୋଟି, ₹୨୯,୪୧,୧୦୦/-, ୧୮ ମାସ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ www.ireps.gov.in ପରିଦର୍ଶନ କରିବା ଆବଶ୍ୟକ।** PR-1026

**ପୂର୍ବ ତଟ ରେଳପଥ**

**ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଜେନେରାଲ ମାଇନର ୟୁନିଟ୍ ନମ୍ବର-ମହିଳା (GMU-Ladies) ଖାଦ୍ୟ ସରବରାହ ସେବା ବ୍ୟବସ୍ଥା**

(1) ଟେଣ୍ଡର ବିଜ୍ଞପ୍ତି ସଂ.G129/Catg/Stalls/GMU (Ladies)/KUR Divn, ତା.15.01.2019 ରିଖ

**କ୍ରମ ସଂ.01:** ଷ୍ଟେସନର ନାମ: ଭଦ୍ରକ, ସ୍ଥାନ: ପ୍ଲାଟଫର୍ମ ନଂ.1/2 (ବିଶାଖାପାଟଣା ସୀମା ପଟରୁ-ପୁରୁଣା ଫୁଟ୍ ଓଭର ବ୍ରିଜ୍ ନିକଟରେ), 05 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ): 9.75 ଲକ୍ଷ, ମୋଟ୍ ମୂଲ୍ୟ ଉପରେ 5% EMD ଜମା (ଟଙ୍କାରେ): 48,800/-।

**କ୍ରମ ସଂ.02:** ଷ୍ଟେସନର ନାମ: ଯାଜପୁର କେନ୍ଦୁଝର ରୋଡ଼, ସ୍ଥାନ: ପ୍ଲାଟଫର୍ମ ନଂ.2/3(ବିଶାଖାପାଟଣା ସୀମା ପଟରୁ-ନୂଆ ପ୍ଲାଟଫର୍ମ ସେଲ୍ଟର ତଳେ), 05 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ): 10.00 ଲକ୍ଷ, ମୋଟ୍ ମୂଲ୍ୟ ଉପରେ 5% EMD ଜମା (ଟଙ୍କାରେ): 50,000/-।

**କ୍ରମ ସଂ.03:** ଷ୍ଟେସନର ନାମ: ଭୁବନେଶ୍ୱର, ସ୍ଥାନ: ପ୍ଲାଟଫର୍ମ ନଂ.2/3(ପିଲର ନଂ.71 ନିକଟରେ), 05 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ): 9.00 ଲକ୍ଷ, ମୋଟ୍ ମୂଲ୍ୟ ଉପରେ 5% EMD ଜମା (ଟଙ୍କାରେ): 45,000/-।

**କ୍ରମ ସଂ.04:** ଷ୍ଟେସନର ନାମ: ଭୁବନେଶ୍ୱର, ସ୍ଥାନ: ପ୍ଲାଟଫର୍ମ ନଂ.6(ବିଶାଖାପାଟଣା ସୀମା ପଟରୁ-ପିଲର ନଂ.152 ଏବଂ 153), 05 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ): 25.50 ଲକ୍ଷ, ମୋଟ୍ ମୂଲ୍ୟ ଉପରେ 5% EMD ଜମା (ଟଙ୍କାରେ): 1,27,500/-।

**କ୍ରମ ସଂ.05:** ଷ୍ଟେସନର ନାମ: ଭୁବନେଶ୍ୱର, ସ୍ଥାନ: ପ୍ଲାଟଫର୍ମ ନଂ.6(ପିଲର ନଂ.143 ଏବଂ 144 ମଧ୍ୟରେ), 05 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ): 25.50 ଲକ୍ଷ, ମୋଟ୍ ମୂଲ୍ୟ ଉପରେ 5% EMD ଜମା (ଟଙ୍କାରେ): 1,27,500/-।

**କ୍ରମ ସଂ.06:** ଷ୍ଟେସନର ନାମ: ଭୁବନେଶ୍ୱର, ସ୍ଥାନ: ପ୍ଲାଟଫର୍ମ ନଂ.6(ହାଓଡ଼ା ସୀମା ପଟରୁ-ପିଲର ନଂ.140 ଏବଂ 141 ମଧ୍ୟରେ), 05 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ): 25.50 ଲକ୍ଷ, ମୋଟ୍ ମୂଲ୍ୟ ଉପରେ 5% EMD ଜମା (ଟଙ୍କାରେ): 1,27,500/-।

**କ୍ରମ ସଂ.07:** ଷ୍ଟେସନର ନାମ: ଖୋର୍ଦ୍ଧା ରୋଡ଼, ସ୍ଥାନ: ପ୍ଲାଟଫର୍ମ ନଂ.2(ପ୍ଲାଟଫର୍ମ ମଝିରେ-ଫୁଟ୍ ଓଭର ବ୍ରିଜ୍ ନିକଟରେ), 05 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ): 15.48 ଲକ୍ଷ, ମୋଟ୍ ମୂଲ୍ୟ ଉପରେ 5% EMD ଜମା (ଟଙ୍କାରେ): 77,400/-।

**କ୍ରମ ସଂ.08:** ଷ୍ଟେସନର ନାମ: ଖୋର୍ଦ୍ଧା ରୋଡ଼, ସ୍ଥାନ: ପ୍ଲାଟଫର୍ମ ନଂ.6/7(ପିଲର ନଂ.09 ଏବଂ 10 ମଧ୍ୟରେ), 05 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ): 14.50 ଲକ୍ଷ, ମୋଟ୍ ମୂଲ୍ୟ ଉପରେ 5% EMD ଜମା (ଟଙ୍କାରେ): 72,500/-।

**କ୍ରମ ସଂ.09:** ଷ୍ଟେସନର ନାମ: ପୁରୀ, ସ୍ଥାନ: ପ୍ଲାଟଫର୍ମ ନଂ.3/4(ପୁରୀ ସୀମା ପଟରୁ-ପିଲର ନଂ.10 ଏବଂ 11 ମଧ୍ୟରେ), 05 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ): 18.00 ଲକ୍ଷ, ମୋଟ୍ ମୂଲ୍ୟ ଉପରେ 5% EMD ଜମା (ଟଙ୍କାରେ): 90,000/-।

**କ୍ରମ ସଂ.10:** ଷ୍ଟେସନର ନାମ: ବ୍ରହ୍ମପୁର, ସ୍ଥାନ: ପ୍ଲାଟଫର୍ମ ନଂ.4 (କଂକ୍ରିଟ ଷ୍ଟ୍ରକ୍ଚର-ପ୍ରବେଶ ପଥ ନିକଟରେ), 05 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ): 11.50 ଲକ୍ଷ, ମୋଟ୍ ମୂଲ୍ୟ ଉପରେ 5% EMD ଜମା (ଟଙ୍କାରେ): 57,500/-।

**କ୍ରମ ସଂ.11:** ଷ୍ଟେସନର ନାମ: ପଲାସା, ସ୍ଥାନ: ପ୍ଲାଟଫର୍ମ ନଂ.2/3(ମଧ୍ୟଭାଗ), 05 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ): 5.50 ଲକ୍ଷ, ମୋଟ୍ ମୂଲ୍ୟ ଉପରେ 5% EMD ଜମା (ଟଙ୍କାରେ): 27,500/-।

ଷ୍ଟେସନ ବର୍ଗ: "A"(କ୍ରମ ସଂ.1,2,7,8,10 ଏବଂ 11 ନିମନ୍ତେ) ଏବଂ "A-1"(କ୍ରମ ସଂ.3 ରୁ 6 ଏବଂ 9 ନିମନ୍ତେ), ଖାଦ୍ୟ ସରବରାହ ୟୁନିଟ୍‌ର ନାମ: ଖାଦ୍ୟ ସରବରାହ ଷ୍ଟଲ (କ୍ରମ ସଂ.1,2 ଏବଂ 4 ରୁ 10 ପର୍ଯ୍ୟନ୍ତ) ଏବଂ ତାଜା ଫଳ ଏବଂ ଜୁସ୍ ଷ୍ଟଲ (କ୍ରମ ସଂ. 3 ଏବଂ 11 ନିମନ୍ତେ), ଷ୍ଟଲ ସ୍ଥିତି: ନୂତନ ଷ୍ଟଲ : (କ୍ରମ ସଂ.1, 4 ରୁ 6 ଏବଂ 8 ରୁ 10 ପର୍ଯ୍ୟନ୍ତ) ତଥା ପ୍ରଚଳିତ ଷ୍ଟଲ (କ୍ରମ ସଂ.2,3,7 ଏବଂ 11)।

**ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଜେନେରାଲ ମାଇନର ୟୁନିଟ୍ ନମ୍ବର(GMU) ଖାଦ୍ୟ ସରବରାହ ସେବା ବ୍ୟବସ୍ଥା**

(2) ଟେଣ୍ଡର ବିଜ୍ଞପ୍ତି ସଂ.G129/Catg/Stalls/GMU/ KUR Divn, ତା.15.01.2019 ରିଖ

**କ୍ରମ ସଂ.01:** ଷ୍ଟେସନର ନାମ: ପୁରୀ, ସ୍ଥାନ: ପ୍ଲାଟଫର୍ମ ନଂ.1/2(ପିଲର ନଂ.1 ଏବଂ 2), 05 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ): 18.75 ଲକ୍ଷ, ମୋଟ୍ ମୂଲ୍ୟ ଉପରେ 5% EMD ଜମା (ଟଙ୍କାରେ): 93,800/-।

**କ୍ରମ ସଂ.02:** ଷ୍ଟେସନର ନାମ: ପୁରୀ, ସ୍ଥାନ: ପ୍ଲାଟଫର୍ମ ନଂ.5/6(ଖୋର୍ଦ୍ଧା ରୋଡ଼ ସୀମା ପଟରୁ-ପିଲର ନଂ.18 ଏବଂ 19), 05 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ): 18.75 ଲକ୍ଷ, ମୋଟ୍ ମୂଲ୍ୟ ଉପରେ 5% EMD ଜମା (ଟଙ୍କାରେ): 93,800/-।

**କ୍ରମ ସଂ.03:** ଷ୍ଟେସନର ନାମ: ଛତ୍ରପୁର, ସ୍ଥାନ: ପ୍ଲାଟଫର୍ମ ନଂ.1/2(ପ୍ଲାଟଫର୍ମ ମଝିରେ), 05 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ): 4.25 ଲକ୍ଷ, ମୋଟ୍ ମୂଲ୍ୟ ଉପରେ 5% EMD ଜମା (ଟଙ୍କାରେ): 21,300/-।

**କ୍ରମ ସଂ.04:** ଷ୍ଟେସନର ନାମ: ବ୍ରହ୍ମପୁର, ସ୍ଥାନ: ପ୍ଲାଟଫର୍ମ ନଂ.2/3(ହାଓଡ଼ା ସୀମା ପଟରୁ-ପିଲର 23 ଏବଂ 24), 05 ବର୍ଷ ପାଇଁ ସର୍ବନିମ୍ନ ଲାଇସେନ୍ସ ଶୁଳ୍କ/ଆରକ୍ଷଣ ମୂଲ୍ୟ (ଟଙ୍କାରେ): 10.50 ଲକ୍ଷ, ମୋଟ୍ ମୂଲ୍ୟ ଉପରେ 5% EMD ଜମା (ଟଙ୍କାରେ): 52,500/-।

ଷ୍ଟେସନ ବର୍ଗ: "A-1"(କ୍ରମ ସଂ.1ଏବଂ 2 ନିମନ୍ତେ), "B"(କ୍ରମ ସଂ.3 ନିମନ୍ତେ) ଏବଂ "A"(କ୍ରମ ସଂ.4 ନିମନ୍ତେ), ଖାଦ୍ୟ ସରବରାହ ୟୁନିଟ୍‌ର ନାମ: ଖାଦ୍ୟ ସରବରାହ ଷ୍ଟଲ (କ୍ରମ ସଂ.1ରୁ 4 ପର୍ଯ୍ୟନ୍ତ), ଷ୍ଟଲ ସ୍ଥିତି: ନୂତନ ଷ୍ଟଲ : (କ୍ରମ ସଂ.1 ରୁ 4 ପର୍ଯ୍ୟନ୍ତ)।

ବିଡ୍ ନଥିପତ୍ର ବିକ୍ରି ହେବା ତାରିଖ ଓ ସମୟ: ତା.19.01.2019 ରିଖ ଠାରୁ ତା.19.02.2019 ରିଖ 1200 ଘଟିକା ପର୍ଯ୍ୟନ୍ତ (ସମସ୍ତ ଟେଣ୍ଡର ନିମନ୍ତେ), ବିଡ୍ ଗ୍ରହଣ କରାଯିବା ତାରିଖ ଓ ସମୟ: ତା.19.02.2019 ରିଖ 1400 ଘଟିକା ପର୍ଯ୍ୟନ୍ତ (ସମସ୍ତ ଟେଣ୍ଡର ନିମନ୍ତେ), **ବିଡ୍ ଖୋଲାଯିବା ତାରିଖ ଓ ସମୟ:** ତା.19.02.2019 ରିଖ1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ବିଡ୍ ନଥିପତ୍ର ଉପଲବ୍ଧ ହେବା ସ୍ଥାନ: ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ (ସମନ୍ୱୟ), ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ସା/ପୋଷ୍ଟ:ଜଟଣୀ, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା), ପିନ୍-752050, ଟେଲିଫୋନ୍ ନଂ.0674-2372750, ଫାକ୍ସ: 0674-2490679ଙ୍କ କାର୍ଯ୍ୟାଳୟରେ। ବିଡ୍ ନଥିପତ୍ର ୱେବ୍‌ସାଇଟ୍ www.eastcoastrail.indianrailways.gov.in ରେ ମଧ୍ୟ ଉପଲବ୍ଧ ହେବ।

ଯଦି ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରାଯାଇଥିବା ଟେଣ୍ଡର ନଥିପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ଏବଂ ଟେଣ୍ଡର ଆବେଦନକାରୀ(ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ।

ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ(ସମନ୍ୱୟ)/ ଖୋର୍ଦ୍ଧା ରୋଡ଼

PR-430/J/18-19


## ଭାଜପା ମହିଳା ମୋର୍ଚ୍ଚାର ଅଭିନବ ପ୍ରତିବାଦ

# ମନ୍ତ୍ରୀ, ବିଧାୟକଙ୍କ ବାସଭବନରେ ଚୁଡ଼ି ବାନ୍ଧି ବିକ୍ଷୋଭ

ଭୁବନେଶ୍ୱର,୧୮।୧ (ବ୍ୟୁରୋ)

ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଭାଜପା ମହିଳା ମୋର୍ଚ୍ଚା ଏଭଳି ଅଭିଯୋଗ ଆଣି ଶୁକ୍ରବାର ଅଭିନବ ଉପାୟରେ ବିକ୍ଷୋଭ ପ୍ରଦର୍ଶନ କରିଛି। ମହିଳା ମୋର୍ଚ୍ଚା ପକ୍ଷରୁ ଶାସକ ଦଳର ମନ୍ତ୍ରୀ ଓ ବିଧାୟକଙ୍କ ଘର ଆଗରେ ଚୁଡ଼ି ବାନ୍ଧି ପ୍ରତିବାଦ କରାଯାଇଛି।

ଭାଜପା ମହିଳା ମୋର୍ଚ୍ଚାର ଉପସଭାନେତ୍ରୀ ନିୟତି ଗିରିଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଭୁବନେଶ୍ୱର ଏମ୍‌ଏଲ୍‌ଏ କଲୋନୀ ଅଭିମୁଖେ ଯାଇଥିଲେ। କେତେଜଣଙ୍କୁ ପୋଲିସ ରବୀନ୍ଦ୍ର ମଣ୍ଡପ ନିକଟରେ ଅଟକାଇଥିବା ବେଳେ ଅନ୍ୟ କେତେଜଣ ପୋଲିସକୁ ଚକ୍‌ମା ଦେଇ ଏମ୍‌ଏଲ୍‌ଏ କଲୋନୀ ଭିତରକୁ ପଶି ଯାଇଥିଲେ। ସେମାନେ ଶାସକ ଦଳର କେତେଜଣ ମନ୍ତ୍ରୀ ଓ ବିଧାୟକଙ୍କ ସରକାରୀ ବାସଭବନ ଆଗରେ ଚୁଡ଼ି ବାନ୍ଧିଥିଲେ। ଏହି ସମୟରେ ଉପସ୍ଥିତ ପୋଲିସ କର୍ମଚାରୀମାନେ ସେମାନଙ୍କୁ ଗାଳିଗୁଲଜ କରିଥିବା ମହିଳା କର୍ମୀମାନେ ଅଭିଯୋଗ କରିଛନ୍ତି। ପୋଲିସ ଅନେକ ଆନ୍ଦୋଳନକାରୀଙ୍କୁ ଅଟକ ରଖି ପରେ ଛାଡ଼ି ଦେଇଛି।

ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି, ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହେବା ପଛରେ ଶାସକ ଦଳର ହାତ ରହିଛି। କ୍ରାଇମବ୍ରାଞ୍ଚକୁ ହାତ କରି ସେମାନେ ପ୍ରମାଣ ନଷ୍ଟ କରି ଆଇନର ଫାଶରୁ ଖସି ଯାଉଛନ୍ତି। କେବଳ ଏହି ଗୋଟିଏ ଘଟଣା ନୁହେଁ। କୁନ୍ଦୁଲି ଘଟଣାରେ ମଧ୍ୟ ସରକାର ଜାଣିଶୁଣି ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଇଲେ। ତେଣୁ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ। ଏହାର ପ୍ରତିବାଦରେ ଆମେ ଶାସକ ଦଳର ମନ୍ତ୍ରୀ ଓ ବିଧାୟକଙ୍କୁ ଚୁଡ଼ି ଉପହାର ଦେଲୁ। ମହିଳା ମୋର୍ଚ୍ଚାର ଉପ ସଭାନେତ୍ରୀ କାନନବାଳା ପଟ୍ଟନାୟକ, ସମ୍ପାଦିକା ରଶ୍ମିରେଖା ଦାସ, କୋଷାଧ୍ୟକ୍ଷ ବିଜୟାଲକ୍ଷ୍ମୀ ମହାପାତ୍ର ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।



ପିପିଲି ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଭାଜପା ମହିଳା କର୍ମୀମାନେ ବିଧାୟକଙ୍କ ଘରେ ପଶି ଚୁଡ଼ି ପିନ୍ଧାଇବାକୁ ଉଦ୍ୟମ କରୁଛନ୍ତି।

# କଲିକତାରେ ମହାମେଣ୍ଟ କାର୍ଯ୍ୟକ୍ରମ: ସାମିଲ ହେବନି ବିଜେଡି

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ବିଜୁ ଜନତା ଦଳ କଲିକତାରେ ଶନିବାର ଆୟୋଜିତ ହେବାକୁ ଥିବା ମହାମେଣ୍ଟ କାର୍ଯ୍ୟକ୍ରମରେ ଯୋଗଦେବ ନାହିଁ। ବିଜେଡି ପୂର୍ବଭଳି ଜାତୀୟ ରାଜନୀତିରେ ଦୁଇ ପ୍ରମୁଖ ମେଣ୍ଟଠାରୁ ସମଦୂରତ୍ୱ ନୀତି ବଜାୟ ରଖିବ। ରାଜ୍ୟ ସଭା ସଦସ୍ୟ ତଥା ବିଜେଡି ମୁଖପାତ୍ର ପ୍ରତାପ କେଶରୀ ଦେବ ଏହା ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ୨୦୦୯ରୁ ଦଳ ସମଦୂରତ୍ୱ ଅବଲମ୍ବନ କରୁଥିବାରୁ ବର୍ତ୍ତମାନ ପରିସ୍ଥିତିରେ କୌଣସି ମେଣ୍ଟ କାର୍ଯ୍ୟକ୍ରମରେ ସାମିଲ ହେବାର ଆବଶ୍ୟକ ନଥିବା ପ୍ରତାପ କହିଛନ୍ତି। ତୃଣମୂଳ କଂଗ୍ରେସ ପକ୍ଷରୁ ବିଜୁ ଜନତା ଦଳକୁ ମହାମେଣ୍ଟ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ନିମନ୍ତ୍ରଣ କରାଯାଇଥିବା ସୂତ୍ରରୁ ପ୍ରକାଶ।

ଗତ ଡିସେମ୍ବରରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଓଡ଼ିଶା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ। ଏହି ସମୟରେ ଅଣଭାଜପା ଏବଂ ଅଣକଂଗ୍ରେସ ଦଳଗୁଡିକୁ ନେଇ ଫେଡେରାଲ ଫ୍ରଣ୍ଟ ଚର୍ଚ୍ଚା ଜୋର୍ ଧରିଥିଲା। ହେଲେ ପରବର୍ତ୍ତୀ ସମୟରେ ଏ ନେଇ ବିଜେଡି କୌଣସି ସ୍ପଷ୍ଟ ସୂଚନା ଦେଇନାହିଁ। ନିକଟରେ ଦଳ ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ କୃଷକ ଅଧିକାର ସମାବେଶରେ ଏନ୍‌ଡିଏକୁ କଡ଼ା ସମାଲୋଚନା କରାଯାଇଥିଲା। ଉକ୍ତ ଦିନ ମହାମେଣ୍ଟ ସମ୍ପର୍କରେ ବିଜେଡି ଆଭିମୁଖ୍ୟକୁ ନେଇ ଜାତୀୟ ଗଣମାଧ୍ୟମ ନବୀନଙ୍କ ମତ ଲୋଡିଥିଲେ। ଏ ନେଇ ନବୀନ କହିଥିଲେ ଯେ, ମହାମେଣ୍ଟରେ ବିଜେଡି ସାମିଲ ହେବ କି ନାହିଁ, ସେନେଇ ନିଷ୍ପତ୍ତି ନେବାକୁ ଆହୁରି ସମୟ ଲାଗିବ। ହେଲେ ଏହାର ଗୋଟିଏ ଦିନ ପରେ ଓଡ଼ିଶାରେ ବିଜେଡି ମହାମେଣ୍ଟରେ ସାମିଲ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଥିଲେ।

## ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା

# ଥାନାରେ ଅଭିଯୋଗ କଲା ବୋର୍ଡ

**କଟକ ଅଫିସ/ ଭୁବନେଶ୍ୱର, ୧୮।୧(ବ୍ୟୁରୋ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପରିଚାଳନାଧୀନ ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ(ଓଟିଇଟି) ପ୍ରଶ୍ନପତ୍ର ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ଲିକ୍ ହୋଇଥିଲା। ଫଳରେ ପରୀକ୍ଷାକୁ ବାତିଲ କରାଯାଇଥିଲାବେଳେ ବୋର୍ଡର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିଛି। ପ୍ରଶ୍ନପତ୍ର ଲିକ୍‌କୁ ନେଇ ବୋର୍ଡ ସଭାପତି ଡ. ଜହାଁ ଆରା ବେଗମ ଶୁକ୍ରବାର ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୪୦୮ ଏବଂ 'ଦ ଓଡ଼ିଶା କଣ୍ଡକ୍ଟ ଅଫ୍ ଏକ୍ସାମିନେଶନ୍ ଆକ୍ଟ ୧୯୮୮'ର ସେକ୍ସନ ୯ ଅନୁଯାୟୀ ଏକ ମାମଲା(୧୫/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ ଶୁକ୍ରବାର ବୋର୍ଡକୁ ନିକଟସ୍ଥ ଥାନାରେ ଅଭିଯୋଗ କରିବା ପାଇଁ କହିବା ପରେ ସଭାପତି ବେଗମ ଥାନାରେ ଅଭିଯୋଗ କରିଛନ୍ତି। ଭୁବନେଶ୍ୱରରେ ଖବରଦାତାମାନଙ୍କୁ ଉପାଧ୍ୟାୟ କହିଥିଲେ, ବୋର୍ଡ ପକ୍ଷରୁ ଘଟଣାର ତଦନ୍ତ ପାଇଁ ଯେଉଁ ଚିଠି ପଠାଯାଇଥିଲା ତାହା ଆମେ ପାଇଛୁ। କିନ୍ତୁ ବୋର୍ଡ ପକ୍ଷରୁ କୌଣସି ଲିଖିତ ଅଭିଯୋଗ କରାଯାଇନାହିଁ। ଲିଖିତ ଅଭିଯୋଗ କରାଗଲେ ଆମେ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବୁ। ଏହାସହ କେଉଁଠୁ ସୋସିଆଲ ମିଡିଆରେ ପ୍ରଶ୍ନପତ୍ର ଭାଇରାଲ ହୋଇଛି ତାହା ମଧ୍ୟ ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି।

ସଭାପତି ବେଗମ ଅଭିଯୋଗରେ ଦର୍ଶାଇଛନ୍ତି, ବୋର୍ଡ ପକ୍ଷରୁ ଗତ ୧୬ ତାରିଖ ଓଟିଇଟି ପରୀକ୍ଷା ପାଇଁ ଧାର୍ଯ୍ୟ କରାଯାଇଥିଲା। ୨୫୧ କେନ୍ଦ୍ରକୁ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପଠାଇ ଦିଆଯାଇଥିଲା। ହେଲେ ପରୀକ୍ଷାର କିଛି ସମୟ ପରେ ଗଣମାଧ୍ୟମରୁ ଆମେ ପ୍ରଶ୍ନପତ୍ର ଲିକ୍ ହୋଇଛି ବୋଲି ଜାଣିବାକୁ ପାଇଥିଲୁ। ଯାଞ୍ଚ କରିବାରୁ ଲିକ୍ ହୋଇଥିବା ପ୍ରଶ୍ନପତ୍ର ସହ ଆମର ପ୍ରଶ୍ନପତ୍ର ସମାନ ଥିବା ଜାଣିବାକୁ ପାଇଥିଲୁ। ତେଣୁ ତୁରନ୍ତ ପରୀକ୍ଷା ବାତିଲ କଲୁ। ଘଟଣାର ତଦନ୍ତ କରି ଦୋଷୀଙ୍କୁ ଧରିବା ପାଇଁ ସେ ଉଲ୍ଲେଖ କରିଛନ୍ତି।

ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ଆମେ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛୁ। କେଉଁ ସ୍ଥାନରୁ ପ୍ରଶ୍ନପତ୍ର ଲିକ୍ ହୋଇଥିଲା ତାହା ଉପରେ ଆମେ ପ୍ରଥମେ ଗୁରୁତ୍ୱ ଦେବୁ ବୋଲି ସେ କହିଛନ୍ତି।

# ୧୦ ଡିଗ୍ରୀ ତଳେ ୧୦ ସହର

**ଭୁବନେଶ୍ୱର,୧୮।୧(ବ୍ୟୁରୋ):** ପଶ୍ଚିମ ଓଡିଶାରେ ଶୀତର ପ୍ରକୋପ ଜାରି ରହିଛି। ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ଅନୁଗୋଳ, ବୌଦ୍ଧ, ସୋନପୁର ଏବଂ ବଲାଙ୍ଗୀର ଜିଲାରେ ଶୀତ ଲହରୀ ଜାରି ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ଏହି ଅଞ୍ଚଳରେ ପାରଦ ୧୦ ଡିଗ୍ରୀ ତଳେ ରହିବ। କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ଆହୁରି ତଳକୁ ଖସିବ ବୋଲି ଅନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥବା ସୂଚନା ଅନୁଯାୟୀ ଫୁଲବାଣୀରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୮.୬, ଝାରସୁଗୁଡା ୯.୮, କେନ୍ଦୁଝର ୯.୮, ସୁନ୍ଦରଗଡ ୯.୫, ସମ୍ବଲପୁର ୧୦, ଭବାନୀପାଟଣା ୯.୮, ଟିଟିଲାଗଡ ୯.୫, ସୋନପୁର ୮.୪ ଏବଂ ଦାରିଙ୍ଗୀବାଡିରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# 'ପିଠା'କୁ ନେଇ ରାଜନୀତି ଜୋରଦାର

## ଧାମନଗର ବିଧାୟକଙ୍କ କୁଶପୁତ୍ତଳିକା ଦାହ

**ତିହିଡ଼ି, ୧୮।୧ (ଡି.ଏନ୍.ଏ.) :** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧା ପଞ୍ଚାୟତରେ ସରକାରଙ୍କ ଦ୍ୱାରା ଆୟୋଜିତ 'ପିଠା' କାର୍ଯ୍ୟକ୍ରମକୁ ନେଇ ରାଜନୀତି ଜୋର୍‌ଦାର ହୋଇଛି। ଧାମନଗର ବିଧାୟକଙ୍କୁ ନେଇ ତାଙ୍କ ସମର୍ଥକମାନେ ଶୁକ୍ରବାର ପିଠା କାର୍ଯ୍ୟକ୍ରମ କରୁଥିବା ବେଳେ ସରପଞ୍ଚ ଏବଂ ତାଙ୍କ ସମର୍ଥକ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ କୁଶପୁତ୍ତଳିକା ଦାହ କରିବା ଚର୍ଚ୍ଚାର ବିଷୟ ହୋଇଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତରେ ଦ୍ୱିତୀୟ ପର୍ଯ୍ୟାୟ ପିଠା କାର୍ଯ୍ୟକ୍ରମ ପାଇଁ ବିଡିଓ ସରପଞ୍ଚଙ୍କୁ ଜଣାଇଥିଲେ। ତଦନୁଯାୟୀ ସରପଞ୍ଚ ଉଷାକାନ୍ତ ନାୟକ କାର୍ଯ୍ୟକ୍ରମ ପ୍ରସ୍ତୁତି ଚଳାଇଥିଲେ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲେ ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟ ପରିବର୍ତ୍ତେ ଅନ୍ୟତ୍ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ କରିବାକୁ ବିଡିଓ ସରପଞ୍ଚଙ୍କୁ ଚିଠି କରିଥିଲେ। ଏହାକୁ ନେଇ ସରପଞ୍ଚ ଏବଂ ତାଙ୍କ ସମର୍ଥକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସରପଞ୍ଚ ଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ମଧ୍ୟ ଜଣାଇଥିଲେ। ଶୁକ୍ରବାର ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣଙ୍କ ଅଭ୍ୟର୍ଥନା ଗୃହ ପରିସରରେ ପିଠା କାର୍ଯ୍ୟକ୍ରମ ଚାଲିଥିଲା। ପୂର୍ବତନ ସରପଞ୍ଚ ବସନ୍ତ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ମଣ୍ଡଳଙ୍କ ସମେତ ଜିଲା ପରିଷଦ ସଭ୍ୟ ଚିନ୍ତାମଣି ଦାସ, ପାଳିଆବିନ୍ଧା ସମବାୟ ସମିତି ସଭାପତି ସୁଧନ୍ୱା ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଈଶ୍ୱର ଚନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଅପରପକ୍ଷେ କାର୍ଯ୍ୟକ୍ରମଠାରୁ ଅନତି ଦୂରରେ ସରପଞ୍ଚ ନାୟକଙ୍କ ସମର୍ଥକ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ବିଧାୟକ ନିଜର କର୍ତ୍ତୃତ୍ୱ ଜାହିର ପାଇଁ କାର୍ଯ୍ୟକ୍ରମ ଅନ୍ୟତ୍ର କରାଇଥିବାରୁ ଏହାର ପ୍ରତିବାଦରେ ସେମାନେ ଏଭଳି ପଦକ୍ଷେପ ନେଇଥିବା ଦର୍ଶାଇଥିଲେ।

# ଜଣେ ଦୋଷ ସ୍ୱୀକାର କରି କ୍ଷମା ମାଗିଛନ୍ତି

**ବ୍ରହ୍ମ ବିଭ୍ରାଟ ପ୍ରସଙ୍ଗ**

**ପୁରୀ ଅଫିସ,୧୮।୧:** ବହୁଚର୍ଚ୍ଚିତ ବ୍ରହ୍ମ ବିଭ୍ରାଟ ପ୍ରସଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ ଗତ ନଭେମ୍ବର ୧୪ରେ ୯ ଦଇତାପତି ସେବକ ଏବଂ ଜଣେ ମହାରଣା ସେବକଙ୍କୁ ନୋଟିସ ଜାରି କରିଥିଲା। ସେମାନେ ଉତ୍ତର ରଖିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଦୋଷ ସ୍ୱୀକାର କରି କ୍ଷମା ମାଗିଛନ୍ତି। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି ଯେ, ବ୍ରହ୍ମ ବିଭ୍ରାଟ ଘଟଣାରେ ୯ ଜଣ ଦୋଷୀ ସ୍ୱୀକାର କରିନାହାନ୍ତି। ତେଣୁ ଏହାର ତଦନ୍ତ ପ୍ରକ୍ରିୟା ଜାରି ରହିବ। ଶ୍ରୀମନ୍ଦିର ଆଇନ ୨୧ (ଖ) ଅନୁଯାୟୀ ଏହାର ତଦନ୍ତ କରାଯିବ। ତେଣୁ ଦ୍ୱିତୀୟ ଥର ପାଇଁ ଗତ ୧୧ ତାରିଖରେ ୯ ଜଣଙ୍କୁ ନୋଟିସ ଜାରି କରାଯାଇଛି। ନୋଟିସ ପାଇବାର ୧୫ ଦିନ ମଧ୍ୟରେ ଆଉଥରେ ଉତ୍ତର ଦେବାକୁ କୁହାଯାଇଛି। ୨୦୧୫ ଜୁନ୍ ୧୫ରେ ମହାପ୍ରଭୁଙ୍କ ଘଟ ପରିବର୍ତ୍ତନ ହେବାପାଇଁ ନିର୍ଘଣ୍ଟ ହୋଇଥିଲା। କିନ୍ତୁ ଘଟ ସଂସ୍ଥାପନରେ ଅହେତୁକ ବିଳମ୍ବ ସାଙ୍ଗକୁ ବିଭ୍ରାଟ ହୋଇଥିଲା। ୨୦୧୭ ଅଗଷ୍ଟ ୫ରେ ପ୍ରାକ୍ତନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ର ଶ୍ରୀମନ୍ଦିର ପ୍ରଶାସନକୁ ବ୍ରହ୍ମ ବିଭ୍ରାଟ ତଦନ୍ତ ରିପୋର୍ଟ ଦେଇଥିଲେ।

## ୨୩ରୁ ଉସିକନ ବାର୍ଷିକ ସମ୍ମିଳନୀ

# ଯୋଗଦେବେ ୨୫୦୦ ଡାକ୍ତର

**କଟକ ଅଫିସ, ୧୮।୧:** ଜାନୁୟାରୀ ୨୩ରୁ ୟୁରୋଲୋଜିକାଲ ସୋସାଇଟି ଅଫ୍ ଇଣ୍ଡିଆର ୫୨ତମ ବାର୍ଷିକ ସମ୍ମିଳନୀ (ଉସିକନ) ଭୁବନେଶ୍ୱରରେ ଆରମ୍ଭ ହେବ। ୪ ଦିନ ଧରି ହେବାକୁ ଥିବା ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ଏଥିରେ ଦେଶବିଦେଶରୁ ୨୫୦୦ ଡାକ୍ତର (ୟୁରୋଲୋଜିଷ୍ଟ) ଯୋଗଦେବେ। ସେମାନଙ୍କ ମଧ୍ୟରୁ ସାର୍କ ଦେଶ ସମୂହରୁ ୧୨୦ ଜଣ ଡାକ୍ତର ଥିବାବେଳେ ୟୁରୋପ, ଆମେରିକା ଆଦି ରାଷ୍ଟ୍ରରୁ ୨୫ ଜଣ ଡାକ୍ତର ରହିଛନ୍ତି। ୨୦ ବର୍ଷ ପରେ ଦ୍ୱିତୀୟ ଥର ପାଇଁ ଏହି ସମ୍ମିଳନୀ ଓଡ଼ିଶାରେ ଅନୁଷ୍ଠିତ ହେଉଛି। ଏହା ରାଜ୍ୟ ପାଇଁ ଗୌରବର ବିଷୟ ବୋଲି ସମ୍ମିଳନୀର ସଂଗଠନ ଅଧ୍ୟକ୍ଷ ଡା. ଏଲ୍.କେ. ସାହୁ ଓ ସଂଗଠନ ସମ୍ପାଦକ ଡା. ଦଣ୍ଡେଶ୍ୱର ହୋତା କହିଛନ୍ତି। ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡା. ସାହୁ ଓ ଡା. ହୋତା କହିଥିଲେ ଯେ, ୟୁରୋଲୋଜି ସମ୍ବନ୍ଧୀୟ ରୋଗ ଉପରେ କିଭଳି ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ଆପଣାଯାଉଛି ସେ ସମ୍ପର୍କରେ ବିଦେଶରୁ ଆସୁଥିବା ଡାକ୍ତରମାନେ ସୂଚନା ଦେବେ।

# ପୀତାମ୍ବର, ଅପରାଜିତାଙ୍କୁ ନୂଆ ଦାୟିତ୍ୱ

**ଭୁବନେଶ୍ୱର, ୧୮।୧(ବ୍ୟୁରୋ):** ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନକ୍ରମେ ଦଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଅଧିକ ଚଳଚଞ୍ଚଳ କରିବାକ୍ରମରେ ବରିଷ୍ଠ ନେତାମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେହି ମର୍ମରେ ଦଳୀୟ ଆଭିମୁଖ୍ୟକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଆଇନ ଓ ସୂଚନା ଅଧିକାର ସେବାର ମୁଖ୍ୟ ଭାବେ ବରିଷ୍ଠ ଓକିଲ ପୀତାମ୍ବର ଆଚାର୍ଯ୍ୟଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ସ୍ୱେଚ୍ଛାକୃତ ଅବସରପ୍ରାପ୍ତ ପ୍ରଶାସିକା ଅପରାଜିତା ଷଡ଼ଙ୍ଗୀଙ୍କୁ କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ ଲାଭାର୍ଥୀ ସମ୍ପର୍କିତ ବିଭାଗର ମୁଖ୍ୟଭାବେ ଘୋଷଣା କରାଯାଇଛି। ସେହିଭଳି ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଯଥାକ୍ରମେ ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ଓ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ବିଭାଗର ମୁଖ୍ୟ ଦାୟିତ୍ୱ ଦିଆଯାଇଛି ବୋଲି ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି।






ଜୀବନର ପ୍ରତ୍ୟେକ ସଫଳତାର ଶ୍ରେୟ ମୁଁ ମାତାପିତାଙ୍କୁ ଦିଏ।
-ଅଙ୍କିତା ଲୋଖାଣ୍ଡେ, ବଲିଉଡ ଅଭିନେତ୍ରୀ



# ଜାପାନ ସୃଷ୍ଟିକଲା କୃତ୍ରିମ ଉଲ୍‌କା

**ଟୋକିଓ:** ଜାପାନ ଦ୍ୱାରା ଶୁକ୍ରବାର ଲଞ୍ଚ୍ କରାଯାଇଥିବା ସାଟେଲାଇଟ୍ ବହନକାରୀ ରକେଟ ମହାକାଶରେ ବିସ୍ଫୋରଣ କରାଯିବା ପରେ କୃତ୍ରିମ ଉଲ୍‌କାମାନ ସୃଷ୍ଟି ହୋଇଥିଲା। ଏହା ବିଶ୍ୱର ପ୍ରଥମ କୃତ୍ରିମ ଉଲ୍‌କାପାତ ବୋଲି ଜାପାନୀ ବୈଜ୍ଞାନିକମାନେ ଦାବି କରିଛନ୍ତି। ଆସନ୍ତାବର୍ଷ ପ୍ରାରମ୍ଭରେ ହିରୋଶିମା ଆକାଶରେ କୃତ୍ରିମ ତାରା ପ୍ରଦର୍ଶନ କରିବାକୁ ଯାଉଛି ଜାପାନ। ଏହାକୁ 'ଶୁଟିଂ ଷ୍ଟାର୍ସ ଅନ୍ ଡିମାଣ୍ଡ' କୁହାଯାଉଛି। ପରୀକ୍ଷାମୂଳକ ଭାବରେ ଏପରି ଏକ ମାଇକ୍ରୋ ସାଟେଲାଇଟ୍ ବିକାଶ କରାଯାଇଛି। ଉକ୍ତ ସାଟେଲାଇଟ୍‌କୁ ଜାପାନ ଏରୋସ୍ପେସ୍ ଏକ୍ସପ୍ଲୋରେଶନ୍ ଏଜେନ୍ସି (ଜାକ୍ସା) ଦ୍ୱାରା ଶୁକ୍ରବାର ଲଞ୍ଚ୍ କରାଯାଇଥିଲା। ଲଞ୍ଚ କରାଯାଇଥିବା ୭ଟି କ୍ଷୁଦ୍ର ସାଟେଲାଇଟ୍ ସଫଳତାର ସହିତ ପୃଥିବୀର କକ୍ଷପଥରେ ପହଞ୍ଚିପାରିଥିଲା ଏବଂ କୃତ୍ରିମ ଉଲ୍‌କାପାତ ଖୁବ୍ ଆକର୍ଷଣୀୟ ଥିଲା ବୋଲି ଜାକ୍ସା ମୁଖପାତ୍ର ନୋବୁୟୋଶି ଫୁଜିମୋଟୋ ପ୍ରକାଶ କରିଛନ୍ତି।



## ନେତାଜୀ ଜୟନ୍ତୀକୁ 'ଦେଶପ୍ରେମ ଦିବସ' କରାଯାଉ

**ନୂଆଦିଲ୍ଲୀ:** ନେତାଜୀ ଜୟନ୍ତୀଙ୍କୁ 'ଦେଶପ୍ରେମ ଦିବସ' ଭାବେ ପାଳନ କରିବା ପାଇଁ ଫରୱାର୍ଡ ବ୍ଲକ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଦାବି କରିଛି। ଦୀର୍ଘ ୮ବର୍ଷ ତଳେ ଏହି ଦାବି କରାଯାଇଥିଲେ ହେଁ କଂଗ୍ରେସ ନେତୃତ୍ୱାଧୀନ ସରକାର ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ସୂଚନାଯୋଗ୍ୟ ଯେ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବିପ୍ଳବୀ ନେତା ସୁଭାଷ ଚନ୍ଦ୍ର ବୋଷ କଂଗ୍ରେସ ଛାଡି ୧୯୩୯ରେ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ଗଠନ କରିଥିଲେ। ମୋଦିଙ୍କୁ ନେତାଜୀଙ୍କର ଜଣେ ଦୃଢ଼ ପ୍ରଶଂସକ ବର୍ଣ୍ଣନା କରି ଉକ୍ତ ବାମପନ୍ଥୀ ଦଳ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଏକ ପତ୍ର ଲେଖିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇ ପଦକ ଶୁଣୁଥିବି,
ସୁନ୍ଦର ବଦନ ଚାହୁଁଥିବି,
ଲୁଣ ଘିନି ଭାତ ଖାଉଥିବି ।**

ପତିପତ୍ନୀଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ଠିକ୍ ଥିଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ। ଯେତେ ଅଭାବ ଅନଟନ ଲାଗିରହିଲେ ମଧ୍ୟ ତା'ର କଷ୍ଟ ଜମା ଜଣାପଡ଼ି ନ ଥାଏ କି ଅଭାବ ମନକୁ ସେତେ ବ୍ୟଥିତ କରି ନ ଥାଏ। ପତିର ମଧୁର ଭାଷା, ଚାହାଣି ଓ ବ୍ୟବହାର ପାଖେ ପତ୍ନୀ ମନ ବନ୍ଧା ପଡ଼ିଯାଇଥାଏ। ଏପରିସ୍ଥଳେ କିଛି ନ ଥିଲେ ସୁଦ୍ଧା ସେ ମନ ଊଣା କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଏକ ଦେଶର ଗାଳି,
ଅନ୍ୟ ଦେଶର ବୋଲି ।**

ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ନିୟମ, ପରମ୍ପରା, ଚାଲିଚଳଣ, ଭାଷା ତଥା ଖାଦ୍ୟପେୟ ଦେଖିବାକୁ ମିଳିଥାଏ। ଯେ ଯେଉଁ ଦେଶକୁ ଯାଇଥାଏ ତାକୁ ସେଠାକାର ନୀତିନିୟମରେ ଚଳିବାକୁ ପଡ଼ିଥାଏ। ଅନ୍ୟ ଦେଶର ଥିବା ଭିନ୍ନତାକୁ ଅନିଚ୍ଛା ସତ୍ତ୍ୱେ ଆପଣେଇ ନେବାକୁ ପଡ଼ିଥାଏ। ସେହିପରି ଏକ ଦେଶ ବା ଅଞ୍ଚଳରେ ବ୍ୟବହାର କରାଯାଉଥିବା ଭାଷା ଶ୍ରୁତିକଟୁ ଲାଗୁଥିଲେ ବି ଅନ୍ୟ ଅଞ୍ଚଳ ପାଇଁ ତାହା ବେଶ୍ ଲୋକାଦୃତ ଭାଷା ହୋଇଥିବାରେ ସେଭଳି କୌଣସି ବିଚିତ୍ରତା ପରିଲକ୍ଷିତ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# 'ଇସ୍ରୋ'ର ଯୁବ ବୈଜ୍ଞାନିକ କାର୍ଯ୍ୟକ୍ରମ



**ନୂଆଦିଲ୍ଲୀ:** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଶୁକ୍ରବାର ଯୁବ ବୈଜ୍ଞାନିକ କାର୍ଯ୍ୟକ୍ରମ ଘୋଷଣା କରିଛି। ତଦନୁଯାୟୀ, ପ୍ରତି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୩ ଜଣ ସ୍କୁଲଛାତ୍ରଙ୍କୁ ଚୟନ କରାଯାଇ ମହାକାଶ ଏବଂ ଛୋଟ ଉପଗ୍ରହ ନିର୍ମାଣ ସମ୍ପର୍କରେ ତାଲିମ ପ୍ରଦାନ କରାଯିବ। ଏହି ମାସିକିଆ କାର୍ଯ୍ୟକ୍ରମ ପାଇଁ ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ଛାତ୍ରଙ୍କୁ ବଛାଯିବ। ସେମାନଙ୍କୁ ବକ୍ତୃତା ମାଧ୍ୟମରେ ଶିକ୍ଷା ପ୍ରଦାନ ସହିତ ବିଜ୍ଞାନାଗାରରେ ଗବେଷଣା କରିବାର ସୁଯୋଗ ଦିଆଯିବ ବୋଲି ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ କହିଛନ୍ତି। ୨୦୨୧ରେ ଲଞ୍ଚ୍ ହେବାକୁ ଥିବା ମାନବବାହୀ ମହାକାଶଯାନ ଗଗନୟାନ ପାଇଁ କାର୍ଯ୍ୟକ୍ରମ ଜାରି ରହିଛି। ଏଥିପାଇଁ ଇସ୍ରୋରେ ଏକ ପରିଚାଳନା ବ୍ୟବସ୍ଥା କରାଯାଇଛି। ୨୦୨୦ ଡିସେମ୍ବର ସୁଦ୍ଧା ପ୍ରଥମେ ମାନବବିହୀନ ମିଶନ୍ ଲଞ୍ଚ୍ କରାଯିବ। ୨୦୨୧ ଜୁଲାଇ ସୁଦ୍ଧା ଦ୍ୱିତୀୟ ମାନବବିହୀନ ମିଶନ୍ ଏବଂ ୨୦୨୧ ଡିସେମ୍ବରରେ ମାନବବାହୀ ମହାକାଶଯାନ ଲଞ୍ଚ୍ କରାଯିବ ବୋଲି ଶିବନ୍ ପ୍ରକାଶ କରିଛନ୍ତି। ବିଶେଷକରି ପାଇଲଟ୍‌ଙ୍କୁ ମାନବବାହୀ ମହାକାଶଯାନରେ ସାମିଲ କରାଯିବ। ଏଥିପାଇଁ ଯଥେଷ୍ଟ ଉଡାଣ ଦକ୍ଷତା ଥିବା ବ୍ୟକ୍ତିଙ୍କୁ ଖୋଜା ଚାଲିଛି ବୋଲି ଜଣେ ଇସ୍ରୋ ବୈଜ୍ଞାନିକ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ମହାକାଶଚାରୀ ଚୟନ କ୍ଷେତ୍ରରେ ବାୟୁସେନା ଏବଂ ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଅର୍ଗାନାଇଜେଶନ୍ (ଡିଆରଡିଓ) ମୁଖ୍ୟ ଭୂମିକା ଗ୍ରହଣ କରିବେ। ମାନବବାହୀ ମହାକାଶଯାନକୁ ଇସ୍ରୋ ଏବଂ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ହାଲ୍) ଦ୍ୱାରା ନିର୍ମାଣ କରାଯାଉଥିବାବେଳେ ୩ ଜଣ ମାନବ ବସିବା ଭଳି ଏହାର ଡିଜାଇନ୍ ପ୍ରସ୍ତୁତ କରାଯାଉଛି।

# କର୍ଣ୍ଣି ସେନା ଆଗରେ ନଇଁବି ନାହିଁ




କଙ୍ଗନା ରାଣାୱତ୍

**ମୁମ୍ବାଇ:** କର୍ଣ୍ଣି ସେନାଙ୍କ ଧମକ ଆଗରେ ମୁଣ୍ଡ ନୁଆଁଇବାର ପ୍ରଶ୍ନ ଉଠୁନାହିଁ ବୋଲି ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାୱତ୍ ପ୍ରକାଶ କରିଛନ୍ତି। ଥିଏଟରରେ ରିଲିଜ ହେବା ପୂର୍ବରୁ ମଣିକର୍ଣ୍ଣିକାର ବିଷୟବସ୍ତୁ ପ୍ରଦର୍ଶନ ନ କରାଇଲେ ଏହାକୁ ବିରୋଧ କରାଯିବ ବୋଲି କର୍ଣ୍ଣି ସେନା ଧମକ ଦେଇଥିଲା। ରିପୋର୍ଟ ଅନୁଯାୟୀ କର୍ଣ୍ଣି ସେନାର ମହାରାଷ୍ଟ୍ର ଶାଖା ଗୁରୁବାର ଏହି ଫିଲ୍ମକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଐତିହାସିକ କାହାଣୀ ଉପରେ ଆଧାରିତ ଏହି ଫିଲ୍ମରେ ରାଣୀ ଲକ୍ଷ୍ମୀବାଇ ଜଣେ ବ୍ରିଟିଶ ଅଫିସରଙ୍କ ସହ ସମ୍ପର୍କ ରଖିଥିବା ଏଥିରେ ଦର୍ଶାଯାଇଛି। ଉକ୍ତ ସଂଗଠନ ମଧ୍ୟ ୨୦୧୭ରେ 'ପଦ୍ମାବତ୍'କୁ ଘୋର ବିରୋଧ କରିଥିଲା। ରାଣୀଙ୍କ ନୃତ୍ୟ ପରମ୍ପରା ବିରୋଧୀ ବୋଲି ଅଭିଯୋଗ କରାଯାଇଥିଲା। ସେମାନେ ମଧ୍ୟ ଫିଲ୍ମ ରିଲିଜ ପୂର୍ବରୁ ଏହାକୁ ପ୍ରଦର୍ଶନ କରିବା ନିମନ୍ତେ ନିର୍ମାତାଙ୍କ ନିକଟରେ ଦାବି କରିଥିଲେ। କଙ୍ଗନା କହନ୍ତି, ଚାରିଜଣ ଐତିହାସିକ 'ମଣିକର୍ଣ୍ଣିକା'କୁ ପ୍ରମାଣପତ୍ର ଦେଇଛନ୍ତି। ସେନ୍ସର ବୋର୍ଡର ସାର୍ଟିଫିକେଟ ପାଇସାରିଛୁ। ଏ କଥା ବାରମ୍ବାର କୁହାଯାଉଥିଲେ ମଧ୍ୟ ସେମାନେ ଧମକ ଦେଇ ଆସୁଛନ୍ତି।

## ଇତିହାସର ଆଇନାରେ | ଜାନୁୟାରୀ ୧୯ର ପ୍ରମୁଖ ଘଟଣା

୧୯୨୦ ଜାନୁୟାରୀ ୧୯ରେ ଦି ଆମେରିକାନ୍ ସିଭିଲ ଲିବର୍ଟିଜ୍ ୟୁନିୟନ୍(ଏସିଏଲ୍‌ୟୁ) ଗଠନ କରାଯାଇଥିଲା। ଏହା ଏକ ଅଣଲାଭକାରୀ ଅନୁଷ୍ଠାନ। ମାନବିକ ଅଧିକାର ଓ ସ୍ୱାଧୀନତାର ସୁରକ୍ଷା କରିବା ଏହାର ଉଦ୍ଦେଶ୍ୟ। ଉଦାର ଓ ରକ୍ଷଣଶୀଳ ଅନୁଷ୍ଠାନଗୁଡିକ ଏହି ସଂଗଠନକୁ ସମର୍ଥନ କରିଆସୁଛନ୍ତି। ଏହି ସଂଗଠନର ୧୨ଲକ୍ଷ ସଦସ୍ୟ ରହିଛନ୍ତି।

୧୯୯୧ ଜାନୁୟାରୀ ୧୯ରେ ଇରାକ୍ ଏହାର ଦ୍ୱିତୀୟ ସ୍କଡ୍ କ୍ଷେପଣାସ୍ତ୍ର ଇସ୍ରାଏଲ ଉପରେ ମାଡ କରିବାରୁ ୧୫ ଜଣ ଲୋକ ଆହତ ହୋଇଥିଲେ। ଏହା ଉପସାଗରୀୟ ଯୁଦ୍ଧ ବେଳର ଘଟଣା। ଏହି ଯୁଦ୍ଧ ୧୯୯୦ ଅଗଷ୍ଟ ୨ରୁ ଆରମ୍ଭ ହୋଇ ୧୯୯୧ ଫେବୃୟାରୀ ୨୮ରେ ଶେଷ ହୋଇଥିଲା। ଆମେରିକା ନେତୃତ୍ୱାଧୀନ ୩୫ଟି ରାଷ୍ଟ୍ର ଇରାକ୍ ବିରୋଧରେ ଯୁଦ୍ଧ କରିଥିଲେ। ତୈଳ ଉତ୍ପାଦନକାରୀ କୁଏଟ୍ ଉପରେ ଇରାକ୍‌ର ହସ୍ତକ୍ଷେପକୁ ବରଦାସ୍ତ କରି ନ ପାରି ଆମେରିକା ନେତୃତ୍ୱାଧୀନ ମିତ୍ରଶକ୍ତି ଏହା ବିରୋଧରେ ଯୁଦ୍ଧ କରିଥିଲା।



ଶୁକ୍ରବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।
**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୮ | ୧୧.୧ |
| ଚାନ୍ଦବାଲି | ୨୭.୪ | ୧୨.୮ |
| କଟକ | ୨୯.୬ | ୧୨.୫ |
| ପାରାଦ୍ୱୀପ | ୨୬.୪ | ୧୪.୬ |
| ଭୁବନେଶ୍ୱର | ୩୦.୭ | ୧୩.୫ |
| ଗୋପାଳପୁର | ୨୮.୮ | ୧୫.୨ |
| ପୁରୀ | ୨୭.୪ | ୧୫.୯ |
| ଅନୁଗୋଳ | ୨୭.୫ | ୦୮.୬ |
| ବାରିପଦା | ୨୬.୪ | ୧୧.୦ |
| ଝାରସୁଗୁଡ଼ା | ୨୮.୧ | ୯.୮ |
| କେନ୍ଦୁଝର | ୨୭.୨ | ୯.୮ |
| ସମ୍ବଲପୁର | ୨୮.୮ | ୧୦.୦ |
| ସୁନ୍ଦରଗଡ଼ | ୨୬.୫ | ୯.୫ |
| ହୀରାକୁଦ | ୨୮.୧ | ୧୦.୧ |
| ତାଲଚେର | ୩୧.୮ | ୧୦.୩ |
| ଭବାନୀପାଟଣା | ୩୦.୦ | ୯.୮ |
| ବଲାଙ୍ଗୀର | --- | ୧୦.୬ |
| କୋରାପୁଟ | ୨୭.୬ | ୧୦.୦ |
| ଫୁଲବାଣୀ | ୨୭.୫ | ୭.୦ |
| ଟିଟିଲାଗଡ଼ | --- | ୯.୫ |
| ମାଲକାନଗିରି | ୩୨.୪ | ୧୪.୨ |
| ସୋନପୁର | ୨୮.୮ | ୮.୪ |
| ଦାରିଙ୍ଗିବାଡ଼ି | ୨୫.୫ | ୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

**ଜିଲ୍ଲା କୃଷି କାର୍ଯ୍ୟାଳୟ, ଆଠଗଡ଼**
**ବିହନ ବିଶୋଧନ ଅଭିଯାନ, ରବି ୨୦୧୮-୧୯**

ଚଳିତ ରବି ଋତୁ ୨୦୧୮-୧୯ ପାଇଁ ରାଜ୍ୟ ଯୋଜନା ଅନ୍ତର୍ଗତ ମୁଗ ଓ ବିରି ବିହନ ବିଶୋଧନ ଅଭିଯାନ ଆଠଗଡ଼ କୃଷି ଜିଲ୍ଲାର ୪ଟି ବ୍ଲକ ଯଥା- ଆଠଗଡ଼, ଟିଗିରିଆ, ବଡ଼ମ୍ବା ଓ ନରସିଂହପୁର ଅନ୍ତର୍ଭୁକ୍ତ ୮୧ଟି ଗ୍ରାମରେ ତା୨୦।୦୧।୨୦୧୯ ଠାରୁ ୩୧।୦୧।୨୦୧୯ରିଖ ମଧ୍ୟରେ କରାଯିବା ପାଇଁ ସ୍ଥିର କରାଯାଇଛି। ତେଣୁ ପ୍ରତି ବ୍ଲକରେ ଥିବା ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କରାଯାଉ ଅଛି କି, ସେମାନେ ବିପୁଳ ସଂଖ୍ୟାରେ ଯୋଗଦାନ କରି ସେମାନଙ୍କର ସଞ୍ଚିତ ମୁଗ ଓ ବିରି ବିହନ ଗୁଡ଼ିକୁ ମାଗଣାରେ ବିଶୋଧନ କରାଇ ନିଅନ୍ତୁ। ଏହା ଦ୍ୱାରା ପରବର୍ତ୍ତୀ ସମୟରେ ମୁଗ ଓ ବିରି ଗଛ ବିହନଜନିତ ଓ ମୃତ୍ତିକା ଜନିତ ରୋଗ ଦାଉରୁ ସୁରକ୍ଷିତ ରହି ଅଧିକ ଅମଳ ଦେଇପାରିବ।

ସ୍ୱା./- ଶ୍ରୀ ପ୍ରଫୁଲ୍ଲ କୁମାର ମାଟି,
ଜିଲ୍ଲା କୃଷି ଅଧିକାରୀ, ଆଠଗଡ଼

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

**ବିହନ ବିଶୋଧନ ଅଭିଯାନ, ରବି- ୨୦୧୮-୧୯**
**ଜିଲ୍ଲା କୃଷି ଅଧିକାରୀ, ଧର୍ମଶାଳାଙ୍କ ଆନୁକୂଲ୍ୟରେ**

ରାଜ୍ୟ ଯୋଜନା ମାଧ୍ୟମରେ ଚଳିତ ରବି ଋତୁରେ ଚାଷୀଭାଇମାନେ ବ୍ୟବହାର କରୁଥିବା ଡାଲି ଜାତୀୟ ଫସଲ (ମୁଗ/ବିରି) ବିହନକୁ ବୁଣିବା ପୂର୍ବରୁ ବିଶୋଧନ କରି ଫସଲକୁ ରୋଗପୋକ ଦାଉରୁ ରକ୍ଷା କରିବାକୁ ଅନୁରୋଧ। ଏହି କାର୍ଯ୍ୟକ୍ରମ କୃଷି ସମ୍ପ୍ରସାରଣ ଅଭିଯାନ ମାଧ୍ୟମରେ ଜିଲ୍ଲା କୃଷି ଅଧିକାରୀ, ଧର୍ମଶାଳାଙ୍କ ତତ୍ତ୍ୱାବଧାନରେ ବଡ଼ଚଣା, ଧର୍ମଶାଳା, ରସୁଲପୁର ଓ ବରୀ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ତା୧୬।୦୧।୨୦୧୯ଠାରୁ ତା୩୧।୦୧।୨୦୧୯ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବିହନ ବିଶୋଧନ କରାଯିବା ସଙ୍ଗେ ସଙ୍ଗେ ବିହନ ବିଶୋଧନ ଉପରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯିବ। ଏହାର ସଫଳ ରୂପାୟନ ଦ୍ୱାରା ଧର୍ମଶାଳା କୃଷି ଜିଲ୍ଲାକୁ କୃଷି କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ବିଶେଷ ଅନୁରୋଧ।

ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ଧର୍ମଶାଳା, ଜିଲ୍ଲା- ଯାଜପୁର

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ ।
ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

1985ରୁ ସହସ୍ରାଧିକଙ୍କୁ ଲାଭ
ମହାକାଳୀ ଶକ୍ତିପୀଠ ଉତ୍ତରାଖଣ୍ଡ
ପ୍ରଫେସର ବିପି ଖନ୍ନା
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଲେଶ, ଯାଦୁ-ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
09198771709
ସବୁଆଡୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

ଡିଜିଟାଲ ଉପକରଣ -କମ୍ପାନୀ-
SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355, 9162431749

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଇଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra



ଅସିଫ ସଇଦ ଖୋସା ପାକିସ୍ତାନର ୨୬ତମ ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ସେ ଅନେକ ସମୟରେ କାବ୍ୟିକ ଶୈଳୀରେ ରାୟ ପ୍ରଦାନ କରିଥାନ୍ତି। ରାଷ୍ଟ୍ରପତି ଆରିଫ ଆଲ୍ଭି ତାଙ୍କୁ ଶପଥ ପାଠ କରାଇଥିଲେ। ଅସିଫ ଏହି ପଦବୀରେ ଡିସେମ୍ବର ୨୧ ପର୍ଯ୍ୟନ୍ତ ରହିବେ।

## ସଂକ୍ଷେପରେ

### କେନ୍ଦ୍ର ଯୋଜନାକୁ ନିଜର କହିବା ଦୁର୍ଭାଗ୍ୟଜନକ

ଭୁବନେଶ୍ୱର, ୧୮।୧(ବ୍ୟୁରୋ): କେନ୍ଦ୍ରୀୟ ଯୋଜନାକୁ ନିଜ ଯୋଜନା କହି ରାଜ୍ୟବାସୀଙ୍କୁ ଭ୍ରମିତ କରିବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧୂରନ୍ଧର। ନିର୍ବାଚନକୁ ଦୃଷ୍ଟିରେ ରଖି ଯୋଜନା ଘୋଷଣା କରିବା, ସେହି ଯୋଜନାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଜ୍ଞାପନ ମାଧ୍ୟମରେ ଗଣମାଧ୍ୟମରେ ପ୍ରକାଶ କରିବା ଏବଂ ନିଜେ ପ୍ରଶଂସାର ପାତ୍ର ହେବା ପାଇଁ ଦଳୀୟ ଲୋକଙ୍କ ଦ୍ୱାରା ପ୍ରାୟୋଜିତ ଧନ୍ୟବାଦ ଗ୍ରହଣ କରିବା ଆଦି କଳା ବିଜେଡିକୁ ବେଶ୍ ଭଲରେ ଜଣା। ପୂର୍ବରୁ ମୁଖ୍ୟମନ୍ତ୍ରୀ ଅନେକ କେନ୍ଦ୍ରୀୟ ଯୋଜନାକୁ ହାଇଜାକ୍ କରି ନାଁ ବଦଳାଇ ନିଜ ଯୋଜନା କହି ଓଡିଶାବାସୀଙ୍କୁ ଭୁଆଁ ବୁଲାଇଛନ୍ତି। ଏବେ ସଦ୍ୟ ଏଲଇଡି ବଲ୍ବ ଯୋଜନା ଏବଂ ଗତକାଲି ସୁନେତ୍ର ଯୋଜନା କରି ଭୋଟ ପାଇଁ ଲୋକଙ୍କୁ ଭ୍ରମିତ କରୁଛନ୍ତି ବୋଲି ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି ଯେ, ରାଜ୍ୟ ସରକାର ସୁନେତ୍ର ଯୋଜନାକୁ ୧୫ ଜାନୁୟାରୀରେ ଘୋଷଣା କରିଛନ୍ତି। ପୂର୍ବରୁ ୧୨ ଅକ୍ଟୋବର ୨୦୧୭ ବିଶ୍ୱ ଦୃଷ୍ଟି ଦିବସ ଦିନ ଏହି ଯୋଜନାକୁ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିଲେ।

■ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଗଡ଼ିବ (ଏସି)ବସ୍

# ଆରମ୍ଭ ହେଲା ରାଜଧାନୀ ଏକ୍ସପ୍ରେସ୍ ବସ୍‌ସେବା

■ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
■ ମିଳିବ ମାଗଣା ୱାଇଫାଇ ସୁବିଧା

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ରାଜ୍ୟ ସରକାର ଶୁକ୍ରବାର ଠାରୁ ରାଜଧାନୀ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶା ରାଜ୍ୟ ପରିବହନ ନିଗମ(ଓଏସଆରଟିସି) ପରିସରରେ ଏହି ବସ୍‌ସେବାକୁ ପତାକା ହଲାଇ ଶୁଭାରମ୍ଭ କରିଛନ୍ତି। ରାଜଧାନୀ ଭୁବନେଶ୍ୱରରୁ ବିଭିନ୍ନ ଜିଲାକୁ ଆରାମଦାୟକ ଯାତ୍ରା ପାଇଁ ୨୩ଟି ଶୀତତାପ ନିୟନ୍ତ୍ରିତ (ଏସ୍‌ସି) ଡିଲକ୍ସ ବସ୍ ଚାଲିବ। ଏହି ବସ୍‌ଗୁଡ଼ିକ ଭୁବନେଶ୍ୱରରୁ ଫୁଲବାଣୀ, ରାଉରକେଲା, ଭବାନୀପାଟଣା, ଭଞ୍ଜନଗର, ରାଜଗାଙ୍ଗପୁର (ଭାୟା ସୁନ୍ଦରଗଡ), ରାଜଖରିଆର (ଭାୟା-ବଲାଙ୍ଗୀର), ଗୋରୁମହିଷାଣି ( ଭାୟା କରଞ୍ଜିଆ), ବୁର୍ଲା(ଭାୟା ସମ୍ବଲପୁର)କୁ ଯାତାୟାତ କରିବ।

ଏହା ଛଡା ୪ଟି ଭଲ୍‌ଭୋ ବସ୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହି ବସ୍‌ଗୁଡ଼ିକୁ ଆନ୍ତଃରାଜ୍ୟ ଯାତ୍ରୀ ପରିବହନ ପାଇଁ ଭୁବନେଶ୍ୱରରୁ କୋଲକାତା ଏବଂ ପାରାଦୀପ ଠାରୁ ବିଜୟୱାଡା ପର୍ଯ୍ୟନ୍ତ ଚାଲିବ। ରାଜ୍ୟ ସରକାର ୧୬ କୋଟି ଟଙ୍କା ବ୍ୟୟରେ ୧୭ଟି ବସ୍ କ୍ରୟ କରିଛନ୍ତି। ଉକ୍ତ ବସ୍‌ଗୁଡିକରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ସହ ମାଗଣା ୱାଇଫାଇ, ମୋବାଇଲ ଚାର୍ଜିଂ, ସିସିଟିଭି କ୍ୟାମେରା, ଭେହିକଲ ଟ୍ରାକିଂ ବ୍ୟବସ୍ଥା ଓ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଉକ୍ତ ଗାଡିଗୁଡିକରେ ଯାତ୍ରୀମାନେ ଅନଲାଇନ ବୁକିଂ କରି ଯାତ୍ରା କରି ପାରିବେ।

ଏଠାରେ ସୂଚନା ଯୋଗ୍ୟ ଯେ ରାଜ୍ୟ ସଡକ ପରିବହନ ନିଗମର ୪୨୯ଟି ବସ୍ ୩୦ ଜିଲାରେ ଯାତ୍ରୀମାନଙ୍କ ସେବାରେ ନିୟୋଜିତ ହୋଇଛି। ଏହାଛଡା ୪୩ଟି ଆନ୍ତଃ ରାଜ୍ୟ ସଡକ ଦେଇ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଝାଡଖଣ୍ଡ ଓ ମଧ୍ୟପ୍ରଦେଶର ପ୍ରମୁଖ ସହରକୁ ଯାତାୟାତ କରୁଛି।

ନିଗମ ପକ୍ଷରୁ ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ଜିଲାଗୁଡିକରେ ମଧ୍ୟ ଅଧିକ ବସ୍ ସେବା ଯୋଗାଇ ଦିଆଯାଉଛି। ଇତି ମଧ୍ୟରେ ନିଗମର ୫ଟି ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ସେଗୁଡିକ ଜୟପୁର, ବଲାଙ୍ଗୀର, ଅନୁଗୋଳ, ବାମରା ଏବଂ ଓଡଗାଁ । ଏଥିସହିତ ନିଗମ ୨୫ଟି ବସ୍‌ଷ୍ଟାଣ୍ଡର ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ହାତକୁ ନେଇଛି। ଏହାଛଡା ବ୍ଲକସ୍ତରରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବାର କାର୍ଯ୍ୟକ୍ରମ ରହିଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଏସଆରଟିସି ପରିସରରେ ବସ୍‌ସେବାକୁ ଶୁଭାରମ୍ଭ କରୁଛନ୍ତି।

### ଜଙ୍ଗଲରେ ନାବାଳିକାଙ୍କୁ ଗଣବଳାତ୍କାର

ବାମରା/କୁଚିଣ୍ଡା,୧୮।୧(ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ବ୍ଲକ ମହୁଲପାଲି ଥାନା ଅନ୍ତର୍ଗତ ତୁରେଇ-ଲାଙ୍ଗପୋଷ ରାସ୍ତାରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଛି। ଗତ ୧୫ ତାରିଖ ଭୋରରୁ ଏହି ଘଟଣା ଘଟିଛି। ୧୬ ତାରିଖରେ ପୀଡ଼ିତା ଘର ଲୋକଙ୍କ ସହ ମହୁଲପାଲି ଥାନାକୁ ଆସି ଅଭିଯୋଗ କରିଛନ୍ତି। ପୋଲିସ କିନ୍ତୁ ଘଟଣାକୁ ସାମାନ୍ୟ କହି ଚାପି ଦେବାକୁ ଉଦ୍ୟମ କରିଛି। ଶୁକ୍ରବାର ଏକଥା ପ୍ରଘଟ ହେବା ପରେ ପୋଲିସ ନାବାଳିକାଙ୍କୁ ପଚରାଉଚରା କରିବା ସହ ଜଣକୁ ଅଟକ ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, ୧୪ ତାରିଖ ରାତି ସାରା ପୀଡ଼ିତା ଭାଇଙ୍କ ସହ ତୁରେଇରେ ମକରମେଳା ଦେଖିଥିଲେ। ଭୋରୁ ୩ କିମି. ଦୂର ଗାଁକୁ ସାଙ୍ଗ ହୋଇ ଚାଲି ଚାଲି ଫେରୁଥିଲେ। ସେମାନଙ୍କୁ ୪ ଜଣ ଦୁର୍ବୃତ୍ତ ପିଛା କରିଥିଲେ। ଜଙ୍ଗଲ ପାଖରେ ସେମାନେ ଭାଇ ଭଉଣୀଙ୍କୁ ଅଟକାଇ ଧମକଚମକ ଦେବା ସହ ମାରପିଟ୍ କରିଥିଲେ। ଭାଇଙ୍କୁ ନାଲି ଆଖି ଦେଖାଇ ନାବାଳିକା ଭଉଣୀଙ୍କୁ ରାସ୍ତା କଡ ଜଙ୍ଗଲ ଭିତରକୁ ଟେକି ନେଇଥିଲେ। ସେମାନେ ଜଣକ ପରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଦୁର୍ବୃତ୍ତମାନେ ପଳାଇ ଯିବା ପରେ ଭାଇ ଭଉଣୀ କାନ୍ଦି କାନ୍ଦି ଘରେ ପହଞ୍ଚି ସବୁକଥା କହିଥିଲେ। ପରେ ଥାନାରେ ଅଭିଯୋଗ ହୋଇଥିଲା।

■ ସପ୍ତଶଯ୍ୟା ଆଶ୍ରମ ସ୍କୁଲରେ ଆଲୋଡ଼ନ

# ଆଦିବାସୀ ଛାତ୍ରୀ ଗର୍ଭବତୀ

■ ରୁଦ୍ଧଦ୍ୱାର ତଦନ୍ତ
■ ସ୍ୱଧାରଗୃହ ଗଲେ ଅଭିଯୁକ୍ତ ନାବାଳକ

ଢେଙ୍କାନାଳ ଅଫିସ, ୧୮।୧

ଢେଙ୍କାନାଳ ଶିକ୍ଷା ବ୍ୟବସ୍ଥାରେ ପୁଣି ଥରେ ଯୋଡ଼ିହୋଇଛି କଳଙ୍କର ଫର୍ଦ୍ଦ। ବେଲଟିକିରି ଶେଲ୍‌ଟର ହୋମ ଯୌନଶୋଷଣ ମାମଲାର ଚର୍ଚ୍ଚା ନ ଥମୁଣୁ ସପ୍ତଶଯ୍ୟା ଆଶ୍ରମ ବିଦ୍ୟାଳୟର ଜଣେ ୮ମ ଶ୍ରେଣୀ ଆଦିବାସୀ ଛାତ୍ରୀ ଗର୍ଭବତୀ ଥିବା ଜଣାପଡ଼ିଛି। ଘଟଣା ଚପାଇଦେବାକୁ ସମସ୍ତ ଚେଷ୍ଟା କରାଯାଇଥିଲା। ହେଲେ ସତ୍ୟାସତ୍ୟ ପଦାକୁ ଆସିବା ପରେ ପଦାରେ ପଡ଼ିଛି ମଙ୍ଗଳ ବିଭାଗ ଏବଂ ସ୍କୁଲ କର୍ତ୍ତୃପକ୍ଷଙ୍କ ଚରମ ଅପାରଗତା। ଏ ନେଇ ପ୍ରଧାନ ଶିକ୍ଷକ ଜନାର୍ଦ୍ଦନ ସାମଲଙ୍କ ଅଭିଯୋଗକୁ ଭିତ୍ତିକରି ନଂ. ୩୯/୧୯, ଦଫା ୩୭୬ ଓ ୬ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଜଣେ ନାବାଳକ। ପୋଲିସ ତାଙ୍କୁ କୋର୍ଟରେ ହାଜର କରାଇବା ପରେ ସ୍ୱଧାରଗୃହକୁ ପଠାଇ ଦେଇଛି। ସେ ପୀଡ଼ିତାଙ୍କ ସମ୍ପର୍କୀୟ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ଅପରପକ୍ଷେ ଜିଲା ମଙ୍ଗଳ ବିଭାଗ, ଶିଶୁ ସୁରକ୍ଷା ବିଭାଗର ପଦାଧିକାରୀ ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ରାତି ୭ଟା ଯାଏ ଛାତ୍ରୀନିବାସ ପ୍ରକୋଷ୍ଠରେ ରୁଦ୍ଧଦ୍ୱାର ତଦନ୍ତ କରିଛନ୍ତି, ଯାହା ଛିଡ଼ା କରାଇଛି ଏକାଧିକ ପ୍ରଶ୍ନ। ପୀଡ଼ିତା ବଡ଼ଦିନ ଛୁଟିରେ ଗ୍ରାମକୁ ଯାଇ ଗତ ୧୬ ତାରିଖରେ ସ୍କୁଲକୁ ଫେରିଥିଲେ। ଅସୁସ୍ଥ ଅନୁଭବ କରିବାରୁ ଛାତ୍ରୀ ଜଣକ ମାଟ୍ରନଙ୍କୁ ଜଣାଇଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେ ୭ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଛାତ୍ରୀ ନିବାସରେ ମାସିକ ସ୍ୱାସ୍ଥ୍ୟ ପରୀକ୍ଷାରୁ ଛାତ୍ରୀ ଗର୍ଭବତୀ ଥିବା ବିଷୟ କିପରି ଜଣାପଡ଼ିଲାନାହିଁ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ସ୍କୁଲ ପରିସରରେ ଏକ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି।

ସେପଟେ ଏପରି ଘଟଣାକୁ ଭାଜପା ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଶନିବାର ଦଳ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି।

# ଅମଳିପାଲି ପଡ଼ିଆରେ କିଶୋର, ନବ

■ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଏକାଠି
■ ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳ ସମୀକ୍ଷା କଲେ

ଝାରସୁଗୁଡ଼ା ଅଫିସ,୧୮।୧

ଝାରସୁଗୁଡ଼ା ରାଜନୀତିକୁ ନେଇ ଏବେ ସାରା ରାଜ୍ୟରେ ଚର୍ଚ୍ଚା । ବିଧାୟକ ନବ କିଶୋର ଦାସ କଂଗ୍ରେସ ଛାଡିବା, ବିଜେଡିରେ ମିଶିବା ପାଇଁ ଘୋଷଣା କରିବା ପରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି । ଅନ୍ୟପକ୍ଷେ ତାଙ୍କ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ,ପୂର୍ବତନ ବିଧାୟକ ତଥା ବିଜେଡି ଜିଲା ସଭାପତି କିଶୋର ମହାନ୍ତି ନବଙ୍କ ସହ ଏକାଠି କାମ କରିବା ପାଇଁ ସମ୍ମତି ପ୍ରଦାନ କରିବାକୁ ରାଜନୀତିରେ ରୁଚି ରଖୁଥିବା ଲୋକେ ଅତ୍ୟନ୍ତ ଉତ୍ସୁକତାର ସହ ଅନାଇ ରହିଛନ୍ତି। ଶୁକ୍ରବାର ଅମଳିପାଲି ପଡ଼ିଆରେ ଏମିତି ଦୃଶ୍ୟ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ଜିଲା ସଭାପତି କିଶୋର ମହାନ୍ତି, ବିଧାୟକ ନବ ଦାସ, ପୂର୍ବତନ ବିଧାୟକ ଅନୁପ କୁମାର ସାଏ, ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ, ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ନାଥ ପ୍ରମୁଖ ଅମଳିପାଲି ପଡ଼ିଆର ସ୍ଥିତି ପରଖିଥିଲେ। ଆସନ୍ତା ୨୪ ତାରିଖରେ ଏହି ପଡ଼ିଆରେ ମୁଖ୍ୟମନ୍ତ୍ରୀଙ୍କ ସଭା ରହିଛି। ସେଥିପାଇଁ ଏହି ନେତୃମଣ୍ଡଳୀ ଶୁକ୍ରବାର ସମୀକ୍ଷା କରିଛନ୍ତି । ଝାରସୁଗୁଡ଼ା ଜିଲାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ କୁହାଯାଉଥିବା ନବ-କିଶୋରଙ୍କୁ ଶଙ୍ଖ ରାଜନୀତି ଏକାଠି କରିଥିବା ଆଲୋଚନା ହେଉଛି। ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ ଅବସରରେ କଂଗ୍ରେସ ଛାଡିଥିବା ବିଧାୟକ ଦାସ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେବେ। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ଜିଲାର ବିଭିନ୍ନ ବ୍ଲକ ପାଇଁ ପ୍ରାୟ ୬ ଶହ କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ଗୁରୁବାର ପର୍ଯ୍ୟବେକ୍ଷକ ହୋଇ ଆସିଥିବା ଦୁଇ ବିଧାୟକ ସଞ୍ଜୟ ଦାସବର୍ମା ଏବଂ ପ୍ରଣବ ପ୍ରକାଶ ଦାସ ବିଜେଡି ଜିଲା କାର୍ଯ୍ୟକାରିଣୀ ବୈଠକରେ କହିଥିଲେ। ମିଳିତ ଭାବେ କାର୍ଯ୍ୟକ୍ରମର ଆୟୋଜନ ଭାର ସମ୍ଭାଳିବାକୁ ଦୁଇ ପ୍ରତିଦ୍ୱନ୍ଦ୍ୱୀ ନବ ଦାସ ଓ କିଶୋର ମହାନ୍ତିଙ୍କୁ କୁହାଯାଇଥିଲା। ଏନେଇ ଶୁକ୍ରବାର ସମସ୍ତ ବିଜେଡି ନେତାଙ୍କ ସମେତ ନବ ଦାସ ଅମଳିପାଲି ପଡିଆକୁ ଯାଇ ସ୍ଥିତି ସମୀକ୍ଷା କରିଥିଲେ। ଯାହାକୁ ନେଇ ଜିଲାରେ ଗୁପୁରୁ ଚାପୁରୁ ଆରମ୍ଭ ହୋଇଯାଇଛି। ଆଗକୁ ମଧ୍ୟ ଏଭଳି ଦୃଶ୍ୟ ଦେଖିବାକୁ ମିଳିବ ବୋଲି ଏଠାରେ ଆଲୋଚନା ଜୋର ଧରିଛି।

### ଏଫ୍‌ଏକ୍ୟୁ ମାନର ଧାନ ନ ଥିବାରୁ ଚାଷୀ ହଇରାଣ ହେଉଛନ୍ତି: ମନ୍ତ୍ରୀ

■ ଚଳିତବର୍ଷ ୨୫% ଅଧିକ ଧାନ କିଣା

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ରାଜ୍ୟରେ ଧାନ ବିକିବା ପାଇଁ ଚାଷୀମାନେ ମଣ୍ଡିରେ ଅପେକ୍ଷା କରି ରହୁଛନ୍ତି। ହେଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧିକ ଧାନ ଚାଷୀଙ୍କଠାରୁ କିଣାଯାଇଥିବା ସଫେଇ ଦେଇଛି। ଏବେ ସୁଦ୍ଧା ୨୭,୭୩,୯୯୧ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ଏହା ଜାନୁୟାରୀ ୧୮ ସୁଦ୍ଧା ୨୫% ଅଧିକ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତବର୍ଷ ଏହି ସମୟରେ ୨୨,୨୨,୩୪୦ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ସ୍ୱୀକାର କରିଛନ୍ତି। ଶୁକ୍ରବାର ଗଣମାଧ୍ୟମକୁ ସୂଚନା ନେଇ ମନ୍ତ୍ରୀ ପାତ୍ର କହିଛନ୍ତି, ଅନେକ ସ୍ଥାନରେ ଚାଷୀମାନେ ଏଫଏକ୍ୟୁ ମାନର ଧାନ ଆଣି ନ ଥିବାରୁ ବିକ୍ରି କରିବାରେ ଅସୁବିଧା ରହିଛି। ଏ ନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରାଯିବ।

### ଯୁବ କଂଗ୍ରେସର ସୋସିଆଲ ମିଡିଆ ପ୍ରଶିକ୍ଷଣ ଶିବିର


ଭୁବନେଶ୍ୱର, ୧୮।୧(ବ୍ୟୁରୋ)

କଂଗ୍ରେସ ଭବନଠାରେ ବିଧାନସଭା ଓ ଜିଲାସ୍ତରୀୟ ସୋସିଆଲ ମିଡ଼ିଆ କର୍ମକର୍ତ୍ତାଙ୍କୁ ନେଇ ଶୁକ୍ରବାର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବୈଠକରେ ସୋସିଆଲ ମିଡିଆର ଆବଶ୍ୟକତା ସମ୍ପର୍କରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନଙ୍କୁ ଅବଗତ କରାଯାଇଛି। ଆଗାମୀ ସାଧାରଣ ନିର୍ବାଚନରେ ସୋସିଆଲ ମିଡିଆ ହିଁ ବିଜୟ କରିବାରେ ନିର୍ଣ୍ଣାୟକ ଭୂମିକା ନେବ ବୋଲି ଲୋକନାଥ ମହାରଥୀ କହିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରର ମିଛ ଅପପ୍ରୟାସକୁ ରୋକିବାକୁ ଯୁବ କଂଗ୍ରେସ ସୋସିଆଲ ମିଡିଆର କର୍ମକର୍ତ୍ତାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ପ୍ରଦେଶ ଯୁବ କଂଗ୍ରେସ ପ୍ରଭାରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ କହିଛନ୍ତି।









## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଷ୍ଟିୱାର୍ଟ ସ୍କୁଲ, ଭୁବନେଶ୍ୱରର ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ, ସ୍କୁଲ ପରିସର, ୟୁନିଟ୍-୮, ସିଆର୍‌ପି ଛକ, ସକାଳ ୯ଟା ୩୦।
- 'ଜଳବାୟୁ ପରିବର୍ତ୍ତନ, ଜଳ ଓ ଖାଦ୍ୟ ସୁରକ୍ଷା' ସମ୍ପର୍କିତ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ, ହୋଟେଲ ନ୍ୟୁ ମ୍ୟାରିୟନ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଦଳିତ ଅଧିକାର ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମିଳନୀ, ରେଡ୍‌କ୍ରସ ଭବନ, ପୂର୍ବାହ୍ନ ୧୧ଟା।
- ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟନ, ତୁଇଘୁଟ୍ ବସ୍ତି, ବିଏମ୍‌ସି ୱାର୍ଡ ନଂ. ୧୦, ମଞ୍ଚେଶ୍ୱର, ପୂର୍ବାହ୍ନ ୧୧ଟା ୧୫।
- ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ଜୟ ହିନ୍ଦ୍ ଉତ୍ସବ-୨୦୧୯, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୧ଟା ୩୦।
- ପୁରୁଷ କମିଶନ ପକ୍ଷରୁ ବିକ୍ଷୋଭ, ମାଷ୍ଟର କ୍ୟାଣ୍ଟିନ୍ ଛକ, ପୂର୍ବାହ୍ନ ୧୧ଟା ୩୦।
- ଗୁରୁ କା ଲଙ୍ଗର୍, ଭୁବନେଶ୍ୱର ଗୁରୁଦ୍ୱାରା, ଖାରବେଳ ନଗର, ଜନପଥ, ଅପରାହ୍ନ ୧ଟା।
- ଭାରତୀୟ ରେଡ୍‌କ୍ରସ ସୋସାଇଟି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଫେଜ୍-୪, ଅପରାହ୍ନ ୨ଟା।
- ଆଞ୍ଚଳିକ ଆଇଟିଆଇ ଫେଷ୍ଟ୍-୨୦୧୯ ଉଦ୍‌ଯାପନ, ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟ ପଡ଼ିଆ, ଅପରାହ୍ନ ୪ଟା।
- ରାଜ୍ୟସ୍ତରୀୟ କୃଷି ମହୋତ୍ସବ 'କୃଷି ଓଡ଼ିଶା'ର ଉଦ୍‌ଯାପନୀ ଉତ୍ସବ, ବିଜୁ ପଟ୍ଟନାୟକ ଖେଳପଡ଼ିଆ, ବରମୁଣ୍ଡା, ସନ୍ଧ୍ୟା ୬ଟା।
- ରାଜାରାଣୀ ସଙ୍ଗୀତ ମହୋତ୍ସବ, ରାଜାରାଣୀ ମନ୍ଦିର ପ୍ରାଙ୍ଗଣ, ସନ୍ଧ୍ୟା ୬ଟା।
- ମୟୂରଭଞ୍ଜ ଉତ୍ସବ, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା।
- ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ସ୍ୱରବର୍ଣ୍ଣର କବିତା ଆବୃତ୍ତି କାର୍ଯ୍ୟକ୍ରମ, ରେଡ୍‌କ୍ରସ ଭବନ, ସନ୍ଧ୍ୟା ୬ଟା।
- ସମ୍ଭାବନା ପକ୍ଷରୁ ପ୍ରଣବ ପ୍ରଣାମ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀ ଠାକୁର ଗୋଖିବାବାଙ୍କ ମକରମେଳା ଅବସରରେ ଭାଗବତ ପାରାୟଣ ପ୍ରବଚନ ଓ ଗୀତାଯଜ୍ଞ, ଗୋଖିବାବା ଆଶ୍ରମ ପରିସର, ସୁନ୍ଦରପଦା, ରାତି ୭ଟା।

# 'କୃଷି ଉତ୍ପାଦନକୁ ମୂଲ୍ୟଯୁକ୍ତ କରିବ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ'

**କୃଷି ଓଡ଼ିଶା-୨୦୧୯**

■ ୩୦ ସଫଳ ମତ୍ସ୍ୟଚାଷୀ ପୁରସ୍କୃତ

ଭୁବନେଶ୍ୱର, ୧୮।୧(ବ୍ୟୁରୋ)




ଅତିଥିମାନେ ମୁଖପତ୍ର 'ମତ୍ସ୍ୟ ଦର୍ପଣ' ଉନ୍ମୋଚନ କରୁଛନ୍ତି।

ଓଡ଼ିଶାରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଯଥେଷ୍ଟ ସୁଯୋଗ ରହିଛି। କୃଷି ଉତ୍ପାଦନକୁ ମୂଲ୍ୟଯୁକ୍ତ କରିବା ପାଇଁ ଏହାର ଆବଶ୍ୟତା ରହିଛି। ଏଥିପାଇଁ ସରକାର ଶିଳ୍ପନୀତିରେ ଅନେକ ପ୍ରୋତ୍ସାହନର ବ୍ୟବସ୍ଥା କରିଛନ୍ତି। ଏହା ଦ୍ୱାରା ଚାଷୀ ତା'ର ଶସ୍ୟ ବାବଦରେ ଅଧିକ ମୂଲ୍ୟ ପାଇବା ସହିତ ଯୁବପିଢ଼ିମାନେ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ ହୋଇପାରିବେ ବୋଲି ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି। ଶୁକ୍ରବାର କୃଷି ଓଡ଼ିଶାର ଚତୁର୍ଥ ଦିବସ ସମାରୋହ ଅବସରରେ ମନ୍ତ୍ରୀ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, କୃଷି ଓଡ଼ିଶା ଯେଉଁ ଲକ୍ଷ୍ୟ ନେଇ ଆରମ୍ଭ କରାଯାଇଛି ତାହା ନିଶ୍ଚିତ ଓଡ଼ିଶାର ଚାଷୀକୁଳଙ୍କ ଚାଷ କାର୍ଯ୍ୟକୁ ଆଗେଇ ନେବାରେ ସହାୟକ ହେବ।

ଭୁବନେଶ୍ୱର ମଧ୍ୟ ବିଧାୟକ ବିଜୟ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଲେ, ଗତ ଦଶନ୍ଧି ମଧ୍ୟରେ ରାଜ୍ୟରେ କୃଷି ସମେତ ପ୍ରତ୍ୟେକ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। କୃଷି କ୍ଷେତ୍ରରେ ଅଭିବୃଦ୍ଧି ହେତୁ ରାଜ୍ୟର ସାମଗ୍ରିକ ଅର୍ଥନୀତି ସୁଦୃଢ଼ ହୋଇପାରିଛି। 'କାଳିଆ' ଯୋଜନାର ସଫଳ ରୂପାୟନ ପାଇଁ ପ୍ରତ୍ୟେକ ସ୍ତରରେ ନିଷ୍ଠାପର ଉଦ୍ୟମ ହେବା ଆବଶ୍ୟକ। ଅର୍ଥ ତଥା କୃଷି ମନ୍ତ୍ରୀ ଶଶିଭୂଷଣ ବେହେରା ସଭାରେ ପୌରୋହିତ୍ୟ କରି କହିଲେ, ଜାତୀୟ ନମୁନା ସର୍ଭେ ରିପୋର୍ଟ ଅନୁସାରେ ରାଜ୍ୟରେ କୃଷକର ଆୟ ଦୁଇଗୁଣିତ ହୋଇପାରିଛି। ଏଥିରେ ମତ୍ସ୍ୟଚାଷ, ଗୋପାଳନ, କୁକୁଡ଼ା ଚାଷ ଆଦି ଆନୁଷଙ୍ଗିକ କୃଷିର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହି ଅବସରରେ ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ମୁଖପତ୍ର 'ମତ୍ସ୍ୟ ଦର୍ପଣ' ଉନ୍ମୋଚିତ ହୋଇଥିଲା। ଉତ୍ସବରେ ୩୦ ସଫଳ ମତ୍ସ୍ୟଚାଷୀଙ୍କୁ ୧୦ ହଜାର ଟଙ୍କାର ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ଉତ୍ସବ ପ୍ରାରମ୍ଭରେ ଓଡ଼ିଶା ରାଜ୍ୟ କୃଷି ବିପଣନ ସଂସ୍ଥାର ନିର୍ଦ୍ଦେଶକ ବଲୱନ୍ତ ସିଂ ସ୍ୱାଗତ ଭାଷଣ ଦେଇଥିବାବେଳେ ମତ୍ସ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ୨୪ରୁ ଦଶମ ଭାରତୀୟ ଚଳଚ୍ଚିତ୍ର ମହୋତ୍ସବ

■ ସମକାଳୀନ ଭାରତୀୟ ସିନେମାକୁ ଗୁରୁତ୍ୱ

ଭୁବନେଶ୍ୱର, ୧୮।୧(ବ୍ୟୁରୋ)

ଭୁବନେଶ୍ୱର ଫିଲ୍ମ ସୋସାଇଟି ପକ୍ଷରୁ ଆସନ୍ତା ୨୪ ତାରିଖରୁ ଦଶମ ଭାରତୀୟ ଚଳଚ୍ଚିତ୍ର ମହୋତ୍ସବ ଆରମ୍ଭ ହେବ। ଏଥର ସମକାଳୀନ ଭାରତୀୟ ସିନେମାକୁ ଗୁରୁତ୍ୱ ଦିଆଯାଇଛି। ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବର ବିଭିନ୍ନ ବିଭାଗରେ ପୁରୁଣା ସିନେମା, ନିର୍ବାଚିତ ପ୍ରଖ୍ୟାତ ଭାରତୀୟ ଫିଲ୍ମ ନିର୍ମାତାଙ୍କର ସିନେମା ଓ ସମକାଳୀନ ଜର୍ମାନ ସିନେମାକୁ ନେଇ ଏକ ବିଭାଗ ରହିଛି। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନିର୍ମିତ ସିନେମାକୁ ନେଇ ଏକ ପ୍ରତିଯୋଗିତା ହେବ। ସେଗୁଡ଼ିକ ମଧ୍ୟରୁ ବିଚାରକମଣ୍ଡଳୀଙ୍କ ଦ୍ୱାରା ମନୋନୀତ ସିନେମାକୁ ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କରାଯିବ। ପ୍ରଖ୍ୟାତ ଭାରତୀୟ ଫିଲ୍ମ ନିର୍ମାତା ବିଭାଗରେ ଋତ୍ୱିକ ଘଟକ, ଗିରୀଶ କସରାବଲ୍ଲି ଓ ସାଜି କରୁନ୍‌ଙ୍କ ସିନେମା କୃତି ପ୍ରଦର୍ଶିତ ହେବ। ପୁରୁଣା ସିନେମା ବିଭାଗରେ ପ୍ରଖ୍ୟାତ ଜର୍ମାନ ଫିଲ୍ମ ନିର୍ମାତା ଫତି ଅକିନ୍‌ଙ୍କ ସିନେମା ପ୍ରଦର୍ଶିତ ହେବ। ଉଦ୍‌ଯାପନୀ ଦିବସରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ, ଗାନ୍ଧୀଙ୍କ ଜୀବନୀ ଓ ଗାନ୍ଧୀବାଦୀ ମୂଲ୍ୟବୋଧ ଉପରେ ଆଧାରିତ ଏକ ସିନେମା ପ୍ରଦର୍ଶିତ ହେବ ବୋଲି ଭୁବନେଶ୍ୱର ଫିଲ୍ମ ସୋସାଇଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଶୁକ୍ରବାର ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍ ଅଫ ଓଡ଼ିଶାରେ ଆୟୋଜିତ ଏହି ସମ୍ମିଳନୀରେ ଅନୁଷ୍ଠାନର ସମ୍ପାଦକ ସୁବ୍ରତ ବେଉରା, କୋଷାଧକ୍ଷ ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ପଞ୍ଚୁପାଣ୍ଡବ ମହୋତ୍ସବରେ କଳାକାରମାନେ ଯୋଡ଼ିଶଙ୍ଖ ପରିବେଷଣ କରୁଛନ୍ତି।

■ ରାଜାରାଣୀ ସଙ୍ଗୀତ ମହୋତ୍ସବ ଉଦ୍‌ଘାଟନୀ ସନ୍ଧ୍ୟା

## ଶାସ୍ତ୍ରୀୟ ସଙ୍ଗୀତ ମୂର୍ଚ୍ଛନାରେ ଦର୍ଶକ ବିଭୋର

ପୁରୁଣା ଭୁବନେଶ୍ୱର,୧୮।୧(ଡି.ଏନ.ଏ.)

ରାଜ୍ୟ ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ରାଜାରାଣୀ ସଙ୍ଗୀତ ମହୋତ୍ସବ ଶୁକ୍ରବାରଠାରୁ ତିନିଦିନ ଧରି ଏକାଦଶ ଶତାବ୍ଦୀ ନିର୍ମିତ ପ୍ରସିଦ୍ଧ ରାଜାରାଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେଉଛି। ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତବର୍ଷରେ ଥିବା ଶାସ୍ତ୍ରୀୟ ତଥା ପାରମ୍ପରିକ ସଙ୍ଗୀତକୁ ଗୋଟିଏ ମଞ୍ଚରେ ପ୍ରଦର୍ଶନ କରାଇ ଆଗାମୀ ପିଢ଼ିର କଳାକାରମାନଙ୍କୁ ଆମର ଶାସ୍ତ୍ରୀୟ ସଙ୍ଗୀତ ପ୍ରତି ରୁଚି ବଢ଼ାଇବା ଓ ଏହି କଳାର ପ୍ରଚାର ପ୍ରସାର କରାଇବା। ଏହା ବ୍ୟତୀତ ମନ୍ଦିରମାଳିନୀ ଭୁବନେଶ୍ୱରରେ ରାଜାରାଣୀ ମନ୍ଦିର ପରି ଏକ ରମଣୀୟ ତଥା କମନୀୟ ସ୍ଥାପତ୍ୟ କଳାପୂର୍ଣ୍ଣକୁ ରାଜ୍ୟ ବାହାରୁ ତଥା ବିଦେଶରୁ ସଙ୍ଗୀତ ପ୍ରେମୀ, ଶ୍ରୋତା ଓ ପର୍ଯ୍ୟଟକମାନଙ୍କୁ ଆକର୍ଷଣ କରିଥିଲା। ସନ୍ଧ୍ୟାର ପ୍ରଥମ ଶିଳ୍ପୀ ଥିଲେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତର ଗାୟିକା ରୁଣା ସାଇରାମ ଦ୍ୱାରା କର୍ଣ୍ଣାଟକୀ ସଙ୍ଗୀତର ବିଭିନ୍ନ ରାଗ ଓ ତାଳକୁ ନେଇ ସଙ୍ଗୀତ ପରିବେଷଣ। ପ୍ରଥମ ଅର୍ଘରେ ରାଗ ହଂସଧ୍ୱନୀ ଏବଂ ଆଦିତାଳରେ ଅମୃତ ବର୍ଷିଣୀ ପରେ ପରେ ଅଷ୍ଟପଦୀ ପରିବେଷଣ କରିଥିଲେ। ତାଙ୍କର ପ୍ରସ୍ତୁତିରେ ଥିଲା ଓଡ଼ିଆ ଭଜନ ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ, ଥକାମନ ଚାଲଯିବା ଚକାନୟନ ଦେଖିବା ଇତ୍ୟାଦି। କାର୍ଯ୍ୟକ୍ରମ ଭିତରେ ସେ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ ସହ ଓଡ଼ିଆ ଭଜନ ଗାନ କରି ଉପସ୍ଥିତ ଶ୍ରୋତାମାନଙ୍କୁ ସ୍ତମ୍ଭୀଭୂତ କରି ଦେଇଥିଲେ। ତାଙ୍କୁ ବେହେଲାରେ ବି.ଆର ରାଓ, ମୃଦଙ୍ଗରେ କେ. ବି. ପ୍ରସାଦ ଏବଂ ଘଟମରେ ଏସ.ବି. ରମଣୀ ସହଯୋଗ କରିଥିଲେ। ସନ୍ଧ୍ୟାର ଦ୍ୱିତୀୟ ଅର୍ଘ୍ୟ ଥିଲା ପ୍ରବୀନ ଗଡଖିଣ୍ଡିଙ୍କ ଦ୍ୱାରା ବଂଶୀ ବାଦନ। ବିଭିନ୍ନ ରାଗ ଓ ତାଳକୁ ନେଇ ତାଙ୍କର ବଂଶୀ ବାଦନ ବେଶ ହୃଦୟସ୍ପର୍ଶୀ ହୋଇଥିଲା। ତାଙ୍କୁ ବଂଶୀ ବାଦନରେ ସହଯୋଗ କରିଥିଲେ ତାଙ୍କ ପୁତ୍ର ସରଜ ଏବଂ ତବଲାରେ ଓଜାସ ଆଧା। ସନ୍ଧ୍ୟାରେ ଅତିଥି ଭାବେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟ ପର୍ଯ୍ୟଟନ ବିଭାଗର ଶାସନ ସଚିବ ବିଶାଲ କୁମାର ଦେବ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ଡ଼. ବିଜୟ କୁମାର ଜେନା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଡ. ସଙ୍ଗୀତା ଗୋସାଇଁ ଏବଂ ଡ. ଭେଦୁଲା ରାମଲକ୍ଷ୍ମୀ।



ମହୋତ୍ସବରେ ପ୍ରବୀନ ଗଡ଼ଖିଣ୍ଡି ବଂଶୀ ବାଦନ କରୁଛନ୍ତି।

## ବିଦ୍ୟାଳୟ ସଭାଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ବାଲିଅନ୍ତା,୧୮।୧(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଜଗନ୍ନାଥପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସଭାଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମୋ ସ୍କୁଲ ଅଭିଯାନରେ ମିଳିଥିବା ସରକାରୀ ଅନୁଦାନରୁ ପ୍ରାୟ ୧୦ଲକ୍ଷ ଟଙ୍କା ସଭାଗୃହ ନିର୍ମାଣରେ ବ୍ୟୟ କରାଯିବ ବୋଲି ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାସ ଏହି ଅବସରରେ କହିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟା ଅରୁନ୍ଧତୀ ସାହୁ, ସରପଞ୍ଚ ରଶ୍ମିତା ସାହୁ, ସମିତି ସଭ୍ୟ ମହେଶ୍ୱର ଦାସ, ବିଇଓ ସ୍ନିଗ୍ଧା ମିଶ୍ର, ସୁରେନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

■ ପଞ୍ଚୁପାଣ୍ଡବ ମହୋତ୍ସବ ଉଦ୍‌ଘାଟିତ

## ଅଶୋକଙ୍କୁ ପ୍ରଥମ 'ପଞ୍ଚୁପାଣ୍ଡବ ସମ୍ମାନ'

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ଭୁବନେଶ୍ୱର ଉପକଣ୍ଠବର୍ତ୍ତୀ ବଡ଼ଗଡ଼ ବ୍ରିଟ୍ କଲୋନୀସ୍ଥିତ ଐତିହାସିକ କୀର୍ତ୍ତିସ୍ଥଳୀ ପଞ୍ଚୁପାଣ୍ଡବ ପୀଠରେ ଶୁକ୍ରବାରଠାରୁ ପ୍ରଥମ ପଞ୍ଚୁପାଣ୍ଡବ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପଞ୍ଚୁପାଣ୍ଡବ ଫାଉଣ୍ଡେଶନ ସଭାପତି ଦିଲୀପ ହାଲି ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ଏହି ଅବସରରେ ମନ୍ତ୍ରୀ ପଣ୍ଡାଙ୍କୁ ପ୍ରଥମ 'ପଞ୍ଚୁପାଣ୍ଡବ ସମ୍ମାନ' ପ୍ରଦାନ କରାଯାଇଥିଲା। ଲୋକକଳା ଓ ଲୋକସଙ୍ଗୀତର ଉନ୍ନତି ପାଇଁ ରାଜ୍ୟ ସରକାର କଳା ସଙ୍ଗଠନଗୁଡ଼ିକୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଆସୁଛନ୍ତି। ଆଗାମୀ ଦିନରେ ଗ୍ରାମାଞ୍ଚଳରେ ଲୋକକଳା ଓ ଲୋକସଙ୍ଗୀତର ପୁନରୁଦ୍ଧାର ପାଇଁ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ ବୋଲି ମନ୍ତ୍ରୀ କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଅନୁଷ୍ଠାନ ଉପଦେଷ୍ଟା ଉମାଶଙ୍କର ପଟ୍ଟନାୟକ, ପ୍ରତାପ ଜେନା, ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସନ୍ତୋଷ କୁମାର ସିଂ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ପୂର୍ବତନ ଡେପୁଟି ମେୟର କେ. ଶାନ୍ତି ଓ ବ୍ରିଟ୍ କଲୋନୀର ପୂର୍ବତନ କର୍ପୋରେଟର ବନ୍ଦନା ସାହୁ ଯୋଗଦେଇ ମହୋତ୍ସବ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ।

ରବିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବରେ ପାରମ୍ପରିକ ଲୋକନୃତ୍ୟ ଓ ଲୋକସଙ୍ଗୀତ ପ୍ରମୁଖ ଆକର୍ଷଣ ସାଜିଥିଲା। ପ୍ରାରମ୍ଭିକ ପ୍ରସ୍ତୁତିରେ ଗୁରୁ ବାଲାଜୀ ସାହୁଙ୍କ ଦ୍ୱାରା ରଣପ୍ପା ଏବଂ ଯୋଡ଼ିଶଙ୍ଖ ପରିବେଷିତ ହୋଇଥିଲା। ଏହାପରେ ଗୁରୁ ଶଙ୍କର ପ୍ରସାଦ ବେହେରାଙ୍କ ଦ୍ୱାରା ପରିବେଷିତ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। କାର୍ଯ୍ୟକ୍ରମ ଶେଷରେ ଅଜିତ ବେହେରା ଧନ୍ୟବାଦ ଦେଇଥିଲେ।

## ମହିଳାଙ୍କ ବେକରୁ ସୁନାଚେନ ଲୁଟ୍

**ଭୁବନେଶ୍ୱର, ୧୮।୧(ବ୍ୟୁରୋ):** କ୍ୟାପିଟାଲ ଥାନା ଅଧୀନ ୟୁନିଟ-୬ ଅଞ୍ଚଳରୁ ନିବେଦିତା ମିଶ୍ର ନାମ୍ନୀ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ ହୋଇଛି। ନିବେଦିତା ୟୁନିଟ୍-୬ ସରକାରୀ କ୍ୱାର୍ଟର୍ସରେ ରୁହନ୍ତି। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାବେଳେ ସେ ୟୁନିଟ୍-୬ ବନଦୁର୍ଗା ମନ୍ଦିରକୁ ଯାଇଥିଲେ। ସେଠାରୁ ଅପରାହ୍ନ ପ୍ରାୟ ଗୋଟାଏ ବେଳେ ଚାଲି ଚାଲି ଘରକୁ ଫେରୁଥିଲେ। ସେ ୟୁନିଟ୍-୬ ବନଜା ଆପାର୍ଟମେଣ୍ଟ ସମ୍ମୁଖରେ ହୋଇଥିବାବେଳେ ଏକ ବାଇକ୍‌ରେ ଦୁଇ ଯୁବକ ଆସି ତାଙ୍କ ବେକରୁ ୨ ଭରି ଓଜନର ସୁନା ଚେନ୍ ଝାମ୍ପି ଦ୍ରୁତଗତିରେ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପହଞ୍ଚି ତଦନ୍ତ କରିଛି। ଆପାର୍ଟମେଣ୍ଟରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ପୋଲିସ ଅଭିଯୁକ୍ତଙ୍କ ପତ୍ତା ଲଗାଇବାକୁ ଉଦ୍ୟମ ଚଳାଇଛି। ସୂଚନାଯୋଗ୍ୟ, କମିଶନରେଟ ପୋଲିସର ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ଲୁଟେରାମାନେ ରାଜଧାନୀରେ ସକ୍ରିୟ ରହିଛନ୍ତି। ଗତ ଏକ ସପ୍ତାହ ମଧ୍ୟରେ କମିଶନରେଟ ପୋଲିସର ବିଭିନ୍ନ ଥାନା ଅଞ୍ଚଳରେ ସୁନାଚେନ୍, ମୋବାଇଲ, ପର୍ସ ଲୁଟ୍ ଭଳି ୫୦ରୁ ଊର୍ଦ୍ଧ୍ୱ ଘଟଣା ଘଟିଥିବା ନେଇ ଅଭିଯୋଗ ହୋଇଛି।

## ଠିକା ସଂସ୍ଥା ସାମଗ୍ରୀ ଚୋରି, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୮।୧(ବ୍ୟୁରୋ):** ଖାରବେଳନଗର ଥାନା ଅଞ୍ଚଳରେ ଏକ ଠିକାସଂସ୍ଥାର କାମ ଚାଲିଥିବା ବେଳେ ଇଲେକ୍ଟ୍ରି କେବୁଲ ଏବଂ ଯନ୍ତ୍ରପାତି ଚୋରି କରିନେଇଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲା ପୋଲସରା ଥାନା ଅଧୀନ ବୁଢ଼ାଆମ୍ବ ଅଞ୍ଚଳର ପ୍ରଶାନ୍ତ କୁମାର ସାହୁ। ଘଟଣା ସମ୍ପର୍କରେ ସଂସ୍ଥାର ସହକାରୀ ପରିଚାଳକ ଶିବ ପ୍ରସାଦ ଶତପଥୀଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(୧୭/୧୯) ରୁଜୁ କରିଛି। ଅଭିଯୁକ୍ତଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ ହୋଇଛି।

## ଛୁଆକୁ ମାରିଲା ଅଣ୍ଡିରା ଜଳହସ୍ତୀ

ବାରଙ୍ଗ,୧୮।୧(ଡି.ଏନ୍.ଏ.)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଗତ ୧୦ତାରିଖରେ ଜନ୍ମ ହୋଇଥିବା ଏକ ଜଳହସ୍ତୀ ଛୁଆକୁ ଶୁକ୍ରବାର ଏକ ଅଣ୍ଡିରା ଜଳହସ୍ତୀ ମାରିଦେଇଛି। ୬୨ନଂ. ଏନ୍‌କ୍ଲୋଜର ଜଳାଶୟରେ ଛୁଆଟି ପାଣିରେ ଭାସୁଥିବା ସକାଳେ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ମୃତ ଛୁଆକୁ ପାଣିରୁ ଉଦ୍ଧାର କରାଯିବା ପରେ ତା' ଶରୀରର ତିନୋଟି ସ୍ଥାନରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଥିଲା। ବ୍ୟବଚ୍ଛେଦ ପରେ ମୃତ ଛୁଆକୁ ଏନ୍‌କ୍ଲୋଜରରେ ପୋତିଦିଆଯାଇଛି। ଏହି ଜଳହସ୍ତୀ ଛୁଆର ମୃତ୍ୟୁ ପରେ ଏଠାରେ ଏମାନଙ୍କ ସଂଖ୍ୟା ୧୩କୁ ହ୍ରାସ ପାଇଛି। ସେଥିମଧ୍ୟରେ ୩ ମାଈ ଓ ୮ ଅଣ୍ଡିରା ଥିବାବେଳେ ୨ଟିର ଲିଙ୍ଗ ନିରୂପଣ ହୋଇପାରିନାହିଁ।

**ଏମୁପକ୍ଷୀ ଅଣ୍ଡାରୁ ଛୁଆ ଫୁଟିଲା**

ସେପଟେ ୭୩ନଂ. ଏନ୍‌କ୍ଲୋଜରରେ ଏମୁପକ୍ଷୀ ଦେଇଥିବା ଅଣ୍ଡାରୁ ଛୁଆ ଫୁଟି ବାହାରିଛି। ଗୁରୁବାର ମଧ୍ୟ ଆଉ ଏକ ଅଣ୍ଡାରୁ ଛୁଆ ଫୁଟି ବାହାରିଥିଲା। ଏବେ ନନ୍ଦନକାନନରେ ଏମୁ ସଂଖ୍ୟା ବୃଦ୍ଧି ପାଇ ୭ରେ ପହଞ୍ଚିଛି। ସେଥିମଧ୍ୟରେ ୩ ମାଈ ଓ ୨ ଅଣ୍ଡିରା ଥିବାବେଳେ ୨ଟିର ଲିଙ୍ଗ ନିରୂପଣ ହୋଇପାରିନାହିଁ।

## ମୁଣ୍ଡରେ ନଡ଼ିଆ ପଡ଼ି ଶିଶୁ ଗୁରୁତର

**ବାଲିପାଟଣା,୧୮।୧(ଡି.ଏନ୍.ଏ):** ବାଲିପାଟଣା ଥାନା ମଝିହରା ଭୋଇସାହିରେ ଶୁକ୍ରବାର ଅଭିଜିତ ଭୋଇ(୪)ଙ୍କ ମୁଣ୍ଡରେ ନଡ଼ିଆ ପଡ଼ିବାରୁ ସେ ଗୁରୁତର ହୋଇଥିଲେ। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଅଭିଜିତ ତାଙ୍କ ଘର ନିକଟରେ ଖେଳୁଥିବା ବେଳେ ନଡ଼ିଆ ଗଛରୁ ଏକ ନଡ଼ିଆ ତାଙ୍କ ମୁଣ୍ଡ ଉପରେ ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ।

## ବନ୍ଧରେ ବିଦ୍ୟୁତ୍ ଖୁଣ୍ଟକୁ ଗ୍ରାମବାସୀଙ୍କ ବିରୋଧ

ପୁରୁଣା ଭୁବନେଶ୍ୱର,୧୮।୧(ଡି.ଏନ.ଏ.)

**କଣାସ ମାଇନର କେନାଲ**



ଅନେକ ସମୟରେ ଲୋକଙ୍କ ଆଲୋଚନାକୁ ଆସିଥିବା ଉତ୍ତରା ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟର ଅଧିକାରୀଙ୍କ ପୁଣି ଏକ କାରନାମାକୁ ନେଇ ଅସନ୍ତୋଷ ଦେଖାଦେଇଛି। କଣାସ ମାଇନର କେନାଲ ବନ୍ଧର ଦକ୍ଷିଣ ପାର୍ଶ୍ୱରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ଖୁଣ୍ଟଗୁଡ଼ିକୁ ବିଭାଗୀୟ ଅଧିକାରୀ ବାମପାର୍ଶ୍ୱ ଅର୍ଥାତ୍ ଜନଗହଳୀପୂର୍ଣ୍ଣ ପଟେ ନେବାର କାର୍ଯ୍ୟ ଶେଷ କରିଛନ୍ତି। ପାଖାପାଖି ୬ଟି ଖୁଣ୍ଟିକୁ ଏହି କେନାଲ ବନ୍ଧରେ ଗାତ ଖୋଳି ପୋତାଯାଇଛି। ଏହି ରାସ୍ତାରେ ପ୍ରତ୍ୟହ ଖରିଜାପାଟଣା, ବାରମାଣପାଟଣା, ଜେନାସାହି, ଦିନଉଦ୍ଧାରଣ, ସଙ୍ଗଳାଇ, କୁଞ୍ଜର ଆଦି ଗ୍ରାମର ଲୋକେ ଯାତାୟାତ କରିଥାନ୍ତି। ଏବେ କାହା ସ୍ୱାର୍ଥରେ ଅଧିକାରୀ ଏଭଳି ନିଷ୍ପତ୍ତି ଗ୍ରହଣ କରିଛନ୍ତି ତାହାକୁ ନେଇ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ତୁରନ୍ତ ଏହି ଖୁଣ୍ଟ ଗୁଡ଼ିକରେ ବିଦ୍ୟୁତ୍ ସରବରାହ ନ କରି ପୂର୍ବଭଳି ଲୋକେ ଚଳୁ ନ ଥିବା ବନ୍ଧରେ ରଖିବାକୁ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ସରପଞ୍ଚ ଶୁଭାଶିଷ ରଥ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଉତ୍ତରା ବିଦ୍ୟୁତ୍ ଉପଖଣ୍ଡ କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ପାଣିଗ୍ରାହୀ କୁହନ୍ତି, ଅଭିଯୋଗ ପରେ ଆମେ କାର୍ଯ୍ୟ ବନ୍ଦ କରିଛୁ। ତେବେ ଅପରପାର୍ଶ୍ୱ ବନ୍ଧରେ ପୂର୍ବରୁ ଥିବା ଖୁଣ୍ଟିଗୁଡ଼ିକ ସେମାନଙ୍କ ବିଲରେ ଥିବାରୁ ସେମାନଙ୍କ ଅଭିଯୋଗ ଆସିଥିଲା। ତେଣୁ ଏଥିରେ ବିଭାଗର କୌଣସି ପଇସା ଖର୍ଚ୍ଚ କରାଯାଉନାହିଁ। ତଥାପି ଘଟଣାକୁ ଆଖି ଆଗରେ ରଖି କାର୍ଯ୍ୟମାନ କରାଯାଉଛି।

■ ନିଆଁରେ ପୋଡ଼ି ମହିଳାଙ୍କ ମୃତ୍ୟୁ ଘଟଣା

## ଡାକ୍ତରଖାନା ନେବାରେ ଅବହେଳା କରିଥିବାରୁ ସ୍ୱାମୀ ଗିରଫ

ଭୁବନେଶ୍ୱର, ୧୮।୧(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ବିରୁବାସା ବସ୍ତିରେ କୁକୁଡ଼ା ପୋଡୁଥିବାବେଳେ ମାନି ପ୍ରଧାନ ନାମ୍ନୀ ମହିଳା ନିଆଁରେ ପୋଡ଼ିଯାଇ ପ୍ରାଣ ହରାଇଥିଲେ। ଏହି ଘଟଣାରେ ପୋଲିସ ତାଙ୍କ ସ୍ୱାମୀ ରାଜୁ ଦେବଗରଙ୍କୁ ପୋଲିସ ଗିରଫ କରିଛି। ମାନି ନିଆଁରେ ପୋଡ଼ିଯିବା ପରେ ରାଜୁ ତାଙ୍କୁ ତୁରନ୍ତ ଡାକ୍ତରଖାନା ନ ନେଇ ବିଳମ୍ବ କରିଥିଲେ। ତାଙ୍କ ଅବହେଳା ପାଇଁ ମାନିଙ୍କ ମୃତ୍ୟୁ ଘଟିଥିବା ନେଇ ମୃତାଙ୍କ ବାପଘର ପକ୍ଷରୁ ଅଭିଯୋଗ କରାଯିବା ପରେ ପୋଲିସ ଏହି ପଦକ୍ଷେପ ନେଇଛି।

ସୂଚନାଯୋଗ୍ୟ, ମାନି ଏବଂ ରାଜୁ ଦିନ ମଜୁରିଆ ଭାବେ କାମ କରନ୍ତି। ଗତ ବୁଧବାର ସନ୍ଧ୍ୟାରେ ମାନି ଏକ କୁକୁଡ଼ା ମାରି ବାଡ଼ି ପଛପଟେ ପୋଡୁଥିବାବେଳେ ନିଆଁ ତାଙ୍କ ଲୁଗାରେ ଲାଗିଯାଇଥିଲା। ନିଆଁରେ ପୋଡ଼ିଯାଇ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ିଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଦଫା ୩୦୪(ଏ) ଅନୁଯାୟୀ ଥାନାରେ ଏକ ମାମଲା(୨୫/୧୯) ରୁଜୁ ହୋଇଛି।


## ଓଡ଼ିଶା ବିକାଶରେ ମୟୂରଭଞ୍ଜର ରହିଛି ବିଶେଷ ଅବଦାନ

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ମୟୂରଭଞ୍ଜର କଳା, ସଂସ୍କୃତିକୁ ନେଇ ଶୁକ୍ରବାରଠାରୁ ସ୍ଥାନୀୟ ଉତ୍କଳ ମଣ୍ଡପରେ ଆରମ୍ଭ ହୋଇଯାଇଛି ୮ମ ମୟୂରଭଞ୍ଜ ଉତ୍ସବ। ମୟୂରଭଞ୍ଜ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଆୟୋଜିତ ଉତ୍ସବକୁ ରାଜ୍ୟ ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଛନ୍ତି। ଓଡ଼ିଶାର କଳା, ସଂସ୍କୃତିର ପ୍ରଚାର ପ୍ରସାର କରିବାରେ ମୟୂରଭଞ୍ଜ ଜିଲା ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଓଡ଼ିଶାର ବିକାଶ କ୍ଷେତ୍ରରେ ଏହି ଜିଲାବାସୀଙ୍କର ପ୍ରମୁଖ ଯୋଗଦାନ ରହିଛି ବୋଲି ମନ୍ତ୍ରୀ ଏହି ଅବସରରେ କହିଥିଲେ।


ଉତ୍ସବରେ ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ବୀରଭଦ୍ର ସିଂ, ଉତ୍ସବ ସାଧାରଣ ସମ୍ପାଦକ ଗୋକୁଳ ଚନ୍ଦ୍ର ଦାସ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦ ଉପସଭାପତି ଅଭିନେତା ଉତ୍ତମ ମହାନ୍ତି ଯୋଗଦେଇଥିଲେ। ଜିଲାର ସଂସ୍କୃତି ଓ ପରମ୍ପରାକୁ ନେଇ ଏକ ଅଡିଓ ଭିଜୁଆଲ୍ ପ୍ରଦର୍ଶିତ ହୋଇଥିଲା। ଏହାପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଚିତ୍ରଣ ଦକ୍ଷିଣ ସାହିର ଛଉନୃତ୍ୟ, ଝୁମର୍ ଶିଳ୍ପୀମାନଙ୍କ ଦ୍ୱାରା ସମବେତ ସଙ୍ଗୀତ ଓ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଜାମ୍‌ଜା ଆଦିବାସୀ ଆଖଡ଼ାର ଦାଣ୍ଟା ନାଚ ଏବଂ ବାଥୁଡ଼ି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଆଦିମ ଆଦିବାସୀ ମହାସଂଘ ପକ୍ଷରୁ ହୋ, ମୁଣ୍ଡା ଓ ସାନ୍ତାଳି ନାଚ ମଞ୍ଚସ୍ଥ ହୋଇଥିବା ବେଳେ ବାରିପଦାର ଗୁରୁକୁଳ ଡ୍ୟାନ୍ସ ଆଣ୍ଡ ଭିଜୁଆଲ୍ ଏକାଡେମୀର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପପୁ ପମ୍‌ପମ୍‌ଙ୍କ ସହ ଓଡ଼ିଆ ଫିଲ୍ମ ଓ ଟେଲିଭିଜନ ଇଣ୍ଡଷ୍ଟ୍ରୀର ବହୁ କଳାକାର ଯୋଗଦେଇଥିଲେ। ସୁକାନ୍ତ ରଥ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ। ୩ ଦିନ ଧରି ଚାଲିବାକୁ ଥିବା ଉତ୍ସବରେ ବାରିପଦା ପ୍ରସିଦ୍ଧ ମୁଢ଼ିମାଂସ ଅନ୍ୟତମ ଆକର୍ଷଣ ସାଜିଛି।

**ଆରମ୍ଭ ହେଲା ମୟୂରଭଞ୍ଜ ଉତ୍ସବ**



ମୟୂରଭଞ୍ଜ ଉତ୍ସବ ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୯ ଜାନୁୟାରୀ, ୨୦୧୯



ମୁଁ ଅନ୍ୟକୁ ଥଟ୍ଟା କରେ ସତକଥା କହି, କାରଣ ସତ୍ୟ ହେଉଛି ସବୁଠାରୁ ବଳି ଆମୋଦଦାୟକ ଥଟ୍ଟା।
- ଜର୍ଜ ବର୍ନାଡ ଶ



# ସେଲ୍ଫି କର୍ଣ୍ଣର


ମୋନାଲିସା


ସ୍ୱର୍ଣ୍ଣମୁଦ୍ରା


ସୌମ୍ୟ


ଗଡ଼ିକୃଷ୍ଣ


ସ୍ୱର୍ଣ୍ଣମୟୀ


ବନବିହାରୀ


ରତିକାନ୍ତ


ସସ୍ମିତା


ସବିତା


ଓମ୍‌ପ୍ରକାଶ

# ବ୍ୟାଙ୍କ ଆକାଉଣ୍ଟରୁ ଚଞ୍ଚକତା କରି ଟଙ୍କା ଉଠାଣ: ସମିତିସଭ୍ୟ ଗିରଫ

ନିମାପଡ଼ା,୧୮।୧(ଡି.ଏନ୍.ଏ) ବ୍ୟାଙ୍କ ଆକାଉଣ୍ଟରୁ ଚଞ୍ଚକତା କରି ଟଙ୍କା ଉଠାଇବା ଅଭିଯୋଗରେ ନିମାପଡ଼ା ପୋଲିସ ଜଣେ ସମିତିସଭ୍ୟଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିମାପଡ଼ା ବ୍ଲକ ଅରିଷଣ୍ଡ ପଞ୍ଚାୟତର ସମିତିସଭ୍ୟ ରାହୁଲ ନାୟକ। ସୂଚନା ଅନୁଯାୟୀ, ଅରିଷଣ୍ଡ ପଞ୍ଚାୟତର ଚକ୍ରଧର ମଲ୍ଲିକଙ୍କ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ, ନିମାପଡ଼ା ଶାଖାରେ ଥିବା ଆକାଉଣ୍ଟରୁ ଚଞ୍ଚକତା କରି ୩ହଜାର ଟଙ୍କା ଉଠାଣ ହୋଇଥିବା ଗୁରୁବାର ଅଭିଯୋଗ ହୋଇଥିଲା। ଅରିଷଣ୍ଡ ପଞ୍ଚାୟତରେ ଥିବା ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆର ଗ୍ରାମୀଣ କ୍ଷୁଦ୍ର ବ୍ୟାଙ୍କ ଶାଖାର ଥିବା ବିଜ୍‌ନେସ୍ କରେସପଣ୍ଡେଣ୍ଟ(ବି.ସି.), ଜନସେବା କେନ୍ଦ୍ରର ପରିଚାଳକ ତଥା ସମିତିସଭ୍ୟ ନାୟକ ଏହି ଟଙ୍କା ହଡପ କରିଥିବା ଚକ୍ରଧର ଅଭିଯୋଗ କରିଥିଲେ। ପୋଲିସ ଏ ସମ୍ପର୍କରେ ଏକ ମାମଲା(ନଂ. ୨୪/୧୯)ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ସମିତିସଭ୍ୟ ନାୟକଙ୍କୁ ଗୁରୁବାର ଗିରଫ କରିଥିଲା। ସେହିପରି କିଛି ମାସ ପୂର୍ବରୁ ଅରିଷଣ୍ଡ ପଞ୍ଚାୟତର ଗଙ୍ଗାଧର ନାୟକଙ୍କ ଆକାଉଣ୍ଟରୁ ସମିତିସଭ୍ୟ ନାୟକ ଚଞ୍ଚକତା କରି ୫୦ହଜାର ଟଙ୍କା ଉଠାଇନେଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ହରମୋହନ ନାୟକ କହିଛନ୍ତି। ଅନ୍ୟପକ୍ଷରେ ଏସମ୍ପର୍କରେ ସମିତିସଭ୍ୟ ନାୟକ କୁହନ୍ତି, ଅଭିଯୋଗକାରୀଙ୍କ ସମସ୍ତ ଟଙ୍କା ମୁଁ ଫେରସ୍ତ କରିଦେଇଛି। ତାଙ୍କ ସହ ଘଟିଥିବା ଘଟଣାର ସମାଧାନ ହୋଇଯାଇଛି ବୋଲି ସେ କହିଛନ୍ତି। ସମିତିସଭ୍ୟ ନାୟକଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ସଭ୍ୟପଦ ରଦ୍ଦ କରାଯିବାକୁ ଦାବି ହେଉଛି।

# ସୂର୍ଯ୍ୟମନ୍ଦିରରୁ ପଡ଼ି ପର୍ଯ୍ୟଟକ ଗୁରୁତର

କୋଣାର୍କ, ୧୮।୧(ଡି.ଏନ୍.ଏ.): ସୂର୍ଯ୍ୟମନ୍ଦିର ପରିଦର୍ଶନ ସମୟରେ ଜଣେ ପର୍ଯ୍ୟଟକ ମନ୍ଦିରଶାଳାର ଅଣ୍ଟାଠାରୁ ନିକଟରୁ ତଳକୁ ଖସିପଡ଼ି ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ନାମ ଧର୍ମେନ୍ଦ୍ରାରାମ ଜୈଶୱାଲ। ତାଙ୍କ ଘର ଛତିଶଗଡ଼ର କରିଉଆମ ଜିଲାରେ ବୋଲି ଜଣାପଡ଼ିଛି। କୋଣାର୍କ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ପୁରୀ ସଦର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂର୍ଯ୍ୟମନ୍ଦିର ବେଢ଼ାରେ ବ୍ୟାରିକେଡ୍ ନ ଥିବାରୁ ପର୍ଯ୍ୟଟକମାନେ ବୁଲୁଥିବା ଅବସ୍ଥାରେ କୌଣସି କାରଣରୁ ପଡ଼ି ଗୁରୁତର ଆହାତ ହେଉଛନ୍ତି। ମନ୍ଦିର ଦାୟିତ୍ୱରେ ଥିବା ଅଧିକାରୀ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଏଭଳି ଘଟଣା ବାରମ୍ବାର ଘଟୁଛି। ଏ ସମ୍ପର୍କରେ ମନ୍ଦିର ଦାୟିତ୍ୱରେ ଥିବା ଅଧିକାରୀ ବିରଞ୍ଚନ ଦାଶ କୁହନ୍ତି, ମନ୍ଦିର ଚତୁର୍ପାର୍ଶ୍ୱରେ ବ୍ୟାରିକେଡ୍ କରିବା ପାଇଁ ଆମକୁ ଅନୁମତି ନାହିଁ। ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବି ବୋଲି ସେ କହିଥିଲେ।


## ଆଲ୍ଲାହାବାଦ ବ୍ୟାଙ୍କ — ଡ଼ିମାଣ୍ଡ ନୋଟିସ୍

ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ ଫାଇନାନ୍‌ସିଆଲ ଆସେଟସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ ଆଲ୍ଲାହାବାଦ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ଡ଼ିମାଣ୍ଡ ନୋଟିସ୍ ଯାହା ଏହି ଶାଖାର ଋଣଗ୍ରହୀତାଙ୍କ ବିରୁଦ୍ଧରେ ତାହା ନିମ୍ନ ସାରଣୀରେ ପ୍ରଦାନ କରାଗଲା।

| ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ଋଣ ପରିମାଣ | ବକେୟା ଦେୟ | ନୋଟିସ୍ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| ଋଣଗ୍ରହୀତା: ମେସର୍ସ ନାରାୟଣ ପେଟ୍ରୋପ୍ରଡକ୍ଟସ୍ (ପ୍ରା.) ଲିଃ, ... (୧) ଶ୍ରୀ ନରସିଂହ ପ୍ରଧାନ ... [illegible] | ଟ.୩,୪୦,୦୦,୦୦୦/- | ତା୦୮.୧୨.୨୦୧୮ ସୁଦ୍ଧା ଟ.୩,୦୩,୫୩,୯୫୮/- | ୧୯.୧୨.୨୦୧୮ | [illegible] |

ଆପଣମାନେ ଆମ ... [illegible]

ସ୍ଥାନ-ଭୁବନେଶ୍ୱର, ତାରିଖ-୧୮.୦୧.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ,ଆଲ୍ଲାହାବାଦ ବ୍ୟାଙ୍କ

## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ — ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର
ଶାଖା ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୨୧, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୬୧୩
ଶାଖା ଇ-ମେଲ: sbi.05174@sbi.co.in

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସ୍‌ମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସ୍‌ମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି। ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା୦୨.୦୨.୨୦୧୯ରିଖ ଅପରାହ୍ଣ ୪.୦୦ ଘଟିକା ପର୍ଯ୍ୟନ୍ତ**

ଇ-ନିଲାମ ତାରିଖ ଏବଂ ସମୟ: **ତା୦୫.୦୨.୨୦୧୯ରିଖ ପୂର୍ବାହ୍ଣ ୧୧.୦୦ ଘଟିକା ରୁ ଅପରାହ୍ଣ ୩.୦୦ ଘଟିକା ପର୍ଯ୍ୟନ୍ତ** ପ୍ରତ୍ୟେକଙ୍କ ନିମନ୍ତେ ୫ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ଏଚ୍. ଏମ୍. ଜୁଏଲର୍ସ ପ୍ରା. ଲିଃ., ଶ୍ରୀ ଉମେଶ ଚନ୍ଦ୍ର ମହାରଣା, ପରିଚାଳନା ନିର୍ଦ୍ଦେଶକ, ଶ୍ରୀମତୀ ପୂର୍ଣ୍ଣିମା ମହାରଣା, ନିର୍ଦ୍ଦେଶକ, ପଞ୍ଜିକୃତ କାର୍ଯ୍ୟାଳୟ: ଓଲ୍ଡ ଟାଉନ୍, ହାଟସାହି, ଉମାଶଙ୍କର ଲେନ୍, ଭୁବନେଶ୍ୱର-୭୫୧୦୦୨ | ଜାମିନ୍‌ଦାରମାନେ: ୧) ଶ୍ରୀ ଉମେଶ ଚନ୍ଦ୍ର ମହାରଣା, ୨) ଶ୍ରୀମତୀ ପୂର୍ଣ୍ଣିମା ମହାରଣା, ଉଭୟଙ୍କ ଠିକଣା- ଫ୍ଲାଟ୍ ନଂ.: ୨/ଏ, ଦ୍ୱିତୀୟ ମହଲା, ବିଏମ୍‌ସି ଭବାନୀ ଏନକ୍ଲେଭ, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭ | କ) ଶ୍ରୀ ଉମେଶ ଚନ୍ଦ୍ର ମହାରଣାଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସୁନ୍ଦରପଦା ୟୁନିଟ୍ ନଂ.-୨୪, ତହସିଲ/ଥାନା: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୮୨୯/୩, ପ୍ଲଟ୍ ନଂ.: ୨୬୫, ୨୬୬, ୨୬୭, କ୍ଷେତ୍ର: ଏକର୦.୨୯୧ଡିସିମିଲି | ୨୨.୦୨.୨୦୧୮ ସୁଦ୍ଧା ଟ.୭,୩୪,୧୭,୦୨୦/- + ୨୩.୦୨.୨୦୧୮ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୦୧.୦୩.୨୦୧୮ | ଟ.୯୬,୨୯,୦୦୦/-<br>ଟ.୯,୬୨,୯୦୦/-<br>ଟ.୧୦,୦୦୦/- |
| | | | ଖ) ଶ୍ରୀ ଉମେଶ ଚନ୍ଦ୍ର ମହାରଣାଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.-୨୭, ତହସିଲ/ଥାନା: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୯୯୪/୬୭୨, ପ୍ଲଟ୍ ନଂ.: ୬୬୬/୩୮୫୦, ୬୬୫/୪୯, କ୍ଷେତ୍ର: ଏକର୦.୦୬୫ଡିସିମିଲି | | ଟ.୭୨,୨୫,୦୦୦/-<br>ଟ.୭,୨୨,୫୦୦/-<br>ଟ.୧୦,୦୦୦/- |
| | | | ଗ) ଶ୍ରୀମତୀ ପୂର୍ଣ୍ଣିମା ମହାରଣାଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାତ୍ରପଡ଼ା, ତହସିଲ/ଥାନା: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୭୦୩/୧୬୯୮, ପ୍ଲଟ୍ ନଂ.: ୨୬/୧୭୮୪, କ୍ଷେତ୍ର: ଏକର୦.୦୫୦ଡିସିମିଲି | | ଟ.୬୪,୮୦,୦୦୦/-<br>ଟ.୬,୪୮,୦୦୦/-<br>ଟ.୧୦,୦୦୦/- |
| ୨. | ଋଣଗ୍ରହୀତା: ମେସର୍ସ ସ୍ୱସ୍ତିକ ଟ୍ରେଡିଙ୍ଗ୍ କର୍ପୋରେସନ୍, ଅଂଶୀଦାରମାନେ: ୧) ଶ୍ରୀ ରୋହିତ କୁମାର କାଣ୍ଡୋଇ, ସା: ୩୧, ଗଣେଶ ଚନ୍ଦ୍ର ଏଭିନିଉ, ରୁମ୍ ନଂ.: ୫ବି ଏବଂ ୫ସି, ୫ମ ମହଲା, କଲିକତା-୭୦୦୦୧୩, ପଶ୍ଚିମ ବଙ୍ଗ, ୨) ପ୍ରଦୀପ କୁମାର କାଣ୍ଡୋଇ, ପ୍ଲଟ୍ ନଂ.: ୨୦, ଆଚାର୍ଯ୍ୟ ବିହାର, ୟୁନିଟ୍-୯, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | | ଶ୍ରୀ ରୋହିତ କୁମାର କାଣ୍ଡୋଇଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଜଟଣୀ, ମୌଜା: କଣ୍ଟିଲୋ, ଥାନା: ଏୟାରଫିଲ୍ଡ, ଭୁବନେଶ୍ୱର, ଖାତା ନଂ.: ୩୧୧/୭୬୨, ପ୍ଲଟ୍ ନଂ.: ୫୧୬, କ୍ଷେତ୍ର: ଏକର୦.୦୩୮.୫ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ପ୍ରଭାକର ବେହେରା, ଉତ୍ତର: ରତନ କୁମାର ବେହେରା, ଦକ୍ଷିଣ: ରାସ୍ତା | ୦୭.୦୫.୨୦୧୮ ସୁଦ୍ଧା ଟ.୫୧,୮୬,୩୨୧.୩୫ + ୦୭.୦୫.୨୦୧୮ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୦୭.୦୫.୨୦୧୮ | ଟ.୧୫,୬୩,୦୦୦/-<br>ଟ.୧,୫୬,୩୦୦/-<br>ଟ.୧୦,୦୦୦/- |
| ୩. | ଋଣଗ୍ରହୀତା: ମେସର୍ସ ବୃକସନ୍ ଏନର୍ଜି ପ୍ରା. ଲିଃ, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ପ୍ଲଟ୍ ନଂ.: ୨୭, ୨ୟ ମହଲା, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୦ | | ଶ୍ରୀମତୀ ସ୍ୱର୍ଣ୍ଣାଞ୍ଜଳି ପତିଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଜଟଣୀ, ମୌଜା: ମୁଣ୍ଡଳ, ଖାତା ନଂ.: ୪୨, ପ୍ଲଟ୍ ନଂ.: ୭୬୮, କ୍ଷେତ୍ର: ଏକର୦.୨୬୪ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଖାଲି ଜମି, ରେଭିନ୍ୟୁ ପ୍ଲଟ୍ ନଂ. ୭୬୮ ଏବଂ ୭୭୦, ପଶ୍ଚିମ: ଖାଲି ଜମି, ରେଭିନ୍ୟୁ ପ୍ଲଟ୍ ନଂ. ୭୫୧ ଏବଂ ୭୫୨, ଉତ୍ତର: ଖାଲି ଜମି, ରେଭିନ୍ୟୁ ପ୍ଲଟ୍ ନଂ. ୭୫୪, ଦକ୍ଷିଣ: ଖାଲି ଜମି, ରେଭିନ୍ୟୁ ପ୍ଲଟ୍ ନଂ. ୭୬୮ | ୦୭.୦୫.୨୦୧୮ ସୁଦ୍ଧା ଟ.୪୦,୬୩,୩୦୯.୩୦ + ୦୭.୦୫.୨୦୧୮ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୦୭.୦୫.୨୦୧୮ | ଟ.୨୩,୫୩,୦୦୦/-<br>ଟ.୨,୩୫,୩୦୦/-<br>ଟ.୧୦,୦୦୦/- |
| ୪. | ଋଣଗ୍ରହୀତା: ଶ୍ରୀ ଭାଗ୍ୟଧର ସାହୁ, ପ୍ଲଟ୍ ନଂ.: ଏନ୍-୬/୨୩୦, ଅଶୋକ ଚାରୁ ନିବାସ, ଫ୍ଲାଟ୍ ନଂ.: ୪୦୧, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧ | | ଶ୍ରୀ ଭାଗ୍ୟଧର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଟଳା, ତହସିଲ/ଏସ୍ଆରଓ: ବାଲିଅନ୍ତା, ଥାନା ନଂ.: ୧୬, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୩୫୯/୨୩୭, ପ୍ଲଟ୍ ନଂ.: ୨୨୭/୮୬୬, କ୍ଷେତ୍ର: ଏକର୦.୦୯୨ଡିସିମିଲି, ଅନୁରୂପ ସାବକ ଖାତା ନଂ.: ୩୫୯/୧୦୮, ପ୍ଲଟ୍ ନଂ.: ୨୨୭, କିସମ: ଘରବାରି, ସଂଶୋଧିତ ମ୍ୟୁଟେଟେଡ଼ ଖାତା ନଂ.: ୩୫୯/୮୦୧, ପ୍ଲଟ୍ ନଂ.: ୨୨୭/୮୬୬, କ୍ଷେତ୍ର: ଏକର୦.୦୯୨ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୭୧ ଏବଂ ୭୨, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ. ୭୬, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୭୩ | ୧୧.୦୫.୨୦୧୮ ସୁଦ୍ଧା ଟ.୪୯,୪୭,୮୮୯/- + ୧୧.୦୫.୨୦୧୮ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୧୧.୦୫.୨୦୧୮ | ଟ.୩୦,୬୬,୦୦୦/-<br>ଟ.୩,୦୬,୬୦୦/-<br>ଟ.୧୦,୦୦୦/- |
| ୫. | ଋଣଗ୍ରହୀତା: ମେସର୍ସ ଚନ୍ଦନ ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଚନ୍ଦନ କୁମାର ଝିଙ୍ଗନ୍, ପ୍ଲଟ୍ ନଂ.: ଏ/୧୮, ରସୁଲଗଡ ଶିଳ୍ପାଞ୍ଚଳ, ଧରିତ୍ରୀ ଖବରକାଗଜ ପ୍ରେସ୍ ନିକଟ, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦ | ଜାମିନ୍‌ଦାର: ଶ୍ରୀମତୀ ସାଗରିକା ପଟ୍ଟନାୟକ, ସ୍ୱାମୀ: ଶ୍ରୀ ପ୍ରୀତିରଞ୍ଜନ ପଟ୍ଟନାୟକ, ପ୍ଲଟ ନଂ.: ୭୫୯, ଇଣ୍ଡୋର ଷ୍ଟାଡିୟମ୍ ନିକଟ, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭ | ଶ୍ରୀମତୀ ସାଗରିକା ପଟ୍ଟନାୟକ, ସ୍ୱାମୀ: ଶ୍ରୀ ପ୍ରୀତିରଞ୍ଜନ ପଟ୍ଟନାୟକଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୁବନେଶ୍ୱର ସହର (ୟୁନିଟ୍ ନଂ.: ୩୩) ଝାରପଡା, ତହସିଲ: ଭୁବନେଶ୍ୱର, ତହସିଲ ନଂ.: ୨୪୯, ଥାନା: ନିୟୁ କ୍ୟାପିଟାଲ, ଥାନା ନଂ.: ୭୭, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୯୨୮/୧୯୦୮, ପ୍ଲଟ୍ ନଂ.: ୧୭୨୩/୪୦୫୮, କ୍ଷେତ୍ର: ଏକର୦.୦୫୫ଡିସିମିଲି, କିସମ: ଘରବାରି | ୦୬.୦୭.୨୦୧୪ ସୁଦ୍ଧା ଟ.୧୬,୩୩,୪୬୧/- + ୦୭.୦୭.୨୦୧୪ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୦୭.୦୭.୨୦୧୪ | ଟ.୧୭,୯୫,୦୦୦/-<br>ଟ.୧,୭୯,୫୦୦/-<br>ଟ.୧୦,୦୦୦/- |

**ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: ତା୩୧.୦୧.୨୦୧୯ରିଖ ପୂର୍ବାହ୍ଣ ୧୧.୦୦ ଘଟିକା**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ଇ-ନିଲାମ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଭିତ୍ତିରେ ଓ ଅନ-ଲାଇନ ମାଧ୍ୟମରେ ସମ୍ପନ୍ନ ହେବ। ନିଲାମ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s. e-Procrurement Technologies Limited, Ahmedabad** ର ୱେବସାଇଟ **https://sbi.auctiontiger.net** ମାଧ୍ୟମରେ ଉପରଦର୍ଶିତ ତା୦୫.୦୨.୨୦୧୯ରିଖରେ ସମ୍ପନ୍ନ ହେବ। ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ **https://sbi.auctiontiger.net** ରେ ଉପଲବ୍ଧ।

୨) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ମୁତାବକ ସମ୍ପତ୍ତି ଗୁଡିକ ଉପରେ କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ। ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ନିଜେ ସ୍ୱାଧିନଭାବେ ସମ୍ପତ୍ତିର ଇ.ସି., ମାଲିକାନା ଏବଂ ସମ୍ପତ୍ତିକୁ ପ୍ରଭାବିତ କରୁଥିବା ଦାବୀ/ଅଧିକାର/ଦେୟ ବିଷୟ ଯାଞ୍ଚ କରିବା ଉଚିତ୍। ଇ-ନିଲାମ ବିଜ୍ଞପ୍ତିରେ ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ପ୍ରଦାନ କରାଯାଇନାହିଁ। ବ୍ୟାଙ୍କକୁ ଜ୍ଞାତ ଥାଉ କିମ୍ବା ନଥାଉ ସମ୍ପତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତକୁ ଥିବା ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରିହେବ। କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କର ଦାବୀ/ଅଧିକାର/ଦେୟ ବିଷୟରେ ଦାୟୀ ରହିବେ ନାହିଁ।

୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ **RTGS/NEFT** ମାଧ୍ୟମରେ **Account No.: 30795489310, Name of the A/C.: SARC Bhubaneswar Recovery Account, Name of the Beneficiary: State Bank of India, IFSC Code No.: SBIN0060430** କିମ୍ବା ଡ୍ରିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ବ୍ୟାଙ୍କରୁ **"Authorised Officer, State Bank of India, SARB, Bhubaneswar"**ଙ୍କ ସପକ୍ଷରେ ଭୁବନେଶ୍ୱର ଠାରେ ଦେୟ ଦର୍ଶାଇ ପୈଠ କରିବେ।

୪) ନିଲାମଧାରୀମାନେ ସଠିକ ଅଧିକାରୀଙ୍କ ଠାରୁ ଜାରି ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ଏବଂ ବୈଧ ଇମେଲ ଆଇଡିଧାରୀ ହେବା ଉଚିତ୍ (ଇଚ୍ଛୁକ ନିଲାମଧାରୀଙ୍କ ଇମେଲ ଆଇଡି ନିତ୍ୟାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସୱାର୍ଡ **M/s. e-Procrurement Technologies Limited, Ahmedabad**ଙ୍କ ଦ୍ୱାରା ଇମେଲ ମାଧ୍ୟମରେ ପାଇପାରିବେ)। ଯୋଗାଯୋଗ କରନ୍ତୁ: **Ram Sharma - 08000023297, Rakesh Nayak- 9937220319 / Land Line No.: 079-40230821/823/824/825/826/827/816/806. Toll Free No.:18001035342. Email ID: orissa@auctiontiger.net, ramprasad@auctiontiger.net & support@auctiontiger.net** (ଅକ୍ସନ ଟାଇଗର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଯୋଗ୍ୟ ନିଲାମଧାରୀ ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ ସବିଶେଷ ଦେଖିପାରିବେ)।

୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣର ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର **(KYC)**, ଯଥା: ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରୀଙ୍କ ପାନ୍ କାର୍ଡର ନକଲ, (ଘ) ବୈଧ ଇମେଲ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ମୋବାଇଲ ଏବଂ ଲ୍ୟାଣ୍ଡ ଲାଇନ୍ ନମ୍ବର ଇତ୍ୟାଦି **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ଭୁବନେଶ୍ୱରଙ୍କ** ଠାରେ **ତା୦୨.୦୨.୨୦୧୯ରିଖ ଅପରାହ୍ଣ ୦୪.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ। ମୂଳ ପ୍ରମାଣପତ୍ରର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇମେଲ ଆଇଡିରେ ମଧ୍ୟ ପଠାଇପାରିବେ।

୬) ପୋର୍ଟାଲ **https://sbi.auctiontiger.net** ରେ ଅନ୍‌ଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ଭୁବନେଶ୍ୱରଙ୍କ** ଦ୍ୱାରା ଚିହ୍ନଟ କରାଯିବ। **M/S e-Procurement Technologies Limited, Ahmedabad**ଙ୍କଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସୱାର୍ଡ ଯୋଗାଇ ଦିଆଯିବ।

୭) ଆଗ୍ରହୀ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍। ଯାଞ୍ଚ ପାଇଁ ଆଗ୍ରହୀ ନିଲାମଧାରୀମାନେ ସିଟି କେସ୍ ଅଫିସର, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ: **କ୍ର. ନଂ. ୧, ୨ ଏବଂ ୩ ନିମନ୍ତେ- Mob.: 9937359797 ଏବଂ କ୍ର. ନଂ. ୪ ଏବଂ ୫ ନିମନ୍ତେ - Mob.: 7506245339** ରେ ଯୋଗାଯୋଗ କରିପାରିବେ।

୮) ସମ୍ପତ୍ତିଗୁଡିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତାଙ୍କ ଅନୁମୋଦନ ସାପେକ୍ଷ।

୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ମୂଲ୍ୟ ରୂପେ ରହିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ। ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ। ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି / ଅର୍ଥ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।

୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ **M/S e-Procurement Technologies Limited, Ahmedabad**ଙ୍କ ଠାରୁ ଇ-ନିଲାମ ସମ୍ପର୍କିୟ ଅନ୍‌ଲାଇନ୍ ତାଲିମ ପାଇପାରିବେ। ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି, ଇଣ୍ଟରନେଟ୍ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କିମ୍ବା **M/S e-Procurement Technologies Limited, Ahmedabad** ଦାୟୀ ରହିବେ ନାହିଁ। ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବେ।

୧୧) ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ।

୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ / ବାତିଲ / ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି।

୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ।

୧୪) ବିକ୍ରୟ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ।

୧୫) **ଏହି ବିକ୍ରୟ ନୋଟିସ୍‌ଟି ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ୧୫ ଦିନିଆ ନୋଟିସ୍ ଅଟେ।**

୧୬) ଯେଉଁ କ୍ଷେତ୍ରରେ ବିଡ୍ ପରିମାଣ ଟ.୫୦,୦୦,୦୦୦/- ରୁ ଅଧିକ ହୋଇଥିବ ସେ କ୍ଷେତ୍ରରେ ସଫଳ ନିଲାମଧାରୀ / କ୍ରେତା **ଆୟକର ଆକ୍ଟ ୧୯୬୧ର** ଧାରା **୧୯୪ IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ **୨୬ QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣ ପତ୍ରର ଅରିଜିନାଲ ରସିଦ ବ୍ୟାଙ୍କରେ ଦାଖଲ କରିବେ।

୧୭) ଉପରଦର୍ଶିତ ସମସ୍ତ ସମ୍ପତ୍ତି ବ୍ୟାଙ୍କର **ସାଙ୍କେତିକ ଦଖଲରେ** ଅଛି।

ତାରିଖ : ୧୮.୦୧.୨୦୧୯, ସ୍ଥାନ : ଭୁବନେଶ୍ୱର — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



୨୦୨୫ରେ ପରବର୍ତ୍ତୀ କୁମ୍ଭମେଳା ହେବା ସେତେବେଳକୁ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ହୋଇସାରିଥିବା।
-ଭୈୟାଜୀ ଜୋଷୀ,
ଆର୍‌ଏସ୍‌ଏସ୍ ମୁଖ୍ୟ କାର୍ଯ୍ୟବାହକ



## ସଂକ୍ଷେପରେ

### ଲଦାଖରେ ହିମସ୍ଖଳନ ୫ ମୃତ, ୫ ନିଖୋଜ



ଶ୍ରୀନଗର,୧୮।୧(ପି.ଟି.): ଜମ୍ମୁ-କଶ୍ମୀରର ଲଦାଖ ଅଞ୍ଚଳ ଅନ୍ତର୍ଗତ ଖାର୍ଦ୍ଦୁଙ୍ଗ ଲା ଗିରିପଥରେ ଶୁକ୍ରବାର ହିମସ୍ଖଳନ ଘଟି ୫ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୫ ଜଣ ନିଖୋଜ ହୋଇଛନ୍ତି। ସକାଳ ୭ଟା ସମୟରେ ୧୦ ଜଣଙ୍କୁ ନେଇ ଉକ୍ତ ଗିରିପଥରେ ଯାଉଥିବା ଏକ ଟ୍ରକ ହିମସ୍ଖଳନ ଯୋଗୁ ପୋତି ହୋଇପଡିଥିଲା। ସୀମା ସଡ଼କ ସଂଗଠନର କର୍ମଚାରୀ ଏବଂ ଯନ୍ତ୍ରପାତି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବାବେଳେ ପୋଲିସ, ସେନା ଯବାନ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ମଧ ଏଥିରେ ସାମିଲ ହୋଇଛନ୍ତି। ବରଫ ତଳୁ ୫ଟି ମୃତଦେହ ଉଦ୍ଧାର ହୋଇଛି।

### ଲୋଫଭେନ୍ ପୁନଃ ନିର୍ବାଚିତ

ଷ୍ଟକହୋମ,୧୮।୧(ଏଏଫ୍‌ପି): ଷ୍ଟିଫାନ ଲୋଫଭେନ୍ ଦ୍ୱିତୀୟ ଥର ଲାଗି ସ୍ୱିଡେନ



ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଛନ୍ତି। ଫଳରେ ୪ ମାସ ହେଲା ଦେଖାଦେଇଥିବା ରାଜନୈତିକ ଶୂନ୍ୟତା ପୂରଣ ହୋଇଛି। ଲୋଫମ୍ୟାନଙ୍କ ସୋସିଆଲ ଡେମୋକ୍ରାଟିକ ପାର୍ଟି ଏବଂ ଗ୍ରୀନ ପାର୍ଟିକୁ ନେଇ ଗଠିତ ମେଣ୍ଟ ସରକାରଙ୍କୁ ସେଣ୍ଟର ପାର୍ଟି ଏବଂ ଲିବେରାଲ ପାର୍ଟି ସମର୍ଥନ ଜଣାଇଛନ୍ତି।

### ବିସ୍ଫୋରଣରେ ୨୧ ନିହତ

ବୋଗୋଟା,୧୮।୧(ଏଏଫ୍‌ପି): କଲମ୍ବିଆର ବୋଗୋଟା ପୋଲିସ ପ୍ରଶିକ୍ଷଣ ଏକାଡେମୀରେ ଆତଙ୍କବାଦୀ ଆକ୍ରମଣରେ ୨୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬୮ ଆହତ ହୋଇଛନ୍ତି। ମୃତ ପୋଲିସଙ୍କ ଲାଗି କଲମ୍ବିଆ ସରକାର ତିନିଦିନିଆ ଶୋକପାଳନ ନିମନ୍ତେ ଘୋଷଣା କରିଛନ୍ତି। ଆତଙ୍କବାଦୀମାନେ ବିସ୍ଫୋରକ ଭର୍ତ୍ତି କାରକୁ ଉଡାଇ ଦେଇଥିଲେ । ମୃତକଙ୍କ ମଧରେ ଆକ୍ରମଣକାରୀ ମଧ ଅଛନ୍ତି।

### ବିବାହ ବେଦୀରେ କନ୍ୟାଙ୍କୁ ଗୁଳି

ନୂଆଦିଲ୍ଲୀ,୧୮।୧: ବିବାହ ବେଦୀରେ କନ୍ୟାଙ୍କୁ ଜଣେ ଅଜଣା ବ୍ୟକ୍ତି ଗୁଳି କରିଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ନୂଆଦିଲ୍ଲୀର ଶକାରପୁର ଅଞ୍ଚଳରେ। କନ୍ୟା ଓ ବର ଜୟମାଳା ଆଦାନପ୍ରଦାନ କରୁଥିବାବେଳେ ଏହା ଘଟିଥିବା କୁହାଯାଉଛି। କନ୍ୟା ପୂଜାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ସୁସ୍ଥ ହେବାପରେ ବିବାହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା।

### ଗିଲ୍‌ଗିଟ ବାଲ୍‌ତିସ୍ତାନକୁ ଅଧିକାର ଦିଆଯାଉ

ଇସ୍‌ଲାମାବାଦ,୧୮।୧(ପି.ଟି.) ପାକ୍ ଅଧିକୃତ କଶ୍ମୀର ଅନ୍ତର୍ଗତ ଗିଲ୍‌ଗିଟ-ବାଲ୍‌ତିସ୍ତାନର ଜନସାଧାରଣଙ୍କୁ ମୌଳିକ ମାନବୀୟ ଅଧିକାର ସମେତ ଅଧିକ ଅଧିକାର ପ୍ରଦାନ ଲାଗି ୧୫ ଦିନ ମଧରେ ନୂଆ ଆଇନ ଆଣିବାକୁ ସୁପ୍ରିମକୋର୍ଟ ପାକିସ୍ତାନ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ମମତାଙ୍କ ବିରୋଧୀ ମେଳି ଆଜି



ନୂଆଦିଲ୍ଲୀ,୧୮।୧(ପି.ଟି.): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧୀ ମେଳି ଶନିବାର କଲିକତାରେ ହେବ। ଏଥିରେ ବିରୋଧୀ ଦଳଗୁଡ଼ିକର ଅନେକ ନେତା ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ 'ବିରୋଧୀ ଏକତା' ପ୍ରଦର୍ଶନ ପାଇଁ ଏହାକୁ ସମର୍ଥନ ଦେଇଛନ୍ତି। ଏକ ସଂଯୁକ୍ତ ଭାରତର ପ୍ରଭାବଶାଳୀ ସନ୍ଦେଶ ଦେବା ପାଇଁ ଏହା ସଫଳ ହେବ ବୋଲି ରାହୁଲ କହିଛନ୍ତି। ଏଥିରେ ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ରାହୁଲଙ୍କ ପକ୍ଷରୁ ଏଥିରେ ଯୋଗଦେବେ।

## କଂଗ୍ରେସ ସହ ମେଣ୍ଟ କରିବନି ଏଏପି



ନୂଆଦିଲ୍ଲୀ,୧୮।୧(ପି.ଟି.):ତମାମ କଳ୍ପନାଜଳ୍ପନାର ଅବସାନ ଘଟାଇ ଆମ୍ ଆଦ୍‌ମୀ ପାର୍ଟି (ଏଏପି) କଂଗ୍ରେସ ସହ ମେଣ୍ଟ କରିବ ନାହିଁ ବୋଲି ଘୋଷଣା କରିଛି। ଆସନ୍ତା ଲୋକ ସଭା ନିର୍ବାଚନ ବେଳେ ଦିଲ୍ଲୀ, ପଞ୍ଜାବ ଓ ହରିୟାଣାରୁ ଏକାକୀ ଲଢ଼ିବାକୁ ଦଳ ନିଷ୍ପତ୍ତି ନେଇଥିବା ଶୁକ୍ରବାର ଦଳପକ୍ଷରୁ ସୂଚନା ଦିଆଯାଇଛି। ନିକଟରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଓ ଦିଲ୍ଲୀ କଂଗ୍ରେସ ମୁଖ୍ୟ ସମ୍ଭାବ୍ୟ ମେଣ୍ଟକୁ ବିରୋଧ କରି ମନ୍ତବ୍ୟ ଦେଇଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ବରିଷ୍ଠ ଏଏପି ନେତା ଗୋପାଳ ରାୟ କହିଛନ୍ତି।

## ଦଳକୁ ପ୍ରକାଶ ରାଜଙ୍କ ନା



ବେଙ୍ଗାଲୁରୁ,୧୮।୧(ପି.ଟି.): ଅଭିନେତା ପ୍ରକାଶ ରାଜ କୌଣସି ରାଜନୈତିକ ଦଳରେ ଯୋଗଦେବେ ନାହିଁ। ସେ ବେଙ୍ଗାଲୁରୁ ସେଣ୍ଟ୍ରାଲ ଲୋକ ସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବେ ବୋଲି ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ରାଜନୈତିକ ଦଳଗୁଡ଼ିକ ସଚ୍ଚୋଟ ନୁହନ୍ତି। ତେଣୁ ସେ କୌଣସି ଦଳରେ ୩ ମାସରୁ ଅଧିକ ସମୟ ରହିପାରିବେ ନାହିଁ ବୋଲି ଭାଜପା ବିରୋଧୀ ଅଭିମୁଖ୍ୟକୁ ନେଇ ଜଣାଶୁଣା ଏହି ଅଭିନେତା ବେଙ୍ଗାଲୁରୁରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅଭିନେତାରୁ ରାଜନେତା ସାଜିଥିବା କମଲ ହାସନ ନିକଟରେ ପ୍ରକାଶରାଜଙ୍କୁ ରାଜନୀତିକୁ ସ୍ୱାଗତ କରିଥିଲେ ।

## କଂଗ୍ରେସ ବିଧାୟକଙ୍କୁ ହୋଟେଲକୁ ନିଆଗଲା

# ମୁଣ୍ଡ ଗଣତିରେ ୬ ଊଣା

ବେଙ୍ଗାଲୁରୁ,୧୮।୧

କର୍ନାଟକର ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)-କଂଗ୍ରେସ ମେଣ୍ଟ ସରକାର ଅବସ୍ଥା ଭଲ ନାହିଁ। ୨ ସ୍ୱାଧୀନ ବିଧାୟକ ସରକାରରୁ ଓହରି ଭାଜପାକୁ ସମର୍ଥନ ଦେବା ପରେ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ଚିନ୍ତା ବଢ଼ିଯାଇଛି। ଏହି ମେଣ୍ଟ ଘୋଡ଼ାବେପାର କରି ଭାଜପା ବିଧାୟକଙ୍କୁ କିଣିବାକୁ ଉଦ୍ୟମ କରୁଥିବା ଦର୍ଶାଇ ଗୈରିକ ଦଳ ସେମାନଙ୍କୁ ହରିୟାଣାର ଗୁରୁଗ୍ରାମରେ ଲୁଚାଇ ରଖିଛି। ସେପଟେ ଭାଜପା ବିରୋଧରେ କଂଗ୍ରେସ ଅନୁରୂପ ଅଭିଯୋଗ ଆଣୁଛି। ଏଭଳି ସମୟରେ କଂଗ୍ରେସର ୬ ଜଣ ଏମ୍‌ଏଲ୍‌ଏ ଶୁକ୍ରବାର ବିଧାୟକ ଦଳ ବୈଠକରେ ଅନୁପସ୍ଥିତ ରହିବା ପାଣିପାଗକୁ ଅଧିକ ଗୋଳିଆ କରିଛି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଶୁକ୍ରବାର ଅପରାହ୍ଣ ୩ଟା ୩୦ରେ ବେଙ୍ଗାଲୁରୁରେ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ, ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଓ ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର ଯୋଗଦେଇଥିଲେ। ବୈଠକରେ ସମସ୍ତ ୮୦ ବିଧାୟକ ଉପସ୍ଥିତ ରହିବେ ବୋଲି ହୁଇପ୍ ଜାରି କରାଯାଇଥିଲା। ବିଧାୟକଙ୍କ ଅନୁପସ୍ଥିତିକୁ କଂଗ୍ରେସ ଗମ୍ଭୀରତା ସହ ନେଇ ସେମାନଙ୍କ ବିରୋଧରେ

> ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ କର୍ନାଟକ ସରକାରର ପତନ ଘଟାଇବାକୁ ଉଦ୍ୟମ କରୁଛନ୍ତି। କାରଣ ଆଗାମୀ ଲୋକ ସଭା ନିର୍ବାଚନରେ ଭାଜପାର ପରାଜୟ ନିଶ୍ଚିତ ବୋଲି ଜାଣି ଦୁହେଁ ଭୟଭୀତ ହୋଇଯାଇଛନ୍ତି।
> –ସିଦ୍ଧାରାମାୟା,
> ବରିଷ୍ଠ କଂଗ୍ରେସ ନେତା







ବେଙ୍ଗାଲୁରୁସ୍ଥିତ ଇଗଲ୍‌ଟନ୍ ରିସର୍ଟକୁ କଂଗ୍ରେସ ବିଧାୟକଙ୍କୁ ନିଆଯାଇଛି।

ଦଳବଦଳ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ନେବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଚେତାବନୀ ଦେଇଥିଲେ। ହେଲେ ଦଳର ଚେତାବନୀକୁ ଖାତିର ନ କରି ବିଦ୍ରୋହୀ ବିଧାୟକ ରମେଶ ଜାର୍କିଖୋଳି, ବି.ନାଗେନ୍ଦ୍ର, ଉମେଶ ଯାଦବ ଓ ମହେଶ କୁମାଥାହାଲ୍ଲି ବୈଠକକୁ ବର୍ଜନ କରିଥିଲେ। ନାଗେନ୍ଦ୍ର ଓ ଉମେଶ କୋର୍ଟ କାମ ଯୋଗୁ ସେଠାକୁ ଯାଇପାରି ନ ଥିବା ଦର୍ଶାଇଛନ୍ତି। ସେହିପରି ବିଧାୟକ ବି. ନରାୟଣ ରାଓ ବିମାନ ବିଳମ୍ବିତ ହୋଇଥିବାରୁ ହାଇଦ୍ରାବାଦରୁ ଫେରିପାରି ନ ଥିବା କହିଛନ୍ତି। ଅନ୍ୟ ଜଣେ ବିଧାୟକ ମଧ ବୈଠକକୁ ଯାଇ ନ ଥିଲେ। ୪ ବିଦ୍ରୋହୀ ବିଧାୟକ ମୁମ୍ବାଇର ଏକ ହୋଟେଲରେ ଅଛନ୍ତି। ସେମାନେ ଭାଜପା ସହ ଯୋଗସୂତ୍ରରେ ଥିବା ଜଣାପଡ଼ିଛି। ଏହି ବୈଠକକୁ ଭାଜପା ବିରୋଧରେ ଶକ୍ତି ପ୍ରଦର୍ଶନ ବୋଲି କଂଗ୍ରେସ ନେତାମାନେ ମନେକରୁଥିଲେ। ତେବେ ୬ ଜଣଙ୍କ ଅନୁପସ୍ଥିତି ସାତମାସ ପୁରୁଣା କୁମାରସ୍ୱାମୀ ସରକାରଙ୍କ ପ୍ରତି ବିପଦର ସଙ୍କେତ ଦେଇଛି। ଅନ୍ୟପକ୍ଷରେ କଂଗ୍ରେସର ୮ ବିଧାୟକ ଭାଜପା ପ୍ରତି ଅନୁଗତ୍ୟ ପ୍ରଦର୍ଶନ କରୁଛନ୍ତି। ସେମାନେ ଭାଜପାକୁ ଡେଇଁ ପାରନ୍ତି ବୋଲି ଆଶଙ୍କା କରି ୭୪ ବିଧାୟକଙ୍କୁ ଏକ ହୋଟେଲକୁ ନିଆଯାଇଥିବା ଜଣେ ବରିଷ୍ଠ କଂଗ୍ରେସ ନେତା କହିଛନ୍ତି। ଘୋଡ଼ାବେପାର ଭୟରେ ସେମାନଙ୍କୁ ବେଙ୍ଗାଲୁରୁର ଇଗଲ୍‌ଟନ୍ ରିସର୍ଟରେ ରଖାଯାଇଥିବା ଜଣାପଡ଼ିଛି। ଗତବର୍ଷ ମେ'ରେ ବିଧାନସଭା ନିର୍ବାଚନ ପରେ ବିଧାୟକମାନଙ୍କୁ ଏହି ରିସର୍ଟରେ ଏକଜୁଟ କରି ରଖାଯାଇଥିଲା।

### କର୍ନାଟକ ସଙ୍କଟ

- କଂଗ୍ରେସର ବିଧାୟକ ଦଳ ବୈଠକରେ ୬ ଅନୁପସ୍ଥିତ
- ଦଳୀୟ ହୁଇପ୍‌କୁ ଖାତିର କଲେନି
- ବିଦ୍ରୋହୀଙ୍କ ବିରୋଧରେ ନିଆଯିବ କଡ଼ା କାର୍ଯ୍ୟାନୁଷ୍ଠାନ

## ଶପଥ ନେଲେ ୨ ବିଚାରପତି

ନୂଆଦିଲ୍ଲୀ,୧୮।୧(ପି.ଟି.)




ଜଷ୍ଟିସ ଦିନେଶ ମହେଶ୍ୱରୀ ସଞ୍ଜୀବ ଖାନ୍ନା

ଜଷ୍ଟିସ ଦିନେଶ ମହେଶ୍ୱରୀ ଏବଂ ଜଷ୍ଟିସ ସଞ୍ଜୀବ ଖାନ୍ନା ସୁପ୍ରିମକୋର୍ଟ ବିଚାରପତି ଭାବେ ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ବରିଷ୍ଠଙ୍କୁ ଅଣଦେଖା କରି କନିଷ୍ଠ ବିଚାରପତିଙ୍କୁ ପଦୋନ୍ନତି ଲାଗି ସୁପାରିସ କରାଯାଇଥିବାରୁ ବିବାଦ ଲାଗି ରହିଛି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଉଭୟଙ୍କୁ ଶପଥ ପାଠ କରାଇଥିଲେ। ଏମାନଙ୍କୁ ମିଶାଇ ସୁପ୍ରିମକୋର୍ଟର ମୋଟ ବିଚାରପତି ସଂଖ୍ୟା ୨୮ରେ ପହଞ୍ଚିଛି।

ସୁପ୍ରିମକୋର୍ଟର ବିଚାରପତି ଭାବେ ପଦୋନ୍ନତି ତାଙ୍କୁ ଆଶ୍ଚର୍ଯ୍ୟ କରିଥିବା ଜଷ୍ଟିସ ଖାନ୍ନା ପୂର୍ବରୁ କହିଥିଲେ। ସେ ଶୁକ୍ରବାର କୋର୍ଟ ନଂ.-୨ରେ ଜଷ୍ଟିସ ଏସ.ଏ. ବୋବ୍‌ଡେ ଏବଂ ଜଷ୍ଟିସ ଦୀପକ ଗୁପ୍ତାଙ୍କ ଖଣ୍ଡପୀଠରେ ସାମିଲ ହୋଇଥିଲେ। ଉକ୍ତ କୋର୍ଟ ରୁମ୍‌ରେ ତାଙ୍କ ଦାଦା ଜଷ୍ଟିସ ହଂସରାଜ ଖାନ୍ନାଙ୍କ ଫଟୋ ରହିଛି। ଜରୁରୀ ପରିସ୍ଥିତି ବେଳେ ହଂସରାଜଙ୍କ ସଂଖ୍ୟାଲଘୁ ରାୟ ଯୋଗୁ ବରିଷ୍ଠତା ସତ୍ତ୍ୱେ ତାଙ୍କୁ ପ୍ରଧାନ ବିଚାରପତି କରାଯାଇ ନ ଥିଲା। ଫଳରେ ସେ ଇସ୍ତଫା ଦେଇଥିଲେ। ସଞ୍ଜୀବ ଖାନ୍ନା ହେଉଛନ୍ତି ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଡି.ଆର୍. ଖାନ୍ନାଙ୍କ ପୁଅ। ବରିଷ୍ଠଙ୍କୁ ଅଣଦେଖା କରି ଜଷ୍ଟିସ ଖାନ୍ନାଙ୍କୁ ପଦୋନ୍ନତି ପ୍ରସଙ୍ଗ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଦିଲ୍ଲୀ ବାର୍ କାଉନସିଲ୍ ଅଧ୍ୟକ୍ଷ କେ.ସି. ମିତ୍ତଲ ଉଠାଇଥିଲେ। ଜଷ୍ଟିସ ମାହେଶ୍ୱରୀ ପୂର୍ବରୁ କର୍ନାଟକ ହାଇକୋର୍ଟ ମୁଖ୍ୟ ବିଚାରପତି ଥିଲେ। ପୂର୍ବରୁ ଜଷ୍ଟିସ ମାହେଶ୍ୱରୀଙ୍କ ଠାରୁ କନିଷ୍ଠ ଜଷ୍ଟିସ ଅଜୟ ରସ୍ତୋଗୀଙ୍କ ନାଁ ପଦୋନ୍ନତି ପାଇଁ ସୁପାରିସ କରାଯାଇଥିଲା।

## ମହାକାଶରୁ କୁମ୍ଭମେଳା






ଉତ୍ତରପ୍ରଦେଶର ପ୍ରୟାଗରେ ଜାନୁୟାରୀ ୧୫ରୁ ବିଶ୍ୱପ୍ରସିଦ୍ଧ ଅର୍ଦ୍ଧ କୁମ୍ଭମେଳା ଚାଲିଛି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ଗୁରୁବାର ଜାରି କରାଯାଇଥିବା ଏହାର ଫଟୋଚିତ୍ର।

## ମାତ୍ର ୩୬ ରାଫାଲ ଯୁଦ୍ଧବିମାନ କାହିଁକି

ନୂଆଦିଲ୍ଲୀ,୧୮।୧(ପି.ଟି.)

### ଚିଦାମ୍ବରମ୍‌ଙ୍କ ପ୍ରଶ୍ନ




ଭାରତୀୟ ବାୟୁସେନାକୁ ୧୨୬ ଯୁଦ୍ଧବିମାନ ଦରକାର ଥିବାବେଳେ କେନ୍ଦ୍ର ସରକାର ମାତ୍ର ୩୬ଟି ଆଣିବା ଲାଗି କାହିଁକି ଚୁକ୍ତି କରିଛନ୍ତି ବୋଲି ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ଶୁକ୍ରବାର ପ୍ରଶ୍ନ କରିଛନ୍ତି।

ବାୟୁସେନାକୁ ୧୨୬ଟି ଯୁଦ୍ଧବିମାନ ଆବଶ୍ୟକ। ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫ୍ରାନ୍ସରୁ ୩୬ଟି ରାଫାଲ ଯୁଦ୍ଧବିମାନ ଆଣିବା ପାଇଁ ନିଷ୍ପତ୍ତି ନେବା ଯୋଗୁ ପ୍ରତ୍ୟେକର ମୂଲ୍ୟ ୪୧.୪୨ କୋଟି ଟଙ୍କା ବୃଦ୍ଧି ପାଇଥିଲା ବୋଲି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏହାକୁ ନେଇ ପୂର୍ବତନ ଅର୍ଥମନ୍ତ୍ରୀ ଚିଦାମ୍ବରମ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ବାୟୁସେନାକୁ କମ୍ ସଂଖ୍ୟକ ଯୁଦ୍ଧବିମାନ ଯୋଗାଇବାକୁ ଯାଇ ଜାତୀୟ ନିରାପତ୍ତା ସହ ସାଲିସ କରିଛନ୍ତି। ଏହା କିଣିବା ପାଇଁ ଦାସଲ୍ଟ ଆଭିଏଶନ୍‌କୁ ଅଧିକ ୧୮୬ କୋଟି ଟଙ୍କା ଦିଆଯାଇଛି। ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା ଏହାର ତଦନ୍ତ କରାଯାଉ ବୋଲି ସେ କଂଗ୍ରେସର ଦାବି ଦୋହରାଇଛନ୍ତି। ଏହାର ଜବାବରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ କହିଛନ୍ତି, କଂଗ୍ରେସ ରାଫାଲ ପ୍ରସଙ୍ଗରେ ସରକାରଙ୍କ ବିରୋଧରେ ମିଥ୍ୟା ପ୍ରଚାର କରୁଛି। ଲୋକେ ସବୁ ସତକଥା ଜାଣିଛନ୍ତି।

## 'ବିନା ଯୁଦ୍ଧରେ ଶହୀଦ ହେଉଛନ୍ତି ଯବାନ'

ନାଗପୁର,୧୮।୧



ସୀମାରେ ଯୁଦ୍ଧ ନାହିଁ। କିନ୍ତୁ ଯବାନମାନେ ଶହୀଦ ହେଉଛନ୍ତି ବୋଲି ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରହାର ମିଲିଟାରି ସ୍କୁଲର ରୌପ୍ୟଜୟନ୍ତୀ ପାଳନ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଭାଗବତ କହିଛନ୍ତି, କୌଣସି ଦେଶ ସହ ଭାରତର ଯୁଦ୍ଧ ଲାଗିନାହିଁ। ଏହାସତ୍ତ୍ୱେ ଆମ ଯବାନମାନେ ଶହୀଦ ହେଉଛନ୍ତି। ଏହାର ତାତ୍ପର୍ଯ୍ୟ ହେଉଛି ଆମେ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ କରୁନାହୁଁ। ଏହି ଧାରାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ପଡ଼ିବ ବୋଲି ଭାଗବତ ପରୋକ୍ଷରେ ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି।

## ଡ୍ୟାନ୍ସ ବାର୍ ବନ୍ଦ ଲାଗି ଆସିପାରେ ଅଧ୍ୟାଦେଶ

ମୁମ୍ବାଇ,୧୮।୧(ପି.ଟି.)

ସୁପ୍ରିମକୋର୍ଟଙ୍କ ରାୟ ପରେ ମହାରାଷ୍ଟ୍ରରେ ଡ୍ୟାନ୍ସ ବାର୍ ପୁନଃ ଖୋଲିବା ଲାଗି ପଥ ପରିଷ୍କାର ହୋଇଛି। ତେବେ ରାଜ୍ୟ ସଂସ୍କୃତିର ସୁରକ୍ଷା ପାଇଁ ଏହାକୁ ବନ୍ଦକରିବା ନିମନ୍ତେ ସରକାର ଅଧ୍ୟାଦେଶ ଆଣିବା କଥା ଚିନ୍ତା କରୁଛନ୍ତି ବୋଲି ଅର୍ଥମନ୍ତ୍ରୀ ସୁଧୀର ମୁଙ୍ଗନ୍ତିୱାର କହିଛନ୍ତି। ୨୦୧୬ରେ ମହାରାଷ୍ଟ୍ର ସରକାର ଡ୍ୟାନ୍ସ ବାର୍ ଉପରେ କଟକଣା ଲାଗି ଏକ ଆଇନ କାର୍ଯ୍ୟକାରୀ କରିଥିଲେ।

## ସାବରିମାଳା: ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ

# ବିବାଦ ବଢ଼ାଇଲେ ବିଜୟନ୍ ସରକାର

ନୂଆଦିଲ୍ଲୀ,୧୮।୧(ପି.ଟି.)

କେରଳର ପି. ବିଜୟନ୍ ସରକାର ଶୁକ୍ରବାର ସାବରିମାଳା ବିବାଦରେ ଘିଅ ଢାଳିବା ଭଳି କାମ କରିଛନ୍ତି। ସାବରିମାଳା ମନ୍ଦିରରେ ୫୧ ଜଣ ୧୦ରୁ ୫୦ ବର୍ଷୀୟା (ଋତୁସ୍ରାବ ହେଉଥିବା) ମହିଳା ପ୍ରବେଶ କରିଥିବା ନେଇ ସରକାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ମନ୍ଦିରରେ ପ୍ରବେଶ କରୁଥିବା ମହିଳାଙ୍କୁ ସୁରକ୍ଷା ଯୋଗାଇଦେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ସରକାରଙ୍କ ପକ୍ଷରୁ ଏଭଳି ଯୁକ୍ତି ବଢ଼ାଯାଇଛି। ଏହାକୁ ନେଇ ଭାଜପା, ସାବରିମାଳା କର୍ମ ସମିତି ଓ ଭଗବାନ ଆୟାପ୍ପା ମନ୍ଦିର ସହ ଜଡ଼ିତ ପାଣ୍ଡାଲମ୍ ରାଜପରିବାର ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସତ୍ୟପାଠରେ ଉଲ୍ଲେଖ କରାଯାଇଥିବା ମହିଳା ଭକ୍ତଙ୍କ ବୟସ ତ୍ରୁଟିପୂର୍ଣ୍ଣ ଥିବା ସେମାନେ କହିଛନ୍ତି। ସାବରିମାଳା ମନ୍ଦିରରେ ୧୦ରୁ ୫୦ ବର୍ଷୀୟା ମହିଳାଙ୍କ ପ୍ରବେଶ ଉପରେ ପୂର୍ବରୁ କଟକଣା ଜାରି କରାଯାଇଥିଲା। ସୁପ୍ରିମକୋର୍ଟ ଏହାକୁ ହଟାଇଦେଇ ସବୁ ବୟସବର୍ଗର ମହିଳାଙ୍କୁ ପ୍ରବେଶ ଅଧିକାର ଦେଇଥିଲେ। ଜାନୁୟାରୀ ୨ରେ ମନ୍ଦିରରେ ପ୍ରବେଶ କରିଥିବା ବିନ୍ଦୁ ଓ କନକଦୁର୍ଗା ନାମ୍ନୀ ଦୁଇ ମହିଳା ସୁରକ୍ଷା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଦୁହିଁଙ୍କ ପିଟିଶନର ଶୁଣାଣି କରି ସେମାନଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେରଳ ସରକାରଙ୍କ ପକ୍ଷରୁ ମାମଲା ଲଢ଼ୁଥିବା ବରିଷ୍ଠ ଓକିଲ ବିଜୟ ହଂସାରିଆ ଅଦାଲତଙ୍କୁ କହିଥିଲେ, ବର୍ତ୍ତମାନ ସୁଦ୍ଧା ୫୧ ମହିଳା ମନ୍ଦିରକୁ ଯାଇସାରିଲେଣି। ସେମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦିଆଯାଇଛି। ୭୫୬୪ ମହିଳା ଦର୍ଶନ ପାଇଁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିଛନ୍ତି। ତେବେ ସେମାନେ ସମସ୍ତେ ଭିତରକୁ ଯାଇ ଦର୍ଶନ କରିଛନ୍ତି କି ନାହିଁ ଜଣାପଡ଼ି ନାହିଁ।

- ୭,୫୬୪ ମହିଳା ମନ୍ଦିରରେ ଦର୍ଶନ ପାଇଁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିଛନ୍ତି
- ଧାଡ଼ି ଦର୍ଶନ ରିପୋର୍ଟ ଅନୁସାରେ ୧୦ରୁ ୫୦ ବର୍ଷୀୟା ୫୧ ମହିଳା ମନ୍ଦିରକୁ ଆସିଛନ୍ତି



# ବଢୁଛି କ୍ଷେପଣାସ୍ତ୍ର ପ୍ରତିଦ୍ୱନ୍ଦ୍ୱିତା

ୱାଶିଂଟନ,୧୮।୧(ପି.ଟି.)

ବିଶ୍ୱର ୩ ମହାଶକ୍ତି ଆମେରିକା, ରୁଷିଆ ଓ ଚାଇନା ମଧରେ କ୍ଷେପଣାସ୍ତ୍ର ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇଛି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରୁ ଆମେରିକାକୁ ହଟାଇବାକୁ ଚାହୁଁଥିବା ରୁଷିଆ ଏବଂ ଚାଇନା ଏହାର ପଡୋଶୀମାନଙ୍କ ସହ ସୀମା ବିବାଦକୁ ନେଇ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରୁଛନ୍ତି। ସେମାନଙ୍କଠାରୁ ସମ୍ଭାବ୍ୟ ବିପଦର ମୁକାବିଲା ପାଇଁ ଆମେରିକା ନୂଆ ମିସାଇଲ ଡିଫେନ୍ସ ନୀତି ଘୋଷଣା କରିଛି। ମିସାଇଲ ଡିଫେନ୍ସ ରିଭ୍ୟୁ ରିପୋର୍ଟରେ ପେଣ୍ଟାଗନ କହିଛି ରୁଷିଆ ଓ ଚାଇନା ଅତ୍ୟାଧୁନିକ କ୍ରୁଜ୍ ଏବଂ ହାଇପରସୋନିକ୍ କ୍ଷେପଣାସ୍ତ୍ର ନିର୍ମାଣ କରୁଛନ୍ତି ଯାହା ବର୍ତ୍ତମାନର ଡିଫେନ୍ସ ସିଷ୍ଟମକୁ ଚ୍ୟାଲେଞ୍ଜ କରିପାରିବ। ଉଭୟ ରାଷ୍ଟ୍ର ସେମାନଙ୍କର ବର୍ତ୍ତମାନର ମିସାଇଲ ସିଷ୍ଟମକୁ ଅଧିକ ସୁଦୃଢ଼ କରିବା ସହ ସମୁଦ୍ର ଓ ଆକାଶ ମାର୍ଗରୁ ଲଞ୍ଚ ହୋଇପାରୁଥିବା କ୍ରୁଜ୍ ତଥା ହାଇପରସୋନିକ କ୍ଷେପଣାସ୍ତ୍ରର ବିକାଶ କରିଥିବା ଆମେରିକାର କାର୍ଯ୍ୟକାରୀ ପ୍ରତିରକ୍ଷା ସଚିବ ପାଟ୍ରିକ ଶାନାହାନ କହିଛନ୍ତି। ନିଜର ତଥା ସହଯୋଗୀ ରାଷ୍ଟ୍ରଗୁଡିକର ସୁରକ୍ଷା ଲାଗି ଆମେରିକାକୁ ବହୁମୁଖୀ ମିସାଇଲ ଡିଫେନ୍ସ ସିଷ୍ଟମ ପ୍ରସ୍ତୁତ କରିବାକୁ ହେବ ଯାହା ଶତ୍ରୁପକ୍ଷର କ୍ଷେପଣାସ୍ତ୍ର ଲଞ୍ଚ ହେବା ପୂର୍ବରୁ ଏହାକୁ ଧ୍ୱଂସ କରିପାରିବ ବୋଲି ରିପୋର୍ଟରେ କୁହାଯାଇଛି।


ଚାଇନା ୭୫ରୁ ୧୦୦ଟି ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ ମିସାଇଲ (ଆଇସିବିଏମ୍) ମୁତୟନ କରିଛି। ରୁଷିଆ ବେଆଇନ ଭାବେ ଏହାର ସୀମା ବାହାରର ଅଞ୍ଚଳକୁ ଅକ୍ତିଆର କରି ପଡୋଶୀ ଦେଶରେ ଅସ୍ଥିରତା ସୃଷ୍ଟି କରିବାକୁ ଚାହୁଁଛି। ସେହିପରି ଚାଇନା ଏହାର ପଡୋଶୀଙ୍କ ସହିତ ସୀମାକୁ ନେଇ ବିବାଦ ସୃଷ୍ଟି କରୁଛି । ଏହି ପଡୋଶୀମାନଙ୍କ ମଧ୍ୟରୁ ଅଧିକାଂଶ ଆମେରିକାର ସହଯୋଗୀ ବୋଲି ପେଣ୍ଟାଗନ କହିଛି। ୧୨୫ ଆଣବିକ କ୍ଷେପଣାସ୍ତ୍ର, ଏମ୍‌ଏଆରଭି ଏବଂ ଏଚଜିଭି ଭଳି ଅତ୍ୟାଧୁନିକ ଟେକ୍ନୋଲୋଜି ସହ ଚାଇନା ଏବେ ଆମେରିକା ପାଇଁ ବିପଦ ସୃଷ୍ଟି କରିବାର କ୍ଷମତା ହାସଲ କରିପାରିଛି।

### ମୁକାବିଲା ପାଇଁ ଟ୍ରମ୍ପଙ୍କ ନୂଆ ମିସାଇଲ ନୀତି



### ଭାରତକୁ ସହଯୋଗ କରିବ ଆମେରିକା

ୱାଶିଂଟନ,୧୮।୧(ପି.ଟି.): ଭାରତ ସହ ଦ୍ୱିପାକ୍ଷିକ ରଣନୀତିକ ସହଯୋଗ ବୃଦ୍ଧି ଉଦ୍ୟମ ସ୍ୱରୂପ ଟ୍ରମ୍ପ ପ୍ରଶାସନ କ୍ଷେପଣାସ୍ତ୍ର ପ୍ରତିରକ୍ଷା ସହଯୋଗ ନିମନ୍ତେ ଆଲୋଚନା କରିଛି। ଆମେରିକାର ଭାରତ-ପ୍ରଶାନ୍ତ ମହାସାଗରୀୟ ରଣକୌଶଳରେ ନୂଆଦିଲ୍ଲୀ ପ୍ରମୁଖ ସହଯୋଗୀ ବୋଲି ପେଣ୍ଟାଗନ ସ୍ପଷ୍ଟ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ମିସାଇଲ ଡିଫେନ୍ସ ରିଭ୍ୟୁ' ରିପୋର୍ଟ ସମ୍ପର୍କରେ ପେଣ୍ଟାଗନର ଘୋଷଣା ଗୁରୁତ୍ୱପୂର୍ଣ୍ଣ। ତେବେ ଭାରତ ରୁଷିଆଠାରୁ ୫ ବିଲିୟନ ଡଲାର ମୂଲ୍ୟର ଏସ-୪୦୦ ଏୟାର ଡିଫେନ୍ସ ସିଷ୍ଟମ କିଣିବା ଲାଗି ଅର୍ଡର କରିଥିବାରୁ ଆମେରିକା ଏଥିରେ ଅସନ୍ତୋଷ ବ୍ୟକ୍ତ କରିଛି। ଦକ୍ଷିଣ ଏସିଆର ଅନେକ ଦେଶ ପାଖରେ ବିଭିନ୍ନ ରେଞ୍ଜର ବାଲିଷ୍ଟିକ୍ ଏବଂ କ୍ରୁଜ୍ କ୍ଷେପଣାସ୍ତ୍ର ସାମର୍ଥ୍ୟ ରହିଛି। ଏହି ପରିପ୍ରେକ୍ଷୀରେ ଆମେରିକା ଭାରତ ସହ କ୍ଷେପଣାସ୍ତ୍ର ପ୍ରତିରକ୍ଷା ସହଯୋଗ ନେଇ ଆଲୋଚନା କରିଛି।



> ଯାହାର ହୃଦୟଟି ଭଲ, ସେ ଅଗାଧ ସମ୍ପତ୍ତିର ଅଧିକାରୀ।
> - ସେକ୍ସପିୟର

# ଜୀବନ ହାରିବା ପରେ ମିଳିଲା ଗୃହ କାର୍ଯ୍ୟାଦେଶ

## ଘର ନ ପାଇ ଲକ୍ଷ୍ମୀଧରଙ୍କ ଆତ୍ମହତ୍ୟା ଘଟଣା

### ତଦନ୍ତ ଆରମ୍ଭ କଲେ ଉପଜିଲାପାଳ

ଖୋର୍ଦ୍ଧା ଅଫିସ,୧୮।୧

ଗ୍ରାମୀଣ ଆବାସ ଯୋଜନାରେ ଘରଟିଏ ନ ପାଇ ଗତ ବୁଧବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ନିରାକାରପୁରସାହିର ଲକ୍ଷ୍ମୀଧର ବେହେରା ଓରଫ ଲକ୍ଷୀ(୩୫) ଆତ୍ମହତ୍ୟା କରିଥିଲେ। ଜୀବନ ହାରିବାର ତୃତୀୟ ଦିବସରେ ପିଠା ଯୋଜନାରେ ପରିବାର ସଦସ୍ୟଙ୍କୁ ମିଳିଛି ବିଜୁ ପକ୍କାଘରର କାର୍ଯ୍ୟାଦେଶ। ଜିଲାପାଳଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ଉପଜିଲାପାଳ ସରୋଜ ସାହୁ ଶୁକ୍ରବାର ତଦନ୍ତ ଆରମ୍ଭ କରିଛନ୍ତି। ଉପଜିଲାପାଳ ସାହୁଙ୍କୁ ତଦନ୍ତରେ ବାଲୁଗାଁ ଏସ୍‌ଡିପିଓ, ଟାଙ୍ଗୀ ବିଡିଓ ଓ ଟାଙ୍ଗୀ ତହସିଲଦାର ସହଯୋଗ କରୁଛନ୍ତି। ୨ରୁ ୩ ଦିନ ଭିତରେ ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦିଆଯିବ ବୋଲି ଉପଜିଲାପାଳ ସାହୁ କହିଛନ୍ତି। ତେବେ ପୂର୍ବରୁ ଯଦି ପ୍ରଧାନମନ୍ତ୍ରୀ ଆବାସ ଅଥବା ବିଜୁ ପକ୍କାଘର ପରି ଗ୍ରାମୀଣ ଆବାସ ଯୋଜନାରେ କାର୍ଯ୍ୟାଦେଶ ଯୋଗାଇ ଦିଆଯାଇ ଥାନ୍ତା ହୁଏତ ଲକ୍ଷ୍ମୀଧର ଜୀବନ ହାରି ନ ଥାନ୍ତା। ମୃତ୍ୟୁ ପରେ ଘରର କାର୍ଯ୍ୟାଦେଶ ଲକ୍ଷ୍ମୀଧରଙ୍କ ଆତ୍ମାଙ୍କୁ ଶାନ୍ତି ଦେଇ ପାରିବନି। ବରଂ ଗରିବଗୁରୁବା ଯଦି ବିନା ହାତଗୁଞ୍ଜାରେ ଗ୍ରାମୀଣ ଆବାସ ଯୋଜନାରେ ଘରଟିଏ ପାଇପାରିବେ ଓ ଆଉ କେହି ଲକ୍ଷ୍ମୀଧରଙ୍କ ପରି ମରିବାକୁ ପଡିବ ନାହିଁ। ତାହା ହେବ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷେ ଲକ୍ଷ୍ମୀଧରଙ୍କ ମୃତ୍ୟୁ ପରେ ଘରେ ରୋଜଗାର କରିବାକୁ କେହି ନାହାନ୍ତି। ତାଙ୍କ ଜୀବିତ ଅବସ୍ଥାରେ ପରିବାରର ସଦସ୍ୟମାନେ ଦୁଇ ଓଳା ଦୁଇ ମୁଠା ଭଲରେ ଖାଇବାକୁ ପାଉ ନ ଥିଲେ। ଏବେ ରୋଜଗାର ନ ଥାଇ ୩ଟି ପିଲାର ପାଠପଢା, ଖାଇବା ଖର୍ଚ୍ଚ କିଏ ବୁଝିବେ ତାଙ୍କ ପତ୍ନୀ। ଏହାର ସ୍ଥାୟୀ ନିରାକରଣର ଆବଶ୍ୟକତା ରହିଛି ବୋଲି ଅଭିଯୋଗ ହେଉଛି। ଏଭଳି ଏକ ସ୍ପର୍ଶକାତର ଘଟଣାରେ ଜିଲା ପ୍ରଶାସନ ଅଥବା ରାଜ୍ୟ ସରକାର ଟଙ୍କାଟିଏ ସହାୟତା ଦେଲେ ନାହିଁ। କେବଳ ରେଡକ୍ରସର ୧୦ ହଜାର ଟଙ୍କା ସହାୟତାରେ କାମ ଚଳିଯାଇଛି। ଯେଉଁମାନେ ସମବେଦନା ଜଣାଇଲେ କେବଳ କଥାରେ କ'ଣ ସମ୍ପୃକ୍ତ ଅସହାୟ ପରିବାରର ସଦସ୍ୟଙ୍କ ପେଟ ପୂରିଯିବ କି।

ଏଣୁ ଲକ୍ଷ୍ମୀଧରଙ୍କ ପରିବାର ପାଇଁ ସହାୟତା ରାଶିର ଆବଶ୍ୟକତା ରହିଛି। ତଦନ୍ତ ତା ବାଟରେ ଚାଲୁ। କିନ୍ତୁ ସମ୍ପୃକ୍ତ ପରିବାରର କରୁଣ କାହାଣୀକୁ ବିଚାରକୁ ନେଇ ସମାଧାନର ମାର୍ଗ କଢାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଅପରପକ୍ଷେ ଲକ୍ଷ୍ମୀଧର ଶେଷ କଥାରେ ପଚାରିଥିଲେ କିଛିଟା ପ୍ରଶ୍ନ। ଘୂରି ବୁଲୁଥିବା ସେହି ଭାଇରାଲ ଭିଡିଓ ଏବେ ଲୋକଙ୍କ ସମବେଦନାକୁ ସାଉଁଟୁଛି। ଏହି ଭାଇରାଲ ଭିଡିଓ କିନ୍ତୁ ପ୍ରଶାସନ ଓ ସରକାରଙ୍କୁ କାଠଗଡାରେ ଠିଆ କରାଇଛି। ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ପରି ସରକାରଙ୍କ ଗ୍ରାମୀଣ ଆବାସ ଯୋଜନାରେ ଲାଞ୍ଚ କାରବାର, ପାତରଅନ୍ତର, ଅଣଦେଖା କିପରି ଚାଲିଛି ସେନେଇ ଲକ୍ଷ୍ମୀଧରଙ୍କ ଭିଡିଓ ଏକ ବଳିଷ୍ଠ ପ୍ରମାଣ ହୋଇ ରହିଗଲା। ଲକ୍ଷ୍ମୀଧରଙ୍କ ଭାଇରାଲ ଭିଡିଓରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟକୁ ପ୍ରଥମେ ଟାର୍ଗେଟ କରୁଛି। ଏଣୁ ଯେଉଁ ବ୍ୟକ୍ତି ଏଭଳି କରିଛନ୍ତି ସେମାନଙ୍କୁ ନିଲମ୍ବନ କରି ତଦନ୍ତକୁ ତ୍ୱରାନ୍ୱିତ କରାଯିବା ଦରକାର ବୋଲି ବୁଦ୍ଧିଜୀବୀମାନେ ଅନୁରୂପ ଭାବେ ଟିପ୍ପଣୀ ଦେଉଛନ୍ତି। ସେମାନଙ୍କୁ ନିଲମ୍ବନ ନ କଲେ ତଦନ୍ତରେ ସ୍ୱଚ୍ଛତା ଆସିବନି ବୋଲି ଅଭିଯୋଗ ହେଉଛି।



ଲକ୍ଷ୍ମୀଧରଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ କାର୍ଯ୍ୟାଦେଶ ଦିଆଯାଉଛି।

## ବଙ୍ଗଳା ନ ଶିଖିବାରୁ ଯୁବତୀଙ୍କୁ ଅଶ୍ଳୀଳ ଗାଳି

# ଅଭିଯୁକ୍ତଙ୍କୁ ଗିରଫ କଲା ସାଇବର ଥାନା ପୋଲିସ

କଟକ ଅଫିସ, ୧୮।୧

ଜଣେ ଯୁବତୀଙ୍କୁ ଅଶ୍ଳୀଳ ଗାଳି କରି କ୍ରାଇମବ୍ରାଞ୍ଚର ସାଇବର ଥାନା ପୋଲିସ ଦ୍ୱାରା ଶୁକ୍ରବାର ଗିରଫ ହୋଇଛନ୍ତି ଜଣେ ଯୁବକ ଶୋଭେନ ଦେହୁରିଆ(୩୦)। ଖଣ୍ଡଗିରି ଥାନା ଅନ୍ତର୍ଗତ କଳିଙ୍ଗନଗର ଅଞ୍ଚଳର ଶୋଭେନଙ୍କର ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମ୍‌ରେ ଯୁବତୀଙ୍କ ସହ ଦେଖା ହୋଇଥିଲା। ପରେ ସମ୍ପର୍କ ବଢ଼ିବା ସହ ତାହା ପ୍ରେମରେ ପରିଣତ ହୋଇଥିଲା। ଉଭୟେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ପରିବାର ଲୋକଙ୍କ ସହମତିରେ ନିର୍ବନ୍ଧ ମଧ୍ୟ ଶେଷ ହୋଇଥିଲା। ହେଲେ ଶୋଭେନ ବଙ୍ଗାଳୀ ହୋଇଥିବାରୁ ସେ ଯୁବତୀଙ୍କୁ ବଙ୍ଗଳା ଶିଖିବା ପାଇଁ କହିଥିଲେ। ହେଲେ ଯୁବତୀ ଜଣକ ବଙ୍ଗଳା ଶିଖି ନ ପାରିବାରୁ ଶୋଭେନ ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହେବାରୁ ନିର୍ବନ୍ଧ ଭାଙ୍ଗି ଯାଇଥିଲା। କିନ୍ତୁ ପରେ ଶୋଭେନ ଫୋନ କରି ଯୁବତୀ ଏବଂ ତାଙ୍କ ପରିବାର ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଯୁବତୀ ଜଣକ ଗତ ୧୫ ତାରିଖରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(୨/୧୮) ରୁଜୁ କରିଥିଲା।

## ଶ୍ରୀମନ୍ଦିରରେ ଅଚଳାବସ୍ଥା ପ୍ରସଙ୍ଗ

# ଚିହ୍ନଟ ୩୬ଙ୍କ ମଧ୍ୟରେ ୨ ଅଣସେବକ

### ୧୮ ସେବକଙ୍କୁ ନୋଟିସ

ପୁରୀ ଅଫିସ,୧୮।୧

ଶ୍ରୀମନ୍ଦିରରେ ଗତ ଡିସେମ୍ବର ୨୮ରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଫିଟି ନ ଥିଲା ଦ୍ୱାର। ୧୪ ଘଣ୍ଟା ଅଖିଆ, ଅପିଆ ରହିଥିଲେ ମହାପ୍ରଭୁ। ଏହି ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଚଳାଇଛି ଶ୍ରୀମନ୍ଦିର ପ୍ରଶାସନ। ଏଥିପାଇଁ କେଉଁମାନେ ଦାୟୀ ସେ ଦିଗରେ ପ୍ରାଥମିକ ଯାଞ୍ଚ ଏବଂ ବୟାନ ରେକର୍ଡ ପରେ ୧୮ ସେବକଙ୍କୁ ନୋଟିସ ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ।

ଘଟଣା ସମ୍ପର୍କରେ ଶୁକ୍ରବାର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ଡିସେମ୍ବର ୨୮ ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ତାହା ଉପରେ ମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଉଛି। ସେଦିନର ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଛି। ଏଥିସହ କେତେକ କମିଟି ରିପୋର୍ଟ ଅନୁସାରେ ବିଭିନ୍ନ ପ୍ରକାର ତଥ୍ୟ ହସ୍ତଗତ ହୋଇଛି। ମୋଟ ୩୬ ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ଅଣସେବକଙ୍କୁ ବାଦ୍ ଦେଲେ ଆଉ ୩୪ ସେବକ ଚିହ୍ନଟ ହୋଇଛନ୍ତି। ଏହି ସେବକମାନଙ୍କ ମଧ୍ୟରୁ ୧୮ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବେଳେ ୧୬ ଜଣଙ୍କଠାରୁ ତଥ୍ୟ ସଂଗ୍ରହ କରାଯିବ। ସେଦିନ ସେମାନଙ୍କ ଉପସ୍ଥିତିରେ କ'ଣ ସବୁ ଘଟିଥିଲା ସେମାନେ ମତ ଦେବେ। କିନ୍ତୁ କିଏ ବିଶୃଙ୍ଖଳା କରିଥିଲା ତାହା ପ୍ରଶାସନ ଜାଣିସାରିଛି। ଏହା ଏକ ଆଭ୍ୟନ୍ତରୀଣ ଶୃଙ୍ଖଳାଗତ ପ୍ରକ୍ରିୟା। ଶ୍ରୀମନ୍ଦିର ଆଇନ ଅନୁଯାୟୀ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।


## ମାଲକାନଗିରି କୃଷି ଜିଲ୍ଲାରେ ବିହନ ବିଶୋଧନ ଅଭିଯାନ ରବି-୨୦୧୮-୧୯

No. 142-L: ଚଳିତ ବର୍ଷ ତା୨୧।୦୧।୨୦୧୯ ଠାରୁ ୨୫।୦୧।୨୦୧୯ ରିଖ ପର୍ଯ୍ୟନ୍ତ ମାଲକାନଗିରି କୃଷି ଜିଲ୍ଲାର ମାଲକାନଗିରି, କୋରୁକୋଣ୍ଡା ଓ ମାଥିଲି ବ୍ଲକରେ ରବି ୨୦୧୮-୧୯ ପାଇଁ ବିହନ ବିଶୋଧନ ଅଭିଯାନ ଆୟୋଜନ କରାଯାଉଛି। ପ୍ରତ୍ୟେକ ବ୍ଲକରେ ୧୦ଟି ଗ୍ରାମରେ ଏହି ବିହନ ବିଶୋଧନ ଅଭିଯାନ ହେବ। ଏଥିରେ ୫୦ଜଣ ଚାଷୀଙ୍କର ୫୦ ହେକ୍ଟର ଜମି ପାଇଁ ଆବଶ୍ୟକ ବିହନକୁ ମାଗଣାରେ ବିଶୋଧକ ଦ୍ୱାରା ବିଶୋଧନ ନିମନ୍ତେ ତାଲିମ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ କୃଷକମାନଙ୍କୁ ଅନୁରୋଧ କରାଯାଉଅଛି।

ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ମାଲକାନଗିରି

01023/11/0002/1819

## ODISHA HYDRO POWER CORPORATION LIMITED

OHPC

BALIMELA HYDRO ELECTRIC PROJECT, POST : BALIMELA : DIST : MALKANGIRI (ODISHA), PIN : 764051
Phones : 06861-232581 (O) / 232659 (O) : FAX : 06861-232541
E-mail : unit.head_balimela@yahoo.com, CIN : U40101OR1995SGC003963

**TENDER CALL NOTICE NO : BHEP-35/2018-19; DATED : 17.01.2019**

No. CAD-1285: Sealed Tenders are invited in two part i.e. (i) Techno commercial bid & (ii) price bid from from the registered Firms having valid Registration Certificate issued by Govt. Authority & fulfilling the eligibility criteria as per the tender specification for the work as mentioned below.

| Sl. No. | Description of Services | Cost of tender paper in Rs. | EMD in shape of DD only (Re-fundable) | Period of availability of tender at OHPC website | Last date & Time of receipt of Tender | Date & Time of opening of Techno Commercial bid. |
|---|---|---|---|---|---|---|
| 1. | Supply, retrofitting, testing, installation and commissioning of five numbers of Numerical Relays for 220 KV Feeders under PSDF scheme on turn key basis at BHEP, Balimela | Rs. 7080/- (Rs. 6000/- + GST @18%) (Non-Refundable) | Rs. 24000/- | 22.01.2019 to 13.00 Hrs of 13.02.2019 | 16.00 Hrs of 13.02.2019 | 16.30 Hrs of 13.02.2019 |

The due date of opening of price bid will be intimated later on to the technically qualified bidders.
For details of the tender documents, terms & conditions please visit our website www.ohpcltd.

04019/11/0103/1819 — SR. GENERAL MANAGER (EL), BHEP, BALIMELA

## ODISHA STATE ROAD TRANSPORT CORPORATION

(A GOVT. OF ODISHA UNDERTAKING)
PARIBAHAN BHAWAN
SACHIBALAYA MARG,P.O.-ASHOK NAGAR
BHUBANESWAR-751009

No. CAD-1289

### EXPRESSION OF INTEREST(EOI) FOR GST AUDIT

**No 747 /OSRTC/IIM(TSP)16/2018/DT.17.01.2019**

OSRTC invites 'Expression of Interest (EOI) from CA/ICWA firms towards empanelment for GST audit and filing GST Return as per provisions of Audit under the CGST/OGST Act and Rules.

The EOI documents and further details regarding scope of work, terms & conditions, please visit our website: www.osrtc.in

**Sd./- F.A. & Chief Accounts Officer, OSRTC, Bhubaneswar**

38002/11/0016/1819

## ODISHA TOURISM DEVELOPMENT CORPORATION LIMITED

(A GOVT. OF ODISHA UNDERTAKING)
PANTHANIVAS (OLD BLOCK): LEWIS ROAD, BHUBANESWAR-14
INVITATIONS FOR BIDS (IFB)

**No.CAD-1291:-** NOTICE INVITATION FOR BIDS (NIFB)

**e-Procurement Notice No. BP -I/23/2018-19 dt.17.01.2019**

1. Nature of Work : Civil work, Electrical work, PH Work, Landscaping, Development work & Renovation Work.
2. Total No.of Works : 18 Nos.
3. Value of Works : Rs. 16.23 lakhs to 195.00 lakhs
4. Bid Security : 1% of the amount put to tender
5. Class of Contractor : D,C, B & A for civil work, Electrical work, PH Work, Landscaping, Development work & Renovation Work.
6. Period of Completion : 3 (Three) months to 11(Eleven) months
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of opening of Tender |
|---|---|---|---|---|
| Executive Engineer, B.P.Division No. I, OTDC Ltd. | BP-I/23/2018-19 dt. 17.01.2019 | From 25.01.2019 | To 06.02.2019 | 11.30 hours of dt.07.02.2019 in the office of the Executive Engineer, B.P. Division No.I, OTDC Ltd, Bhubaneswar |

Further details can be seen from the Govt. Website www.tenderodisha.gov.in.

**37002/11/0070/1819** — **Sd./- Executive Engineer, B.P. Division No. I**

## OFFICE OF THE EXECUTIVE ENGINEER RURAL WORKS DIVISION, BARIPADA

e_mail = rw_mayurbhanj@yahoo.co.in

No. 1433-O

**1st Corrigendum to Tender Call Notice No. 39/RWD/BPD/2018-19**

The approximate value for the work- Construction of Compound wall at Kostha CHC under Suliapada Block for 18-19 at Sl No.06 may be read as Rs.13.26 lakhs instead of Rs.12.26 lakhs.
All other terms and conditions remain unchanged.

**Sd./- Executive Engineer**
**R.W. Division, Baripada**

25057/11/0021/1819

## BERHAMPUR MUNICIPAL CORPORATION

### QUOTATION CALL NOTICE

**No 767 /19** **Date 17-01-2019**

No. 423-C: Sealed Quotations are invited from the intending suppliers/authorized dealers/manufacturers with registration/ISO certification tor **"SUPPLY & INSTALLATION OF OPEN AIR GYM (OUTDOOR FITNESS) EQUIPMENTS AT GOLAPALLI PARK INFRONT OF PAYAL TALKIES IN W.NO.20"** The Quotationer having update GST and PAN Clearance. The list of required items etc. along with terms and conditions of the quotation can be purchased from the office of Berhampur Municipal Corporation during office hour from 10.00 A.M. to 5.00 P.M. (excluding Govt. Holiday). The quotation will be received on or before 28.01.19 upto 1.00 P.M. by Registered Post/Speed Post only and the same will be opened on 28.01.19 at 4.00 P.M. in presence of the quotationers or their authorized representatives. The quotationers have to deposit Rs. 8,000/- (Non-refundable) towards bid cost. The authority reserves the right to cancel any/all the quotations without assigning any reason thereof.

**Sd./- Commissioner,**
**Berhampur Municipal Corporation.**

13035/11/0194/1819

## GOVERNMENT OF ODISHA

### e-Procurement Notice

**ANGUL (R&B) DIVISION**
**Bid Identification No.- 50 of 2018-19**
e-mail ID- angulrbdivision@yahoo.co.in

No.1141-B

1. Number of works : 2 (Two) number of buildings works
2. Approximate estimated cost : Varies from Rs.7.00 lakhs to Rs.16.00 lakh
3. Period of completion : Varies from 02 (Two) to 03 (Three) calendar months
4. Date & time of availability of bid document in the portal : Dt.21.01.2019 at 10.00 AM
5. Last date / time for receipt of bid in the portal : Dt.30.01.2019 upto 5.00 PM
6. Date of opening of bid : Dt.31.01.2019 at 11.00 AM
7. Name and address of the Office Inviting Bid : Executive Engineer, Angul (R&B) Division, Angul
8. The bidders have to participate in **ONLINE** bidding only.

Further details can be seen from the e-procurement portal **https:/tendersodisha.gov.in**.

**Sd./- Er. S. N. Acharya**
**Executive Engineer,**
**Angul (R&B) Division**

34074/11/0032/1819

## OFFICE OF THE ENGINEER-IN-CHIEF (CIVIL), ODISHA

NIRMAN SOUDHA, UNIT-V, BHUBANESWAR
INVITATIONS FOR BIDS (IFB)
E-mail ID: cebuildings_orissa@yahoo.co.in
cebuildings@rediffmail.com, Tel. -(0674)- 2391523,
Fax:- (0674)-2395245

**File No.B-IV-H (ALMC) 16/18 No.2899 Dt. 17 th Jan. 2019**

No.1143-B:- **Invitation for Bids**

**Bid Identification No. CE(B) – 41 / 2018-19**

| | | | |
|---|---|---|---|
| 1. | The Chief Engineer (Buildings), Odisha, Bhubaneswar, on behalf of Works Deptt.,Govt. of Odisha, invites percentage rate bids in double cover system in ONLINE MODE only | | |
| 2. | Nature of work | : | Electrical Installation work (Building) |
| 3. | No. of work | : | 01 No. |
| 4. | Bid Cost. | : | Rs. 10,000/- |
| 5. | Class of Contractor | : | Original Equipment Manufacturer (OEM) / Registered Firm having tie up with civil contractor or Electrical Contractor having valid electrical license issued from ELBO |
| 6. | Availability of Bid Documents in the website | : | From dt.25.01.2019 to 17:00 hours of dt.11.02.2019. |
| 7. | Date of Opening of Bid | : | Dt.12.02.2019 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

**34117/11/0184/1819** — **Sd./- Chief Engineer (Buildings), Odisha**

## THE ODISHA STATE POLICE HOUSING & WELFARE CORPORATION LTD.,

OPHWC

**BHUBANESWAR-22**
**(A Govt. of Odisha Undertaking)**
Ph: 0674-2541545,2542921, Fax: 0674-2541543
Email: ophwc.od@nic.in, Website: www.ophwc.nic.in

No.CAD-1286

### EXPRESSION OF INTEREST

| Serial No. | Items | Description |
|---|---|---|
| 1 | Company Name | The Odisha State Police Housing & Welfare Corporation Limited (OPHWC) |
| 2 | Address | The Chief Engineer, The Odisha State Police Housing & Welfare Corporation Ltd., Janpath, Bhoi Nagar, Bhubaneswar-22. |
| 3 | Name of the work | CCTV Based City Surveillance Project and Dial 100 System for Cuttack in STATE OF ODISHA, INDIA |
| 4 | EOI Reference Number | 001/OPHWC/CCTV/2018-19 |
| 5 | Date of Issue of EOI | From 19.01.2019 |
| 6 | Last Date for Submission of EOI Response | 07.02.2019 up to 15.00 hours |
| 7 | Date of opening of the bid | 07.02.2019 at 15:30 hours |
| 8 | Cost of EOI document | Rs. 5900/- |
| 9 | EOI validity period | 90 days from last date of submission of document |
| 10 | Currency of RFI | Indian Rupees |
| 11 | Language of RFI | English |
| 12 | Website | www.ophwc.nic.in |

The RFI document can be downloaded at the website mentioned above from 19.01.2019 to 07.02.2019 up to 15:00 hours. The potential respondents who download the tenders from the website(www.ophwc.nic.in) should submit a demand draft of Rs.5900/- (non-refundable) at the time of submission of EOI responses. The cost of response documents in demand draft issued from any Nationalized Scheduled Bank should made in favour of **"The Odisha State Police Housing & Welfare Corporation Limited"** and payable at Bhubaneswar.

12025/11/0106/1819 — **Sd./- Chief Engineer**

## ODISHA NURSES & MIDWIVES EXAMINATION BOARD, BHUBANESWAR

**Email ID : odishanursingboard@gmail.com**

**No. 17/NEB-15/2018** **Bhubaneswar** **Date : 18.01.2019**

### PROGRAMME FOR THE GNM / ANM EXAMINATION JANUARY' 2019

No. 798-E: This is for information of all concerned that the students admitted into GNM/ANM course during the academic session 2017-18, 2016-17 & 2015-16 in the 1st year, 2nd year & 3rd year course respectively & continuing their studies in the ONMC recognized institutions are required to appear at the ON&MEB Annual Examination January' 2019 commencing as per the following time schedule in conformity with the Regulation & Syllabus.

**GNM COURSE (THEORY):**

| Date | 1st Sitting (10 AM -1PM) | 2nd Sitting (2 PM - 5 PM) |
|---|---|---|
| | Year & Paper | Year & Paper |
| 28.01.2019 | 1st Year Paper -I (BIO-SCIENCE) | 3rd Year Paper -I (Midwifery & Gynecological Nursing) |
| 29.01.2019 | 2nd Year Paper -I (Medical Surgical Nursing-I) | 3rd Year Paper -II (Community Health Nursing-II) |
| 30.01.2019 | 2nd Year Paper - II (Medical Surgical Nursing-II) | 1st Year Paper -II (Behavioural Sciences) |
| 31.01.2019 | 2nd Year Paper -III (Mental Health Nursing) | 1st Year Paper -III (Foundation of Nursing) |
| 01.02.2019 | 2nd Year Paper - IV (Child Health Nursing) | 1st Year Paper -IV (Community Health Nursing-I)<br>3rd Year Paper - II (Paediatric Nursing) |

**ANM COURSE (THEORY):**

| Date | 1st Sitting (10 AM -1PM) 1ST YEAR | 2nd Sitting (2 PM - 5 PM) 2ND YEAR |
|---|---|---|
| 02.02.2019 | Paper - I (Community Health Nursing) | Paper - V (Midwifery) |
| 04.02.2019 | Paper - II (Health Promotion) | Paper - VI (Health Centre Management) |
| 05.02.2019 | Paper - III (Primary Health Care Nursing) | |
| 06.02.2019 | Paper - IV (Child Health Nursing) | |

**Sd./- Secretary**
**Odisha Nurses & Midwives Examination Board**

10110/11/0001/1819

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୯ ଜାନୁୟାରୀ, ୨୦୧୯

ମ୍ୟାନମାର ସେନା ଆକ୍ରମଣରେ ୧୩ ରାଖାଇନ ବିଦ୍ରୋହୀ ନିହତ ହୋଇଛନ୍ତି। କିଛିଦିନ ପୂର୍ବରୁ ଏହି ବିଦ୍ରୋହୀମାନେ ପୋଲିସ ପୋଷ୍ଟ ଉପରେ ଆକ୍ରମଣ କରିଥିଲେ। ରାଖାଇନ ରାଜ୍ୟ ଏବେ ମ୍ୟାନମାର ପାଇଁ ବିପଦ ସୃଷ୍ଟି କରିଛି।





## ସଂକ୍ଷେପରେ

### ଜିଏସ୍‌ଟି ମନ୍ତ୍ରିଗୋଷ୍ଠୀରେ ଅର୍ଥମନ୍ତ୍ରୀ ଶଶିଭୂଷଣ ସଦସ୍ୟ

ଭୁବନେଶ୍ୱର, ୧୮।୧(ବ୍ୟୁରୋ):ଭାରତ ସରକାରଙ୍କ ଦ୍ୱାରା ଦେଶରେ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ପ୍ରଚଳନ ହେବା ପରେ ସଂଗୃହୀତ ରାଜସ୍ୱ ଆୟର ବିଶ୍ଳେଷଣ କରିବା ପାଇଁ ଜିଏସ୍‌ଟି କାଉନ୍‌ସିଲ ଦ୍ୱାରା ଗଠିତ ଏକ ସାତଜଣିଆ ମନ୍ତ୍ରିଗୋଷ୍ଠୀରେ ଓଡ଼ିଶା ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଅନ୍ୟତମ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ନୂଆଦିଲ୍ଲୀଠାରେ ଆୟୋଜିତ ୩୧ତମ ଜିଏସ୍‌ଟି କାଉନ୍‌ସିଲ୍ ବୈଠକର ନିଷ୍ପତ୍ତି ଅନୁଯାୟୀ ଏହି ମନ୍ତ୍ରିଗୋଷ୍ଠୀ ଜିଏସ୍‌ଟି ପ୍ରଚଳନ ପୂର୍ବରୁ ଏବଂ ଜିଏସ୍‌ଟି ପ୍ରଚଳନ ପରେ ରାଜ୍ୟୱାରି ରାଜସ୍ୱ ଆଦାୟର ଧାରା ସମ୍ପର୍କରେ ବିଶ୍ଳେଷଣ କରିବେ । ଜିଏସ୍‌ଟି ଦ୍ୱାରା ସେବାକ୍ଷେତ୍ର ସମେତ ଅର୍ଥନୀତିର ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଢାଞ୍ଚାଗତ ପରିବର୍ତ୍ତନ ଓ ରାଜସ୍ୱ ଆଦାୟ କ୍ଷେତ୍ରରେ ଏହାର ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ କରିବ । ଏହି ମନ୍ତ୍ରିଗୋଷ୍ଠୀ ଜିଏସ୍‌ଟିର ପରିକଳ୍ପନା ଏବଂ ଏହାର କାର୍ଯ୍ୟାନ୍ୱୟନ କରିବା ସମୟରେ ଅନୁମାନ କରାଯାଉଥିବା ରାଜସ୍ୱ ଆୟ ଓ ପ୍ରକୃତରେ ସଂଗୃହୀତ ହେଉଥିବା ରାଜସ୍ୱ ମଧ୍ୟରେ ବ୍ୟବଧାନର କାରଣ ଅନୁଧ୍ୟାନ କରିବ । ପ୍ରମୁଖ ଉପଭୋକ୍ତା ରାଜ୍ୟଗୁଡ଼ିକରେ ଆଶାନୁରୂପଠାରୁ କମ୍ ଟିକସ ଆଦାୟ ସମ୍ପର୍କରେ କମିଟି ଅନୁଧ୍ୟାନ କରିବ । ଏହାସହ ମନ୍ତ୍ରିଗୋଷ୍ଠୀ ରାଜସ୍ୱ ଆଦାୟ ଓ ବିଶେଷ କରି ଜିଏସ୍‌ଟି ଆଦାୟ କ୍ଷେତ୍ରରେ ଅଧିକ ନିଅଣ୍ଟିଆ ରାଜ୍ୟଗୁଡ଼ିକର ରାଜସ୍ୱ ବୃଦ୍ଧି ପାଇଁ ଆବଶ୍ୟକୀୟ ପଦକ୍ଷେପ ଓ ନୀତି ନିର୍ଦ୍ଧାରଣ ନିମନ୍ତେ ସୁପାରିସ କରିବେ । ବିହାରର ଉପମୁଖ୍ୟମନ୍ତ୍ରୀ ସୁଶିଲ କୁମାର ମୋଦିଙ୍କ ଆବାହକତ୍ୱରେ ଗଠିତ ଏହି ମନ୍ତ୍ରିଗୋଷ୍ଠୀରେ ଓଡ଼ିଶା ସମେତ କର୍ଣ୍ଣାଟକ, କେରଳ, ପଞ୍ଜାବ, ହରିୟାଣା ଏବଂ ଗୋଆର ଅର୍ଥମନ୍ତ୍ରୀମାନେ ସଦସ୍ୟ ରହିବେ । ଜିଏସ୍‌ଟିର ସଫଳ ରୂପାୟନ କ୍ଷେତ୍ରରେ ସୂଚନା ଓ ପ୍ରଯୁକ୍ତିର ବ୍ୟବହାର ଓ ଏ ଦିଗରେ ଉପୁଜୁଥିବା ସମସ୍ୟାର ସମାଧାନ ଲାଗି ଅତୀତରେ ଗଠିତ ୫ଜଣିଆ ମନ୍ତ୍ରିଗୋଷ୍ଠୀ ଏବଂ ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରରେ କ୍ଷତିଗ୍ରସ୍ତ ରାଜ୍ୟ ନିମନ୍ତେ ଅତିରିକ୍ତ ସେସ୍ ଆଦାୟ ନିମନ୍ତେ ଗଠିତ ୭ ଜଣିଆ ମନ୍ତ୍ରିଗୋଷ୍ଠୀରେ ମଧ୍ୟ ମନ୍ତ୍ରୀ ଶଶିଭୂଷଣ ବେହେରା ସଦସ୍ୟ ଅଛନ୍ତି ।

### ଲାଞ୍ଚ: ପୋଲିସ ଏଏସ୍‌ଆଇ ଗିରଫ

କଟକ ଅଫିସ/ ରଣପୁର (ସ୍ୱ.ପ୍ର.), ୧୮।୧: ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ଦର୍ପନାରାୟଣପୁର ଫାଣ୍ଡିର ଏଏସ୍‌ଆଇ ବାଳକୃଷ୍ଣ ଦାସ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏଏସ୍‌ଆଇ ଦାସ ଶୁକ୍ରବାର ମାଳିସାହି ଗ୍ରାମର ଅଭିମନ୍ୟୁ ବରାଡ଼ଙ୍କଠାରୁ ୩ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ବରାଡ଼ଙ୍କ ୩ ବର୍ଷର ପୁଅଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଥିଲା। ରଣପୁର ଥାନାରେ ଏ ନେଇ ୧୯/୨୦୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ କପି ପାଇବା ପାଇଁ ବରାଡ଼ ଏଏସ୍‌ଆଇ ଦାସଙ୍କୁ ଯୋଗାଯୋଗ କରିଥିଲେ। ମାତ୍ର ସେ ଏଥିନିମନ୍ତେ ୩ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଶୁକ୍ରବାର ଫାଣ୍ଡିରେ ଏଏସ୍‌ଆଇ ଦାସ ଏହି ଲାଞ୍ଚ ଟଙ୍କା ଗ୍ରହଣ କରିଥିଲାବେଳେ ଭିଜିଲାନ୍ସ ଅଧିକାରୀମାନେ ତାହାକୁ ଜବତ କରିଥିଲେ। ଏହାପରେ ଏଏସ୍‌ଆଇଙ୍କ ନୟାଗଡ଼ ଜିଲା ଇଟାମାଟି ଥାନା ଅଧୀନ ବାଉଁଶିଆପଡ଼ା ଗ୍ରାମରେ ଥିବା ଆବାସିକ ଘରକୁ ଭିଜିଲାନ୍ସ ପକ୍ଷରୁ ତଲାସି କରାଯାଇଥିଲା। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୩/୧୯ ନମ୍ବରରେ ଏକ ମାମଲା ରୁଜୁ କରାଯାଇ ଏଏସ୍‌ଆଇ ଦାସଙ୍କୁ ଗିରଫ କରାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କୁ ଲାଭାଂଶ ପ୍ରଦାନ କଲା ଓଏଫ୍‌ଡିସି

ଭୁବନେଶ୍ୱର,୧୮।୧(ବ୍ୟୁରୋ): ଓଡ଼ିଶା ବନ ଉନ୍ନୟନ ନିଗମ(ଓଏଫ୍‌ଡିସି) ପକ୍ଷରୁ ୨,୯୫,୨୨,୭୬୨ ଟଙ୍କା ଲାଭାଂଶ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉପରୋକ୍ତ ଅର୍ଥରାଶିକୁ ଚେକ୍ ଆକାରରେ ଶୁକ୍ରବାର ସଚିବାଳୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ପ୍ରଦାନ କରିଛନ୍ତି। ଓଏଫ୍‌ଡିସିର ବର୍ତ୍ତମାନ ପେଡ୍ ଇକ୍ୟୁଟି ଥିବା ୫ କୋଟି ଟଙ୍କାର ପୁଞ୍ଜି ପୂର୍ଣ୍ଣରୂପେ ରାଜ୍ୟ ସରକାରଙ୍କର । ୨୦୧୭-୧୮ରେ ମୋଟ ଆୟ ୭୯୭.୨୫ କୋଟି ଟଙ୍କା । ଟିକସ ପରବର୍ତ୍ତୀ ଲାଭାଂଶ ୧୯.୬୮ କୋଟି ଟଙ୍କା ବୋଲି ଜଣାପଡିଛି।

## ■ ଓପିଟିସିଏଲ୍‌ର ୯୨ ଯନ୍ତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

# ୨୦୨୨ ସୁଦ୍ଧା ଆହୁରି ୪୧ ଇଏଚ୍‌ଭି ଗ୍ରୀଡ୍ ସବ୍‌ଷ୍ଟେଶନ

ଭୁବନେଶ୍ୱର,୧୮।୧(ବ୍ୟୁରୋ)

୨୦୧୦ ମସିହାରୁ ଓପିଟିସିଏଲ୍ ବିଭିନ୍ନ ବିଭାଗରେ ୧୭୫୨ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଛି। ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ ସ୍ଥାନୀୟ ଯୁବତୀ, ଯୁବକମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି। ସରକାରଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ସଫଳ କରିବାରେ ଓପିଟିସିଏଲ୍ ନିଜର ପାରଦର୍ଶିତା ଦେଖାଇଛି। ଏହି ସଂସ୍ଥାର ବ୍ୟବସ୍ଥାଗତ ଉପଲବ୍ଧତା ୯୯.୯୯ ପ୍ରତିଶତ ହୋଇଥିବା ବେଳେ ଏହା ଦେଶରେ ସର୍ବାଧିକ। ଗତ ୪ବର୍ଷ ମଧ୍ୟରେ ୪୨ଟି ନୂତନ ଗ୍ରୀଡ୍‌ର ସଂଯୋଗୀକରଣ ଦ୍ୱାରା ସଂସ୍ଥାର ଗ୍ରୀଡ୍ ନେଟ୍‌ୱର୍କ ପୂର୍ବାପେକ୍ଷା ଆହୁରି ସୁଦୃଢ଼ ହୋଇପାରିଛି। କେବଳ ସେତିକି ନୁହେଁ, ୨୦୨୧-୨୨ ମସିହା ସୁଦ୍ଧା ଆହୁରି ୪୧ଟି ଇଏଚ୍‌ଭି ଗ୍ରୀଡ୍ ସବ୍‌ଷ୍ଟେଶନ ରାଜ୍ୟରେ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।



କାର୍ଯ୍ୟକ୍ରମରେ ନବନିଯୁକ୍ତ ଜଣେ ଯନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

ଶୁକ୍ରବାର ସୂଚନା ଭବନଠାରେ ଆୟୋଜିତ ଓପିଟିସିଏଲ୍‌ର ନବନିଯୁକ୍ତ ଯନ୍ତ୍ରୀମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ୯୨ଜଣ ନବନିଯୁକ୍ତ ଯନ୍ତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସେ ନୂତନ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଥ୍ରୀ-ଟି ମନ୍ତ୍ରର ବାର୍ତ୍ତା ଦେଇଥିଲେ। ଓପିଟିସିଏଲ୍‌ର ସ୍ୱଚ୍ଛ ଓ ତ୍ୱରାନ୍ୱିତ ନିଯୁକ୍ତି ପ୍ରକ୍ରିୟାକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ଓଡ଼ିଶା ଏହାର ଶକ୍ତି ବିଭାଗରେ ଦକ୍ଷ ତଥା କୁଶଳୀ ମାନବ ସମ୍ବଳଙ୍କୁ ନିଯୁକ୍ତି କରୁଥିବା କହିଥିଲେ। ଟିମ୍‌ୱର୍କ ଏବଂ ହାର୍ଡୱର୍କ କରିବାକୁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଥ୍ରୀ-ଟି ତଥା ଟିମ୍‌ୱର୍କ, ଟ୍ରାନ୍ସପରେନ୍ସି ଏବଂ ଟେକ୍ନୋଲୋଜିକୁ ନେଇ କାମ କରିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଶକ୍ତି ବିଭାଗ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇ ନିକଟ ଅତୀତରେ ବିଭାଗ ହାସଲ କରିଥିବା ବିଭିନ୍ନ ସଫଳତା ଓ ଉନ୍ନତିମୂଳକ ଯୋଜନା ସମ୍ପର୍କରେ କହିଥିଲେ। ଓଡ଼ିଶା ବିଦ୍ୟୁତ୍ ସୁଦୃଢ଼ୀକରଣ ଯୋଜନା, ଗ୍ରାମୀଣ ବିଦ୍ୟୁତୀକରଣ, 'ଆମ ଘରେ ଏଲ୍‌ଇଡି' ଏବଂ ବିଜୁ ଗ୍ରାମ ଜ୍ୟୋତି ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓପିଟିସିଏଲ୍ ଉପରେ ନ୍ୟସ୍ତ ରହିଛି। ଶକ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନିକଟରେ ସଂସ୍ଥା କେନ୍ଦ୍ର ଜଳସେଚନ ଏବଂ ବିଦ୍ୟୁତ୍ ବୋର୍ଡ ଦ୍ୱାରା ପୁରସ୍କୃତ ହୋଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଯଥା ଆଧୁନିକ ମିଟରିଂ ବ୍ୟବସ୍ଥା, ଗ୍ୟାସ୍ ଇନ୍‌ସୁଲେଟେଡ୍ ସବ୍‌ଷ୍ଟେଶନ ଏବଂ ସ୍ମାର୍ଟ ଗ୍ରୀଡ୍ ଭଳି ବହୁ ପ୍ରକଳ୍ପ ସଂସ୍ଥା ଦ୍ୱାରା ପ୍ରଣୟନ କରାଯାଇଥିବା ଶର୍ମା କହିଥିଲେ। ଓପିଟିସିଏଲ୍‌ରେ ସପ୍ତମ ବେତନ ସୁପାରିସ ଲାଗୁ ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବାରୁ ମାନବ ସମ୍ବଳ ନିର୍ଦ୍ଦେଶକ ରାଜେନ୍ଦ୍ର ସେନାପତି ଏହି ଅବସରରେ କୃତଜ୍ଞତା ଜଣାଇଥିଲେ। ଖାଲିପଡ଼ିଥିବା ପଦବୀଗୁଡ଼ିକ ପୂରଣ କରିବା ପାଇଁ ରାଜ୍ୟ ସରକାର ଠିକ୍ ସମୟରେ ଆବଶ୍ୟକୀୟ ପଦକ୍ଷେପ ନେଇଥିବା ସେ କହିଥିଲେ।

## କାଳିଆ ପାଇଁ ୭ ଓଏସ୍‌ଡି ନିଯୁକ୍ତ

ଭୁବନେଶ୍ୱର,୧୮।୧(ବ୍ୟୁରୋ): କାଳିଆ ଯୋଜନାକୁ ପରିଚାଳନା କରିବା ପାଇଁ ସମବାୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସେଲ୍ ଗଠନ କରାଯାଇଛି। ଏଥିରେ ୭ ଜଣ ଓଏଏସ୍ ଅଧିକାରୀଙ୍କୁ ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯାଇଛି। ଏମାନେ ହେଉଛନ୍ତି-ପ୍ରଫୁଲ୍ଲ ସ୍ୱାଇଁ, ସଞ୍ଜୀବିତା ରାୟ, କୈଳାସ ଚନ୍ଦ୍ର ଦାସ, ଦିଲୀପ କୁମାର ମହାପାତ୍ର, ସୋନିଆ ବେହେରା, ଜ୍ୟୋତି ଶଙ୍କର ମହାପାତ୍ର ଏବଂ ସୁସ୍ମିତା ବେହେରା। ସେହିପରି ଅନ୍ୟ କେତେକ ଓଏଏସ୍ ଅଧିକାରୀଙ୍କୁ ଅନ୍ୟ ସ୍ଥାନକୁ ବଦଳି କରାଯାଇଛି। ଡକ୍ଟର ଉଦ୍ଧବ ଚରଣ ମାଝୀ କେନ୍ଦୁଝର ଜିଲା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ସମାନ ପଦରେ ବ୍ରଜ ଆଚାର୍ଯ୍ୟ କେନ୍ଦୁଝର ଜିଲାକୁ ବଦଳି ହୋଇଛନ୍ତି। ସେହିପରି ସଦାନନ୍ଦ ନାୟକଙ୍କୁ ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ ର ଅତିରିକ୍ତ ଦାୟିତ୍ୱ, ରାଜେନ୍ଦ୍ର ପଟ୍ଟନାୟକ ବିଏମ୍‌ସି ଅତିରିକ୍ତ କମିଶନର, ନୃସିଂହ ସ୍ୱାଇଁଙ୍କୁ ପୁରୀ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ପ୍ରକାଶ ମହାନ୍ତିଙ୍କୁ ରାଜସ୍ୱ ବିବାଗର ଯୁଗ୍ମ ସଚିବ, ଶ୍ରୀଧର ନାୟକଙ୍କୁ କୃଷି ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ସେହିପରି ଶରତ କୁମାର ପୁରୋହିତଙ୍କ ପୂର୍ବ ବଦଳିକୁ ବାତିଲ କରାଯାଇଛି।

## 'ମୋ ସ୍କୁଲ' ଯୋଜନା: ୧୬ ଜିଲାର ୧୩୯୮ ବିଦ୍ୟାଳୟ ସାମିଲ

ଭୁବନେଶ୍ୱର, ୧୮।୧(ବ୍ୟୁରୋ)

**ଖର୍ଚ୍ଚ ହେବ ୯ କୋଟି ୧୬ ଲକ୍ଷ ୬୫ ହଜାର**

ମୁଖ୍ୟମନ୍ତ୍ରୀଙ୍କ ଗୋଷ୍ଠୀ-ସମ୍ପୃକ୍ତ ଶିକ୍ଷା କାର୍ଯ୍ୟକ୍ରମ 'ମୋ ସ୍କୁଲ' ଯୋଜନାର ସପ୍ତମ ପର୍ଯ୍ୟାୟରେ ୧୬ ଜିଲାର ୧୩୯୮ ବିଦ୍ୟାଳୟ ସାମିଲ ହୋଇଛନ୍ତି। ଏହି ଜିଲାଗୁଡ଼ିକ ହେଲା ବରଗଡ଼, ଭଦ୍ରକ, ବଲାଙ୍ଗୀର, ଗଞ୍ଜାମ, ଯାଜପୁର, କନ୍ଧମାଳ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନୟାଗଡ଼, ନୂଆପଡ଼ା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼। ଏହି ସମସ୍ତ ଜିଲାରେ 'ମୋ ସ୍କୁଲ' ଯୋଜନାରେ ୯ କୋଟି ୧୬ଲକ୍ଷ ୬୫ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯିବ। ଏଥିରୁ ରାଜ୍ୟ ସରକାର ୬କୋଟି ୧୧ଲକ୍ଷ ୧୦ହଜାର ଟଙ୍କା ଅନୁଦାନ ଦେଇଥିବା ବେଳେ ଜନସାଧାରଣଙ୍କଠାରୁ ୩କୋଟି ୫ଲକ୍ଷ ୫୫ହଜାର ଟଙ୍କା ସଂଗୃହ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ପଦୀପ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ମୋ ସ୍କୁଲ' ଯୋଜନାର ସପ୍ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏହା ସ୍ଥିର କରାଯାଇଛି।

ବୈଠକରେ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୬ତାରିଖରୁ ଜିଲା, ବ୍ଲକ୍, ସ୍କୁଲ ସ୍ତରରେ ଆଲୁମ୍‌ନି ମିଟ୍ କରାଯାଇ ଏହି ଯୋଜନାର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ଫଟୋ ପ୍ରଦର୍ଶନୀ, ସ୍ମୃତି ଶୋଭାଯାତ୍ରା, ବନ୍ଧୁତ୍ୱ ସମାବେଶ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଏହି କ୍ରମରେ 'ମୋ ସ୍କୁଲ' ପରିଯୋଜନା ପରାମର୍ଶଦାତା ସଦସ୍ୟ ପ୍ରଫେସର ଯତୀନ ନାୟକଙ୍କ ତତ୍ତ୍ୱାବଧାନରେ ରାଜ୍ୟ ଓ ରାଜ୍ୟ ବାହାରୁ ସାମିଲ ହୋଇଥିବା ୧ ଶହ ବିଦ୍ୟାର୍ଥୀଙ୍କୁ ନେଇ ଏକ ପ୍ରାମାଣିକ ଚିତ୍ର ପ୍ରସ୍ତୁତି ପାଇଁ ପ୍ରସ୍ତାବ କରାଯାଇଛି। ସେହିପରି ଆସନ୍ତା ୨୭ତାରିଖରୁ ବକୁଲ ଫାଉଣ୍ଡେଶନ ପକ୍ଷରୁ ରାୟଗଡ଼ା, କନ୍ଧମାଳ ଓ କଳାହାଣ୍ଡି ଜିଲାର ୨୦ଟି ବିଦ୍ୟାଳୟରେ ଭ୍ରାମ୍ୟମାଣ ଯାନ ମାଧ୍ୟମରେ ଗଳ୍ପକଥନ, ସାହିତ୍ୟ ଉତ୍ସବ ଓ ବୃତ୍ତ ଚିତ୍ର ପ୍ରଦର୍ଶନ କରାଯିବ। ବକୁଳ ଫାଉଣ୍ଡେଶନ ଶିକ୍ଷାୟତନରେ ପାଠାଗାର ପ୍ରତିଷ୍ଠା ପାଇଁ ସହାୟତା କରିବାକୁ ବୈଠକରେ ସ୍ଥିର କରାଯାଇଥିବା ଓପେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓ 'ମୋ ସ୍କୁଲ' ଯୋଜନା ମୁଖ୍ୟ ନିର୍ବାହୀ ଭୂପେନ୍ଦ୍ର ସିଂ ପୁନିଆ ପ୍ରକାଶ କରିଛନ୍ତି। ଶୁକ୍ରବାର ଓପେପା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ବୈଠକରେ ପ୍ରାଥମିକ ଶିକ୍ଷା, ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ, ଓପେପା ବିତ୍ତ ପରାମର୍ଶଦାତା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପ୍ରତିନିଧି, 'ମୋ ସ୍କୁଲ' ଯୋଜନାର ସ୍ୱତନ୍ତ୍ର ଅଧିକାରୀ, ମୁଖ୍ୟ ପରିଚାଳନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜ୍ୟରେ ଏ ପର୍ଯ୍ୟନ୍ତ ୮୦୪୪ ବିଦ୍ୟାଳୟ 'ମୋ ସ୍କୁଲ' ଯୋଜନାରେ ସାମିଲ ହୋଇଛନ୍ତି।

## ବରଗଡ଼ ଧନୁଯାତ୍ରା: ଅକ୍ରୂର ଦେଲେ ଚିଟାଉ



ଅକ୍ରୂରଙ୍କୁ ଗୋପପୁରକୁ ପାଛୋଟି ନିଆଯାଉଛି ।

ମଥୁରାନଗରୀ/ଗୋପପୁର, ୧୮।୧

ବରଗଡ଼ ଧନୁଯାତ୍ରା ମହୋତ୍ସବର ଶୁକ୍ରବାର ଥିଲା ଅଷ୍ଟମ ଦିବସ । ଅନ୍ୟ ଦିନ ଭଳି ଗୋପାଳ ବାଳକଙ୍କ ଗହଣରେ ବେନିଭାଇ ଶ୍ରୀକୃଷ୍ଣ, ବଳରାମ ଗୋପ ପରିକ୍ରମା କରିବା ସହିତ ଯମୁନା କୂଳ ବୃନ୍ଦାବନ ପଡ଼ିଆରେ ପହଞ୍ଚି ଖେଳକୁଦରେ ମାତିଥିଲେ। ସେଠାରେ କୃଷ୍ଣଙ୍କୁ ମାରିବା ପାଇଁ କଂସ ପ୍ରେରିତ ଶଙ୍ଖଚୂଳ ସେଠାକୁ ପହଞ୍ଚିଥିଲା। ମାତ୍ର ଶ୍ରୀକୃଷ୍ଣଙ୍କ ସ୍ପର୍ଶରେ ତାର ନିଧନ ହୋଇଥିଲା । ସେହିପରି ଅନ୍ଧ ବ୍ରାହ୍ମଣ ଶ୍ରୀକୃଷ୍ଣଙ୍କୁ ଭେଟିବା ପରେ ଦୃଷ୍ଟିଶକ୍ତି ଫେରି ପାଇବା ଦୃଶ୍ୟ ଅଭିନୀତ ହୋଇଥିଲା । ଶବରୀଙ୍କଠାରୁ ବେନିଭାଇ କୋଳି ଖାଇବା ପରେ ଭକ୍ତମାନେ ଶ୍ରୀକୃଷ୍ଣ, ବଳରାମଙ୍କୁ ବ୍ରାହ୍ମଣୀ ଭୋଗ ଖୁଆଇଥିଲେ। ଅନ୍ୟପଟେ ମଥୁରାଧିପତି ମହାରାଜା କଂସଙ୍କ ନିର୍ଦ୍ଦେଶକ୍ରମେ ଅକ୍ରୂର ଚିଟାଉ ଧରି ଏକ ସୁସଜ୍ଜିତ ରଥରେ ଗୋପପୁର ଅଭିମୁଖେ ଯାଇଥିଲେ । ଧନୁଯାତ୍ରା ଦେଖି ଆସିବା ପାଇଁ କୃଷ୍ଣ, ବଳରାମଙ୍କୁ ଆଣିବାକୁ ଯିବା ବାଟରେ ଯମୁନା ଶଯ୍ୟାରେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ଦେଖି ସେ ଭାବବିହ୍ୱଳ ହୋଇ ପଡ଼ିଥିଲେ। ଯମୁନା ପାରି ହୋଇ ଅକ୍ରୂର ଗୋପପୁର ବୃନ୍ଦାବନ ପଡ଼ିଆରେ ପହଞ୍ଚିଥିଲେ ଏବଂ ସେଠାରେ ଶ୍ରୀକୃଷ୍ଣ, ବଳରାମଙ୍କୁ ଦର୍ଶନ କରିଥିଲେ । ପରେ ଶ୍ରୀକୃଷ୍ଣ, ବଳରାମ ଅକ୍ରୂରଙ୍କୁ ନନ୍ଦ ଦରବାରକୁ ନେଇଥିଲେ। ନନ୍ଦ ଦରବାରରେ ଅକ୍ରୂର ନନ୍ଦରାଜାଙ୍କୁ ବେନିଭାଇଙ୍କୁ ଧନୁଯାତ୍ରା ଦେଖିବା ପାଇଁ ମହାରାଜା କଂସ ଦେଇଥିବା ଚିଟାଉ ପ୍ରଦାନ କରିଥିଲେ। ସେପଟେ ମଥୁରାରେ ସବୁଦିନ ଭଳି ଅପରାହ୍ନରେ ମହାରାଜା କଂସ ରାଜମହଲରୁ ନିଜର ସୈନ୍ୟ, ସାମନ୍ତ ଏବଂ ପାତ୍ରମନ୍ତ୍ରୀଙ୍କ ଗହଣରେ ମଥୁରା ଭ୍ରମଣରେ ବାହାରିଥିଲେ।

## ଅଭିବୃଦ୍ଧି ହାର ନିର୍ଦ୍ଧାରଣ କରିବ ସୂଚକାଙ୍କ

ଭୁବନେଶ୍ୱର, ୧୮।୧(ବ୍ୟୁରୋ):ଭାରତ ସରକାରଙ୍କ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଏବଂ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଶିଳ୍ପ ଉତ୍ପାଦନ ସୂଚକାଙ୍କ ସମ୍ପର୍କିତ ଏକ ଆଞ୍ଚଳିକ କର୍ମଶାଳା ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଛି । ଶିଳ୍ପ ଉତ୍ପାଦନ ସୂଚକାଙ୍କ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ହାର ନିର୍ଦ୍ଧାରଣ କରିବାସହ ସରକାରଙ୍କ ଦ୍ୱାରା ବିଭିନ୍ନ ନୀତି ନିର୍ଦ୍ଧାରଣ କରିବାରେ ସହାୟକ ହୁଏ । ଏହି କର୍ମଶାଳାରେ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ, ଭାରତ ସରକାରଙ୍କ ଦ୍ୱାରା ମୂଳ ବର୍ଷ ୨୦୧୧-୧୨ ଭିତ୍ତିରେ ପ୍ରସ୍ତୁତ କରାଯାଇଥିବା ଶିଳ୍ପ ଉତ୍ପାଦନ ସୂଚକାଙ୍କ ଧାରାରେ ବିଭିନ୍ନ ରାଜ୍ୟମାନଙ୍କ ଦ୍ୱାରା ରାଜ୍ୟସ୍ତରୀୟ ଶିଳ୍ପ ଉତ୍ପାଦନ ସୂଚକାଙ୍କ ପ୍ରସ୍ତୁତି ଏବଂ ତତ୍‌ସମ୍ବନ୍ଧୀୟ ଉପୁଜୁଥିବା ସମସ୍ୟାବଳୀ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଏହି କର୍ମଶାଳାରେ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ବିହାର, ଛତିଶଗଡ଼ ଓ ଓଡ଼ିଶା ରାଜ୍ୟର ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଅଧିକାରୀମାନେ ଯୋଗଦେଇ ରାଜ୍ୟଗୁଡିକର ଅଗ୍ରଗତି ଉପରେ ବିବରଣୀ ଉପସ୍ଥାପନ କରିଛନ୍ତି । ଏହାସହ ଉକ୍ତ ସୂଚକାଙ୍କ ପ୍ରସ୍ତୁତି ପ୍ରଣାଳୀ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯିବା ସହ ଏହାର ରାଜ୍ୟସ୍ତରୀୟ ସୂଚକାଙ୍କ ପ୍ରସ୍ତୁତି ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଉକ୍ତ ଅଧିବେଶନରେ ନୂତନ ମୂଳବର୍ଷ ୨୦୧୭-୧୮କୁ ନେଇ ଶିଳ୍ପ ଉତ୍ପାଦନ ସୂଚକାଙ୍କ ପ୍ରସ୍ତୁତି ଉପରେ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ନିର୍ଦ୍ଦେଶକ ଆଲୋକପାତ କରିଥିଲେ।

## ଅଙ୍ଗନୱାଡି କେନ୍ଦ୍ରରେ ଖୋଲିବ ମମତା କର୍ନର

ଭୁବନେଶ୍ୱର,୧୮।୧(ବ୍ୟୁରୋ)

- ୨୦୧୯-୨୦ ପାଇଁ ୨୫୮୪ କୋଟି ମଞ୍ଜୁର
- ସୌନ୍ଦର୍ଯ୍ୟକରଣ କରିବାକୁ ନିର୍ଦ୍ଦେଶ

ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ମମତା କର୍ନର ଖୋଲିବ । ସେଠାରେ ଆସନ୍ନ ପ୍ରସବା ମା'ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏଥିସହିତ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅଙ୍ଗନୱାଡି କେନ୍ଦ୍ରର ବାର୍ଷିକ କାର୍ଯ୍ୟକ୍ରମ ସମ୍ପାଦନ ଲାଗି ରାଜ୍ୟ ସରକାର ୨୫୮୪.୩୮ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ଅର୍ଥରେ ପିଲାମାନଙ୍କର ଯତ୍ନ, ବିକାଶ ଆଦି କାର୍ଯ୍ୟ ପାଇଁ ଖର୍ଚ୍ଚ କରାଯିବ। ଶୁକ୍ରବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ଷମତାସମ୍ପନ୍ନ କମିଟି ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ଛାତ୍ରୀଛାତ୍ରମାନଙ୍କୁ ଆକୃଷ୍ଟ କରିବାକୁ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ଏଥିସହିତ ସମସ୍ତ କେନ୍ଦ୍ରକୁ ମେଡିସିନ କିଟ୍ ଯୋଗାଇ ଦେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଅଙ୍ଗନୱାଡି କେନ୍ଦ୍ରର କାନ୍ଥ, ଇଣ୍ଟେରିୟର ଡିଜାଇନ, ବାଉଣ୍ଡରି ୱାଲ, ପିଇବା ପାଣି, ପାଇଖାନା ଆଦି କାର୍ଯ୍ୟ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ୭୨୫୮୭ ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିରୁ ୩୮୧୨୪ର ନିଜସ୍ୱ ଗୃହ ରହିଥିବା ବେଳେ ୧୪୮୯୨ଟି ନିର୍ମାଣାଧୀନ ଗୃହ ବିଭିନ୍ନ ଅବସ୍ଥାରେ ରହିଛି। ସେହିପରି ୯୪ ପ୍ରତିଶତ ଅଙ୍ଗନୱାଡି କେନ୍ଦ୍ରକୁ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବା ବେଳେ ୮୪ ପ୍ରତିଶତରେ ସ୍ୱତନ୍ତ୍ର ରୋଷେଇ ଘର ରହିଛି। ୨୦୧୯-୨୦ରେ ୧୯ ହଜାର ୫୬୧ ଅଙ୍ଗନୱାଡି ଗୃହ ନିର୍ମାଣ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଏହି ବୈଠକରେ ଉନ୍ନୟନ କମିଶନର ଅସୀତ ତ୍ରିପାଠୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ସଚିବ ଦେଓ ରଞ୍ଜନ ସିଂ, ସ୍ୱାସ୍ଥ୍ୟ ସଚିବ ପ୍ରମୋଦ ମେହେର୍ଦ୍ଦା, ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ରାଜନୀତି: ପିସିସି ସଭାପତିଙ୍କୁ ସଗରିଆଙ୍କ ଟାର୍ଗେଟ

ଭୁବନେଶ୍ୱର,୧୮।୧(ବ୍ୟୁରୋ)

- ଆଭିମୁଖ୍ୟ ପରିବର୍ତ୍ତନ କଲେ ଟିକେଟ୍ : ନିରଞ୍ଜନ
- ସୁପାରିସ କରିପାରିବେ, ଫାଇନାଲ ନୁହେଁ: କୃଷ୍ଣ



କୃଷ୍ଣ ସଗରିଆ



ନିରଞ୍ଜନ ପଟ୍ଟନାୟକ

ସାଧାରଣ ନିର୍ବାଚନ ଘୋଷଣାକୁ ୫୦ ଦିନରୁ କମ୍ ସମୟ ରହିଥିବା କୁହାଯାଉଛି। କେନ୍ଦ୍ରରେ କ୍ଷମତାସୀନ ଭାଜପା ଏବଂ ରାଜ୍ୟରେ ସରକାରରେ ଥିବା ବିଜେଡି ପୂରା ଦମ୍‌ରେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ହେଲେ ୨୦୦୦ରୁ ମୁଖ୍ୟ ବିରୋଧୀ ଦଳ ରହିଥିବା କଂଗ୍ରେସ ନିଜ ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଛି। କେତେବେଳେ ସଭାପତି ପରିବର୍ତ୍ତନ ପାଇଁ ତ କେତେବେଳେ ଇସ୍ତାହାରର ମୁଖବନ୍ଧକୁ ନେଇ ବିବାଦ ଲାଗିରହୁଛି। ଏପ୍ରିଲରୁ ପିସିସି ସଭାପତି ଭାବେ ନିରଞ୍ଜନ ପଟ୍ଟନାୟକ ଦାୟିତ୍ୱ ନେବା ପରେ କୌଣସି ଆଖିଦୃଶିଆ ଉନ୍ନତି ହୋଇନାହିଁ। ଓଲଟି ଦଳ ବହୁ ଭାଗରେ ବିଭକ୍ତ ହୋଇଛି। ୩ ଦିନ ମଧ୍ୟରେ ଦଳର ଦୁଇ ବିଧାୟକ(ନବ ଦାସ ଓ ଯୋଗେଶ ସିଂ) କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ଏଥିସହିତ ଉଭୟ ନିକଟ ଭବିଷ୍ୟତରେ ବିଧାୟକ ପଦ ତ୍ୟାଗ କରିବା ନେଇ ମଧ୍ୟ ଘୋଷଣା କରିସାରିଛନ୍ତି।

ଏପରିପରିସ୍ଥିତିରେ ଦଳ ସହ ରହିଥିବା ନେତାଙ୍କୁ ନେଇ ମଧ୍ୟ ପିସିସି ସଭାପତିଙ୍କ ଆଭିମୁଖ୍ୟ ବଦଳି ନାହିଁ। ଯାହା କୋରାପୁଟ ପୂର୍ବତନ ବିଧାୟକ କୃଷ୍ଣ ସଗରିଆଙ୍କ ପ୍ରତି ଶୁକ୍ରବାର ନିରଞ୍ଜନ ଦେଇଥିବା ମନ୍ତବ୍ୟରୁ ସ୍ପଷ୍ଟ ହୋଇଛି। ନିରଞ୍ଜନ କହିଛନ୍ତି ଯେ, କୃଷ୍ଣ ଯଦି ନିଜ ଆଭିମୁଖ୍ୟ ନ ବଦଳାନ୍ତି, ତେବେ ତାଙ୍କୁ ଟିକେଟ ନ ମିଳିପାରେ। ତାଙ୍କ ସମ୍ପର୍କରେ ଶୃଙ୍ଖଳା କମିଟି ବିଚାର କରୁଛି। ଅପରପକ୍ଷରେ ପିସିସି ସଭାପତିଙ୍କ ଏହି ମନ୍ତବ୍ୟ ଉପରେ କୃଷ୍ଣ ମଧ୍ୟ କଡା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ଦଳରେ ଟିକେଟ ଆଇସିସି ଦେଇଥାଏ, ପିସିସି ସଭାପତି ନୁହେଁ। ଯଦି ଆସନ୍ତା ସାଧାରଣ ନିର୍ବାଚନ ବେଳକୁ ନିରଞ୍ଜନବାବୁ ସଭାପତି ଥାଆନ୍ତି, ତେବେ ସେ କେବଳ ଟିକେଟ ପାଇଁ ନାମ ସୁପାରିସ କରିପାରିବେ। ଟିକେଟକୁ ଚୂଡାନ୍ତ କରିପାରିବେ ନାହିଁ। ତେଣୁ କିଏ ନିର୍ବାଚନ ଲଢିବ କିମ୍ବା ନ ଲଢିବ , ତାହା ସିଏ ନ ବୁଝି ଦଳ ପାଇଁ କାମ କରନ୍ତୁ। ଏମିତି ମନ୍ତବ୍ୟ ଦେଇ କଂଗ୍ରେସ ଦଳକୁ ନଷ୍ଟ ନ କରନ୍ତୁ ବୋଲି କୃଷ୍ଣ କହିଛନ୍ତି। ପୂର୍ବରୁ ମଧ୍ୟ କୃଷ୍ଣ ନିରଞ୍ଜନ, ତାଙ୍କ ଭାଇ ତଥା ବିଜେଡି ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ମଧ୍ୟ ସମାଲୋଚନା କରିଥିଲେ। ଏମିତି କି ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କୁ କିଛିଦିନ ତଳେ ଚିଠି ଲେଖି ଚର୍ଚ୍ଚାକୁ ଆସିଥିଲେ। ପିସିସି କାର୍ଯ୍ୟକାରୀ ସଭାପତି ନବ ଦାସ ଦଳ ଛାଡିବା ପରେ କୃଷ୍ଣ ନିରଞ୍ଜନଙ୍କୁ ଛିଗୁଲେଇ ମନ୍ତବ୍ୟ ଦେଇଥିଲେ। କୃଷ୍ଣ କହିଛନ୍ତି ଯେ, ବଡ ଭାଇ କଂଗ୍ରେସରେ ସଭାପତି ଅଛନ୍ତି। ସାନ ଭାଇ ବିଜେଡିରେ ରାଜ୍ୟ ସଭା ସଦସ୍ୟ। ତେଣୁ ଯଦି କେହି କଂଗ୍ରେସ ନେତା ଦଳ ଛାଡି ବିଜେଡି ଯାଉଛନ୍ତି, ତେବେ ଅସୁବିଧା କେଉଁଠି। ସେମାନେ ତ 'ପଟ୍ଟନାୟକ କଂଗ୍ରେସ'ରୁ 'ପଟ୍ଟନାୟକ ବିଜେଡି'କୁ ଯାଉଛନ୍ତି ବୋଲି ସେ କହିଥିଲେ। ଯାହା ରାଜ୍ୟ ରାଜନୀତିରେ ଆଲୋଡନ ସୃଷ୍ଟି କରିଥିଲା। ସେହିପରି ଯୋଗେଶଙ୍କୁ ନିଲମ୍ବନ ସମ୍ପର୍କରେ କୃଷ୍ଣ ପରୋକ୍ଷରେ କଂଗ୍ରେସର ତୁଙ୍ଗ ନେତାଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ଯୋଗେଶ ଯଦି ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରି ଦଣ୍ଡିତ ହୋଇଛନ୍ତି, ତାହା ଦଳୀୟ ନିଷ୍ପତ୍ତି। ଏଥିରେ କୌଣସି ମନ୍ତବ୍ୟ ଦେବା ଠିକ୍ ନୁହେଁ। ହେଲେ ଗୋଟିଏ କଥା ମନେପକାଇ ଦେବାକୁ ଚାହେଁ। ବିଧାନସଭା ଭିତରେ ଆଦିବାସୀ ବିଧାୟକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପାଦ ତଳେ ପଡିବାକୁ କୁହାଯାଇଥିଲା। ମହାନଦୀ ପ୍ରସଙ୍ଗରେ ଭାଜପା ମୁଖ୍ୟ ଦୋଷୀ ହୋଇଥିବା ବେଳେ, ସେହି ଦଳ ସହ ମିଶି ବୈଠକ କରିବା, ରାଜ୍ୟପାଳଙ୍କୁ ଭେଟିବା କ'ଣ ଦଳବିରୋଧୀ ନୁହେଁ କି । ଏସବୁ କାର୍ଯ୍ୟକୁ ପ୍ରବର୍ତ୍ତାଇଥିବା ବ୍ୟକ୍ତି ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ନିଆଯିବ ବୋଲି କୃଷ୍ଣ ପ୍ରଶ୍ନ କରିଛନ୍ତି।

Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# MOCK TEST PAPER # 8

## CLASS-X (SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

***i.*** ***The question paper comprises two sections, A and B. You are to attempt both the section.***

***ii.*** ***All questions are compulsory. However, an internal choice will be provided in two questions of 3 marks each and one question of 5 marks.***

***iii.*** ***Question numbers 1 to 2 in Section A are one-mark questions. These are to be answered in one word or in one sentence.***

***iv.*** ***Question numbers 3 to 5 in Section A are two marks questions. These are to be answered in about 30 words each.***

***v.*** ***Question numbers 6 to 15 in Section A are three marks questions. These are to be answered in about 50 words each.***

***vi.*** ***Questions number 16 to 21 in Section A are five marks questions. These are to be answered in about 70 words***

***vii.*** ***Question numbers 22 to 27 in Section B are two marks questions based on practical skills. These are to be answered in brief.***

### SECTION-A

**1.** Name two components of an ecosystem.

**2.** Why should a magnesium ribbon be cleaned before burning in air ?

**3.** The elements of the second period of the periodic table are given below.

Li, Be, B, C, N, O, F

Explain why atomic radius decreases from Li to F.

**4.** Bio-gas is a better fuel than animal dung cakes. Justify this statement stating four reasons.

**5.** Why are soaps not suitable for washing clothes with hard water ?

**6.** What measures would you take to conserve electricity in your house ?

**OR**

Industrialisation is one main cause of deterioration of environment. Discuss.

**7.** a. What is the filtering unit of kidney ?

b. Why is it called so ?

**8.** How is the refractive index of a medium related to the speed of light ? Obtain an expression for refractive index of a medium with respect to another in terms of speed of light in these two media ?

**9.** For making cake, baking powder is used. If at home, your mother uses baking soda instead of baking powder in cake.

a. How will it affect the taste of the cake and why ?

b. How can baking soda be converted into baking powder ?

c. What is the role of tartaric acid added to baking soda ?

**10.** Answer the following questions:

i. An element 'X' does not react with dilute acids but produces an oxide XO on heating, which is basic in nature. What do you infer about 'X' from the above behaviour ?

ii. Highly reactive metals are obtained by the electrolytic reduction of their compounds. Why ?

**11.** Draw a neat diagam of human brain and label on it the following parts.

i. Midbrain ii. Pituitary gland iii. Cerebellum iv. Cerebrum

**12.** Rahul once went to a construction site along with his father. There he saw large cranes lifting heavy iron rods. After sometimes, he noticed that all the cranes were lifting a bunch of iron rods and unloading it to other places. He was surprised and then enquired the crane man about it. The crane man then explained the use of electricity in lifting the load.

a. According to you, which effect of electricity is used in cranes ?

b. How electromagnet is formed ?

c. Which qualities were shown by the crane man ?


**13.** A person cannot see an object beyond 2 m distinctly. Name the defect he is suffering from. What should be the (i) nature, (ii) focal length and (iii) power of the lens that will correct his vision ?

**14.** Why variations are more pronounced in sexual reproduction than in asexual one ?

**15.** A current of 1 ampere flows in a series circuit containing an electric lamp and a conductor of 5 Ω when connected to a 10 V batter. Calculate the resistance of the electric lamp. Now if a resistance of 10Ω is connected in parallel with this series combination, what change (if any) in current flowing through 5Ω conductor and potential difference across the lamp will take place ? Give reason.

**OR**

The direction of electric current passed through a vertical wire and through a horizontal card board is shown below:




Sketch the pattern of the magnetic field on the card around the wire. Indicate the direction of the magnetic field at any one point. How would you check this direction experimentally ?

**16.** Silver articles generally turns black when kept in open for a few days. The articles when rubbed with toothpaste again start shining.

i. Why do they turn black ? Name the phenomenon involved.

ii. Write the chemical reaction involved in the process.

iii. Name the black substance formed and write its formula.

**OR**

Explain the following

a. Reactivity of Al decreases if it is dipped in $HNO_3$

b. Carbon cannot reduce the oxides of Na or Mg.

c. NaCl is not a conductor of electricity in solid state whereas it does conduct electricity in aqueous solution as well as in molten state.

d. Iron articles are galvanised.

e. Metals like Na, K, Ca and Mg are never found in their free state in nature.

**17.** A metal carbonate 'X' on reacting with an acid gives a gas which when passed through a solution 'Y' gives the carbonate back. On the other hand, a gas 'G' that is obtained at anode during electrolysis of brine is passed on dry 'Y', gives a compound 'Z', used for disinfecting drinking water. Identify X, Y, G and Z.

**18.** Write laws of refraction. Explain the same with the help of ray diagram, when a ray of light passes through a rectangular glass slab.

**19.** Why does a magnetic ompass needle point north and south in the absence of a nearby magnet get deflected when a bar magnet or a current carrying loop is brought near it ? Describe some salient features of magnetic lines of field concept.

**20.** What is placenta ? Mention its role during pregnancy.

**21.** Describe the different pathways of breakdown of glucose in living organisms.

### SECTION-B


**22.** Take a large shining spoon. View your face into its curved surfaces and note down the characteristics of the images formed. What do you conclude from the observations made ?

**23.** A student has placed a coin at the bottom of a beaker filled with water. He was asked to estimate its depth by observing with his eye to a side above the water level. He found that the estimated depth determined is less than the real depth of the coin in water. Explain the observation.

**24.** If 2 ml of dilute acetc acid is added to a test tube containing powdered sodium bicarbonate, what will you observe ? Write a balanced chemical equation of the reaction taking place and also the chemical name of the salt formed.

**25.** Write the chemical names for three different soaps. What heat change do you observe when soap is being prepared by stirring oil with caustic soda solution ?

**26.** Label ant two parts in the given figure and write about it.




**27.** Write any two precautions to be taken for a successful run of the experiment to show that carbon dioxide is given out during respiration.

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 2nd FEBRUARY 2019
(FOR CLASS VII, VIII, IX, X & XI STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For: JEE Mains & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ମଲ୍ଟିମିଡିଆରେ କ୍ୟାରିୟର ସମ୍ଭାବନା

ବିଖ୍ୟାତ ହଲିଉଡ୍ ଫିଲ୍ମ 'ଗଡଜିଲା' ଉଣାଅଧିକେ ସମସ୍ତଙ୍କର ମନେଥିବ। ନ୍ୟୁୟର୍କର ସଡ଼କରେ ମୁହଁରେ ନିଆଁ ବାହାର କରି ସବୁକିଛି ଧ୍ୱଂସ କରି ଦେଉଥିବା ଏକ ଅଦ୍ଭୁତ ପ୍ରାଣୀ ଯାଉଥିବାର ଦୃଶ୍ୟ ସମସ୍ତଙ୍କୁ ବେଶ୍ ଆନ୍ଦୋଳିତ କରିଥିଲା। ଅନେକେ ଏହା ଜାଣି ନ ଥିବେ ଯେ, ଏହା ହେଉଛି ସମ୍ପୂର୍ଣ୍ଣ ମଲ୍ଟିମିଡିଆର ଚମତ୍କାରିତା, ଯାହା କଳ୍ପନାକୁ ବାସ୍ତବ ରୂପ ଦେଇଥିଲା। ଅସଲରେ ମଲ୍ଟିମିଡିଆରେ ୱେବସାଇଟ୍ ଡିଜାଇନ, ଆନିମେଶନ, ସ୍ପେଶାଲ ଇଫେକ୍ଟସ ଏବଂ ଡିଜିଟାଲ ଭିଡିଓ ତିଆରି କରାଯିବା ଆଦି ସାମିଲ ହୋଇଛି। ଆଜି ଦେଶରେ ୟୁଟିଭି, ୟଶରାଜ ଫିଲ୍ମସ, ରିଲାଏନ୍ସ ବିଗ୍ ଏଣ୍ଟରଟେନମେଣ୍ଟ ଭଳି ବଡ଼ ବଡ଼ ପ୍ରଡକ୍ସନ ହାଉସ ଡ୍ରିମ୍ ୱର୍କ୍ସ, ୱାଲ୍ଟ ଡିଜ୍ନୀ ଏବଂ ପିକ୍ସର ଆନିମେଶନ ଭଳି ପ୍ରତିଷ୍ଠିତ ଅନ୍ତଃରାଷ୍ଟ୍ରୀୟ ସଂସ୍ଥା ସହିତ ମିଶି ପୂର୍ବରୁ ହିଁ ଏହି ସେକ୍ଟରକୁ ବଢ଼ାଇବାରେ ଲାଗିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଏ କ୍ଷେତ୍ରରେ କ୍ୟାରିୟର ସମ୍ଭାବନା ଯଥେଷ୍ଟ ରହିଛି ଏବଂ ନିଯୁକ୍ତିର ବହୁବିଧ ସୁବିଧା ହାତପାହାନ୍ତାରେ ଉପଲବ୍ଧ।



## ମଲ୍ଟିମିଡିଆ କ'ଣ

ମଲ୍ଟିମିଡିଆ ବାସ୍ତବରେ ଟେକ୍ନିକ ଏବଂ କଳାର ସମ୍ମିଶ୍ରଣ। କମ୍ପ୍ୟୁଟର ଟେକ୍ନିକର ବିକାଶ ସହିତ ମଲ୍ଟିମିଡିଆ ଏବେ ଏକ ପେସାର ରୂପ ନେଇସାରିଛି। ମଲ୍ଟିମିଡିଆ ଅନ୍ତର୍ଗତରେ କମ୍ପ୍ୟୁଟର ଟେକ୍ନିକ ଜରିଆରେ ଟେକ୍ସଟ୍, ଗ୍ରାଫିକ୍ସ, ଆନିମେଶନ, ଅଡିଓ ଏବଂ ଭିଡିଓ ଭଳି ବ୍ୟବସ୍ଥାକୁ ଯଥାଯଥ ମିଶ୍ରଣ ଦ୍ୱାରା ଏଣ୍ଟରଟେନ୍‌ମେଣ୍ଟ ଚଳଚ୍ଚିତ୍ରଠାରୁ ଆରମ୍ଭ କରି ଶିକ୍ଷଣ ଟ୍ୟୁଟୋରିଆଲ ସମେତ ଅନେକ ପ୍ରକାର ଶକ୍ତିଶାଳୀ ଆପ୍ଲିକେଶନ ନିର୍ମାଣ କରାଯାଇଥାଏ। ଭିଡିଓ ଓ ସାଉଣ୍ଡ ଏଡିଟିଂଠାରୁ ଆରମ୍ଭ କରି ସ୍ପେଶାଲ ଇଫେକ୍ଟସ, ଆନିମେଶନ, ଗେମ୍ସ,ଇଣ୍ଟରଆକ୍ଟିଭ ମଲ୍ଟିମିଡିଆ ପ୍ରୋଗ୍ରାମିଂ ଏବଂ ୱେବ କଣ୍ଟେଣ୍ଟ ଡେଭଲପ୍‌ମେଣ୍ଟ ପର୍ଯ୍ୟନ୍ତ ଏହାକୁ ବ୍ୟବହାର କରାଯାଇପାରିବ।



## ମଲ୍ଟିମିଡିଆ ଇଣ୍ଡଷ୍ଟ୍ରି ଓ ରୋଜଗାର

ମଲ୍ଟିମିଡିଆ ଇଣ୍ଡଷ୍ଟ୍ରିକୁ ମୁଖ୍ୟତଃ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ। ସେଗୁଡିକ ହେଲା ଏଣ୍ଟରଟେନମେଣ୍ଟ, ପବ୍ଲିଶିଂ ଏବଂ ଆଇଟି। ଆମ ଦେଶରେ ଏଣ୍ଟରଟେନ୍‌ମେଣ୍ଟ ଇଣ୍ଡଷ୍ଟ୍ରି ବାର୍ଷିକ ୨୦ ପ୍ରତିଶତ ହାରରେ ବୃଦ୍ଧିପାଉଛି। ଆଇଟି ସେବା ସହ ସମ୍ପର୍କିତ ଇଣ୍ଟରଆକ୍ଟିଭ ଡିଜିଟାଲ ମଲ୍ଟିମିଡିଆ, ଆନିମେଶନ ଏବଂ ଗେମିଂ ଇତ୍ୟାଦି ଲାଗି ନିକଟ ଭବିଷ୍ୟତରେ ପ୍ରାୟ ୧୧ ଲକ୍ଷ ଦକ୍ଷ ପେସାଦାରଙ୍କ ଆବଶ୍ୟକତା ରହିଛି। କମ୍ପ୍ୟୁଟର, ଭିଡିଓ ଓ ୱାରଲେସ(ମୋବାଇଲ) ଗେମ୍ ଡେଭଲପ୍‌ମେଣ୍ଟ ସେକ୍ଟରରେ ମଧ୍ୟ ଗତ କିଛିବର୍ଷ ହେଲା ଉଲ୍ଲେଖନୀୟ ପ୍ରଗତି ହୋଇଥିବା ଦେଖାଯାଇଛି। ନାସକମ୍‌ର ଏକ ଅନୁମାନ ଅନୁଯାୟୀ, ଆନିମେଶନ ସେକ୍ଟରରେ ରୋଜଗାର ୨୦୧୨ ପର୍ଯ୍ୟନ୍ତ ୧୪,୭୦୦ରୁ ଦୁଇଗୁଣା ହୋଇ ୨୯,୫୦୦ରେ ପହଞ୍ଚିଯାଇଛି। ଠିକ୍ ସେହିଭଳି ଭାବେ ଗେମିଂ ଉଦ୍ୟୋଗରେ ମଧ୍ୟ ଆସନ୍ତା ୩ ବର୍ଷ ଭିତରେ ବହୁସଂଖ୍ୟାରେ ନିଯୁକ୍ତି ସୃଷ୍ଟି ହେବ। ଏହି ସେକ୍ଟରରେ ଏବେ ପ୍ରାୟ ୫ ହଜାରରୁ ଅଧିକ ଲୋକ କାମ କରୁଛନ୍ତି। ଭାରତରେ ଆନିମେଶନ ଓ ଗେମିଂ ଉଦ୍ୟୋଗ ଆଗକୁ ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ଆର୍ଥିକ ମାନ୍ଦାବସ୍ଥା କାରଣରୁ ପାଶ୍ଚାତ୍ୟ ଦେଶଗୁଡିକ କମ୍ ବଜେଟରେ ଉନ୍ନତ ମାନର ଆନିମେଶନ କଣ୍ଟେଣ୍ଟ ତିଆରି କରିବା ଲାଗି ଏବେ ଭାରତ ଭଳି ଦେଶ ଆଡେ ନଜର ପକାଇଛନ୍ତି। ଆନିମେଶନ ଲାଗି ବଲିଉଡ ଓ ଆଞ୍ଚଳିକ ଚଳଚ୍ଚିତ୍ର ଜଗତର ଆଗ୍ରହ ବୃଦ୍ଧି ଯୋଗୁ ଏ କ୍ଷେତ୍ର ଆଗେଇ ପାରିଛି। ଘରୋଇ କ୍ଷେତ୍ର ଢ଼ାଞ୍ଚାଗତ ନିର୍ମାଣ ଓ ମାନବ ସମ୍ବଳ ଯୋଗାଇ ଦେଉଥିବା ବେଳେ ଅନ୍ତର୍ଜାତୀୟ କମ୍ପାନୀମାନେ ମାର୍କେଟିଂ ଓ ବିପଣନରେ ସହାୟତା ଯୋଗାଇ ଦେଉଛନ୍ତି।

## କ୍ୟାରିୟର ସମ୍ଭାବନା

ଏହି କ୍ଷେତ୍ରରେ ପେସାଦାର ଦକ୍ଷତା ହାସଲ କରିବା ପରେ ଜଣେ ଛାତ୍ରୀ/ଛାତ୍ର ଏଡିଟର, କଣ୍ଟେଣ୍ଟ ପ୍ରୋଭାଇଡର, ଆନିମେଟର, ଡିଜାଇନର, ଗ୍ରାଫିକ ଆର୍ଟିଷ୍ଟ, ଇଲଷ୍ଟ୍ରେଟର, ଅପରେଟର, ମଲ୍ଟିମିଡିଆ ଡେଭଲପର, ମଲ୍ଟିମିଡିଆ ସିଷ୍ଟମ ଆନାଲିଷ୍ଟ, ପ୍ରଡ୍ୟୁସର, ପବ୍ଲିଶର, ପ୍ରୋଗ୍ରାମର, ପ୍ରୋଜେକ୍ଟ ମ୍ୟାନେଜର, ସାଉଣ୍ଡ ଟେକ୍ନିସିଆନ, ଭିଡିଓ ଟେକ୍ନିସିଆନ ସମେତ ଆହୁରି ଅନେକ ପ୍ରକାର କାମ କରିପାରିବେ। ମଲ୍ଟି ମିଡିଆ ପ୍ରଫେଶନାଲ ଚାହିଁଲେ ପ୍ରିଣ୍ଟ ମିଡିଆ, ୱେବ୍ ପବ୍ଲିକେଶନ ଏବଂ ବ୍ରଡକାଷ୍ଟ ମିଡିଆରେ ନିଜର ରୋଜଗାର ରାସ୍ତା ଖୋଜିପାରିବେ। ଏହାବ୍ୟତୀତ ଆଡଭର୍ଟାଜିଂ, ରିଟେଲ ଡିଜାଇନ,ମଲ୍ଟିମିଡିଆ ଏବଂ ୱେବ୍ ଡିଜାଇନ, ଆନିମେଶନ, ଇଲେକ୍ଟ୍ରୋନିକ ଓ ନ୍ୟୁଜ୍ ମିଡିଆ ତଥା ଫିଲ୍ମରେ ମଧ୍ୟ ଏହି କ୍ଷେତ୍ର ସହ ଜଡିତ ପେସାଦାରଙ୍କ ବିକଳ୍ପ ଭାବେ



କାର୍ଯ୍ୟ କରିପାରିବେ। ଜଣେ ଫ୍ରିଲାନ୍ସର ଭାବେ ମଧ୍ୟ ନିଜର ସେବା ଯୋଗାଇ ପ୍ରଚୁର ଅର୍ଥ ଉପାର୍ଜନ କରିହେବ।

## ଶିକ୍ଷା ଏବଂ ପ୍ରଶିକ୍ଷଣ

ଦେଶରେ ଏବେ ଏହି କ୍ଷେତ୍ର ସହିତ ଜଡ଼ିତ ଅନେକ ଶିକ୍ଷା ପ୍ରୋଗ୍ରାମ ଆରମ୍ଭ କରାଯାଇଛି। ମଲ୍ଟିମିଡିଆରେ ସାର୍ଟିଫିକେଟ କୋର୍ସଠାରୁ ଆରମ୍ଭ କରି ୩ରୁ ୪ ବର୍ଷର ବ୍ୟାଚେଲର ଡିଗ୍ରୀ କୋର୍ସ ମଧ୍ୟ ଉପଲବ୍ଧ ହେଉଛି। ଇଣ୍ଡଷ୍ଟ୍ରିଆଲ ଡିଜାଇନ ସେଣ୍ଟର (ଆଇଆଇଟି, ମୁମ୍ବାଇ), ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ (ଏନ୍ଆଇଡି), ଅହମ୍ମଦାବାଦ ଏବଂ ସିଡ୍ୟାକ୍ ସହ ଜଡିତ ଏନଏମଆର୍‌ସି ଭଳି କିଛି ସଂସ୍ଥା ରହିଛି, ଯେଉଁଠି ମଲ୍ଟିମିଡିଆ ଆପ୍ଲିକେଶନ ଡେଭଲପମେଣ୍ଟ ସମ୍ପର୍କରେ ଏକାଡେମିକ ଥିଙ୍କିଙ୍ଗକୁ ପ୍ରୋତ୍ସାହିତ କରାଯାଉଛି। କୋଲ୍‌କାତାର ଯାଦବପୁର ୟୁନିଭର୍ସିଟି ଦେଶରେ ସମ୍ଭବତଃ ଏକମାତ୍ର ଏଭଳି ବିଶ୍ୱବିଦ୍ୟାଳୟ ଯେଉଁଠି ମଲ୍ଟିମିଡିଆରେ ପୋଷ୍ଟ ଗ୍ରାଜୁଏଟ ଡିଗ୍ରୀ କୋର୍ସ ଉପଲବ୍ଧ ହେଉଛି। ଏନଆଇଡିରେ ବର୍ତ୍ତମାନ ଆନିମେଶନ ଫିଲ୍ମ ଡିଜାଇନ,ଫିଲ୍ମ ଆଣ୍ଡ ଭିଡିଓ କମ୍ୟୁନିକେଶନ, ଗ୍ରାଫିକ ଡିଜାଇନ ଏବଂ ନ୍ୟୁ ମିଡିଆ ଡିଜାଇନରେ ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା କୋର୍ସର ବ୍ୟବସ୍ଥା ରହିଛି।

ଏହି କ୍ଷେତ୍ରରେ ଉପଲବ୍ଧ ହେଉଥିବା କୋର୍ସଗୁଡିକ ହେଲା ବ୍ୟାଚେଲର୍ସ ଇନ୍ ମଲ୍ଟିମିଡିଆ, ବ୍ୟାଚେଲର ଇନ ଆନିମେଶନ, ବ୍ୟାଚେଲର ଇନ ଡିଜିଟାଲ ମିଡିଆ, ବ୍ୟାଚେଲର ଇନ ଗେମ୍ସ ଆଣ୍ଡ ଇଣ୍ଟରାକ୍ଟିଭ ମିଡିଆ ଡିଜାଇନ, ବ୍ୟାଚଲର ଇନ୍ ଭିଜୁଆଲ ଡିଜାଇନ, ଡିପ୍ଲୋମା ଇନ ମଲ୍ଟିମିଡିଆ ଆଣ୍ଡ ଆନିମେଶନ।

## ଦରମା ପ୍ୟାକେଜ

ଆନିମେଶନ ପ୍ରଫେଶନାଲ ଭାବେ ଅନେକ ପ୍ରକାର କାମ କରାଯାଇପାରେ। କୌଣସି ଆନିମେଶନ ଷ୍ଟୁଡିଓ ଅଥବା କମ୍ପାନୀରେ ଏକ୍ସପର୍ଟ କର୍ମଚାରୀ ଭାବେ ସ୍ଥାୟୀ ରୂପରେ କାମ କରିପାରିବେ। ଅଥବା କୌଣସି ପ୍ରଡକ୍ସନ ହାଉସରେ ଫ୍ରିଲାନ୍ସର ଆନିମେଶନ ଏକ୍ସପର୍ଟ ଭାବେ ମଧ୍ୟ କାମ କରିପାରିବେ। ଆରମ୍ଭରେ ଆପଣ ୧୦ରୁ ୧୨ ହଜାର ଟଙ୍କା ମାସକୁ ଦରମା ପାଇବା ସମ୍ଭାବନା ରହିଛି। ପରେ ଏହା ବଢ଼ି ୨୫ରୁ ୩୦ ହଜାର ଟଙ୍କା ହୋଇଯିବ। ବର୍ଷେ କିମ୍ବା ଦୁଇ ବର୍ଷ ପରେ ଆପଣ ୪୦ରୁ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବେ। ଆମେରିକା, ଜାପାନ, ଦକ୍ଷିଣ କୋରିଆ, ଫିଲିପାଇନ୍ସରେ ଆନିମେଶନ ପ୍ରୋଜେକ୍ଟ କାମ ଅତ୍ୟନ୍ତ ମହଙ୍ଗା ହେଉଥିବା କାରଣରୁ ସେଠାକାର କମ୍ପାନୀମାନେ ଭାରତରେ ବଡ଼ସଂଖ୍ୟାରେ ଆଉଟ୍‌ସୋର୍ସ କରୁଛନ୍ତି। ଏହାବାଦ୍ କାର୍ଟୁନ ଫିଲ୍ମ, ଫିଲ୍ମ, ବିଜ୍ଞାପନ ଆଦି ଲାଗି କାମ କରିବା ବଦଳରେ ଆପଣ ଲକ୍ଷାଧିକ ଟଙ୍କା ଆୟ କରିପାରିବେ।

## ଇନଷ୍ଟିଚ୍ୟୁଟ୍

ଏହି କ୍ଷେତ୍ରରେ ପ୍ରମୁଖ ଇନ୍‌ଷ୍ଟିଚ୍ୟୁଟ୍ ଗୁଡିକ ହେଲା– ଆଇଆଇଟି ଗୁଆହାଟୀ, ଆଇଆଇଟି ମୁମ୍ବାଇ, ଏରିନା ଆନିମେଶନ ଏକାଡେମୀ, ଇଣ୍ଟିଗ୍ରେଟେଡ ମ୍ୟାନେଜମେଣ୍ଟ କଲେଜ, ନୂଆଦିଲ୍ଲୀ, ମାୟା ଏକାଡେମୀ ଅଫ୍ ଆଡଭାନ୍ସ ସିନେମାଟିକ୍ସ, ହାଇଦ୍ରାବାଦ, ମୁମ୍ବାଇ, ନୂଆଦିଲ୍ଲୀ, ପ୍ରାଣ୍ଟ ମିଡିଆ, ନୂଆଦିଲ୍ଲୀ, ଗିକୋ ଆନିମେଶନ ଷ୍ଟୁଡିଓ,ନୂଆଦିଲ୍ଲୀ, ଏଏଫଏ ଆନିମେଶନ ଆଣ୍ଡ ଫାଇନ ଆର୍ଟ୍ସ ଏକାଡେମୀ, କୋଏମ୍ବାଟୁର୍, ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ, ପାଲ୍‌ଦୀ, ଅହମ୍ମଦାବାଦ ଓ ଇଣ୍ଡଷ୍ଟ୍ରିଆଲ ଡିଜାଇନ ସେଣ୍ଟର, ଆଇଆଇଟି, ମୁମ୍ବାଇ ପ୍ରମୁଖ।

# ଘରେ ବସି କ୍ୟାଟ୍ ପ୍ରସ୍ତୁତି

ଆଇଆଇଏମ୍ ଭଳି ବଡ଼ ଶିକ୍ଷାନୁଷ୍ଠାନରେ ଏମ୍‌ବିଏ ପାଠ୍ୟକ୍ରମରେ ଭର୍ତ୍ତି ହେବା ଲାଗି ଆଜିକାଲି କମନ ଆଡ୍‌ମିଶନ ଟେଷ୍ଟ (କ୍ୟାଟ୍) ପରୀକ୍ଷା ଦେବାକୁ ପଡିଥାଏ। ପ୍ରତିବର୍ଷ ଆଇଆଇଏମ୍ ଦ୍ୱାରା ରୋଟେଶନ ଆଧାରରେ ହେବାକୁ ଥିବା ଏହି ପରୀକ୍ଷାର ପ୍ରସ୍ତୁତି ଲାଗି ଛାତ୍ରୀଛାତ୍ର ଅନେକ ପରିଶ୍ରମ କରିଥାନ୍ତି। ଏଥିପାଇଁ ଦେଶରେ ଅନେକ କୋଚିଂ ଇନ୍‌ଷ୍ଟିଚ୍ୟୁଟ୍ ପ୍ରସ୍ତୁତି ପାଇଁ ମୋଟା ଅଙ୍କ ନେଇଥାନ୍ତି। ତେବେ ଶୃଙ୍ଖଳିତ ଢଙ୍ଗରେ ଘରେ ବସି ନିଜେ କ୍ୟାଟ୍ ଲାଗି ପ୍ରସ୍ତୁତି ଚଳାଇହେବ। ଏଥିପାଇଁ ଆବଶ୍ୟକ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ। ନିମ୍ନରେ ଏ ସମ୍ପର୍କରେ ସୂଚନା ଦିଆଯାଉଛି।



## ସିଲାବସ୍‌କୁ ପ୍ରଥମେ ଜାଣନ୍ତୁ

କ୍ୟାଟ୍ ପରୀକ୍ଷାର ସିଲାବସ୍ ଜାଣିବା ଓ ବୁଝିବା ପ୍ରଥମ କାର୍ଯ୍ୟ। ସଫଳତା ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସର୍ବପ୍ରଥମେ ଆପଣ ପୂର୍ବବର୍ଷଗୁଡିକର ପ୍ରଶ୍ନପତ୍ର ସଂଗ୍ରହ କରନ୍ତୁ ଏବଂ ପ୍ରଶ୍ନର ଧାରା ଓ ପ୍ରଶ୍ନଗୁଡିକ ବୁଝିବାକୁ ଚେଷ୍ଟା କରନ୍ତୁ। ଏହାପରେ ସିଲାବସକୁ ଭଲ ଭାବେ ପଢ଼ିବା ପରେ ଉପଯୁକ୍ତ ବହି କିଣନ୍ତୁ। ବହି ବାଛିବା ସମୟରେ କ୍ୟାଟ୍ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ସହାୟତା ନିଆଯାଇପାରେ।

## ସମୟ ନିର୍ଦ୍ଧାରଣ କରନ୍ତୁ

କ୍ୟାଟ୍ ପ୍ରସ୍ତୁତି ବେଳେ ଦୈନିକ ସମୟସାରଣୀ ପ୍ରସ୍ତୁତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଷୟ ଅନୁଯାୟୀ ସମୟକୁ ବାଣ୍ଟିଦିଅନ୍ତୁ। ଏହାରି ଭିତରେ ବିଶ୍ରାମ ନେବା ପାଇଁ ସମୟ ବାହାର କରିବା ଆବଶ୍ୟକ। କାରଣ କ୍ରମାଗତ ବସି ପାଠପଢ଼ିବା ଦ୍ୱାରା ଶରୀର ଅସୁସ୍ଥ ହେବା ସାଙ୍ଗକୁ ପାଠ ମନେ ରହେନାହିଁ। ବିଶ୍ରାମ ନେବା ପରେ ଅଧିକ ଉତ୍ସାହରେ ପାଠପଢ଼ି ହେବ।

## ମକ୍ ଟେଷ୍ଟରେ ଭାଗ ନିଅନ୍ତୁ

ଆଜିର ଇଣ୍ଟରନେଟ୍ ଯୁଗରେ କ୍ୟାଟ୍ ସମ୍ପର୍କିତ ମକ୍ ଟେଷ୍ଟ ଆୟୋଜନ କରୁଥିବା ଅନେକ ୱେବସାଇଟ ରହିଛି। ଏମାନଙ୍କ ମଧ୍ୟରୁ ଯେକୌଣସି ଗୋଟିଏକୁ ବାଛି ବିଭିନ୍ନ ସମୟରେ ନିଜର ପାଠ ପଢ଼ାକୁ ପରଖିପାରିବେ। ମକ୍ ଟେଷ୍ଟ ଜରିଆରେ ଆପଣ ପ୍ରଶ୍ନର ଧାରା ସହିତ ପରିଚିତ ହୋଇପାରିବେ ଏବଂ ଉତ୍ତରକୁ ନେଇ ଥିବା ଅନେକ ଆଶଙ୍କା ଦୂର ହୋଇଯିବ। ଏଥିସହିତ ପାଠପଢ଼ାରେ କେଉଁଠି ତ୍ରୁଟି ରହିଯାଇଛି, ତାହା ମଧ୍ୟ ସହଜରେ ଜାଣିହେବ। ଏହାଦ୍ୱାରା ଆଗକୁ ପାଠପଢ଼ାକୁ ଅଧିକ କ୍ରିୟାଶୀଳ କରି ତ୍ରୁଟିକୁ ସଜାଡିପାରିବେ।



## ମୋଟିଭେଶନ

ନିଜକୁ କ୍ୟାଟ୍ ପରୀକ୍ଷା ପାଇଁ ଉତ୍ସାହିତ କରିବା ସବୁଠୁ ବଡ଼ ଆବଶ୍ୟକତା। ଆଦୌ ନିରାଶ ହୁଅନ୍ତୁ ନାହିଁ। ନିଜେ ସଫଳ ହୋଇପାରିବେ ଏହା ସର୍ବଦା ଭାବିବାକୁ ହେବ। ପାଠପଢ଼ିବା ବେଳେ ମସ୍ତିଷ୍କରେ ନକାରାତ୍ମକ ଚିନ୍ତାଧାରା ଆସୁଥିଲେ, କିଛି ସମୟ ପାଇଁ ବିରାମ ଦିଅନ୍ତୁ। ଏକାଗ୍ରତା ବଜାୟ ଲାଗି ଯୋଗର ସହାୟତା ନେଇହେବ।


ଲଣ୍ଡ୍ରି କମ୍ପାନୀରେ କାମ କରିବା ନିମନ୍ତେ ଡ୍ରାଇଭର, ପୁରୁଷ ଓ ମହିଳା ଆବଶ୍ୟକ। ରହିବା ଓ ଖାଇବା ସୁବିଧା ଉପଲବ୍ଧ।
Contact: 8018172594

Wanted Male/Female for Travel Agency. Marketing (Experience),
**Sai Tour Travels.**
Contact 9040056776, 9348861961

WANTED A reputed Real Estate Company lewis road required **Deputy Manager**- 5 Nos., **Marketing Executive**-15 Nos. (M/F)
Fixed Salary/ Incentives.
Contact: 7381222322/ 9861747353

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

WANTED
**Front Office Manager**
**Massage Therapist**
**Peon Boy**
For **SPA CENTER** in Bhubaneswar.
**Mob : 9861550765**

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା– 27,000/-, ଶିକ୍ଷାଗତ ଯୋଗ୍ୟତା–8th to 10th & above.
Contact: 8339922964

ଓଁ ସାଇ ଆୟୁର୍ବେଦିକ କ୍ଲିନିକରେ କାମ କରିବା ପାଇଁ ଝିଅ ଓ ସ୍ତ୍ରୀ ଲୋକ ଏବଂ ପୁଅ ପିଲା ଆବଶ୍ୟକ। ଦରମା Rs. 7,000/-, ରହିବା ଓ ଖାଇବା ସୁବିଧା ଅଛି।
ଯୋଗାଯୋଗ: 9090253740, 7569806086

ହୋଟେଲ ପାଇଁ ଓଡ଼ିଆ ଖାଦ୍ୟ ରୋଷେୟା, ହେଲ୍‌ପର୍ ଓ ମ୍ୟାନେଜର ଆବଶ୍ୟକ।
ଫୋନ୍ ନଂ: 7873651675
(10 AM- 12 Noon)

ଆବଶ୍ୟକ
ଡ୍ରାଇଭର, ରୋଷେୟା, ପିଅନ ଓ ମାଳି
ଅଫିସ୍ ଓ ଘରୋଇ ଚାରିଚକିଆ ଯାନ ଚଳେଇବା ପାଇଁ **ଡ୍ରାଇଭର,** ରୋଷେଇ କରିବା ପାଇଁ **ରୋଷେୟା, ପିଅନ** ଏବଂ **ମାଳି** ଆବଶ୍ୟକ। ଆକର୍ଷଣୀୟ ଦରମା ସହିତ ରହିବାର ସୁବିଧା ସୁଯୋଗ ଦିଆଯିବ। ଯୋଗାଯୋଗ କରନ୍ତୁ:
Address : DLF Cibercity, Patia, 9th Floor, #929, Bhubaneswar
Phone No. : 0674-7107777

ପତି କାର୍ଡ
INVT. CARD & TROPHIES
NEEDS DTP OPTR. DESIGNER
M- 9776138837, 9937417848, BBSR.

WANTED
MACZEN ENGINEERING PVT. LTD.
Requires **Marketing Manager**-01, Exp. (Male), **Telecaller**-02, Exp., Good looking.
Contact: 9853089865
Plot No: M/64, Baramunda H.B Colony, Bhubaneswar

Req. for Limited Co.
❶ ପୂର୍ବତନ ସୈନିକ
❷ ଡ୍ରାଇଭର (HMV-LMV)
ବେତନ-19500-27500 ଡ୍ୟୁଟି - ଓଡ଼ିଶା, ମଧ୍ୟପ୍ରଦେଶ
ସବୁ ସୁବିଧା / ଡ୍ୟୁଟି ୫ ଘଣ୍ଟା ମୋଟ ଖାଲି ପଦବୀ-215
ପ୍ରାର୍ଥୀମାନେ ନିଜ Bio-data ଇମେଲ୍ କରନ୍ତୁ
nutekindialimited2019@gmail.com
Phone. No. 08057878485

URGENT REQUIRED FOR SPA
•LADY RECEPTIONIST : Exp./Freshers, Salary : 15,000/-
•LADY THERAPIST : Exp./Freshers, Salary : 8,000/-
Fooding + Accommodation Free
Mob : 9114402305
DAMANA SQUARE, BHUBANESWAR

WANTED
Required One Lab Technician having qualification Degree or Diploma in Lab Technology by an Institution certified by AICTE for working in NHM supported project "Revised National Tuberculosis Control (RNTCP) programme in Puri District". Apply with detail Bio-data and copy of all testimonials to following address to be reached here on or before 22.01.2019.
To, The Secretary, ISERD, At: Pandapokhari, PO: Panasapada, Dist: Puri, Odisha: 752010. Cell No: 8117069343

ଭୁବନେଶ୍ୱରରେ ଘରକାମ ପାଇଁ କୌଣସି ବୟସର ପୁରୁଷ କିମ୍ବା ମହିଳା ଆବଶ୍ୟକ। ରହିବା ସହିତ ଖାଇବା ମାଗଣା।
ଯୋଗାଯୋଗ କରନ୍ତୁ: 9438674500, 8895543856

REQUIRED
Female **TELECALLER** for Bhubaneswar Office.
Contact: 0674- 2561158
Mob: 9938010041

ଭୁବନେଶ୍ୱର ନଖରାରେ ଘରେ ରହି ରୋଷେଇ ଓ ଘରକାମ କରିବାକୁ ମଧ୍ୟ ବୟସ୍କା ମହିଳା ଆବଶ୍ୟକ।
Contact 9438673999 6370002108

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ।
ଯୋଗ୍ୟତା: 10th/ above.
Monthly Salary upto Rs. 27000/-.
Contact: 9938676412

Contact: 9938414918
ଭୁବନେଶ୍ୱର ଅଫିସ୍ ପାଇଁ Accountant, Computer Operator, Field Officer, Office Assistant, Receptionist, Telecaller & Supervisor ଆବଶ୍ୟକ।
ଯୋଗ୍ୟତା: 10th/ above.
ବୟସ: (17-30)yrs. Monthly Salary upto Rs. 24000/-.

Require One **Lab. Technician** course approved by "AICTE" on contract basis for RNTCP programme. Please contact within three days.
Contact Address:
**Society for women Action Development (SWAD),** At: Nuagaon, sidi, Sakhigopal: 752014, Puri, Odisha, Email ID: swadsatyabadi@gmail.com
Mob: 9437280605

DIRECT JOINING
CUSTOMER CARE / BPO
Data Entry / Back Office
Qual. 10th, +2, ITI, Degree, Etc.
Salary : Rs.7000 To Rs.15000 (with Accommodation)
BBSR. 9090658710

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHAର ପ୍ରତ୍ୟେକ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

URGENT REQUIRED
1) **Accountant Head:** Min. 5 yrs. of experience & Tally knowledge. **Edu Qualification**: Graduate and above.
2) **Office Executive:** Having knowledge of MS Office. **Edu Qualification:** +2 and above.
Please Contact:
TRELLIS INFRASTRUCTURE PVT. LTD.
Mob: 9338253532, 9040068641

GURU NANAK ENGLISH MEDIUM PUBLIC SCHOOL, BHUBANESWAR
REQUIRES
**Trained Teachers in English, Hindi, Maths, Science, S.St, Odia, Computer, Dance, Music, P.E.T, Nursery, Primary Classes, Clerical Staff, Librarian, Peon & Aiya.**
Send the Resume with photo to
**The Principal, Guru Nanak E.M. Public School, Unit-III, Kharvel Nagar, Bhubaneswar,**
**Email: gnpsbbsr@gmail.com,**
**Contact No: (0674) 2395854**

SHREE GANESH Buildcon Pvt. Ltd. We Understand Your Dreams
SGBPL, A Leading Real Estate Company of Odisha Requires the following personnel for its corporate office at N-1/A-21, IRC Village, Bhubaneswar.
1. ACCOUNTANT (Male)
**Qualification:** Commerce Graduate having 10 years Experience (Real Estate line preferred) with Good knowledge in Tally & Govt. returns filing.
2. JR. ACCOUNTANT (Male)
**Qualification:** Commerce Graduate having 3 years experiene with knowledge in Tally.
3. OFFICE PEON (Male)
**Qualification:** Minimum Matriculation.
Apply to appointment.sgbpl2000@gmail.com within 7 days
Mob: 9337707575

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303523302

Florence Home Health . Elder Care
Florence Home Health & Elder Care
Need Following Posts For Operate In BBSR
1.Pharmacists M/F - 10 NOS
2.Physiotherapist Asst M/F- 5 NOS
3.Nurshing Assistant F - 10 NOS
4.Home Care Assistant M/F - 40 NOS
Interested Freshers/Experienced Candidates Can Send Your Bio-Data To
florencehomehealth19@gmail.com
M-9692924108/9437648600/8249728895


See **CAREER APPOINTMENT** on every **Wednesday** & **Saturday**

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.19 (16) | 36,386.61 (12.53) | 10,906.95 (1.75) | 33,220.00 (₹80) | 40,380.00 (₹180) |

## ସଂକ୍ଷେପରେ

### ପୁଞ୍ଜିପ୍ରତ୍ୟାହାର ଲକ୍ଷ୍ୟ ପୂରଣ ହେବନି

#### କମିବ ୨୦ ହଜାର କୋଟି

**ନୂଆଦିଲ୍ଲୀ,୧୮-୧:** କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ଲାଗି ୮୦ ହଜାର କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ତେବେ ଏହା ପୂରଣ ହେବା ଆଉ ସମ୍ଭବ ହେବ ନାହିଁ। କେୟାର ରେଟିଂ ଏଜେନ୍ସି ପକ୍ଷରୁ ପ୍ରସ୍ତୁତ ରିପୋର୍ଟ ଅନୁଯାୟୀ ସରକାର ଧାର୍ଯ୍ୟ ଲକ୍ଷ୍ୟଠାରୁ ପ୍ରାୟ ୨୦ ହଜାର କୋଟି ଟଙ୍କା ଦୂରରେ ରହିବେ। ରେଟିଂ ଏଜେନ୍ସି ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟକୁ ଶୁକ୍ରବାର ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ପୁଞ୍ଜି ପ୍ରତ୍ୟାହାରରୁ ହେବାକୁ ଥିବା ଆୟ ହ୍ରାସ ପାଇବା ଏବଂ ଜିଏସ୍‌ଟି ସଂଗ୍ରହ କମିବା ଯୋଗୁ କେନ୍ଦ୍ର ସରକାରଙ୍କ ବିତ୍ତୀୟ ନିଅଣ୍ଟ ୩.୩%ରୁ ବଢ଼ି ୩.୫% ରହିବ। ରିପୋର୍ଟରେ କୁହାଯାଇଛି ଯେ, ଆର୍ଥିକ ବଜାରରେ ସ୍ଥିତି ଖରାପ ଥିବା କାରଣରୁ ସରକାର ଲକ୍ଷ୍ୟ ପୂରଣ କରିବା ଅସମ୍ଭବ ମନେ ହେଉଛି। ୨୦୧୮-୧୯ ଆର୍ଥିକ ବର୍ଷରେ ସରକାର ପୁଞ୍ଜିପ୍ରତ୍ୟାହାରରୁ ପ୍ରାୟ ୬୦ ହଜାର କୋଟି ଟଙ୍କା ପାଇବେ ବୋଲି ଅନୁମାନ କରାଯାଉଛି ବୋଲି କେୟାର ରେଟିଂ କହିଛି।

### ସିଇଓଙ୍କ ସୁରକ୍ଷା କମ ଖର୍ଚ୍ଚ କରନ୍ତି ଭାରତୀୟ କମ୍ପାନୀ

**ନୂଆଦିଲ୍ଲୀ,୧୮-୧:** ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର(ସିଇଓ)ଙ୍କୁ ସୁରକ୍ଷା ପ୍ରଦାନ କରିବାରେ ଭାରତୀୟ କମ୍ପାନୀମାନେ ବିଦେଶୀ କମ୍ପାନୀଙ୍କଠାରୁ କମ୍ ଅର୍ଥ ଖର୍ଚ୍ଚ କରନ୍ତି। ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଏସିଆର ସର୍ବବୃହତ ଧନୀ ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ସିଏମ୍‌ଡି ମୁକେଶ ଅମ୍ବାନୀ ବାର୍ଷିକ ଯେତିକି ଦରମା ପାଆନ୍ତି, ତା'ର ତିନିଗୁଣ ଅଧିକ ଟଙ୍କା ଫେସବୁକ୍ ତା'ର ସହ ପ୍ରତିଷ୍ଠାତା ତଥା ସିଇଓ ମାର୍କ ଜୁକରବର୍ଗଙ୍କ ପିଛା ଖର୍ଚ୍ଚ କରିଥାଏ। ମୁକେଶ ବାର୍ଷିକ ୧୫ କୋଟି ଟଙ୍କା ବେତନ ପାଉଛନ୍ତି, ଅଥଚ ଜୁକରବର୍ଗଙ୍କ ସୁରକ୍ଷା ବାବଦରେ ଫେସ୍‌ବୁକ୍ ବାର୍ଷିକ ୫୨ କୋଟି ଟଙ୍କା ବ୍ୟୟ କରୁଛି। ତାଙ୍କ ପାଇଁ ହେଉଥିବା ଖର୍ଚ୍ଚ ବିଶ୍ୱର ୫ ସର୍ବାଧିକ ଟେକ୍ନୋଲୋଜି କମ୍ପାନୀର ସିଇଓଙ୍କ ସୁରକ୍ଷା ବାବଦରେ ହେଉଥିବା ଖର୍ଚ୍ଚ ଠାରୁ ଅଧିକ। ଏହି ୫ କମ୍ପାନୀର ସିଇଓଙ୍କ ମଧ୍ୟରେ ଆମାଜନ ମୁଖ୍ୟ ଜେଫ୍ ବେଜୋସ୍ ଓ ଓରାକଲର ଲ୍ୟାରୀ ଏଲିସନ ମଧ ସାମିଲ ହୋଇଛନ୍ତି। ଯାହାର ସୁରକ୍ଷା ବାବଦରେ ୧୦ଲକ୍ଷ ଡଲାର ଖର୍ଚ୍ଚ ହେଉଛି। ଭାରତୀୟ କମ୍ପାନୀମାନେ ଏହାର ସିଇଓଙ୍କ ପିଛା କମ୍ ଖର୍ଚ୍ଚ କରୁଥିବାରୁ ସେମାନଙ୍କ ନିରାପତ୍ତାକୁ ନେଇ ସର୍ବଦା ଏକ ଭୟ ରହୁଛି।

### କେନ୍ଦ୍ରର ଋଣ ୮୨ ଲକ୍ଷ କୋଟି

ନୂଆଦିଲ୍ଲୀ,୧୮-୧: ଗତ ସାଢ଼େ ୪ ବର୍ଷର ଏନ୍‌ଡିଏ ସରକାରରେ ଦେଶର ଋଣ ବୋଝ ୪୯ ପ୍ରତିଶତ ବଢ଼ି ୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଶୁକ୍ରବାର ପ୍ରକାଶ ପାଇଥିବା ସରକାରଙ୍କ ଋଣ ସଂକ୍ରାନ୍ତ ଷ୍ଟାଟସ ପେପରର ଅଷ୍ଟମ ସଂସ୍କରଣରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ୨୦୧୮ ସେପ୍ଟେମ୍ବର ସୁଦ୍ଧା କେନ୍ଦ୍ର ସରକାରଙ୍କ ମୋଟ୍ ଋଣ ପରିମାଣ ୮୨,୦୩,୨୫୩ କୋଟି ଟଙ୍କାରେ ପହଞ୍ଚିଛି। ୨୦୧୪ ଜୁନ୍‌ରେ ଏହା ୫୪,୯୦,୭୬୩ କୋଟି ଟଙ୍କା ଥିଲା ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟରୁ ସ୍ପଷ୍ଟ ହୋଇଛି।

> ଗୁଜରାଟରେ ଏକ ଲିଥିୟମ ଆୟନ ବ୍ୟାଟେରି ୟୁନିଟ ସ୍ଥାପନ ଲାଗି ଯୋଜନା ଧାର୍ଯ୍ୟ ହୋଇଛି।
> – ଏନ୍. ଚନ୍ଦ୍ରଶେକରନ, ଅଧ୍ୟକ୍ଷ, ଟାଟା ସନ୍ସ



> ଆଗାମୀ ୫ ବର୍ଷରେ ଗୁଜରାଟର ବିଭିନ୍ନ ପ୍ରକଳ୍ପରେ ୫୫,୦୦୦ କୋଟି ଟଙ୍କା ନିବେଶ ଯୋଜନା ରହିଛି।
> – ଗୌତମ ଆଦାନୀ, ଅଧ୍ୟକ୍ଷ, ଆଦାନୀ ଗ୍ରୁପ



# ନୂଆ ସରକାର ମୁଣ୍ଡାଇବେ ଲକ୍ଷେ କୋଟି

ନୂଆଦିଲ୍ଲୀ,୧୮-୧


ଆଉ କେଇ ମାସ ମଧ୍ୟରେ ଲୋକ ସଭା ନିର୍ବାଚନ ହେବାକୁ ଯାଉଛି। ଚାଷୀ ଋଣଛାଡ଼ ସହ ଅଧିକ ନିଯୁକ୍ତି ସୃଷ୍ଟି ତଥା ମଧ୍ୟବିତ୍ତଙ୍କ ଲାଗି ବିଭିନ୍ନ ଯୋଜନାମାନ ଘୋଷଣା କରି ବର୍ତ୍ତମାନର କେନ୍ଦ୍ର ସରକାର ଭୋଟ୍ ହାତେଇବାକୁ ପ୍ରସ୍ତୁତ ହେଉଛନ୍ତି। ଏଥିଯୋଗୁ ରାଜକୋଷ ଉପରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ବୋଝ ପଡିବାକୁ ଯାଉଛି। ନିର୍ବାଚନରେ ଜିତିବା ପରେ ନୂଆ ସରକାରଙ୍କୁ ଏହି ବୋଝ ମୁଣ୍ଡାଇବାକୁ ପଡିବ।

ବର୍ତ୍ତମାନ କେନ୍ଦ୍ର ସରକାର ଯେଉଁ ଯୋଜନାମାନ ଘୋଷଣା କରିବେ, ନୂଆ ସରକାର ତାହା ପାଳନ କରିବା ଲାଗି ବାଧ୍ୟ ରହିବେ। ଏଥିଯୋଗୁ ସରକାରଙ୍କ ବଜେଟ ନିଅଣ୍ଟ ହ୍ରାସ ଲକ୍ଷ୍ୟ ସମ୍ଭବ ହେବ ନାହିଁ। ୩ଟି ଭାଜପା ଶାସିତ ରାଜ୍ୟରେ ପରାଜୟ ପରେ ବର୍ତ୍ତମାନର ଏନ୍‌ଡିଏ ସରକାର ଆଉ କୌଣସି ବିପଦ ମୁଣ୍ଡାଇବାକୁ ଚାହୁଁନାହାନ୍ତି। ଫେବୃୟାରୀ ପହିଲାରେ ଉପସ୍ଥାପିତ ହେବାକୁ ଥିବା ଅନ୍ତରୀଣ ବଜେଟ୍‌ରେ ଚାଷୀଙ୍କ ଲାଗି ନୂଆ ଯୋଜନା ଘୋଷଣା କରାଯାଇପାରେ ବୋଲି ମନେ କରାଯାଉଛି। ସମ୍ଭବତଃ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଯିବ। ତେବେ ଏନେଇ ଅଦ୍ୟାବଧି କୌଣସି ନିଷ୍ପତ୍ତି ହୋଇ ନାହିଁ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ଏହାଛଡ଼ା ଟିକସ ଛାଡ଼, ନିଯୁକ୍ତିରେ ସଂରକ୍ଷଣ ଓ ସ୍ଥାନୀୟ ବେପାରୀଙ୍କୁ ଆଶ୍ୱସ୍ତ କରାଯିବ ବୋଲି ସରକାର ପୂର୍ବରୁ ସଙ୍କେତ ଦେଇସାରିଛନ୍ତି। ତେବେ ନିର୍ବାଚନ ତାରିଖ ଚୂଡ଼ାନ୍ତ ହେବା ପୂର୍ବରୁ ସରକାରଙ୍କୁ ସମସ୍ତ ଯୋଜନା ଘୋଷଣା କରିବାକୁ ପଡିବ। କାରଣ ନିର୍ବାଚନ ତାରିଖ ଘୋଷଣା ପରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଯିବ। ଭାଜପାର ଅର୍ଥନୈତିକ ବ୍ୟାପାର ମୁଖପାତ୍ର ଗୋପାଳ କୃଷ୍ଣ ଅଗ୍ରୱାଲ କହିଛନ୍ତି ଯେ, ମୁଦ୍ରାସ୍ଫୀତି ନିମ୍ନରେ ଥିବାରୁ ଅର୍ଥନୀତି ଅଭିବୃଦ୍ଧି ଲାଗି ଦର ବ୍ୟୟବୃଦ୍ଧି ଉପରେ ଜୋର୍ ଦେଉଛି। ଅନ୍ୟପକ୍ଷରେ କଂଗ୍ରେସ ମୁଖପାତ୍ର ଗୌରବ ବଲ୍ଲଭ କହିଛନ୍ତି ଯେ, ଏନ୍‌ଡିଏ ସରକାରଙ୍କୁ ଛାନିଆ ରୋଗ ଧରିଛି। ହାରିଯିବା ଭୟରେ ଏହା ଚାଷୀଙ୍କୁ ସୁଧମୁକ୍ତ ଋଣ ଓ ଆୟ ସହାୟକ ଯୋଜନା ଘୋଷଣା କରିବାକୁ ଯାଉଛନ୍ତି। ତରବରିଆ ଭାବେ ଯୋଜନା ଘୋଷଣା କରାଯିବାକୁ ଥିବାରୁ ଏହା ଅଧାପନ୍ତରିଆ ହେବ ବୋଲି ସେ ସତର୍କ କରିଛନ୍ତି।




### ଅନ୍ତରୀଣ ବଜେଟ୍‌ରେ ଅଧିକ ଘୋଷଣା କରାଯିବ: ଜେଟ୍‌ଲୀ

ଆସନ୍ତା ଫେବୃୟାରୀ ପହିଲାରେ ଲେଖାନୁଦାନ ବଦଳରେ ଅନ୍ତରୀଣ ବଜେଟ୍ ଉପସ୍ଥାପନ ହେବାକୁ ଯାଉଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସ୍ପଷ୍ଟ କରିଛନ୍ତି। ଅର୍ଥନୀତି ସମ୍ମୁଖୀନ ହେଉଥିବା ଆହ୍ୱାନର ସାମ୍ନା କରିବା ଲାଗି ନିର୍ବାଚନୀ ବର୍ଷରେ ଆବଶ୍ୟକସ୍ଥଳେ ଏଭଳି ପଦକ୍ଷେପ ନେବାକୁ ସରକାର ବାଧ ହେଉଛନ୍ତି ବୋଲି ସେ କହିଛନ୍ତି। ଅନ୍ତରୀଣ ବଜେଟ୍ କେବଳ ଲେଖାନୁଦାନ ହେବ ନାହିଁ, ବରଂ ଏଥିରେ ଅଧିକ ଘୋଷଣା କରାଯିବ ବୋଲି ଜେଟ୍‌ଲୀ ଉଲ୍ଲେଖ କରିଛନ୍ତି। ଚିକିତ୍ସା ଲାଗି ଆମେରିକାର ନ୍ୟୁୟର୍କ ଯାଇଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ଭିଡିଓ ଲିଙ୍କ ଜରିଆରେ ଏକ ଘରୋଇ ଟିଭି ଚାନେଲର ଉତ୍ସବରେ ଯୋଗ ଦେଇ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ତେବେ ସ୍ୱାସ୍ଥ୍ୟଗତ କାରଣରୁ ସେ ଚଳିତ ବର୍ଷର ବଜେଟ୍ ଉପସ୍ଥାପନ କରିବା ନେଇ କିଛି ସ୍ପଷ୍ଟ କରିନାହାନ୍ତି। ସେ କହିଛନ୍ତି ଯେ, କୃଷି କ୍ଷେତ୍ର ଏବେ ଅର୍ଥନୀତି ପାଇଁ ବଡ଼ ଆହ୍ୱାନ ହୋଇଛି। ଉତ୍ପାଦନ ବଢ଼ିଥିବା ବେଳେ ଦାମ ସେହି ତୁଳନାରେ ବଢ଼ୁନି। ରାଷ୍ଟ୍ରହିତରେ ସରକାରଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ହେବ।





## କେନ୍ଦୁଝରରେ 'କାଫ୍'ର ନୂଆ ଶୋ'ରୁମ

କେନ୍ଦୁଝର,୧୮-୧ (ସ୍ୱ.ପ୍ର.)

ରୋଷେଇ ସାମଗ୍ରୀ ବ୍ରାଣ୍ଡ 'କାଫ୍' ଆପ୍ଲାଏନ୍ସ ପକ୍ଷରୁ ଶୁକ୍ରବାର କେନ୍ଦୁଝରଠାରେ ଏହାର ନୂଆ ମଡ୍ୟୁଲାର ଶୋ'ରୁମ ଶୁଭାରମ୍ଭ ହୋଇଛି। କେନ୍ଦୁଝରର ବି.କେ. ଇଣ୍ଟରନ୍ୟାଶନାଲ ମାର୍କେଟ କମ୍ପ୍ଲେକ୍ସଠାରେ ଥିବା ଏହି ଶୋ'ରୁମକୁ ରାଇରଙ୍ଗପୁର ଡିଏଫ୍‌ଓ ଗୋରେଖ କଲୁଙ୍ଗେ ଏବଂ କମ୍ପାନୀର ଓଡ଼ିଶା ଶାଖା ମୁଖ୍ୟ ଭାଗୀରଥି ସାହୁ ଉଦ୍‌ଘାଟନ କରିଥିଲେ। ମଡ୍ୟୁଲାର କିଚେନ ସାମଗ୍ରୀ ସହ ରୋଷେଇ ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ଏଠାରେ ଉପଲବ୍ଧ ହେବ ବୋଲି ଓଡ଼ିଶା ଶାଖା ମୁଖ୍ୟ ସାହୁ କହିଛନ୍ତି। ଆଗାମୀ ୩ ଦିନ ପର୍ଯ୍ୟନ୍ତ ଶୋ'ରୁମରୁ ସାମଗ୍ରୀ କ୍ରୟ ଉପରେ ଗ୍ରାହକମାନେ ରିହାତି ଲାଭ କରିପାରିବେ ବୋଲି କମ୍ପାନୀର ଓଡ଼ିଶା ବ୍ୟବସାୟିକ ମୁଖ୍ୟ ଭବାନୀ ପ୍ରସାଦ ମହାନ୍ତି କହିଛନ୍ତି। ଏହା ରାଜ୍ୟରେ କମ୍ପାନୀର ୪ର୍ଥ ଆଉଟଲେଟ। କାର୍ଯ୍ୟକ୍ରମରେ ଶୋ'ରୁମ ସ୍ୱତ୍ୱାଧିକାରୀ ସ୍ମୃତି ରଞ୍ଜନ ସାହୁ, ତାଙ୍କ ବାପା ବୀର କିଶୋର ସାହୁ ଏବଂ ମା' ଜ୍ୟୋତ୍ସ୍ନା ମହାପାତ୍ର ଉପସ୍ଥିତ ଥିଲେ।

# ଭାରତକୁ ଟପ୍ ୫୦ରେ ପହଞ୍ଚାଇବା ଲକ୍ଷ୍ୟ: ମୋଦି

ନୂଆଦିଲ୍ଲୀ,୧୮-୧

**ଇଜ୍ ଅଫ୍ ଡୁଇଂ ବିଜନେସ୍**

ଆସନ୍ତା ବର୍ଷ ଇଜ୍ ଅଫ୍ ଡୁଇଂ ବିଜନେସ୍‌ରେ ଭାରତକୁ ଟପ୍ ୫୦ରେ ପହଞ୍ଚାଇବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଶୁକ୍ରବାର ୯ମ ଭାଇବ୍ରାଣ୍ଟ ଗୁଜରାଟ ସମ୍ମିଳନୀରେ ଯୋଗ ଦେଇ ସେ କହିଛନ୍ତି ଯେ, ବିଶ୍ୱ ବ୍ୟାଙ୍କ ଦ୍ୱାରା ଜାରି ହେଉଥିବା ଇଜ୍ ଅଫ୍ ଡୁଇଂ ବିଜନେସ୍ ତାଲିକାରେ ଭାରତ ୭୫ସ୍ଥାନ ଉପରକୁ ଉଠିଆସି ବର୍ତ୍ତମାନ ୭୭ତମ ସ୍ଥାନରେ ରହିଛି। ଅଧିକ କଠିନ ପରିଶ୍ରମ କରିବାକୁ ସେ ତାଙ୍କ ଟିମ୍‌କୁ ପରାମର୍ଶ ଦେଇଥିବା ମୋଦି କହିଛନ୍ତି। କେନ୍ଦ୍ର ସରକାର ବ୍ୟବସାୟ କରିବାରେ ହେଉଥିବା ଅସୁବିଧାକୁ ଦୂର କରିବା ଲାଗି ପ୍ରୟାସ କରୁଛନ୍ତି ଏବଂ ଏଦିଗରେ ଥିବା ସମସ୍ତ ବାଧାକୁ ଦୂର କରୁଛନ୍ତି। ଏହାଛଡ଼ା ଏନ୍‌ଡିଏ ସରକାର ସଂସ୍କାର କାର୍ଯ୍ୟକ୍ରମକୁ ଆଗେଇ ନେବ ବୋଲି ସେ କହିଛନ୍ତି। ଗତ ୪ ବର୍ଷରେ ଦେଶର ଅଭିବୃଦ୍ଧି ହାର ହାରାହାରି ୭.୩% ରହିଥିବା ବେଳେ ଜିଡିପି ବୃଦ୍ଧି ହାର ୧୯୯୧ ପରେ ସର୍ବାଧିକ ବୋଲି ମୋଦି ମନ୍ତବ୍ୟ ଦେଇଛନ୍ତି।

# ୩ ବ୍ୟାଙ୍କ ମିଶ୍ରଣକୁ ଏଆଇବିଓସିର ବିରୋଧ

ଭୁବନେଶ୍ୱର,୧୮-୧

ବ୍ୟାଙ୍କ ଅଫ୍ ବରୋଦା ସହ ବିଜୟା ଏବଂ ଦେନା ବ୍ୟାଙ୍କର ମିଶ୍ରଣ ନେଇ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଥିବା ବେଳେ ଏହାକୁ ସର୍ବଭାରତୀୟ ବ୍ୟାଙ୍କ ଅଫିସର ମହାସଂଘ (ଏଆଇବିଓସି) ବିରୋଧ କରିଛି। ବ୍ୟାଙ୍କର କର୍ମଚାରୀମାନେ ଏହି ପ୍ରସ୍ତାବକୁ ବିରୋଧ କରି ଗତ ମାସ ୨୧ ଏବଂ ୨୬ରେ ଦେଶବ୍ୟାପୀ ଧର୍ମଘଟରେ ସାମିଲ ହୋଇଥିଲେ। ଏଭଳି ପଦକ୍ଷେପ ଭାରତୀୟ ବ୍ୟାଙ୍କିଙ୍ଗ ଶିଳ୍ପ ପାଇଁ କ୍ଷତିକାରକ ବୋଲି ସଂଘ କହିଛି। ଦେନା ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ ବରୋଦାର ଅନାଦାୟ ଋଣ ଆଦାୟ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ କଥା ଉଠି ନ ଥିବାରୁ ବ୍ୟାଙ୍କ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ମିଶ୍ରଣ ଦ୍ୱାରା ଅନେକ ଶାଖା ବନ୍ଦ ହେବା ସହ ଲୋକମାନେ ବିଭିନ୍ନ ବ୍ୟାଙ୍କ ସେବାରୁ ବଞ୍ଚିତ ହେବେ। ନିୟମ ବିରୋଧରେ ଯାଇ ଏଭଳି ପଦକ୍ଷେପ ନିଆଯାଇଥିବାରୁ ସଂଘ ଏକ ରିଟ୍ ପିଟିଶନ ଦାଏର କରିଥିବା କହିଛି।

# ଇ-କମର୍ସ କମ୍ପାନୀଙ୍କୁ ଟକ୍କର ଦେବ ରିଲାଏନ୍ସ

ଗୁଜରାଟ,୧୮-୧

ଜିଓ ଏବଂ ରିଲାଏନ୍ସ ରିଟେଲ ମିଳିତ ହୋଇ ଏକ ସ୍ୱତନ୍ତ୍ର ନିୟୁ କମର୍ସ ପ୍ଲାଟଫର୍ମ ଆଣିବେ। ଏହା ଦ୍ୱାରା ଦେଶର ୩ କୋଟି ପରିବାରଙ୍କୁ ସଶକ୍ତ କରିବା ନେଇ ଯୋଜନା ରହିଛି। ଉକ୍ତ ପଦକ୍ଷେପ ଅନ୍ତର୍ଗତ ଗୁଜରାଟର ୧୨ ଲକ୍ଷ ଖୁଚୁରା ବ୍ୟବସାୟୀ ଏବଂ ଦୋକାନୀ ଲାଭବାନ ହୋଇପାରିବେ ବୋଲି ଗୁଜରାଟରେ ଚାଲିଥିବା ୯ମ 'ଭାଇବ୍ରାଣ୍ଟ ଗୁଜରାଟ' ସମିଟ କାର୍ଯ୍ୟକ୍ରମରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ସୂଚନା ଦେଇଛନ୍ତି।

ଏହି ଯୋଜନା କାର୍ଯ୍ୟକାରୀ ହେଲେ ଦେଶର ପ୍ରମୁଖ ଇ-କମର୍ସ କମ୍ପାନୀଙ୍କୁ ରିଲାଏନ୍ସ ଟକ୍କର ହେବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ରିଲାଏନ୍ସ ନିକଟରେ ବର୍ତ୍ତମାନ ଜିଓ ଟେଲିକମ ସେବା, ମୋବାଇଲ ଡିଭାଇସ ସେବା ଏବଂ ରିଟେଲର ଏକ ଦୃଢ଼ ନେଟୱର୍କ ରହିଛି। ଇ-କମର୍ସ କ୍ଷେତ୍ର ଲାଗି ଦେଶରେ ଏକ ବୃହତ୍ ବଜାର ରହିଥିବା ବେଳେ ରିଲାଏନ୍ସ ଏହି କ୍ଷେତ୍ରକୁ ପ୍ରବେଶ କଲେ କମ୍ପାନୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ସେ ଆହୁରି ମଧ କହିଛନ୍ତି ଯେ, ଜିଓର ନେଟୱର୍କ ଆଗାମୀ ଦିନର ୫ ଜି ପାଇଁ ପ୍ରସ୍ତୁତ ରହିଛି। ସୁଲଭ ମୂଲ୍ୟରେ ଡିଜିଟାଲ ସଂଯୋଗୀକରଣ ସହ ଫାଇନାନ୍ସ, କୃଷି ଏବଂ ସ୍ୱାସ୍ଥ୍ୟ କ୍ଷେତ୍ର ଷ୍ଟାର୍ଟଅପକୁ ଟେକ୍ନୋଲୋଜି ଦ୍ୱାରା ପ୍ରୋତ୍ସାହିତ କରାଯାଉଛି। ସେହିଭଳି ନବୀକରଣ ଯୋଗ୍ୟଶକ୍ତି ଏବଂ ନୂଆ ମୋବିଲିଟି ଦ୍ୱାରା ଏକ ସନ୍ତୁଳିତ ବିକାଶ ଦିଗରେ କାର୍ଯ୍ୟ କରୁଥିବା ମୁକେଶ ଅମ୍ବାନୀ ସୂଚନା ଦେଇଛନ୍ତି। ଗ୍ରାମଗୁଡ଼ିକୁ ଡିଜିଟାଲ ଭାବେ ସଶକ୍ତ କରିବା ପାଇଁ ସ୍ମାର୍ଟ ଭିଲେଜ ଗଠନ ଦିଗରେ ପଦକ୍ଷେପ ଜାରି ରହିଥିବା ସେ ସ୍ପଷ୍ଟ କରିଛନ୍ତି।



- ଆଣୁଛି ନିୟୁ କମର୍ସ ପ୍ଲାଟଫର୍ମ
- ସଶକ୍ତ ହେବେ ପ୍ରାୟ ୩ କୋଟି କ୍ଷୁଦ୍ର ବ୍ୟବସାୟୀ
- ଇ-କମର୍ସରେ ବଢ଼ିବ ପ୍ରତିଦ୍ୱନ୍ଦ୍ୱିତା
- ୫ ଜି, ସ୍ମାର୍ଟ ଭିଲେଜକୁ ପ୍ରାଥମିକତା

### ଭାରତୀୟମାନେ ନିଜ ଡାଟାର ମାଲିକ ହୁଅନ୍ତୁ: ମୁକେଶ

ଭାରତୀୟମାନେ ନିଜ ଡାଟାର ମାଲିକ ନିଜେ ହେବା ସହ ଏହାର ନିୟନ୍ତ୍ରଣ କରନ୍ତୁ ବୋଲି ମୁକେଶ ଅମ୍ବାନୀ କହିଛନ୍ତି। ଦେଶର ଡାଟା ଦେଶ ମଧ୍ୟରେ ରଖିବା ପାଇଁ ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଦେଶରେ ବଡ ବଡ କର୍ପୋରେଶନଗୁଡ଼ିକ ପକ୍ଷରୁ ବଢ଼ୁଥିବା 'ଡାଟା କଲୋନାଇଜେଶନ'କୁ ରୋକିବା ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୁକେଶ ନିବେଦନ କରିଛନ୍ତି। ଦେଶରେ ଡାଟାର ସ୍ଥାନୀୟକରଣ ନେଇ ଏକ ବିପ୍ଳବ ଆସିବା ଉଚିତ ବୋଲି ସେ କହିଛନ୍ତି। ଡାଟା ନୂଆ ସମ୍ପଦ ହୋଇଥିବାରୁ ଏ ଦିଗରେ ସରକାର ସୁଚିନ୍ତିତ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.)
E.H.T. (O&M) DIVISION, JODA
P.O.- Boneikala, Dist- Keonjhar, PIN- 758038 (ODISHA)
Phone: 7328829375, E-mail: ehtm.div.jod@optcl.co.in
CIN: U40102OR2004SGC007553
Letter No. 1660 Dated 18.01.2019
TENDER CALL NOTICE NO.-08/2018-2019
Sealed tenders are invited by the undersigned from registered order suppliers / manufacturers / their authorized dealers for procurement of 50 nos. 150 W LED based flood light in complete fitting for 220 / 132 / 33 KV Grid s/s JODA under EHT (O&M) Division, JODA. Cost of tender paper is **Rs. 2240/-**, EMD = **Rs. 4800/-**. Sale of tender documents is from **Dt.22.01.2019 to Dt.05.02.2019** (during office hours). Last date of submission of tender is **Dt.06.02.2019 upto 01.00 PM**. Date of opening of Tender is **Dt.06.02.2019 at 3.30 PM**. For details visit our website **www.optcl.co.in**.
Corrigendum if any will be published in the website only.
Sd./- Dy. General Manager (Elect.)
EHT (O&M) Division, Joda

**ବିହନ ବିଶୋଧନ ଅଭିଯାନ-ରବି ୨୦୧୮-୧୯**
**ଜିଲ୍ଲା କୃଷି ଅଧିକାରୀ, ଜୁନାଗଡ଼ ଆନୁକୂଲ୍ୟରେ**
ରାଜ୍ୟ ଯୋଜନା ଗାଁ ଗାଁରେ ନୀରୋଗ ଫସଲ ପାଇଁ ବିହନ ବିଶୋଧନ କାର୍ଯ୍ୟକ୍ରମ ଆସନ୍ତା ତା୨୧।୦୧।୨୦୧୯ଠାରୁ କୃଷି ସମ୍ପ୍ରସାରଣ ଅଭିଯାନ ମାଧ୍ୟମରେ ଜିଲ୍ଲା କୃଷି ଅଧିକାରୀ ଜୁନାଗଡ଼ର ଜୁନାଗଡ଼, କଲମପୁର ଓ ଜୟପାଟଣା ବ୍ଲକର ବିଭିନ୍ନ ଗ୍ରାମରେ ତା୨୧।୦୧।୧୯ରିଖ ଠାରୁ ୩୦।୦୧।୨୦୧୯ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବିହନ ବିଶୋଧନ କରାଯିବ ଓ ବିହନ ବିଶୋଧନ ଉପରେ ଚାଷୀ ଭାଇଭଉଣୀମାନଙ୍କୁ ଅବଗତ କରାଯିବ। ଏହାର ସଫଳ ରୂପାୟନ ଦ୍ୱାରା ଜୁନାଗଡ଼ କୃଷି କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ଚାଷୀ ଭାଇଭଉଣୀମାନଙ୍କୁ ବିଶେଷ ଅନୁରୋଧ।
ସ୍ୱା./- ରାମକୃଷ୍ଣ ନାୟକ
ଜିଲ୍ଲା କୃଷି ଅଧିକାରୀ, ଜୁନାଗଡ଼

**CONTRACTUAL APPOINTMENT**
**ZILLA SWASTHYA SAMITI, CUTTACK**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, CUTTACK**
**WALK - IN - INTERVIEW**
No.: 804/DPMU/NHM/2019 Dates: 17.01.2019
Applications are invited from eligible candidates for different categories of Post viz. Staff Nurse NHM, Staff Nurse for PICU, HDU & HHDU under SAMPURNA, Pharmacist for MHT under RBSK, Pharmacist for UCHC, Pharmacist cum Logistic Asst. & Laboratory Technician for Cuttack under National Health Mission (NHM) on contractual basis for a term 11 months. The above mentioned positions are purely temporary. Canvassing in any form will render the candidate disqualified for the position.
Details on qualification, eligibility criteria, experience, selection modalities, date of Walk-in-Interview along with application form can be downloaded from the district website **www.cuttack.nic.in**.
Sd./- Chief District Medical & Public Health Officer, Cuttack

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar (Odisha)-751019
www.aiimsbhubaneswar.edu.in
File No. : AIIMS/BBSR/Engg./ 466 /2018-19 Dated : 17th Jan 2019
**NOTICE INVITING E-TENDER**
The All India Institute of Medical Sciences (AIIMS), Bhubaneswar invites e-Tender for the Work **"Construction of Approached Road with leveled PCC Platform for LMO at Hospital Complex, AIIMS, Bhubaneswar"** *(NIT No. : AIIMS/BBSR/Engg./ 041 /2018-19)*. The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.edu.in, www.tenderwizard.com / AIIMS BBSR & CPP Portal www.eprocure.gov.in.**
Sd/-
Executive Engineer (Civil)
AIIMS, Bhubaneswar

**N.A.C. OFFICE, CHAMPUA**
Ph. No. 06767 - 240050, E.mail: champuanac@gmail.com
**"e" PROCUREMENT NOTICE**
No. 3270 Date: 17.01.19
**BID IDENTIFICATION NO. EOCHAMPUANACNO.16/2018-19 AND TENDER ID NO.2019_ORULB_52459**
Bid documents consisting of specification the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in**.
1. Nature of the work — Civil
2. No. of works — 15 Nos.
3. Estimated cost — As per DTCN
4. Period of completion — As per DTCN
5. Date & time of availability of the bid documents in the portal — **From 11.00 hours of 18.01.2019 to 17.00 hours of 28.01.2019**
6. Last date / time for receipt of bids in the portal — **28.01.2019 upto 17.00 hour**
7. Bids received online shall be opened on — **30.01.2019 at 11.00 hour**
8. Name & address of the officer inviting bid — Executive Officer, N.A.C., Champua
Further the details can be seen from the procurement portal : **www.tendersorissa.gov.in**.
Sd./- Executive Officer, N.A.C., Champua

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER**
**DISTRICT: GANJAM, BERHAMPUR**
**Health & FW Department, Odisha**
Advt. No.: 13321 Date: 17.01.19
**Proposal invited from credible NGOs/ Trusts for impregnation of Community Owned Bed nets under Public Private Partnership mode under NVBDCP**
Application invited from credible NGOs/Trusts for impregnation of community owned bed nets in high malaria burden areas of selected Blocks in partnership mode. The eligible criteria per ToR are available in the district website **https://ganjam.nic.in**.
Interested NGOs/Trusts fulfilling eligible criteria mentioned may apply in the prescribed format with all relevant documents through Speed Post/Registered Post only directly to the CDM & PHO of the district on or before 31.1.19 by 4.00 P.M. The envelope of the application should be superscirbed as "Proposal for impregnation of Community owned Bed Nets" under NVBDCP. The applications received after due date as mentioned above will not be entertained. The authority reserves the right for cancellation/modification of the guideline for selection without assigning any reason thereof. No personal enquiry shall be entertained.
Sd./- CDM & PHO
Ganjam, Berhampur

**OFFICE OF THE PANCHAYAT SAMITI, JALESWAR**
Letter No.174 Date: 17.01.19
**SHORT TENDER CALL NOTICE No.02/JALESWAR/2018-19**
The Block Development officer, Jaleswar, Dist. Balasore invites sealed tenders (out of Scheme Rurban) on behalf of the Governor of Odisha in confirmity with the detailed tender call notice to be eventually drawn in **percentage rate bids** from registered contractors of Odisha PWD / WR / RWD/ NH / MI / CPWD / Contractors registered under this block for the following nature of work with stipulations as follows. The bidders may submit bids for any or all of the works separately.

| Sl. No. | Name of the GP | Name of the Work | Estimated cost in (lakh) | Amount put to tender in (Lakh) | Cost of tender papers (non-refundable in Rs.) | Bid security EMD 1% (In Rs.) | Period of completion | Class of contractor |
|---|---|---|---|---|---|---|---|---|
| 1 | Khuard | Const. of CC Road from Khuard Hospital Chaka to Mahuduma ice factory | 20.00 | 20.00 | 6000 | 20000 | 4 (Four calendar months) | D & C Class |
| 2 | Kaliko | Const. of CC Road from Bhadua Chaka to Tentula Chaka | 13.00 | 13.00 | 6000 | 13000 | 4 (Four calendar months) | D & C Class |

01. The details of tender documents can be purchased from the Office of the Block Development Officer, Jaleswar, District- Balasore, against non-refundable fee towards cost of the documents as indicated above in the form of cash or DD in favour of Block Development Officer, Jaleswar during the office working hours of all working days from **dtd.21.01.2019 to dt.28.01.2019**.
02. Tender schedule along with bill of quantities dully filled in with all relevant documents in a sealed cover must be delivered in the tender box in the office of the undersigned during working hours from **dtd.21.01.2019** to **dt.29.01.2019** upto **01.00 PM**.
03. The tender will be opened at **03.00 PM** on **Dt.29.01.2019** by the undersigned in presence of the tenderers or their authorized representatives who may be present at the time of opening.
04. The other details can be seen in the bidding documents.
05. The authority reserves all rights to reject or cancle any or all the tender without assigning any reason thereof.
Sd./- Block Development Officer, Jaleswar

ଭାରତୀୟ ବ୍ୟାଟିଂ ଅର୍ଡରରେ ଦଳର ଆବଶ୍ୟକତା ଅନୁସାରେ ମୁଁ ଯେକୌଣସି ସ୍ଥାନରେ ବ୍ୟାଟିଂ କରିବାକୁ ପ୍ରସ୍ତୁତ।
– ମହେନ୍ଦ୍ର ସିଂ ଧୋନୀ, ଭାରତୀୟ ଉଇକେଟକିପର



ସଚିନ ତେନ୍ଦୁଲକରଙ୍କୁ ମୁଁ ରାଗିଯିବାର ଦେଖିଛି କିନ୍ତୁ ମହେନ୍ଦ୍ର ସିଂ ଧୋନୀଙ୍କୁ ନୁହେଁ। ସେ ଜଣେ ଅତ୍ୟନ୍ତ ଥଣ୍ଡା ମିଜାଜର ବ୍ୟକ୍ତି।
– ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ ଦଳର କୋଚ୍



## ସଂକ୍ଷେପରେ

### ପ୍ରଶ୍ନ ଉଠାଇଲେ ଗାଭାସ୍କର

ମେଲବୋର୍ନ, ୧୮।୧(ପି.ଟି.): ଅଷ୍ଟ୍ରେଲିଆରେ ପ୍ରଥମ ଥର ଦ୍ୱିପାକ୍ଷିକ ଦିନିକିଆ ସିରିଜ୍ ଜିତିଥିବା ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ କାହିଁକି ଆୟୋଜକ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ପୁରସ୍କୃତ କରାଗଲା ନାହିଁ ବୋଲି ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କର ପ୍ରଶ୍ନ ଉଠାଇଛନ୍ତି। ଭାରତୀୟ ଦଳ ଆଡିଲେଡ୍ ଦିନିକିଆକୁ ୭ ଉଇକେଟରେ ଜିତିବା ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୨-୧ ବ୍ୟବଧାନରେ ହାତେଇ ନେଇଛି। ଏହି ଐତିହାସିକ ସିରିଜ୍‌ରୁ ଆୟ ହୋଇଥିବା ରାଜସ୍ୱରେ ଭାରତୀୟ ଖେଳାଳିଙ୍କ ମଧ ଅଂଶ ରହିବା କଥା। ମ୍ୟାନ୍ ଅଫ୍ ଦି ମ୍ୟାଚ ଯୁଜବେନ୍ଦ୍ର ଚହଲ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ବାବଦକୁ ମହେନ୍ଦ୍ର ସିଂ ଧୋନୀଙ୍କୁ ୫୦୦ ଆମେରିକୀୟ ଡଲାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ହେଲେ ଦୁଇ ଖେଳାଳିଙ୍କୁ ମିଳିଥିବା ଅର୍ଥରାଶିକୁ ଏକ ଚ୍ୟାରିଟିକୁ ପ୍ରଦାନ କରିବାକୁ ପଡ଼ିଛି। କିମ୍ବଦନ୍ତୀ ଆଡାମ ଗିଲକ୍ରିଷ୍ଟ ବିଜେତା ଦଳକୁ କେବଳ ଟ୍ରଫି ପ୍ରଦାନ କରିଥିଲେ। ଏହାକୁ ପରିହାସ କରି ଗାଭାସ୍କର କହିଛନ୍ତି, ବିଜେତା ଦଳକୁ କେବଳ ଟ୍ରଫି ମିଳିଲା। ଖେଳାଳିଙ୍କ ଯୋଗୁ ଆୟୋଜକମାନେ ସିରିଜ୍ ପ୍ରସାରଣରୁ ଅନେକ ଅର୍ଥ ଉପାର୍ଜନ କଲେ। ହେଲେ କେଉଁ କାରଣରୁ ଖେଳାଳିଙ୍କୁ ପୁରସ୍କାର ରାଶି ଦିଆଗଲା ନାହିଁ। ୱିମ୍ବେଲଡନ ଓପନରେ ଦେଖନ୍ତୁ ଖେଳାଳିଙ୍କୁ କେଉଁଭଳି ପୁରସ୍କୃତ କରାଯାଉଛି। ଖେଳାଳିଙ୍କ ପାଇଁ ଅଧିକ ରାଜସ୍ୱ ଆୟ ହୋଇପାରୁଛି। ଏଣୁ ଆୟୋଜକମାନେ ଖେଳାଳିଙ୍କୁ ଭଲ ଅଙ୍କର ପୁରସ୍କାର ରାଶି ଦେବା ଉଚିତ।



ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆ କ୍ରିକେଟ ସିରିଜ ବିଜୟୀ ଭାରତୀୟ ଦଳ।

## ଦିନିକିଆରେ ଅଷ୍ଟ୍ରେଲିଆରେ ଶ୍ରେଷ୍ଠ ବୋଲିଂ



ଯୁଜବେନ୍ଦ୍ର ଚହଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍।

- ୬/୪୨: ଅଜିତ ଅଗରକର ବନାମ ଅଷ୍ଟ୍ରେଲିଆ, ମେଲବୋର୍ନ, ୨୦୦୪
- ୬/୪୨: ଯୁଜବେନ୍ଦ୍ର ଚହଲ ବନାମ ଅଷ୍ଟ୍ରେଲିଆ, ମେଲବୋର୍ନ, ୨୦୧୯
- ୬/୪୩: ମିଚେଲ ଷ୍ଟାର୍କ ବନାମ ଭାରତ, ମେଲବୋର୍ନ, ୨୦୧୫
- ୬/୪୫: କ୍ରିସ୍ ୱୋକ୍ସ ବନାମ ଅଷ୍ଟ୍ରେଲିଆ, ବ୍ରିସବେନ, ୨୦୧୧

## ଭାରତର ଶ୍ରେଷ୍ଠ ବୋଲିଂ

- ୬/୪: ଷ୍ଟୁଆର୍ଟ ବିନ୍ନି ବନାମ ବାଂଲାଦେଶ, ୨୦୧୪
- ୬/୧୨: ଅନିଲ କୁମ୍ବଲେ ବନାମ ୱେଷ୍ଟଇଣ୍ଡିଜ, ୧୯୯୩
- ୬/୨୩: ଆଶିଷ ନେହେରା ବନାମ ଇଂଲଣ୍ଡ, ୨୦୦୩
- ୬/୨୫: କୁଲଦୀପ ଯାଦବ ବନାମ ଇଂଲଣ୍ଡ, ୨୦୧୮
- ୬/୨୭: ମୁରଲୀ କାର୍ତ୍ତିକ ବନାମ ଅଷ୍ଟ୍ରେଲିଆ, ୨୦୦୭
- ୬/୪୨: ଅଜିତ ଅଗରକର ବନାମ ଅଷ୍ଟ୍ରେଲିଆ, ୨୦୦୪
- ୬/୪୨: ଯୁଜବେନ୍ଦ୍ର ଚହଲ ବନାମ ଅଷ୍ଟ୍ରେଲିଆ, ୨୦୧୯

# କୋହଲି ବାହିନୀକୁ ବିରାଟ ସଫଳତା

ମେଲବୋର୍ନ, ୧୮।୧

ଯୁଜବେନ୍ଦ୍ର ଚହଲଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ ଏବଂ ମହେନ୍ଦ୍ର ସିଂ ଧୋନୀ ଓ କେଦାର ଯାଦବଙ୍କ ଅପରାଜିତ ଶତକୀୟ ଭାଗୀଦାରି ବଳରେ ଭାରତ ଶୁକ୍ରବାର ଅନୁଷ୍ଠିତ ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୭ ଉଇକେଟରେ ପରାସ୍ତ କରିଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୩୧ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଟିମ୍ ଇଣ୍ଡିଆ ୪୯.୨ ଓଭରରେ ୩ ଉଇକେଟ ହରାଇ ୨୩୪ ରନ ସଂଗ୍ରହ କରି ନେଇଥିଲା। ୫୦ତମ ଓଭରର ଦ୍ୱିତୀୟ ବଲ୍‌ରେ କେଦାର ମାରିଥିଲେ ବିଜୟ ସୂଚକ ଚୌକା। କ୍ରିଜରେ ଅପରାଜିତ ଥିବା ଦୁଇ ବ୍ୟାଟ୍ସମ୍ୟାନ କେଦାର ଓ ଧୋନୀ ପରସ୍ପରକୁ ଆଲିଙ୍ଗନ କରି ଅଭିନନ୍ଦନ ଜଣାଇଥିବାବେଳେ ଭାରତୀୟ ଡ୍ରେସିଂ ରୁମ୍‌ରେ ଆରମ୍ଭ ହୋଇ ଯାଇଥିଲା ବିଜୟ ଉତ୍ସବ। ଧୋନୀ ୮୭ ଓ କେଦାର ୬୧ ରନରେ ରହିଥିଲେ ଅପରାଜିତ। ଟେଷ୍ଟ ପରି ଅଷ୍ଟ୍ରେଲିଆରେ ଭାରତର ଏହାଥିଲା ଐତିହାସିକ ଦିନିକିଆ ସିରିଜ ବିଜୟ। କାରଣ ଏହା ପୂର୍ବରୁ କୌଣସି ଦ୍ୱିପାକ୍ଷିକ କ୍ରିକେଟ ସିରିଜରେ ଅଷ୍ଟ୍ରେଲିଆ ମାଟିରେ ଭାରତ କେବେହେଲେ ଏକଦିବସୀୟ ସିରିଜରେ ବିଜୟୀ ହୋଇ ନ ଥିଲା। କେବଳ ସେତିକି ନୁହେଁ ଏଥର ଅଷ୍ଟ୍ରେଲିଆ ଗସ୍ତରେ କୌଣସି ସିରିଜ ହାତଛଡ଼ା କରିନାହିଁ ଟିମ୍ ଇଣ୍ଡିଆ। ବର୍ଷା ବାଧାପ୍ରାପ୍ତ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ୧-୧ରେ ଡ୍ର ରହିଥିବାବେଳେ ଟେଷ୍ଟ ସିରିଜକୁ ୨-୧ରେ ଜିତି ଐତିହାସିକ ସଫଳତା ଲାଭ କରିଥିଲା ଟିମ୍ ଇଣ୍ଡିଆ। ଶେଷରେ ଦିନିକିଆ ସିରିଜରେ ଏକଦା ୦-୧ରେ ପଛୁଆ ରହିବା ସତ୍ତ୍ୱେ ସଫଳ ପ୍ରତ୍ୟାବର୍ତ୍ତନ କରି ଅଷ୍ଟ୍ରେଲିଆ ମାଟିରେ ବିରାଟ କୋହଲି ବାହିନୀ ଉଡ଼ାଇଛି ବିଜୟ ଧ୍ୱଜା। ଦିନିକିଆ ସିରିଜରେ ମଧ ଭାରତ ୨-୧ରେ ବିଜୟୀ ହୋଇଛି। ନିଜ କ୍ରିକେଟ ଜୀବନର ଶ୍ରେଷ୍ଠ ବୋଲିଂ କରି ୪୨ ରନରେ ୬ ଉଇକେଟ ସଫଳତା ପାଇଥିବା ଯୁଜବେନ୍ଦ୍ର ଚହଲ ହୋଇଛନ୍ତି ମ୍ୟାନ ଅଫ ଦି ମ୍ୟାଚ। ସେହିପରି ସମାଲୋଚନାକୁ ଖାତିର ନ କରି ୩ ମ୍ୟାଚରେ ୩ ଅର୍ଦ୍ଧଶତକ ହାସଲ କରିଥିବା ଧୋନୀ ପାଇଛନ୍ତି ମ୍ୟାନ ଅଫ ଦି ସିରିଜ ପୁରସ୍କାର।

### ଯୁଜବେନ୍ଦ୍ର ଶ୍ରେଷ୍ଠ

ଯୁଜବେନ୍ଦ୍ର ଚହଲଙ୍କ ଯାଦୁକରୀ ସ୍ପିନ ବଳରେ ଅଷ୍ଟ୍ରେଲିଆ ଇନିଂସ ୪୮.୪ ଓଭରରେ ୨୩୦ରେ ସୀମିତ ରହିଥିଲା। ୧୦ ଓଭର ବୋଲିଂ କରିଥିବା ଯୁଜବେନ୍ଦ୍ର ୪୨ ରନ ଦେଇ ୬ ଉଇକେଟ ହାସଲ କରିଥିଲେ। ଭୁବନେଶ୍ୱର କୁମାର ଓ ମହମ୍ମଦ ସାମିଙ୍କୁ ଅବଶିଷ୍ଟ ୪ଟି ଉଇକେଟ ମିଳିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ପିଟର ହ୍ୟାଣ୍ଡ୍ସକମ୍ବ ସର୍ବାଧିକ ୫୮, ଶନ୍ ମାର୍ଶ ୩୯, ଉସମାନ ଖ୍ୱାଜା ୩୪, ଗ୍ଲେନ୍ ମ୍ୟାକ୍ସୱେଲ ୨୬ ରନ କରି ଆଉଟ ହୋଇଥିଲେ।

### ଧୋନୀଙ୍କ ସ୍ଥିର ପ୍ରଦର୍ଶନ

ରନ ଚେଜ୍ କରିଥିବା ଭାରତ ଶୀଘ୍ର ରୋହିତ ଶର୍ମାଙ୍କ ଉଇକେଟ ହରାଇଥିଲା। ଦଳୀୟ ସ୍କୋର ୧୫ ହୋଇଥିବାବେଳେ ରୋହିତ ୯ ରନ କରି ପିଟର ସିଡ୍‌ଲେଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଭଲ ଆରମ୍ଭ ପାଇଥିଲେ ହେଁ ଶିଖର ଧାୱନ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସେ ବ୍ୟକ୍ତିଗତ ୨୩ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ବିରାଟ କୋହଲି ଓ ମହେନ୍ଦ୍ର ସିଂ ଧୋନୀ ସତର୍କତାର ସହ ବ୍ୟାଟିଂ କରି ଇନିଂସକୁ ଆଗକୁ ବଢ଼ାଇଥିଲେ। ତେବେ ତୃତୀୟ ଉଇକେଟରେ ୫୪ ରନ ଯୋଗ ହେବାପରେ କୋହଲି ଆଉଟ ହେବାରୁ ଭାରତକୁ ଶକ୍ତ ଝଟ୍‌କା ଲାଗିଥିଲା। ୬୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା କୋହଲି ୩ ଚୌକା ସହାୟତାରେ ୪୬ ରନ ସଂଗ୍ରହ କରିଥିଲେ। କୋହଲିଙ୍କ ସ୍ଥାନରେ କ୍ରିଜ୍‌କୁ ଆସିଥିଲେ କେଦାର ଯାଦବ। ଘଡ଼ିସନ୍ଧି ମୁହୂର୍ତ୍ତରେ ୫ ନମ୍ବର ସ୍ଥାନରେ ତାଙ୍କର ଚୟନକୁ ଉଚିତ ସାବ୍ୟସ୍ତ କରିଥିଲେ କେଦାର। ସେ ଧୋନୀଙ୍କୁ ଉପଯୁକ୍ତ ସହାୟତା ଦେଇ ବଡ଼ ପାର୍ଟନରଶିପ୍ ଗଢ଼ିବାରେ ସହାୟକ ହୋଇଥିଲେ। ଫଳରେ ଭାରତ ବିଜୟ ଦିଗରେ ଅଗ୍ରସର ହୋଇଥିଲା। ମ୍ୟାଚରେ ଅଷ୍ଟ୍ରେଲିଆର ଫିଲ୍ଡିଂ ଖରାପ ହୋଇଥିଲା। ଫିଲ୍ଡରମାନେ କେତେକ କ୍ୟାଚ ହାତଛଡ଼ା କରିଥିଲେ। ଏହାର ଭରପୂର ସୁଯୋଗ ନେଇ କେଦାର ଓ ଧୋନୀ ଅସମାପ୍ତ ୪ର୍ଥ ଉଇକେଟରେ ୧୨୧ ରନର ଭାଗୀଦାରି ଗଢ଼ି ଦଳକୁ ଜିତାଇଥିଲେ। ଧୋନୀ ୧୧୪ଟି ବଲ ଖେଳି ୬ ଚୌକା ସହାୟତାରେ ୮୭ ଓ କେଦାର ୫୭ ବଲରୁ ୭ ଚୌକା ସହ ୬୧ ରନ କରି ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ରିଚାର୍ଡସନ, ସିଡଲ ଓ ଷ୍ଟୋଇନିସ୍ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ପୂରା ସିରିଜରେ ଧୋନୀ ସ୍ଥିର ପ୍ରଦର୍ଶନ କରିଥିଲେ। ସେ ୩ ମ୍ୟାଚରେ ୩ଟି ଅର୍ଦ୍ଧଶତକ ହାସଲ କରିଥିଲେ। ଏଥିରୁ ୨ଟି ମ୍ୟାଚରେ ସେ ଅପରାଜିତ ମଧ ରହିଥିଲେ। ଅଷ୍ଟ୍ରେଲିଆ ମାଟିରେ ଭାରତର ଏହା ସର୍ବପ୍ରଥମ ଦ୍ୱିପାକ୍ଷିକ ଦିନିକିଆ କ୍ରିକେଟ ସିରିଜ ବିଜୟ। ୧୯୮୫ରେ ଅଷ୍ଟ୍ରେଲିଆରେ ୱାର୍ଲ୍ଡ ଚାମ୍ପିୟନ୍ସ ଅଫ୍ କ୍ରିକେଟ ଓ ୨୦୦୮ରେ ସିବି ସିରିଜ୍‌ରେ ଭାରତ ବିଜୟୀ ହୋଇଥିଲା। ଏଥର ପ୍ରଥମଥରପାଇଁ ଦ୍ୱିପାକ୍ଷିକ ଏକଦିବସୀୟ ସିରିଜ ଜିତି ଇତିହାସ ରଚିଛି ଟିମ୍ ଇଣ୍ଡିଆ।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ୪୮.୪ ୨୩୦ ଅଲଆଉଟ (ହ୍ୟାଣ୍ଡ୍ସକମ୍ବ– ୫୮, ମାର୍ଶ– ୩୯, ଖ୍ୱାଜା– ୩୪, ଚହଲ– ୬/୪୨, ଭୁବନେଶ୍ୱର– ୨/୨୮, ସାମି– ୨/୪୭)।
ଭାରତ ୪୯.୨ ଓଭରରେ ୨୩୪/୩ (ଧୋନୀ– ୮୭*, ଯାଦବ– ୬୧*, କୋହଲି– ୪୬, ଧାୱନ– ୨୩, ରିଚାର୍ଡସନ– ୧/୨୭, ସିଡଲ– ୧/ ୫୬, ଷ୍ଟୋଇନିସ– ୧/୬୦)।



ମ୍ୟାଚ୍ ପରେ ଦୁଃଖାଭିଭୂତ ଅଷ୍ଟ୍ରେଲିଆ ଖେଳାଳି। ବିଜୟ ଖୁସିରେ ପରସ୍ପରକୁ ଅଭିନନ୍ଦନ ଜଣାଉଛନ୍ତି ମହେନ୍ଦ୍ର ସିଂ ଧୋନୀ ଓ କେଦାର ଯାଦବ।

# ମୁହଁ ଖୋଲିଲେ ଶାସ୍ତ୍ରୀ

ମେଲବୋର୍ନ,୧୮।୧(ପି.ଟି.)

ଅଷ୍ଟ୍ରେଲିଆରେ ଭାରତୀୟ କ୍ରିକେଟ ଦଳର ସଫଳତା ପରେ କୋଚ ରବି ଶାସ୍ତ୍ରୀ ତାଙ୍କ ସମାଲୋଚକଙ୍କ ଉଦ୍ଦେଶ୍ୟରେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଯଦି ଗଠନମୂଳକ ପ୍ରସ୍ତାବ ଆସେ ତେବେ ସେ ତାହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି। ମାତ୍ର ସମାଲୋଚନା ଯଦି ଏଜେଣ୍ଡା ଭିତ୍ତିକ ହୁଏ ତେବେ ସେ ତାହାର ଉଚିତ୍ ଜବାବ ଦେବାକୁ ପଛାଇବେ ନାହିଁ। ସମାଲୋଚକ ଜଣକ ଜଣେ ସାଧାରଣ ବ୍ୟକ୍ତି ଅବା ଭେଟେରାନ ହୁଅନ୍ତୁ ସେଥିରେ କୌଣସି ଫରକ ପଡ଼ୁନାହିଁ। ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ ଭନ୍ ଏକ ଖବରକାଗଜ ପାଇଁ ଶାସ୍ତ୍ରୀଙ୍କ ସାକ୍ଷାତ୍‌କାର ନେଉଥିବାବେଳେ ସେ ଏକଥା କହିଛନ୍ତି। ନିକଟରେ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ଭାରତୀୟ ଦଳକୁ ସମାଲୋଚନା କରିଥିଲେ। ପର୍ଥ ଟେଷ୍ଟରେ ପରାଜୟ ପାଇଁ ସେ ଦଳର କମ୍ବିନେଶନ ଓ ଟ୍ରେନିଂ ପଦ୍ଧତି ଉପରେ ପ୍ରଶ୍ନ ଉଠାଇଥିଲେ। ଶାସ୍ତ୍ରୀ ଏହାକୁ ନିୟୁତ ମାଇଲ୍ ଦୂରରେ ଥାଇ ଫାଙ୍କା ଗୁଳିଚାଳନା କରିବା ସହ ସମାନ ବୋଲି କହିଥିଲେ। ଜବାବରେ ଭାରତର ମହାନ ଓପନର କହିଥିଲେ ଏହି ଫାଙ୍କା ଗୁଳିଚାଳନା ଦ୍ୱାରା ଭାରତ ମେଲବୋର୍ନଠାରେ ଭଲ ପ୍ରଦର୍ଶନ କରିଥିଲା। ସଚିନ ତେନ୍ଦୁଲକର ଓ ବିରାଟ କୋହଲିଙ୍କ ମଧ୍ୟରେ କୌଣସି ସମାନତା ରହିଛିକି ବୋଲି ଅନେକ ପଚାରିଥାନ୍ତି। ଏହି ଦୁଇ ଖେଳାଳିଙ୍କ ମଧ୍ୟରେ ଅନେକ ଫରକ ରହିଛି। ବିରାଟ ଭିଭିଆନ ରିଚାର୍ଡ୍ସଙ୍କ ଭଳି ବ୍ୟାଟିଂ କରିଥାନ୍ତି। ଯେକୌଣସି ଦଳର ଫାଷ୍ଟ ବୋଲରଙ୍କୁ ସେ ଦୃଢତାର ସହିତ ସାମ୍ନା କରିଥାନ୍ତି। ଖେଳରେ ଉନ୍ନତି ଆଣିବା ଲାଗି ସେ କଠିନ ପରିଶ୍ରମ କରିବା ଲାଗି ସବୁବେଳେ ପ୍ରସ୍ତୁତ ଥାନ୍ତି। କୋହଲିଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ସୂଚନା ଦେବାକୁ ଯାଇ ଭାରତୀୟ କୋଚ୍ କହିଛନ୍ତି, କୋହଲି ଓ ତାଙ୍କ ଚିନ୍ତାଧାର ମଧ୍ୟରେ ଅନେକ ମେଳ ରହିଛି। ସେ ତାଙ୍କ ଟିମ୍‌ମେଟ୍ ପାଇଁ ଖୁବ୍ ଯତ୍ନଶୀଳ ଏବଂ ନିଜକୁ ରୋଲ ମଡେଲ ଭାବେ ପ୍ରତିଷ୍ଠା କରିବାକୁ ଚେଷ୍ଟା କରିଥାନ୍ତି। ଯୁବ ଖେଳାଳିମାନେ ଶର୍ଟ ଫର୍ମାଟ ତୁଳନାରେ ଜଣେ ଦକ୍ଷ ଟେଷ୍ଟ ଖେଳାଳି ହେବା ଦିଗରେ ବିଶେଷ ଧ୍ୟାନ ଦେବା ଉଚିତ୍ ବୋଲି କୋହଲି ଯୁବ ଖେଳାଳିଙ୍କୁ ଆହ୍ୱାନ କରି କହିଥିଲେ।

# ସାଇରେ ସିବିଆଇ ଚଢ଼ାଉ: ୬ ଅଧିକାରୀ ଗିରଫ

ନୂଆଦିଲ୍ଲୀ,୧୮।୧

ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମ ନିକଟସ୍ଥ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) କାର୍ଯ୍ୟାଳୟରେ ସେଣ୍ଟ୍ରାଲ ବ୍ୟୁରେ ଅଫ୍ ଇନ୍‌ଭେଷ୍ଟିଗେଶନ (ସିବିଆଇ) ତରଫରୁ ଚଢ଼ାଉ କରାଯାଇଛି। ଲାଞ୍ଚ ନେବା ଅଭିଯୋଗରେ ସାଇର ୬ଜଣ ଅଧିକାରୀଙ୍କୁ ଗିରଫ କରାଯାଇଛି। ପୂର୍ବରୁ କେତେଜଣ ଅଧିକାରୀ ଲାଞ୍ଚ ନେଉଥିବାର ଅଭିଯୋଗ ଆସିବା ପରେ ସିବିଆଇ ତରଫରୁ ଏହି ରେଡ୍ କରାଯାଇଥିଲ। ନିର୍ଦ୍ଦେଶକ ସ୍ତରର କେତେଜଣ ଅଧିକାରୀ ଏଥିରେ ସାମିଲ ଥିଲେ। ଗିରଫ ହୋଇଥିବା ଅଧିକାରୀଙ୍କ ମଧ୍ୟରେ ସାମିଲ ହୋଇଛନ୍ତି ଡାଇରେକ୍ଟର ଇନ୍ ଜେନେରାଲ ଆଡମିନ୍ଷ୍ଟ୍ରେଶନ ୱିଙ୍ଗ୍ ଏସ୍.କେ. ଶର୍ମା, ଆକାଉଣ୍ଟ ଅଫିସର ଲଳିତ ଜୋଲି। ସେହିପରି ଜୁନିୟର ଆକାଉଣ୍ଟାଣ୍ଟ ହରେନ୍ଦ୍ର ପ୍ରସାଦ, ଅପର ଡିଭିଜନାଲ କ୍ଲର୍କ ଭି.କେ. ଶର୍ମା ଓ ଦୁଇ ବେସରକାରୀ ବ୍ୟକ୍ତି ମନଦୀପ ଆହୁଜା ଓ ତାଙ୍କ ସହଯୋଗୀ ଯୁନୁସଙ୍କୁ ମଧ ଗିରଫ୍ କରାଯାଇଛି।

ଦେଶକୁ ଦୁର୍ନୀତି ମୁକ୍ତ କରିବା ପାଇଁ ଆମର ପ୍ରୟାସ ଜାରି ରହିଛି ଓ ସେଥିପାଇଁ ସିବିଆଇ ତରଫରୁ ଏହି ପଦକ୍ଷେପ ନିଆଯାଇଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ଟୁଇଟ୍ କରି ଜଣାଇଛନ୍ତି। ପୁଣି କ୍ରୀଡ଼ାକୁ ଦୁର୍ନୀତି ମୁକ୍ତ କରିବାର ଯଥେଷ୍ଟ ଆବଶ୍ୟକାତ ରହିଛି ବୋଲି ସେ କହିଛନ୍ତି। ସାଇ ନିର୍ଦ୍ଦେଶକ ନିଲମ କପୁର ମଧ ଏ ନେଇ ନିଜର ମତ ରଖିଛନ୍ତି। ସାଇରେ ଦୁର୍ନୀତି ଚାଲୁଥିଲା ବୋଲି ଆମେ ଅଭିଯୋଗ ପାଇଥିଲୁ। ଫଳରେ ସିବିଆଇକୁ ତଦନ୍ତ କରିବାକୁ ସୁପାରିସ କରିଥିଲୁ। ଏକ ୧୫ ଜଣିଆ ସିବିଆଇ ଅଧିକାରୀ ଏହି ରେଡ୍‌ରେ ସାମିଲ ହୋଇଥିଲେ। ଜଣେ ଗିରଫ ଅଧିକାରୀଙ୍କ ସ୍ତ୍ରୀ ମଧ ଏହି ଦୁର୍ନୀତିରେ ସାମିଲ ଅଛନ୍ତି ବୋଲି କୁହାଯାଇଛି।

# ଟାଉନ୍ କ୍ଲବ ଫାଇନାଲରେ

ଭୁବନେଶ୍ୱର, ୧୮।୧(ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱରର ଟାଉନ୍ କ୍ଲବ ଖରିଆରଠାରେ ଚାଲିଥିବା କେସିଏସଏ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ଟାଉନ୍ କ୍ଲବ ନୂଆପଡ଼ାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଟାଉନ୍ କ୍ଲବ ୯ ଉଇକେଟ ହରାଇ ୨୧୩ ରନ କରିଥିଲା। ଦଳ ପକ୍ଷରୁ ଦୀପକ ମାଝି ୨୩ ବଲ୍‌ରେ ୬୯, ବିଶାଲ କର ୧୩ ବଲ୍‌ରୁ ୪୪, ମାନସ ଦାସ ୨୯ ଓ ରାକେଶ ବେହେରା ୨୮ ରନ କରିଥିଲେ। ନୂଆପଡ଼ା ବୋଲରଙ୍କ ମଧ୍ୟରେ ସାଗର ହଂସ, ଦୁର୍ଗା ଓ ଦେବାଶିଷ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୧୪ ରନ ବିଜୟ ଲକ୍ଷ୍ୟନେଇ ବ୍ୟାଟିଂ କରିଥିବା ନୂଆପଡ଼ା ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୫୪ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ରିଙ୍କୁ ସିଂ ୪୨ ବଲ୍‌ରୁ ସର୍ବାଧିକ ୫୫ ରନ କରି ଅପରାଜିତ ରହିଥିଲେ। ବିଜୟୀ ଦଳର ସୁଶୀଲ ବାରିକ, ଦୀପକ ମାଝି, ମାନସ ଦାସ ୨ଟି ଲେଖାଏ ଏବଂ ବିଶାଲ କର, ସୁମନ ମହାରଣା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦୀପକ ମାଝିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ୧୯ ତାରିଖରେ ଟାଉନ୍ କ୍ଲବ ଓ ପାଟଣାଗଡ଼ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ସମ୍ବଲପୁର, ପୁରୀ, ଅନୁଗୋଳ, କେନ୍ଦ୍ରାପଡ଼ା ସେମିରେ

## ଓଡ଼ିଶା ଟେନିସ୍ ପ୍ରିମିୟର ଲିଗ୍

ଭୁବନେଶ୍ୱର, ୧୮।୧(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ଟେନିସ ପ୍ରିମିୟର ଲିଗ୍‌ର ସେମିଫାଇନାଲ ଲାଇନ୍‌ଅପ୍ ଧାର୍ଯ୍ୟ ହୋଇଛି। ଗ୍ରୁପ୍ 'ଏ'ରୁ ସମ୍ବଲପୁର ଶୁଟର୍ସ ୮୦ ଓ ପୁରୀ ୱେଭର୍ସ ୭୧ ଏବଂ ଗ୍ରୁପ 'ବି'ରୁ ଅନୁଗୋଳ ଏସର୍ସ ୭୫ ଓ କେନ୍ଦ୍ରାପଡ଼ା କଷ୍ଟେଣ୍ଡର୍ସ ୭୨ ପଏଣ୍ଟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁଟର୍ସ-କଷ୍ଟେଣ୍ଡର୍ସ ଏବଂ ଏସର୍ସ-ୱେଭର୍ସ ମଧ୍ୟରେ ସେମିଫାଇନାଲ ମୁକାବିଲା ହେବ। ଶୁକ୍ରବାର ଅନୁଷ୍ଠିତ ମ୍ୟାଚଗୁଡ଼ିକରେ ଅନୁଗୋଳ ଏସର୍ସ ୪-୧ରେ କେନ୍ଦ୍ରାପଡ଼ା କଷ୍ଟେଣ୍ଡର୍ସ, ସମ୍ବଲପୁର ଶୁଟର୍ସ ୪-୧ରେ ପୁରୀ ୱେଭର୍ସ, କଟକ କନ୍‌କ୍ୱର୍ସ ୪-୧ରେ ଖୋର୍ଦ୍ଧା ୱାରିୟର୍ସ ଏବଂ ସୁନ୍ଦରଗଡ଼ ଭୀରାନ୍ସ ୩-୨ରେ ଭଦ୍ରକ ଭିକ୍ଟର୍ସଙ୍କୁ ପରାସ୍ତ କରିଛି।
**ଫାଇନାଲ ଷ୍ଟାଣ୍ଡିଂ:** ଗ୍ରୁପ 'ଏ'-ସମ୍ବଲପୁର ଶୁଟର୍ସ-୮୦, ପୁରୀ ୱେଭର୍ସ-୭୧, କଟକ କନ୍‌କ୍ୱର୍ସ-୬୬, ଖୋର୍ଦ୍ଧା ୱାରିୟର୍ସ-୫୦ ପଏଣ୍ଟ। ଗ୍ରୁପ 'ବି'-ଅନୁଗୋଳ ଏସର୍ସ-୭୫, କେନ୍ଦ୍ରାପଡ଼ା କଷ୍ଟେଣ୍ଡର୍ସ-୭୨, ସୁନ୍ଦରଗଡ଼ ଭୀରାନ୍ସ-୬୬, ଭଦ୍ରକ ଭିକ୍ଟର୍ସ-୬୦ ପଏଣ୍ଟ।



ଜଣେ ପ୍ରତିଯୋଗୀ ରିଟର୍ନ ଶଟ୍ ଖେଳୁଛନ୍ତି।

# ବୋର୍ଡ ଏକାଦଶ ବିଜୟୀ

## ପପୁ ରାୟଙ୍କୁ ସଫଳତା



କଟକ ଅଫିସ,୧୮।୧

ତ୍ରିଭେନ୍ଦ୍ରମର ସେଣ୍ଟ ଜାଭିୟର୍ସର କେସିଏ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାର ଇଂଲଣ୍ଡ ଲାୟନ୍ସ ଓ ବୋର୍ଡ ସଭାପତି ଏକାଦଶ ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ୱାର୍ମଅପ ସିରିଜରେ ବୋର୍ଡ ସଭାପତି ଏକାଦଶ ଦଳ ପ୍ରଥମ ମ୍ୟାଚକୁ ୪ ଉଇକେଟରେ ଜିତିଛି। ଇଂଲଣ୍ଡ ଲାୟନ୍ସ ପକ୍ଷରୁ ଧାର୍ଯ୍ୟ ୨୫୬ରନର ବିଜୟ ଲକ୍ଷ୍ୟକୁ ଋତୁରାଜ ଗାଏକ୍ୱାଡ୍‌ଙ୍କ ୧୧୦ରନ ଓ ରିକି ଭୁଇଙ୍କ ଅପରାଜିତ ୯୩ରନ ଇନିଂସ ବଳରେ ବୋର୍ଡ ସଭାପତି ଏକାଦଶ ହାସଲ କରି ନେଇଛି। ଦଳରେ ସ୍ଥାନ ପାଇଥିବା ଏକମାତ୍ର ଓଡ଼ିଆ ଖେଳାଳି ପପୁ ରାୟଙ୍କୁ ଗୋଟିଏ ଉଇକେଟ ମିଳିଛି।

ସାମ ବିଲିଙ୍ଗ୍ସଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ଲାୟନ୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଉଇକେଟ କିପର ଆଲେକ୍ସ ଡେଭିସ ଓ ବେନ ଡୁକେଟ ଓପନିଂ ଯୋଡ଼ିରେ ୫୫ରନ ସଂଗ୍ରହ କରିଥିଲେ। ପରେ ସାମ ହେନ (୩୧ରନ) ଓ ଅଧିନାୟକ ବିଲିଙ୍ଗସ(୩୧ରନ) ଅଧିକ ସମୟ କ୍ରିଜରେ ତିଷ୍ଠି ପାରି ନ ଥିଲେ ମଧ ଉଇକେଟ କିପର ଡେଭିସଙ୍କ ବ୍ୟାଟରୁ ବଡ ଶଟ ଦେଖିବାକୁ ମିଳିଥିଲା। ୧୨୩ ବଲରୁ ଶତକ ପୂରଣ କରିଥିଲେ ଡେଭିସ। ମାତ୍ର ଏହା ପରବର୍ତ୍ତୀ ଓଭରରେ ବୋଲିଂ କରିଥିବା ବାମହାତୀ ଅର୍ଥୋଡକ୍ସ ପପୁଙ୍କ ପ୍ରଥମ ବଲରେ ହିଁ ଡେଭିସ ତୁଷାରଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ଲୁଇସ ଗ୍ରେଗୋରୀ ୨୫ରନ ଓ ଡୋମିନିକ ବେସ ୫ରନରେ ଅପରାଜିତ ଥିଲେ। ଇଂଲଣ୍ଡ ଲାୟନ୍ସ ୬ ଉଇକେଟ ହରାଇ ୨୫୫ରନ କରିଥିଲା। ବୋର୍ଡ ସଭାପତି ଏକାଦଶ ପକ୍ଷରୁ ମୟଙ୍କ ମାର୍କଣ୍ଡେ ସର୍ବାଧିକ ୩ଟି ଉଇକେଟ ଦଖଲ କରିଥିଲେ। ପପୁ ୬ ଓଭର ବୋଲିଂ କରି ୩୬ରନ ବିନିମୟରେ ଗୋଟିଏ ଉଇକେଟ ପାଇଥିଲେ। ଜବାବରେ ବୋର୍ଡ ସଭାପତି ଏକାଦଶ ପ୍ରାରମ୍ଭରୁ ଦମଦାର ବ୍ୟାଟିଂ କରିଥିଲା। ଓପନିଂ ଯୋଡ଼ିରେ ଋତୁରାଜ ଗାଏକ୍ୱାଡ ଓ ଅଧିନାୟକ ଇଶାନ କିଶାନ ୯୪ରନ ସଂଗ୍ରହ କରିଥିଲେ। ଇଶାନ ୩୪ରନରେ ଆଉଟ ହେବା ପରେ ରିକି ଭୁଇ ଓ ଋତୁରାଜ ଦ୍ୱିତୀୟ ଉଇକେଟରେ ୧୨୪ରନର ଭାଗୀଦାରି ସୃଷ୍ଟି କରିଥିଲେ। ଋତୁରାଜ ୧୧୦ରନରେ ଆଉଟ ହେବା ପରେ ଦୀପକ ହୁଡ଼ା ୧ରନ, ରଜତ ପଟିଦାର ୦ରନ, ଜେଜେ ଯାଦବ ୨ରନ, ପିପି ଜୈସ୍ୱାଲ ୦ରନରେ ଆଉଟ ହୋଇଥିଲେ। ୧୬ରନରେ ବୋର୍ଡ ସଭାପତି ଏକାଦଶ ୪ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମାତ୍ର ରିକି ଓ ମୟଙ୍କ ଦଳକୁ ବିଜୟ ଲକ୍ଷ୍ୟରେ ପହଞ୍ଚାଇଥିଲେ। ଇଂଲଣ୍ଡ ଲାୟନ୍ସ ପକ୍ଷରୁ ଜ୍ୟାକ ଚାପେଲ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ।



## ସଂକ୍ଷେପରେ

### ସେମିରେ ସାଇନା

କୁଆଲାଲମ୍ପୁର, ୧୮।୧(ପି.ଟି.)- ଭାରତୀୟ ଷ୍ଟାର୍ ଶଟ୍‌ଲର ସାଇନା ନେହ୍ୱାଲ ପୂର୍ବତନ ବିଶ୍ୱ ଚାମ୍ପିୟନ ନାଜୋମି ଓକୁହାରାଙ୍କୁ ହରାଇ ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ପୁରୁଷ ଖେଳାଳି କିଡାମ୍ବି ଶ୍ରୀକାନ୍ତ କ୍ୱାର୍ଟର ପର୍ଯ୍ୟାୟରୁ ପରାଜୟ ସହ ବିଦାୟ ନେଇଛନ୍ତି। ୭ମ ସିଡ୍ ସାଇନା ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍ ଆରମ୍ଭରୁ ୯-୧୫ ଓ ୧୪-୧୮ ପଏଣ୍ଟରେ ପଛୁଆ ଥିଲେ ମଧ ପ୍ରଥମ ଗେମ୍‌କୁ ୨୧-୧୮ ବ୍ୟବଧାନରେ ଜିତି ନେଇଥିଲେ। ଏହାପରେ ଦ୍ୱିତୀୟ ଗେମ୍‌କୁ ୨୩-୨୧ ପଏଣ୍ଟରେ ହାତେଇ ଟୁର୍ନାମେଣ୍ଟର ଅନ୍ତିମ ୪' ପର୍ଯ୍ୟାୟରେ ସ୍ଥାନ ପକ୍କା କରିଛନ୍ତି। ପୁରୁଷ ସିଙ୍ଗଲ୍ସ ବର୍ଗରେ ଶ୍ରୀକାନ୍ତ ୨୩-୨୧, ୧୬-୨୧, ୧୭-୨୧ ଗେମ୍‌ରେ ୪ର୍ଥ ସିଡ୍ କୋରିଆନ ଖେଳାଳି ସୋନ ୱାନ ହୋଙ୍କଠାରୁ ପରାସ୍ତ ହୋଇଛନ୍ତି।

### ଆଜିଠୁ ଯାଜପୁର ଓପନ ଚେସ୍ ଚାମ୍ପିୟନଶିପ୍

ଭୁବନେଶ୍ୱର,୧୮।୧(ସ୍ପୋର୍ଟ୍ସ ବ୍ୟୁରୋ): ଅଲ ଓଡ଼ିଶା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଯାଜପୁର ୟୁନାଇଟେଡ୍ ଚେସ୍ ଆସୋସିଏଶନ ପକ୍ଷରୁ ଶନିବାରଠାରୁ ଯାଜପୁରରୋଡ଼ସ୍ଥ ଗ୍ଲୋରିଅସ ଇଂଲିଶ ମିଡିୟମ ସ୍କୁଲ ପରିସରରେ ଯାଜପୁର ଓପନ ଚେସ ଚାମ୍ପିୟନଶିପ ଆରମ୍ଭ ହେବ। ଉଭୟ ପୁରୁଷ ଓ ମହିଳା ବିଭାଗର ସିନିୟର ଓ ଜୁନିୟର ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜୁନିୟର ବିଭାଗରେ ୬ବର୍ଷ, ୭ ବର୍ଷ, ୮ବର୍ଷ, ୯ ବର୍ଷ, ୧୦ବର୍ଷ ଓ ୧୧ବର୍ଷରୁ କମ୍ ବୟସର ଖେଳାଳିମାନେ ଅଂଶଗ୍ରହଣ କରିପାରିବେ। ୭ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟ ବିଭିନ୍ନ ବର୍ଗର ବିଜେତାଙ୍କୁ ୩୫ ଟ୍ରଫି ସହ ମୋଟ ୧୬ ହଜାର ଟଙ୍କା ପ୍ରଦାନ କରାଯିବ। ଉଭୟ ବିଭାଗର ଟପ୍ ୧୦ ମଧ୍ୟରେ ଥିବା ଖେଳାଳିଙ୍କୁ ମଧ ପୁରସ୍କୃତ କରାଯିବ। ସିନିୟର ଓ ଜୁନିୟର ବିଭାଗର ଚାମ୍ପିୟନଙ୍କୁ ଯଥାକ୍ରମେ ୪ ଓ ୨ ହଜାର ଟଙ୍କାର ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯିବ।

" ଜଣେ ପ୍ରତିଯୋଗୀ ହିସାବରେ ମୁଁ ମ୍ୟାଚ ଜିତିବାକୁ ଭଲପାଏ, ସେ ତୁଳନାରେ ପରାଜୟକୁ ଅଧିକ ଘୃଣାକରେ ଏବଂ ଏହାକୁ ଭୁଲିଯିବାକୁ ଚେଷ୍ଟା କରେ।
– କାରୋଲିନ୍ ଓଜନିଆକି, ମହିଳା ଟେନିସ ଖେଳାଳି



" ଶନିବାର ଲାସ ଭେଗାସଠାରେ ଆଡ୍ରିନ୍ ବ୍ରୋନରଙ୍କ ବିପକ୍ଷ ମୁକାବିଲା ପରେ ମୁଁ ମୋ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବି।
– ମ୍ୟାନି ପାକ୍ୱିଓ, ଫିଲିପାଇନ୍ସ ଭେଟେରାନ ବକ୍ସର



# ଭାରତୀୟ ଦଳରେ ଦୀପଗ୍ରେସ୍, ଲିଲିମା

ନୂଆଦିଲ୍ଲୀ,୧୮।୧(ପି.ଟି.)

ଜାନୁୟାରୀ ୨୬ ଆରମ୍ଭ ହେବାକୁ ଥିବା ଭାରତୀୟ ମହିଳା ହକି ଦଳର ସ୍ପେନ୍ ଗସ୍ତ ପାଇଁ ଏକ ୧୮ ଜଣିଆ ଦଳ ଘୋଷଣା କରାଯାଇଛି। ଶୁକ୍ରବାର ହକି ଇଣ୍ଡିଆ ଏହି ଦଳ ଘୋଷଣ କରିଛି। ଅଭିଜ୍ଞ ଷ୍ଟ୍ରାଇକର ରାନୀ ରାମପାଲଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସେହିପରି ଅଭିଜ୍ଞ ଗୋଲକିପର ସବିତା ତାଙ୍କର ଡେପୁଟି ନିଯୁକ୍ତ ହୋଇଛନ୍ତି। ଦୁଇ ତାରକା ଓଡ଼ିଆ ଖେଳାଳି ସୁନୀତା ଲାକ୍ରା ଓ ନମିତା ଟପ୍ପୋଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଦୀପଗ୍ରେସ୍ ଏକ୍କା ଓ ଲିଲିମା ମିଞ୍ଜ୍‌ଙ୍କୁ ଦଳରେ ସାମିଲ କରାଯାଇଛି। ଏହି ଗସ୍ତରେ ଭାରତ ସ୍ପେନ ବିପକ୍ଷରେ ୪ଟି ମ୍ୟାଚ୍ ଖେଳିବ। ସେହିପରି ମହିଳା ବିଶ୍ୱକପ୍ ରନର୍ସଅପ ଆୟର୍ଲାଣ୍ଡ ବିପକ୍ଷରେ ଦୁଇଟି ମ୍ୟାଚ୍ ଖେଳିବ। ଆସନ୍ତା ୨୪ ତାରିଖରେ ଭାରତୀୟ ଦଳ ବେଙ୍ଗାଲୁରୁରୁ ସ୍ପେନ ଅଭିମୁଖେ ଯାତ୍ରା ଆରମ୍ଭ କରିବ। ବେଙ୍ଗାଲୁରୁରେ ଦୁଇ ସପ୍ତାହ ଧରି ଭାରତୀୟ ଦଳର ଜାତୀୟ ଅଭ୍ୟାସ ଶିବିର ଚାଲିଥିଲା।


ଦୀପ୍ ଗ୍ରେସ୍ ଏକ୍କା


ଲିଲିମା ମିଞ୍ଜ

ସବିତାଙ୍କୁ ବାଦ୍ ଦେଲେ ରଜନୀ ଏଟିମାର୍ପୁ ମଧ ଗୋଲକିପର ହିସାବରେ ଭାରତୀୟ ଦଳରେ ସାମିଲ ରହିଛନ୍ତି। ଇଞ୍ଜୁରୀ କାରଣରୁ ବିଶ୍ୱକପ୍ ଓ ଜାକାର୍ତ୍ତା–ପାଲେମ୍ବାଙ୍ଗ୍‌ଠାରେ ଅନୁଷ୍ଠିତ ଏସିଆନ୍ ଗେମ୍ସରୁ ବାଦ୍ ପଡିଥିବା ତାରକା ଡିଫେଣ୍ଡର ସୁଶୀଲା ଚାନୁ ପୁଖରାମବାମ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୟୁଥ୍ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିବା ୧୮ ବର୍ଷରୁ କମ୍ ଭାରତୀୟ ଦଳର ଅଧିନାୟିକା ତଥା ଡିଫେଣ୍ଡର ସାଲିମା ଟେଟେ ମଧ ଏହି ଗସ୍ତରେ ସାମିଲ ହୋଇଛନ୍ତି। ଅଭିଜ୍ଞ ଖେଳାଳି ଦୀପଗ୍ରେସ୍ ଏକ୍କା, ରିନା ଖୋଖାର, ନିକି ପ୍ରଧାନ ଓ ଡ୍ରାଗ୍ ଫ୍ଲିକର ଗୁରଜିତ କୌର ମଧ ଦଳରେ ସାମିଲ ହୋଇଛନ୍ତି ଓ ଏମାନେ ଭାରତୀୟ ଡିଫେନ୍ସକୁ ଆହୁରି ଦୃଢ କରିବେ। ସେହିପରି ମିଡଫିଲ୍ଡରେ ଲଲିମା ମିଞ୍ଜ୍, କରିସ୍ମା ଯାଦବ, ସୋନିକା, ନେହା ଗୋୟଲ ଓ ଫରୱାର୍ଡ ଲାଇନ୍‌ରେ ରାନୀଙ୍କ ସମେତ ବନ୍ଦନା କାଟାରିୟା, ନବନୀତ କୌର, ଲାଲରେମସିଆମି, ଉଦିତା ଓ ନଭଜୋତ କୌର ଦାୟିତ୍ୱ ବହନ କରିବେ। ତେବେ ସୁନୀତା ଲାକ୍ରା, ନମିତା ଟପ୍ପୋଙ୍କ ସମେତ କେତେକ ଅଭିଜ୍ଞ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଛି। ଅଲିମ୍ପିକ୍ସ କ୍ୱାଲିଫାୟର୍ସ ପୂର୍ବରୁ ଖେଳାଳିମାନେ କିପରି ବିଶ୍ୱସ୍ତରୀୟ ଅଭିଜ୍ଞତା ହାସଲ କରିବେ ସେ ନେଇ ପ୍ରଯତ୍ନ କରାଯାଇଛି ଓ ଦଳର ବେଞ୍ଚ୍ ଷ୍ଟ୍ରେନ୍ଥକୁ ଦୃଢ କରିବାକୁ ପ୍ରୟାସ କରାଯାଇଛି ବୋଲି ହେଡ୍ କୋଚ୍ ଜୋଏର୍ଡ ମାରିଜନେ କହିଛନ୍ତି।

# ଚତୁର୍ଥ ରାଉଣ୍ଡରେ ନାଡାଲ, ଫେଡରର, ଶାରାପୋଭା

ମେଲବୋର୍ନ,୧୮।୧(ପି.ଟି.)

ଏଠାରେ ଚାଲିଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍ ପଞ୍ଚମ ଦିବସରେ ପହଞ୍ଚିଛି। ଶୁକ୍ରବାର ଅଭିଜ୍ଞ ସୁଇଜରଲାଣ୍ଡ ଟେନିସ୍ ତାରକା ରୋଜର ଫେଡରର ଓ ସ୍ପାନିଶ ଖେଳାଳି ରାଫାଲ ନାଡାଲ ପୁରୁଷ ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗତଥରର ଚାମ୍ପିୟନ ତଥା ତୃତୀୟ ସିଡ ଖେଳାଳି ୩୭ ବର୍ଷୀୟ ଫେଡରର ଶୁକ୍ରବାର ଖେଳାଯାଇଥିବା ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୬-୨, ୭-୫, ୬-୨ ସେଟ୍‌ରେ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ଏକ ମ୍ୟାଚରେ ଦ୍ୱିତୀୟ ସିଡ୍ ନାଡାଲ ଅଷ୍ଟ୍ରେଲିଆର ସ୍ୱଳ୍ପ ବୟସ୍କ ଖେଳାଳି ଆଲେକ୍ସ ଡି' ମିନାଉରଙ୍କୁ ୬-୧, ୬-୨, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ଚେକ୍ ରିପବ୍ଲିକର ଅଣସିଡ୍ ଟମାସ ବର୍ଡିଚ୍‌ଙ୍କୁ ଭେଟିବେ। ବର୍ଡିଚ୍ ୫-୭, ୬-୩, ୭-୫, ୬-୪ ସେଟରେ ୧୬ତମ ସିଡ ଆର୍ଜେଣ୍ଟିନାର ଡିଏଗୋ ସ୍କାର୍ଜମ୍ୟାନଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୪ତମ ସିଡ ଗ୍ରୀସ ଖେଳାଳି ଷ୍ଟିଫାନୋସ୍ ସିଟ୍‌ସିପାସ ୬-୩, ୩-୬, ୭-୬, ୬-୪ ସେଟରେ ନିକୋଲୋଜ ବାସିଲାସଭିଲିଙ୍କୁ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ସେହିପରି ୨୦ତମ ସିଡ ଖେଳାଳି ଗ୍ରିଗର ଡିମିଟ୍ରୋଭ ୭-୬, ୬-୪, ୬-୪ ସେଟରେ ଥୋମାସ ଫାବିଆନୋଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅପରପକ୍ଷରେ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ୩୦ତମ ସିଡ ମାନ୍ୟତା ପାଇଥିବା ରୁଷିଆର ଅଭିଜ୍ଞ ମହିଳା ତାରକା ମାରିଆ ସାରାପୋଭା ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ତୃତୀୟ ସିଡ ତଥା ଗତଥରର ଚାମ୍ପିୟନ ଡେନମାର୍କର କାରୋଲିନ୍ ଓଜ୍ନିଆକିଙ୍କୁ ୬-୪, ୪-୬, ୬-୩ ସେଟରେ ହରାଇ ଏହି ସଫଳତା ହାସଲ କରିଛନ୍ତି। ଚତୁର୍ଥ ରାଉଣ୍ଡରେ ସାରାପୋଭା ଆଶ ବାର୍ଟିଙ୍କୁ ଭେଟିବେ। ୧୫ତମ ସିଡ ଅଷ୍ଟ୍ରେଲିଆର ବାର୍ଟି ଅନ୍ୟଏକ ମ୍ୟାଚ୍‌ରେ ଗ୍ରୀସ୍‌ର ମାରିଆ ସାକାରିଙ୍କୁ ୭-୫, ୬-୧ ସେଟରେ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ପଞ୍ଚମ ସିଡ୍ ଆମେରିକାର ସ୍ଲୋଆନ ଷ୍ଟିଫେନ୍ସ ୭-୬, ୭-୬ ସେଟରେ ପେଟ୍ରା ମାର୍ଟିକଙ୍କୁ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ଷ୍ଟିଫେନ୍ସ ଚତୁର୍ଥ ରାଉଣ୍ଡରେ ରୁଷିଆର ଆନାଷ୍ଟାସିଆ ପାଭଲ୍ୟୁଚେଙ୍କୋଭାଙ୍କୁ ଭେଟିବେ।


ବିଜୟ ଲାଭ ପରେ ମାରିଆ ଶାରାପୋଭା।

# ନାସେର ଜିତିଲେ ଡାକାର ରାଲି

ପିସ୍କୋ (ପେରୁ), ୧୮।୧

ନାସେର ଅଲ–ଆଟିୟା ୨୦୧୯ ଡାକାର ରାଲି କାର ରେସ୍ ଜିତିଛନ୍ତି। ସେ ତାଙ୍କ ଟୟୋଟା ଟିମ୍ ପାଇଁ ପ୍ରଥମ ଟାଇଟଲ ଆଣିଦେଇଛନ୍ତି। କାତାରର ଏହି ଡ୍ରାଇଭରଙ୍କର କିନ୍ତୁ ଏହା ହେଉଛି ତୃତୀୟ ଡାକାର ବିଜୟ। ଏହା ପୂର୍ବରୁ ସେ ୨୦୧୧ରେ ଭୋକ୍ସୱାଗନ ଏବଂ ୨୦୧୫ରେ ମିନି ସହିତ ଟାଇଟଲ ଜିତିଥିଲେ। ଟୟୋଟା ଗାଜୁ ରେସିଂ ଟିମ୍ ସହିତ ଏହା ଥିଲା ତାଙ୍କର ଦ୍ୱିତୀୟ ସିଜନ। ଜେନେରାଲ କ୍ଲାସିଫିକେଶନରେ ସେ ପୂରା ଚାମ୍ପିୟନଶିପ୍‌ରେ (ଦ୍ୱିତୀୟ ଷ୍ଟେଜ୍‌କୁ ଛାଡ଼ି) ଅଗ୍ରଣୀ ରହିଥିଲେ। ୪୧ଶ ସଂସ୍କରଣ ଡାକାରା ରାଲିକୁ ସେ ଓଭରଅଲ୍ ୩୪: ୩୮:୧୪ ସେକେଣ୍ଡ ଟାଇମିଂରେ ଶେଷ କରିଥିଲେ। ୪୮ବର୍ଷୀୟ ଏହି ଡ୍ରାଇଭର ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କଠାରୁ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲେ। ଦ୍ୱିତୀୟ ସ୍ଥାନରେ ଥିବା ଏକ୍ସ–ରେଡ୍ସର ନାନି ରୋମାଙ୍କଠାରୁ ସେ ୪୬ ମିନିଟ ଓ ୪୨ ସେକେଣ୍ଡ ଆଗରେ ରହିଥିଲେ। ରୋମା ଯଦିଓ କୌଣସି ଷ୍ଟେଜ୍ ଜିତି ନ ଥିଲେ ସ୍ଥିର ପ୍ରଦର୍ଶନ ଯୋଗୁ ଓଭରଅଲ ଷ୍ଟାଣ୍ଡିଂରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପିୟୁଜିଅଟ୍ ୩୦୦ ଡିକେଆରର ତଥା ୯ଥର ଡବ୍ଲ୍ୟୁଆରସି ଚାମ୍ପିୟନ ସେବାଷ୍ଟିନ ଲୋଏବ୍ ତୃତୀୟ ହୋଇଥିଲେ। ରାସ୍ତାରେ ଲୋଏବଙ୍କ କାର୍‌ରେ ସାମାନ୍ୟ ସମସ୍ୟା ଦେଇଥିଲା। ମାତ୍ର ଦ୍ରୁତ ଗତିରେ ଗାଡ଼ି ଚାଳନା ଏବଂ ୪ ଷ୍ଟେଜ ବିଜୟ ଯୋଗୁ ସେ ଗତ ବର୍ଷ ପରେ ଦ୍ୱିତୀୟ ଥର ପୋଡିୟମ ଫିନିଶ କରିବାରେ ସମର୍ଥ ହୋଇ ପାରିଛନ୍ତି। ଗତଥରର ଚାମ୍ପିୟନ ତଥା ଏକ୍ସ–ରେଡ୍ସର କାର୍ଲୋସ ସେଜ୍ ଡାକାର ୨୦୧୯ର ଅନ୍ତିମ ଷ୍ଟେଜ୍ ଜିତିଥିଲେ। ଷ୍ଟେଜ୍ ୩ରେ ତାଙ୍କର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ତାଙ୍କୁ ଓଭରଅଲ୍ ଷ୍ଟାଣ୍ଡିଂରେ ୫ମ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ୧୦ମ ଷ୍ଟେଜ୍‌ରେ ୫ମ ସ୍ଥାନ ଅଧିକାର କରିଥିବା ଜାକବ ପ୍ରିଗୋନସ୍କି ଡାକାରରେ ଶ୍ରେଷ୍ଠ ପ୍ରଦର୍ଶନ ସହ ଏକ୍ସ–ରେଡ୍ ମିନି ପାଇଁ ୪ର୍ଥ ସ୍ଥାନ ଅଧିକାର କରିଥିଲେ।

**୯ମ ସ୍ଥାନ ବଜାୟ ରଖିଲେ ମେନା**

ମୋଟର ସାଇକେଲ ବିଭାଗରେ ହିରୋ ମୋଟୋ ସ୍ପୋର୍ଟ୍ସର ସ୍ପାନିଶ ରାଇଡର ଓରିଓଲ ମେନା ଫାଇନାଲ ଷ୍ଟେଜ୍‌ରେ ୧୭ତମ ସ୍ଥାନ ଅଧିକାର କରିଥିଲେ ହେଁ ଓଭରଅଲ ର୍‍ୟାଙ୍କିଂରେ ୯ମ ସ୍ଥାନ ବଜାୟ ରଖିଥିଲେ। ଶୁକ୍ରବାର ଶେଷ ହୋଇଥିବା ଡାକାର ରାଲିରେ ଏକ ମାତ୍ର ଭାରତୀୟ ଭାବେ ଅରବିନ୍ଦ କେପି ରେସ୍ ଶେଷ କରିବାରେ ସମର୍ଥ ହୋଇଥିଲେ।



ଶ୍ରୀମନ୍ଦିର ଶୃଙ୍ଖଳା ଉପରେ ଗୁରୁତ୍ୱ

# ତଦାରଖ ପାଇଁ ତିନିଥାକିଆ ବ୍ୟବସ୍ଥା

**ପୁରୀ ଅଫିସ,୧୮।୧**

ଶ୍ରୀମନ୍ଦିରରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ। ଠାକୁରଙ୍କ ନୀତିକାନ୍ତି ହେଉ କି ଭକ୍ତଙ୍କ ଦର୍ଶନ ସବୁ ଯେପରି ସୁରୁଖୁରୁରେ ଏବଂ ନିର୍ଦ୍ଧାରିତ ସମୟ ଅନୁସାରେ ଚାଲିବ ତାହା ଉପରେ ଗୁରୁତ୍ୱ ଦେଇଛି ମନ୍ଦିର ପ୍ରଶାସନ। ବାରମ୍ବାର ତାଗିଦ ସତ୍ତ୍ୱେ ମଝିରେ ମଝିରେ ନୀତିକାନ୍ତିରେ ବିଭ୍ରାଟ ହେଉଛି। ତେଣୁ ନୀତିକୁ ଶୃଙ୍ଖଳିତ କରିବା ଲାଗି ତିନିଥାକିଆ ତଦାରଖ ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛି ମନ୍ଦିର ପ୍ରଶାସନ। ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ସାଲିସ କରାଯିବ ନାହିଁ। ଏବେ ପ୍ରାୟ ଠାକୁରଙ୍କ ନୀତି ଠିକ୍‌ଠାକ ଚାଲିଛି। ନିର୍ଦ୍ଧାରିତ ନୀତିକାନ୍ତିକୁ କଡାକଡ଼ି ଭାବେ ପାଳନ କରିବା ଲାଗି ସମସ୍ତଙ୍କୁ କୁହାଯାଇଛି। ଏଥିରେ କୌଣସି ଅସହଯୋଗ କରି ଅଯଥା ପ୍ରଶାସନକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେବକମାନେ ବାଧ୍ୟ କରନ୍ତୁ ନାହିଁ। ଏହି ମର୍ମରେ ସବୁ ନିଯୋଗକୁ ପ୍ରଶାସନ ପକ୍ଷରୁ ଚିଠି କରାଯାଇଛି। ଅନ୍ୟପକ୍ଷରେ ନୀତିକାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ବୁଧବାରିଆ କମିଟିକୁ ପୁନର୍ବାର କାର୍ଯ୍ୟକ୍ଷମ କରାଇବା ଲାଗି ନିଷ୍ପତ୍ତି ହୋଇଛି। ଆସନ୍ତା ୫/୭ ଦିନ ମଧ୍ୟରେ ଏହି କମିଟି କାମ ଆରମ୍ଭ କରିବ। ଏହାଛଡା ଠାକୁରଙ୍କ ନୀତିକାନ୍ତି କିଭଳି ସୁରୁଖୁରୁରେ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେଥିଲାଗି ତିନିଥାକିଆ ତଦାରଖ ବ୍ୟବସ୍ଥା ହେବ। ଦ୍ୱାରଫିଟାଠାରୁ ସକାଳ ଧୂପ ପର୍ଯ୍ୟନ୍ତ ନୀତିକୁ ତଡ଼ାଉକରଣ ଏବଂ ଭିତରଚ୍ଛ ତଦାରଖ କରିବେ। ସେହିପରି ସକାଳ ଧୂପଠାରୁ ସନ୍ଧ୍ୟା ଆଳତି ପର୍ଯ୍ୟନ୍ତ ଦେଉଳକରଣ ଏବଂ ପାଳିଯୋଗୀ ମହାପାତ୍ର, ସନ୍ଧ୍ୟା ଆଳତିଠାରୁ ରାତ୍ର ପହୁଡ଼ ପର୍ଯ୍ୟନ୍ତ ନୀତିକୁ ଶ୍ରୀମନ୍ଦିର କମାଣ୍ଡର ଏବଂ ତଲୁଚ୍ଛ ତଦାରଖ କରିବା ଲାଗି ନିଷ୍ପତ୍ତି ହୋଇଛି।

ମୁଖ୍ୟ ପ୍ରଶାସକ ଆହୁରି ମଧ୍ୟ କହିଛନ୍ତି, ସେବାରେ ବିଳମ୍ବ କଲେ ପାଳିଆ ପୁରସ୍କାର ଓ ଅନ୍ୟାନ୍ୟ ପ୍ରାପ୍ୟ ପାଉଣା ସ୍ଥଗିତ ରଖାଯିବ ବୋଲି ସ୍ଥିର ହୋଇଛି। କିନ୍ତୁ ସେବାୟତଙ୍କ ପଇସା କାଟିବା ଉଦ୍ଦେଶ୍ୟ ନୁହେଁ, ସେମାନେ ସମୟାନୁବର୍ତ୍ତିତା ହୋଇ ଠାକୁରଙ୍କ ସେବାପୂଜା କରନ୍ତୁ ଏହା ହେଉଛି ପ୍ରକୃତ ଉଦ୍ଦେଶ୍ୟ। ଏ ଦିଗରେ ସମସ୍ତେ ସଚେତନ ହେବା ଦରକାର। ଯେଉଁ ନୀତି ନିର୍ଘଣ୍ଟ ହେଉଛି ପ୍ରଥମେ ନୀତି ସବ୍ କମିଟି ତାହାକୁ ସ୍ଥିର କରିବା ପରେ ଛତିଶା ନିଯୋଗ ଏହାକୁ ଅନୁମୋଦନ ଦେଉଛି। ତେଣୁ ସେବାୟତମାନେ ହିଁ ଏହି ନୀତି ଧାର୍ଯ୍ୟ କରୁଛନ୍ତି। ଧାର୍ଯ୍ୟ ନୀତିକୁ ଠିକ୍ ଭାବେ ସମ୍ପନ୍ନ କରିବାରେ ଅସୁବିଧା କେଉଁଠି ରହୁଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।




# ସାଇବର ନିରାପତ୍ତା ଦେଶ ପାଇଁ ବଡ଼ ଚ୍ୟାଲେଞ୍ଜ

**ଭୁବନେଶ୍ୱର, ୧୮।୧(ବ୍ୟୁରୋ)**

**ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀ**

- ଦୁର୍ନୀତି ରୋକିବାକୁ ଡିଜିପିଙ୍କ ପରାମର୍ଶ
- ଆର୍ଥିକ କାରବାର କରୁଥିବା ସଂସ୍ଥା ଉପରେ ସାଇବର ଅପରାଧୀଙ୍କ ନଜର: ଗୋଆ ଡିଜିପି

ଦେଶରେ ସାଇବର ଅପରାଧ ଦିନକୁ ଦିନ ବୃଦ୍ଧି ପାଉଛି। ଅପରାଧୀମାନେ ଦେଶରେ କୌଣସି ଏକ କୋଣରେ ବସି ଆଖି ପିଛୁଳାକେ କୋଟି କୋଟି ଟଙ୍କା ଲୁଟ୍ କରି ନେଉଛନ୍ତି। ତେଣୁ ବର୍ତ୍ତମାନ ସମୟରେ ସାଇବର ନିରାପତ୍ତା ହେଉଛି ଦେଶ ପାଇଁ ବଡ ଚ୍ୟାଲେଞ୍ଜ। ସ୍ଥାନୀୟ ପୋଲିସ ଭବନରେ ଚାଲିଥିବା ୬୧ତମ ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀ ୨ୟ ଦିନରେ ଯୋଗଦେଇଥିବା ଗୋଆ ଡିଜିପି ଡା. ମୁକ୍ତେଶ ଚନ୍ଦ୍ରା ଏହା କହିଛନ୍ତି।

ସେ ଆହୁରି କହିଛନ୍ତି, ଆର୍ଥିକ କାରବାର କରୁଥିବା ସଂସ୍ଥା ସାଇବର ନିରାପତ୍ତା ରଖିବା ନିତାନ୍ତ ଆବଶ୍ୟକ। କାରଣ ବ୍ୟାଙ୍କ ଓ ଆର୍ଥିକ କାରବାରକୁ ହ୍ୟାକ୍ କରିବା ଉପରେ ସାଇବର ଅପରାଧୀ ନଜର ପକାଇଛନ୍ତି। ବିଗତ ବର୍ଷରେ ବଡବଡ ସାଇବର ଅପରାଧୀ ଏଭଳି ଅପରାଧ ଘଟାଇଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ପୁଣେର କସ୍‌ମସ ବ୍ୟାଙ୍କ୍‌ରୁ ୯୪ କୋଟି ଟଙ୍କା ଗାଏବ ହେବା ଘଟଣା। କେବଳ ଏହି ଗୋଟିଏ ବ୍ୟାଙ୍କ୍ ନୁହେଁ ଏହିଭଳି ଅନେକ ବ୍ୟାଙ୍କ୍‌ରୁ ସାଇବର ଅପରାଧୀମାନେ ବହୁ କୋଟି ଟଙ୍କା ଲୁଟି ନେଇଛନ୍ତି। କେବଳ ବ୍ୟାଙ୍କ କ୍ଷେତ୍ରରେ ଏହା ସୀମିତ ରହିନାହିଁ। ପରିବହନ ଏବଂ ଶକ୍ତି ସଞ୍ଚାଳନ କ୍ଷେତ୍ର ମଧ୍ୟ ସେମାନଙ୍କ ଟାର୍ଗେଟରେ ରହିଛି। ସାଇବର ଅପରାଧୀଙ୍କର କୌଣସି ସୀମା ନାହିଁ। ସେମାନେ ଦେଶ ଭିତରେ ଯେ କୌଣସି ସ୍ଥାନରେ ରହି ଅପରାଧ ଘଟାଇପାରୁଛନ୍ତି। ଏହାଠୁ ଅଧିକ ସମସ୍ୟା ବଢାଇଛି ସୋସିଆଲ ମିଡିଆ। ସୋସିଆଲ ମିଡିଆରେ ଯେଉଁ ଭୁଲ ତଥ୍ୟ ଭାଇରାଲ କରାଯାଉଛି ତାହା ପୋଲିସ ପାଇଁ ଚିନ୍ତା ପାଲଟିଛି। ସାଇବର ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଆଇଟି ଆକ୍ଟ ୨୦୧୮ ଓ ଡାଟା ପ୍ରୋଟେକ୍ସନ ଆକ୍ଟ ଅଧିକ କଡାକଡି କରିବା ଉଚିତ। ୨୦୧୬ରେ ଜାତୀୟ ସ୍ତରରେ ୧୨ ହଜାରରୁ ଅଧିକ ସୋସିଆଲ ମିଡିଆ ଜନିତ ଆପରାଧିକ ମାମଲା ରୁଜୁ ହୋଇଛି। ତେଣୁ ସାଇବର ଅପରାଧକୁ ରୋକିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ରଣନୀତି ଆପଣାଇବାକୁ ଗୋଆ ଡିଜିପି ପରାମର୍ଶ ଦେଇଛନ୍ତି। ନିକଟରେ ଭଦ୍ରକରେ ସୋସିଆଲ ମିଡିଆରେ ଧର୍ମକୁ ନେଇ ଭୁଲ ବାର୍ତ୍ତା ଭାଇରାଲ କରାଯିବା ଫଳରେ ଦଙ୍ଗା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିଭଳି ପିଲାଚୋରି ଗୁଜବ ମଧ୍ୟ ପୋଲିସ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ତେଣୁ ସୋସିଆଲ ମିଡିଆ ମନିଟରିଂ ବ୍ୟବସ୍ଥା କରାଯାଇ ସୋସିଆଲ ମିଡିଆରେ ରଚାଯାଉଥିବା ଅପରାଧକୁ ରୋକିହେବ ବୋଲି ପୋଲିସ ଅଧିକାରୀମାନେ ସମ୍ମିଳନୀରେ ମତ ଦେଇଥିଲେ।

ସମ୍ମିଳନୀର ଦ୍ୱିତୀୟ ଦିନରେ ପୋଲିସ ଡିଜି ଡା.ରାଜେନ୍ଦ୍ର ପ୍ରସାଦ ଶର୍ମା ସଡ଼କ ଦୁର୍ଘଟଣା ରୋକିବା, ଦୁର୍ନୀତି ନିବାରଣ କରିବା ଓ ଥାନାରେ ହେଉଥିବା ଦୈନନ୍ଦିନ କାମ ପେପରଲେସ୍ କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ୨୦୧୮ରେ ସଡକ ଦୁର୍ଘଟଣାରେ ୫୨୦୦ ଜଣଙ୍କ ଜୀବନ ଯାଇଛି। ତେଣୁ ସଡକ ଦୁର୍ଘଟଣା ରୋକିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ।

# ଜୟଦେବଙ୍କ ସାହିତ୍ୟ କୃତିକୁ ନେଇ ହେବ ଜାତୀୟସ୍ତରୀୟ ଆଲୋଚନାଚକ୍ର

**ପୁରୀଅଫିସ,୧୮।୧**

ସାହିତ୍ୟ ଜଗତକୁ ଜୟଦେବଙ୍କ ଅବଦାନ ଅତୁଳନୀୟ। ତାଙ୍କ ସାହିତ୍ୟ କୃତି ସମ୍ପର୍କରେ ଆସନ୍ତା ମେ ମାସରେ ପୁରୀଠାରେ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ଆୟୋଜନ କରାଯିବ। ଏନେଇ ଶୁକ୍ରବାର ଜୟଦେବ ଫାଉଣ୍ଡେଶନ ଆନୁକୂଲ୍ୟରେ ଭକ୍ତ ସାଲବେଗ ସ୍ମୃତିପୀଠ ସଭାଗୃହରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସ୍ଥିର ହୋଇଛି। ଐତିହ୍ୟ ଗବେଷକ ଡ. ସୁରେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପୂର୍ବତନ ଜିଲାପାଳ ଦିଗମ୍ବର ମହାନ୍ତି, ଜୟଦେବ ଫାଉଣ୍ଡେଶନର ରାଜ୍ୟ ସମ୍ପାଦକ ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଚିତ୍ତରଞ୍ଜନ ମିଶ୍ର, ପ୍ରସନ୍ନ କୁମାର ମିଶ୍ର, ଜଟାଧାରୀ ମିଶ୍ର, ପ୍ରଫେସର ରାମଚନ୍ଦ୍ର ମିଶ୍ର, ବିଜୟ ନନ୍ଦ ଓ ପ୍ରଫୁଲ୍ଲ କୁମାର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।




# ଚାଷୀଙ୍କ ପାଇଁ 'କୃଷକ ବନ୍ଧୁ'


ଲମ୍ବୋଦର ବେହେରା 'କୃଷକ ବନ୍ଧୁ' ଯନ୍ତ୍ର ପ୍ରଦର୍ଶନ କରୁଛନ୍ତି।

**ଭୁବନେଶ୍ୱର, ୧୮।୧(ବ୍ୟୁରୋ)**

ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଆୟୋଜିତ କୃଷି ଓଡ଼ିଶା ଉତ୍ସବରେ ବିଭିନ୍ନ ଜିଲାରୁ ଆସିଥିବା ଚାଷୀମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଅଭିନବ ଯନ୍ତ୍ରପାତି ପ୍ରଦର୍ଶନ କରିଛନ୍ତି। ତେବେ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଦୀନବନ୍ଧୁପୁରର ଲମ୍ବୋଦର ବେହେରାଙ୍କ 'କୃଷକ ବନ୍ଧୁ' ଯନ୍ତ୍ର ଚାଷୀମାନଙ୍କର ବେଶ୍ ଦୃଷ୍ଟି ଆକର୍ଷଣ କରୁଛି। ଏହି ଯନ୍ତ୍ର ପନିପରିବା ଓ ଅନ୍ୟାନ୍ୟ ଗଛ ମୂଳ ଖୁରୁସିବା ସହ ଅନାବନା ଗଛକୁ ନଷ୍ଟ କରି ମାଟି ହାଲୁକା କରେ ଏବଂ ସେଗୁଡ଼ିକୁ ମାଟିରେ ମିଶାଇ ସବୁଜ ସାର ସୃଷ୍ଟି କରିଥାଏ। ଏକ ସମୟରେ ଗଛର ଦୁଇପାଖ ମାଟି ଖୁରୁସା ହୋଇଥାଏ। ଗଛ ମୂଳରେ ଖତସାର ଦେବା ପାଇଁ ସହଜରେ ରିଙ୍ଗ ତିଆରି କରି ହୁଏ। ଯନ୍ତ୍ର ଦ୍ୱାରା ଏକ ସମୟରେ ଦୁଇଧାଡ଼ି ମାହାରା ତିଆରି ହୋଇଥାଏ। ଏ ସମ୍ପର୍କରେ ଲମ୍ବୋଦର କୁହନ୍ତି, କୃଷି କାର୍ଯ୍ୟରେ ଏହା ସାହାଯ୍ୟ କରୁଥିବାରୁ ଏହାର ନାମ 'କୃଷକ ବନ୍ଧୁ' ଦେଇଛି। ଯେହେତୁ ନିଜେ ଜଣେ ଚାଷୀ ତେଣୁ ଅନ୍ୟ ଚାଷିଙ୍କ ସମସ୍ୟା ବିଷୟରେ ସବୁବେଳେ ମୁଁ ଚିନ୍ତା କରିଥାଏ। ଏହା ପୂର୍ବରୁ ଯନ୍ତ୍ର ସହିତ ବିଭିନ୍ନ ପ୍ରକାରର ଜୈବିକ ସାରକୁ ମିଶାଇ ୧୧ଟି ଜିନିଷ ବାହାର କରିଛି। ଯେବେଠାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିନବ କୃଷି ଯନ୍ତ୍ରପାତି ଉଦ୍ଭାବନ ପାଇଁ ଘୋଷଣା ହୋଇଥିଲା ସେବେଠାରୁ ଆମ ସ୍ଥାନୀୟ କୃଷି ଅଧିକାରୀମାନେ ଏଭଳି ଯନ୍ତ୍ରପାତି ତିଆରି କରିବା ପାଇଁ ମୋତେ ଉତ୍ସାହିତ କରିଥିଲେ। ସେବେଠାରୁ ଏହି ଯନ୍ତ୍ରଟି କରିବା ପାଇଁ ଚେଷ୍ଟା କରିଥିଲି। ପ୍ରଥମେ ପ୍ରଥମେ ବହୁତ ଅସୁବିଧା ହେଉଥିଲା। ୩ଟା ଭାଙ୍ଗିଦେଇଥିଲି। କିଛି କରିପାରିବିନି ବୋଲି ଭାବି ମୁଁ ହତାଶ ହୋଇପଡ଼ିଥିଲି। କିନ୍ତୁ ଭଗବାନଙ୍କ ଦୟାରୁ ଏହା ହୋଇଗଲା। ଏଥିରେ ମାତ୍ର ୨୨୦୦ରୁ ୨୫୦୦ ଟଙ୍କା ଖର୍ଚ୍ଚ ହୋଇଛି। ଜଣେ ଚାହିଁଲେ ଏହାକୁ ତିଆରି କରିପାରିବ। ଆଜିକାଲି ପନିପରିବା ଭଲ ଚାଷ ହେଉଛି। କିନ୍ତୁ ଗଛ ମୂଳ ଖୁରୁସିବା ପାଇଁ ସମସ୍ୟା ହେଉଛି। କାରଣ ଶ୍ରମିକ ମିଳିବା କଷ୍ଟକର। ତେଣୁ ଏହି ଯନ୍ତ୍ର ସାହାଯ୍ୟରେ ସେହି କାର୍ଯ୍ୟ ଅତି ସହଜରେ ହୋଇପାରିବ। ଗଛ ରୋଇବାର ୧୦-୧୫ଦିନ ପରେ ଅନେକ ଅନାବନା ଗଛ ଉଠିଥାଏ। ତାକୁ ସହଜରେ ଦମନ କରିହେବ। ପୂର୍ବରୁ ଏହିଭଳି ଯନ୍ତ୍ର ବାହାରିଛି। କିନ୍ତୁ ତାହାର ମୂଲ୍ୟ ୩୫ହଜାର ଟଙ୍କା ହୋଇଥିବାରୁ ଚାଷୀ କିଣିବାକୁ ଅସମର୍ଥ ହେଉଛନ୍ତି। ତେଣୁ ସେମାନଙ୍କ ପାଇଁ ଏହି ଯନ୍ତ୍ର ସହାୟକ ହେବ ବୋଲି ଲମ୍ବୋଦର କହିଛନ୍ତି।


ଏସ୍‌ଭି ନିରତାରର ସମ୍ମିଳନୀ କକ୍ଷରେ ଉପସ୍ଥିତ ସଂସଦୀୟ ଷ୍ଟାଣ୍ଡିଂ କମିଟି ସଦସ୍ୟମାନେ।

# ଏସ୍‌ଭି ନିରତାରରେ ସଂସଦୀୟ ଷ୍ଟାଣ୍ଡିଂ କମିଟି ସଦସ୍ୟ

**କଣ୍ଟାପଡା,୧୮।୧ (ଡି.ଏନ୍.ଏ.)**

କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ସଂସଦୀୟ ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ଏସ୍‌ଭି ନିରତାରକୁ ଏକ ଷ୍ଟଡିଟୁରରେ ଶୁକ୍ରବାର ଆସିଥିଲେ। ଷ୍ଟାଣ୍ଡିଂ କମିଟିର ଚେୟାର ପର୍ସନ ରମେଶ ବାୟସଙ୍କ ନେତୃତ୍ୱରେ ରାଜ୍ୟସଭା ସଦସ୍ୟ ସରୋଜିନୀ ହେମ୍ବ୍ରମ, ରାମକୁମାର ବର୍ମା, ଝରଣାଦାସ ବୈଦ୍ୟ, ଲୋକ ସଭା ନିର୍ଦ୍ଦେଶକ ଅଶୋକ କୁମାର ସାଜୱାଲ ଓ ଲୋକ ସଭା ଡେପୁଟି ସଚିବ ମଧୁ ଭୁଟାଲି ପ୍ରମୁଖ ଅପରାହ୍ନରେ ଏସ୍‌ଭି ନିରତାରରେ ପହଞ୍ଚିଥିଲେ। ପ୍ରଥମେ ନିରତାର ସମ୍ମିଳନୀ କକ୍ଷରେ ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାଶ, ପ୍ରଶାସନିକ ଉପ ନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀ ପ୍ରମୁଖ ଷ୍ଟାଣ୍ଡି କମିଟିର ସଦସ୍ୟମାନଙ୍କୁ ନିରତାରର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଉକ୍ତ ଅନୁଷ୍ଠାନର ବିଭିନ୍ନ ବିଭାଗ ବୁଲିଦେଖିବା ସହ ଆଗକୁ ଏହି ଅନୁଷ୍ଠାନର ଅଗ୍ରଗତି ପାଇଁ ସରକାରଙ୍କୁ ଜଣାଇବେ ବୋଲି ସେମାନେ କହିଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଜାପାନ ସମୁଦ୍ର ଉପରେ ରୁଷିଆର ଦୁଇଟି ଏସ୍ୟୁ-୩୪ ଯୁଦ୍ଧବିମାନ ମଧ୍ୟରେ ଧକ୍କା ହୋଇଛି। ପ୍ରଶିକ୍ଷଣ ବେଳେ ଏହି ଦୁର୍ଘଟଣା ଘଟିଛି। ତେବେ ସମୁଦ୍ର ମଧ୍ୟରୁ ଦୁଇ ବିମାନର ପାଇଲଟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।





## ସଂକ୍ଷେପରେ

### ହାଇକୋର୍ଟଙ୍କ ଆଦେଶ

# ଏଏସ୍ଓ ପରୀକ୍ଷା ଅବଧି ଘୁଞ୍ଚିବନି

**କଟକ ଅଫିସ, ୧୮।୧:** ସହକାରୀ ସେକ୍ସନ ଅଫିସର (ଏଏସ୍ଓ) ପରୀକ୍ଷା ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ। ପରୀକ୍ଷା ସମୟ ଘୁଞ୍ଚାଇବା ପାଇଁ ହାଇକୋର୍ଟ ସ୍ପଷ୍ଟ ମନା କରିଛନ୍ତି। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଭଳି ଆଦେଶ ହୋଇଛନ୍ତି। ଫଳରେ ପୂର୍ବ ନିର୍ଦ୍ଧାରିତ ତାରିଖରେ ପରୀକ୍ଷା ହେବା ସ୍ପଷ୍ଟ ହୋଇଯାଇଛି। ସୂଚନାଥାଉକି, ଜାନୁୟାରୀ ୨୦ରେ ଏଏସ୍ଓ ପରୀକ୍ଷା ସହିତ ରେଲୱେର ଏଏଲ୍ପି (ଆସିଷ୍ଟାଣ୍ଟ ଲୋକୋ ପାଇଲଟ) ଓ ଆଇବିପିଏସ୍ (ଇନ୍ଷ୍ଟିଚ୍ୟୁଟ ଅଫ ବ୍ୟାଙ୍କିଙ୍ଗ ପର୍ସୋନେଲ ସିଲେକ୍ସନ)ର କ୍ଲର୍କ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହେବ। ଏହି ୩ ପଦବୀ ନିମନ୍ତେ ଅନେକ ପ୍ରାର୍ଥୀ ଆବେଦନ କରିଛନ୍ତି। ତେଣୁ ଗୋଟିଏ ଦିନରେ ୩ଟି ଯାକ ପଦବୀ ପାଇଁ ପରୀକ୍ଷା ହେଉଥିବାରୁ ଆବେଦନକାରୀମାନେ ବଞ୍ଚିତ ହେବା ନିଶ୍ଚିତ ହୋଇଥିଲା। ତେବେ ଏଏସ୍ଓ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ଅନ୍ୟ ଦୁଇଟି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେଣୁ ଏଏସ୍ଓ ପରୀକ୍ଷାକୁ ଘୁଞ୍ଚାଇବା ପାଇଁ ପରୀକ୍ଷାର୍ଥୀମାନେ ପ୍ରଥମେ ଓପିଏସ୍ସିଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଓପିଏସ୍ସି ଏଥିପ୍ରତି ଧ୍ୟାନ ନ ଦେବାରୁ ଆଶାୟୀ ପରୀକ୍ଷାର୍ଥୀମାନେ ସ୍ୟାଟ୍କୁ ଯାଇଥିଲେ। ସ୍ୟାଟ୍ ଓପିଏସ୍ସିକୁ ନିଷ୍ପତ୍ତି ନେବାକୁ ଆଦେଶ ଦେଇଥିଲେ। ଫଳରେ କେତେଜଣ ଆବେଦନକାରୀ ସ୍ୟାଟ୍ଙ୍କ ଆଦେଶ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।




# 'ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦିଅ'

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

- ଦାବି ଦୋହରାଇଲେ ମୁଖ୍ୟମନ୍ତ୍ରୀ
- ପ୍ରଧାନମନ୍ତ୍ରୀଙ୍କୁ ଲେଖିଲେ ଚିଠି

ବାତ୍ୟା, ବନ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପଦ ରାଜ୍ୟକୁ ଘେରି ରହିଛି। ଏହା ସତ୍ତ୍ୱେ କେନ୍ଦ୍ର ସରକାର ରାଜ୍ୟକୁ ଲଗାତର ଅବହେଳା କରି ଆସିଛନ୍ତି। କିନ୍ତୁ ରାଜ୍ୟର ଅଭିବୃଦ୍ଧି ଆଗକୁ ମାଡ଼ି ଚାଲିଛି। ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାବି କରିଛନ୍ତି। ସେ ଏ ନେଇ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି।

ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବାତ୍ୟା ତିତ୍ଲି ୨୦୧୮ ଅକ୍ଟୋବର ୧୧ରେ ଓଡ଼ିଶା ଉପକୂଳକୁ ଅତିକ୍ରମ କରିଥିଲା। ବଡ଼ ବଡ଼ ଗଛ ଉପୁଡି ପଡ଼ିବା ସହ ବହୁ ଫସଲ ନଷ୍ଟ ହେଲା। ଘର, ରାସ୍ତାଘାଟ, ପୋଲ, ବିଦ୍ୟୁତ, ପାନୀୟ ଜଳ ଏବଂ ଜଳସେଚନ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଥିଲା। ଲୋକମାନଙ୍କ ଜୀବନ ବଞ୍ଚାଇବା ପାଇଁ ରାଜ୍ୟ ସରକାର ଯଥା ସମ୍ଭବ ଚେଷ୍ଟା କରିବା ସହ ରିଲିଫ ଏବଂ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ପାନୀୟ ଜଳ, ବିଦ୍ୟୁତ ଯୋଗାଣ, ରାସ୍ତାଘାଟ ପୁନଃ ସ୍ଥାପନ କରିଛନ୍ତି। ତେବେ ଦୀର୍ଘକାଳୀନ ପୁନଃ ନିର୍ମାଣ ଓ ଥଇଥାନ ପାଇଁ ବହୁ ପରିମାଣର ସମ୍ବଳର ଆବଶ୍ୟକତା ରହିଛି। ୧୯୦୦ରୁ ୨୦୧୮ ମଧ୍ୟରେ ଓଡ଼ିଶା ପ୍ରତିବର୍ଷ ବନ୍ୟା, ବାତ୍ୟା, ଘୂର୍ଣ୍ଣିଝଡ଼, ମରୁଡ଼ି ଭଳି ପ୍ରାକୃତିକ ବିପତ୍ତିର ସମ୍ମୁଖୀନ ହୋଇ ଆସୁଛି। ଏପରିକି ଗୋଟିଏ ବର୍ଷରେ ବହୁମୁଖୀ ବିପର୍ଯ୍ୟୟକୁ ମଧ୍ୟ ସମ୍ମୁଖୀନ ହେବାକୁ ପଡୁଛି। ରାଜ୍ୟର ୮୦% ଅଞ୍ଚଳ ଏବଂ ପ୍ରାୟ ୯୦% ଲୋକ ସର୍ବଦା ବିପର୍ଯ୍ୟୟ ପ୍ରବଣ ମଧ୍ୟରେ ରହୁଛନ୍ତି। ଜଳବାୟୁ ପରିବର୍ତ୍ତନ ହେଉଥିବାରୁ ଓଡ଼ିଶା ଆହୁରି ବିପଦଗ୍ରସ୍ତ ହୋଇପଡ଼ିଛି। ମରୁଡ଼ି ମଧ୍ୟ ରାଜ୍ୟର ଅନ୍ୟ ଏକ ସମସ୍ୟା। ଏତେ ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ରାଜ୍ୟର ସାମାଜିକ ଓ ଆର୍ଥିକ ବିକାଶ ତ୍ୱରାନ୍ୱିତ ହୋଇଛି। ଗତ ୬ ବର୍ଷ ମଧ୍ୟରେ ଘରୋଇ ଉତ୍ପାଦ ୫୦% ବୃଦ୍ଧି ପାଇଛି। ୨୦୦୪-୦୫ରୁ ୨୦୧୧-୧୨ ମଧ୍ୟରେ ଦାରିଦ୍ର୍ୟ ୨୪.୬%କୁ ହ୍ରାସ ପାଇଛି। ଏହି ହାର ଦେଶର ଅଗ୍ରଣୀ ରାଜ୍ୟଗୁଡ଼ିକଠାରୁ ମଧ୍ୟ ବହୁ ଆଗରେ ରହିଛି। ଓଡ଼ିଶାର ପ୍ରାକୃତିକ ସମ୍ପଦରୁ କେନ୍ଦ୍ର ଭରପୂର ଲାଭ ଉଠାଉଛି। ଅନେକ ବର୍ଷ ଧରି ଓଡ଼ିଶାର ଲୁହାପଥର ଓ ଅନ୍ୟ ଖଣିଜ ପଦାର୍ଥ ଦେଶ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି। ଏହା ସତ୍ତ୍ୱେ କେନ୍ଦ୍ର ସରକାର କ୍ରମାଗତ ଭାବେ ଓଡ଼ିଶାକୁ ଅବହେଳା କରି ଆସିଛନ୍ତି। ଟେଲି ଯୋଗାଯୋଗ, ରେଲୱେ ନେଟୱର୍କ, ବ୍ୟାଙ୍କିଂ ନେଟୱର୍କ, ଜାତୀୟ ରାଜପଥ ଓ ଏୟାର କନେକ୍ଟିଭିଟି କ୍ଷେତ୍ରରେ କେନ୍ଦ୍ର ସରକାର ଅବହେଳା କରି ଆସୁଛନ୍ତି। ସେଥିପାଇଁ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବାକୁ ଆମେ ବାରମ୍ବାର ଦାବି କରି ଆସୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜାତୀୟ ହାର ତୁଳନାରେ ଓଡ଼ିଶାର ଅଭିବୃଦ୍ଧି ହାର ଅଧିକ ରହିଛି। ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ମିଳିବା ପରେ ରାଜ୍ୟର ଅଭିବୃଦ୍ଧି ହାର ଆହୁରି ବଢ଼ିବା ସହ ଶିଳ୍ପ କ୍ଷେତ୍ରରେ ବିକାଶ ହେବ ଓ ଅଧିକ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିପାରିବ। ଓଡ଼ିଶାର ଦାବିକୁ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

### ଲୋକ ସଭା ସହ ୫ ରାଜ୍ୟ ବିଧାନସଭା ଭୋଟ

# ମାର୍ଚ୍ଚରେ ତାରିଖ ଘୋଷଣା

**ନୂଆଦିଲ୍ଲୀ,୧୮।୧(ପି.ଟି.):** ସାଧାରଣ ନିର୍ବାଚନ ପାଇଁ ସବୁ ରାଜନୈତିକଦଳପକ୍ଷରୁତତ୍ପରତାପ୍ରକାଶପାଇଥିବାବେଳେ କେବଳ ତାରିଖ ଘୋଷଣାକୁ ରହିଛି ଅପେକ୍ଷା। ନିର୍ବାଚନ କମିଶନ (ଇସି) ଲୋକ ସଭା ସହ ୫ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ମାର୍ଚ୍ଚ ପ୍ରଥମ ସପ୍ତାହରେ ତାରିଖ ଘୋଷଣା କରିବେ ବୋଲି ଶୁକ୍ରବାର ସୂତ୍ରରୁ ଜଣାପଡ଼ିଛି।

ଷୋଡ଼ଶ ଲୋକ ସଭାର କାର୍ଯ୍ୟକାଳ ଆସନ୍ତା ଜୁନ୍ ୩ରେ ଶେଷ ହେଉଛି। ଏହା ପୂର୍ବରୁ ଦେଶରେ ସାଧାରଣ ନିର୍ବାଚନ କରାଇବା ଜରୁରୀ। ତେଣୁ ଇସିଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କେଉଁ କେଉଁ ମାସରେ କେତୋଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯିବ ସେନେଇ ଇସି ଅନୁଧ୍ୟାନ କରୁଛନ୍ତି। ମିଳିଥିବା ସୂଚନାନୁସାରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ସିକିମ ଓ ଅରୁଣାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ସହ ଲୋକ ସଭା ଭୋଟ ହେବ। ସେହିପରି ୨୦୧୮ ନଭେମ୍ବରରେ ଜମ୍ମୁ-କଶ୍ମୀର ବିଧାନସଭାକୁ ଭଙ୍ଗ କରାଯାଇ ପରେ ସେଠାରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା। ତେଣୁ ମେ ପୂର୍ବରୁ ଅର୍ଥାତ୍ ଲୋକ ସଭା ନିର୍ବାଚନ ସହ ଏହି ରାଜ୍ୟର ବିଧାନସଭା ଭୋଟ ଏକସଙ୍ଗେ କରାଯାଇପାରେ। ଗତ ସାଧାରଣ ନିର୍ବାଚନ ପାଇଁ ଇସି ୨୦୧୪ ମାର୍ଚ୍ଚ ୫ରେ ତାରିଖ ଘୋଷଣା କରିଥିଲେ। ଏପ୍ରିଲ ୭ରୁ ମେ ୧୨ ମଧ୍ୟରେ ୯ଟି ପର୍ଯ୍ୟାୟରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟ ଗ୍ରହଣ କରାଯାଇଥିଲା। ତେଣୁ ଏଥର ମଧ୍ୟ ମାର୍ଚ୍ଚ ପ୍ରଥମ ସପ୍ତାହରେ ନିର୍ବାଚନ ତାରିଖ ଘୋଷଣା କରାଯାଇପାରେ ବୋଲି କୁହାଯାଉଛି।





# କଂଗ୍ରେସରୁ ଇସ୍ତଫା ଦେଲେ ଯୋଗେଶ

**ସୁନ୍ଦରଗଡ/ ଭୁବନେଶ୍ୱର ୧୮।୧ (ଡି.ଏନ୍.ଏ.) :** କଂଗ୍ରେସରୁ ନିଲମ୍ବିତ ପରେ ଶୁକ୍ରବାର ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂ କଂଗ୍ରେସ ପ୍ରାଥମିକ ସଭ୍ୟପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନିକଟକୁ ପଠାଇ ଦେଇଛନ୍ତି। ତା'ର ଏକକିତା ନକଲ ଏଆଇସିସ ସାଧାରଣ ସମ୍ପାଦକ ତଥା ରାଜ୍ୟ କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂ, ମସ୍ତାନ୍ ଭାଲି ଓ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି।

ଯୋଗେଶ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି, କାରଣ ଦର୍ଶାଅ ନୋଟିସ ନ ଦେଇ କିମ୍ବା ଆଗୁଆ କୌଣସି ସୂଚନା ଦିଆ ନ ଯାଇ ହଠାତ୍ ପିସିସି ଶୃଙ୍ଖଳା କମିଟି ମୋତେ ନିଲମ୍ବିତ କରିଥିଲା । ମୋ ଉପରେ ଦଳ ବିରୋଧୀ ଆରୋପ ଲଗାଗଲା । ଏହି କଥା ଗଣମାଧ୍ୟମରୁ ଜାଣିବା ପରେ ମୁଁ ବିସ୍ମିତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିବା ଓ ଆସନ୍ତା ୨୫ରେ ଏଆଇସିସି ଅଧ୍ୟକ୍ଷ ରାହୁଲଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମରେ ନିଜର କାର୍ଯ୍ୟବ୍ୟସ୍ତତା ଓ ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଯୋଗୁ ଯୋଗ ଦେଇ ପାରିବି ନାହିଁ ବୋଲି କହିବା ଦଳବିରୋଧୀ କାର୍ଯ୍ୟ ବୋଲି ମନେକରୁନାହିଁ। ବିଗତ ୧୭ ବର୍ଷ ଧରି କଂଗ୍ରେସର ଜଣେ ଶୃଙ୍ଖଳିତ କର୍ମୀ ଭାବେ ଓ ଗତ ୧୦ବର୍ଷ ଧରି ବିଧାୟକ ଭାବେ କର୍ତ୍ତବ୍ୟକୁ ସୂଚାରୁରୂପେ ନିର୍ବାହ କରିଆସିଛି। ମାତ୍ର ପିସିସି ଶୃଙ୍ଖଳା କମିଟି ଏଭଳି ପଦକ୍ଷେପ କାହିଁକି ନେଲା ବୁଝିପାରୁନାହିଁ। ମୋ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଉପା ସରକାରର ବହୁ କେନ୍ଦ୍ରମନ୍ତ୍ରୀ ଓ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ମଧ୍ୟ ପ୍ରଶଂସା କରିଛନ୍ତି। ହେଲେ ବର୍ତ୍ତମାନ ମୋ କ୍ଷେତ୍ରରେ ଏଭଳି କାର୍ଯ୍ୟାନୁଷ୍ଠାନ ପୂର୍ବରୁ କୌଣସି ଯୋଗାଯୋଗ କରାଯାଇ ନ ଥିଲା। ଅନ୍ୟପଟେ ଶାସକ ଦଳର ଜଣେ ବରିଷ୍ଠ ନେତାଙ୍କ ସୂଚନା ମୁତାବକ ଚଳିତ ମାସ ଶେଷସୁଦ୍ଧା ଯୋଗେଶ ବିଜେଡିରେ ଯୋଗଦେବା ନେଇ ଆପାତତଃ ବୃତ୍ତାନ୍ତ ହୋଇସାରିଛି। ସୂଚନାଯୋଗ୍ୟ ଯେ, ଗୁରୁବାର ଦଳ ବିରୋଧୀ କାର୍ଯ୍ୟ କରୁଥିବା ଦର୍ଶାଇ ଯୋଗେଶଙ୍କୁ ପିସିସି ଶୃଙ୍ଖଳା କମିଟି ଦଳରୁ ନିଲମ୍ବିତ କରିଥିଲା।





"ଅନ୍ୟକୁ କଠୋର କଥା କହି କଟେ ଦୋବ ଅଧର୍ମ, ମାତ୍ର କଠୋର କଥା କହିଲେ ଅନ୍ୟର ମଙ୍ଗଳ ହେବ ବୋଲି ଜାଣି ଯଦି ତାହା କରାଯାଏ ତେବେ ସେଇଟି ଅଧର୍ମ ନୁହେଁ। -ସେନେକା



## ସଂକ୍ଷେପରେ

### କେବୁଲ୍ ତାର ଚୋରି ଅଭିଯୋଗରେ ୩ ଗିରଫ

**ନରସିଂହପୁର, ୧୮।୧ (ଡି.ଏନ.ଏ.):** କେବୁଲ ତାର ଚୋରି ଅଭିଯୋଗରେ ନରସିଂହପୁର ଥାନା ପୋଲିସ ଶୁକ୍ରବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିମସାହି ଗ୍ରାମର ନିରଞ୍ଜନ ବେହେରା, ଚମ୍ପେଶ୍ୱର ଗ୍ରାମର ଲକ୍ଷ୍ମଣ ସେଠୀ ଓ ଜିତେନ୍ଦ୍ର ସେଠୀ। ନରସିଂହପୁର ଅଞ୍ଚଳରେ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ) ପକ୍ଷରୁ କେବୁଲ ତାର ବିଛାଯାଇଛି। ବର୍ତ୍ତମାନ ପଞ୍ଚମୁଖୀ ଛକଠାରୁ କ୍ଲବ ଛକ ପର୍ଯ୍ୟନ୍ତ ରାସ୍ତା କାମ ଚାଲୁଥିବାରୁ ମାଟି ତଳେ ବିଛା ଯାଇଥିବା ତାର ଗୁଡ଼ିକ ଖୋଲାମେଲାରେ ପଡ଼ିଛି। ଏହି ସୁଯୋଗରେ ଉପରୋକ୍ତ ଅଭିଯୁକ୍ତମାନେ ତାର ଚୋରି କରିଥିଲେ। ଏ ନେଇ ସଂସ୍ଥାର କର୍ମଚାରୀ ବିଜୟ କୁମାର ବେହେରା ଗୁରୁବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଅନୁସାରେ ମାମଲା ନଂ-୪୧୯ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

### ଜଗନ୍ନାଥ ମନ୍ଦିରର ବାର୍ଷିକୋତ୍ସବ

**ମାହାଙ୍ଗା, ୧୮।୧ (ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅଧୀନ ଭଦ୍ରେଶ୍ୱର ପଞ୍ଚାୟତ ସାହାନିଆଜପୁର ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିରର ସପ୍ତମ ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ କଳସ ଶୋଭାଯାତ୍ରାରେ ଶ୍ରଦ୍ଧାଳୁ ଜଳବରଣି କରି ମନ୍ଦିର ସ୍ଥଳରେ ଘଟ ସ୍ଥାପନ କରିଥିଲେ। ପରେ ବିଧି ଅନୁଯାୟୀ ଷୋଡ଼ଶ ଉପଚାର ପୂଜା ଓ ସୂର୍ଯ୍ୟପୂଜା କରାଯିବା ସହ ଯଜ୍ଞଆହୁତି ପ୍ରଦାନ କରାଯାଇଥିଲା। ଏହାପରେ ମନ୍ଦିର ପ୍ରାଙ୍ଗଣରେ ଭଜନ, ଜଣାଣ ଓ ନାମ ସଙ୍କୀର୍ତ୍ତନ କରାଯାଇଥିଲା। ଅପରାହ୍ନରେ ଆଧାତ୍ମିକ ଚେତନା ସମ୍ବଳିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ରାମଚନ୍ଦ୍ର ସାହୁ, ବିଦ୍ୟୁଲତା ପ୍ରଧାନ, ବିରୁପାକ୍ଷ ରାୟ, ପ୍ରଫୁଲ୍ଲ ସିଂହ, ବଳରାମ ଓଝା, ଗୌତମ ଚରଣ ଜେନା, ରାମଚନ୍ଦ୍ର ପ୍ରଧାନ, ମାନସ ରଞ୍ଜନ ପ୍ରଧାନ ଓ ଶରତ ଚନ୍ଦ୍ର ରାଉତ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ନିତ୍ୟାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ।

### ଦନ୍ତ ଚିକିତ୍ସା ଶିବିର



**ବାଙ୍କୀ, ୧୮।୧ (ସ୍ୱ.ପ୍ର.):** ବାଙ୍କୀ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ପ୍ରେସ୍ କ୍ଲବ ବିଦ୍ୟାରତ୍ନ ଭବନଠାରେ ଶୁକ୍ରବାର ମାଗଣା ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜ ଦନ୍ତବିଭାଗର ଚିକିତ୍ସକ ଡା. ସ୍ମିତା ମହାପାତ୍ର, ଡା. ନେହା ପଟିଆଲ, ଡା. ଗଣେଶ୍ୱର ସୋରେନ୍ ଓ ଟେକନିସିଆନ ଜୟଦେବ ବେହେରା ପ୍ରମୁଖ ଯୋଗଦେଇ ଦନ୍ତ ପରୀକ୍ଷା କରିଥିଲେ। ଶିବିରରେ ୬୦ଜଣଙ୍କ ଦାନ୍ତ ଓପାଡ଼ାଯିବା ସହ ସେମାନଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯାଇଥିଲା। ସାପ୍ତାହିକ ଖବରକାଗଜ 'ଭୋକିଲାପେଟ'ର ସମ୍ପାଦକ ସୁଧୀର ଚନ୍ଦ୍ର ନାୟକ, ସହ ସମ୍ପାଦକ ସୁଦର୍ଶନ ସାହୁ ଓ ଲୋକ ବିକାଶ ଫାଉଣ୍ଡେଶନ ସହଯୋଗରେ ଶିବିର ଅନୁଷ୍ଠିତ ହୋଇଥିଲା। ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ପଦ୍ମଲୋଚନ ପଣ୍ଡା ଓ ସାମାଜିକ କର୍ମୀ ଶରତ ଚନ୍ଦ୍ର ମହାପାତ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନାଗରିକ ସଂଘ ସଭାପତି ବିରଞ୍ଚି ଦାସ, ସମ୍ପାଦକ କୃତିବାସ ପଣ୍ଡା, ସଭ୍ୟ ଅଖିଳ ବୀରବୀର ହରିଚନ୍ଦନ, ଅପର୍ତ୍ତି ମନ୍ତ୍ରୀ, କମଳକାନ୍ତ ମିଶ୍ର, ସୁବାସ ଚନ୍ଦ୍ର ପ୍ରହରାଜ ଓ ଅଫିସ ସମ୍ପାଦକ ଚିନ୍ତାମଣି ମହାପାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ।

### ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ


**ରଘୁନାଥପୁର, ୧୮।୧ (ଡି.ଏନ.ଏ.):** ରଘୁନାଥପୁର ବ୍ଲକ ରେଢୁଆ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ସରକାରୀ ଓ ବେସରକାରୀ ଅଣ ତାଲିମପ୍ରାପ୍ତ ଶିକ୍ଷକଙ୍କୁ ଦିଆଯାଉଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଜାତୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନ ଦ୍ୱାରା ପ୍ରଶିକ୍ଷିତ ଶିକ୍ଷୟିତ୍ରୀଶିକ୍ଷକଙ୍କ ନେଇ ଏକ ପାଠଚକ୍ର ସଂଯୋଜିକା ଡ. ବିରସ କୁମାର ନାୟକଙ୍କ ଅଧକ୍ଷତାରେ କରାଯାଇଥିଲା। ଏଥିରେ ଏସଭିଏମ୍ କଲେଜର ପ୍ରଧାପକ ବାବୁରାମ ପରିଡା, ମୁଖ୍ୟ ଅତିଥି ଭାବେ ସ୍ଥାନୀୟ କଲେଜର ଅଧକ୍ଷ ସରୋଜ କୁମାର ପଣ୍ଡା ଓ ଶିକ୍ଷାବିତ୍ ଗୀତା ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

■ ଚମ୍ପେଶ୍ୱର ପରେ କୋକଳବା: ମିଲର ନ ଆସିବାରୁ ହୋଇପାରୁନି ଧାନ ବିକ୍ରି

# ରାସ୍ତାରେ ଧାନ ଢାଳି ଚାଷୀଙ୍କ ପ୍ରତିବାଦ

**ନରସିଂହପୁର, ୧୮।୧ (ଡି.ଏନ.ଏ./ସ୍ୱ.ପ୍ର.)**

ନରସିଂହପୁର ଅଞ୍ଚଳରେ ଥିବା ଧାନମଣ୍ଡି ଗୁଡ଼ିକରେ ପ୍ରଶାସନିକ ଅପରଗତା ଯୋଗୁ ନାନା ଅସୁବିଧା ଦେଖାଦେଇଛି। କିଛିଦିନ ତଳେ ବ୍ଲକ ଅଧୀନ ଚମ୍ପେଶ୍ୱର ସେବା ସମବାୟ ସମିତିରେ ଧାନ ବିକ୍ରି ନ ହେବାରୁ ଚାଷୀ ରାସ୍ତା ଅବରୋଧ କରିଥିଲେ। ପୁଣି ସେହିଭଳି ଦୃଶ୍ୟ କୋକଳବା ସେବା ସମବାୟ ସମିତିରେ ଥିବା ମଣ୍ଡିରେ ଦେଖିବାକୁ ମିଳିଛି। ଏହି ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚାଷୀ ୪ ଦିନ ହେବ ଧାନ ଆଣି ଅପେକ୍ଷା କରିଛନ୍ତି। ହେଲେ ମିଲର ନ ଆସିବାରୁ ଧାନ ବିକ୍ରି ହୋଇ ପାରୁନାହିଁ। ଏଥିରେ ଉତ୍ତେଜିତ ହୋଇ ଶୁକ୍ରବାର ଶତାଧିକ ଚାଷୀ ସକାଳ ୭ଟାରୁ ନରସିଂହପୁର-କମଳାଡିହ ମୁଖ୍ୟ ରାସ୍ତାର କୋକଳବା ଛକ ରାସ୍ତାରେ ଧାନ ବସ୍ତା ରଖିବା ସହ ରାସ୍ତା ଉପରେ ଧାନ ଢାଳି ପ୍ରତିବାଦ କରିଥିଲେ। ଫଳରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଦିନ ୧୦ଟାରେ ଅତିରିକ୍ତ ତହସିଲଦାର ଅଜିତ ପ୍ରସାଦ ସାହୁ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିବା ସହ ସନ୍ଧ୍ୟା ସୁଦ୍ଧା ମିଲର ଆସି ଧାନ କିଣିବେ ବୋଲି କହିଥିଲେ। ଏହାପରେ ଦିନ ୧ଟାବେଳକୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆଠଗଡ଼ ଉପଖଣ୍ଡ ଯୋଗାଣ ନିରୀକ୍ଷକ ନିରଦ ରଞ୍ଜନ ଦାଶଙ୍କ ନିର୍ଦ୍ଦେଶ କ୍ରମେ ମିଲରମାନେ ସନ୍ଧ୍ୟାରେ ପହଞ୍ଚି ଧାନ କ୍ରୟ କରିଥିଲେ। ସମିତି ସଭାପତି ଉମାକାନ୍ତ ପ୍ରାଣିଗ୍ରାହୀଙ୍କ ନେତୃତ୍ୱରେ ଏହି ଆନ୍ଦୋଳନରେ ଚାଷୀ କୃପାସିନ୍ଧୁ ପାଣିଗ୍ରାହୀ, ମନୋରଞ୍ଜନ ଧଳ, ଗଦାଧର ବେହେରା, ଅନିରୁଦ୍ଧ ଖଟୁଆ, ସୂର୍ଯ୍ୟମଣି ଧଳ, ଅନ୍ତର୍ଯ୍ୟାମୀ ଧଳ, ନିଳମଣି ସେଠୀ ଓ ରବି ମନ୍ତ୍ରୀ ପ୍ରମୁଖ ସାମିଲ ହୋଇଥିଲେ।



ରାସ୍ତାରେ ଧାନ ଢ଼ାଳି ଚାଷୀ ନରସିଂହପୁର-କମଳାଡିହ ରାସ୍ତା ଅବରୋଧ କରିଛନ୍ତି।

■ ସାମିଲ ହେଲେ ଶତାଧିକ ଚାଷୀ

■ ସନ୍ଧ୍ୟାରେ ଆସି ଧାନ କିଣିଲେ ମିଲର

■ ଧାରଣା ଦେଇଥିବା ମହିଳା ସବୁଜ ପତ୍ରିକାଧାରୀ ନୁହନ୍ତି

# ଅଭିଯୋଗ ଆଣିଲେ ୪୦୦ ମହିଳା



ବ୍ଲକ ଆଗରେ ପ୍ରତିବାଦ କରୁଥିବା ମହିଳା।

**ନରସିଂହପୁର, ୧୮।୧ (ଡି.ଏନ.ଏ.)**

ନରସିଂହପୁର ବ୍ଲକ ଅଞ୍ଚଳରେ ସବୁଜ ପତ୍ରିକା କରାଇ ଦେବା ନାଁରେ ଠକେଇ ହେଉଥିବା ଅଭିଯୋଗ ହୋଇଥିଲା। ଏପରି କି କିଛି ଦିନ ତଳେ କେତେଜଣ ସବୁଜ ପତ୍ରିକାଧାରୀ ବ୍ଲକ ଆଗରେ ଧାରଣା ଦେବା ସହ ଏହାର ତଦନ୍ତ କରିବାକୁ ବିଡିଓଙ୍କୁ ଦାବିପତ୍ର ଦେଇଥିଲେ। ଏକଥା ଜଣା ପଡ଼ିବା ପରେ ଶୁକ୍ରବାର ପୁଣି ୪୦୦ରୁ ଊର୍ଦ୍ଧ୍ୱ ସବୁଜ ପତ୍ରିକାଧାରୀ ମହିଳା ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଆସି ବ୍ଲକ ଆଗରେ ଧାରଣା ଦେବା ସହ ବିଡିଓଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ସେମାନେ ଦେଇଥିବା ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ଯେଉଁମାନେ ଧାରଣା ଦେଇଥିଲେ ସେମାନେ ସବୁଜ ପତ୍ରିକାଧାରୀର କୌଣସି କର୍ମକର୍ତ୍ତା କିମ୍ବା ସଦସ୍ୟା ନୁହଁନ୍ତି। ସବୁଜ ପତ୍ରିକାଧାରୀଙ୍କ ରାଜ୍ୟ ସଭାନେତ୍ରୀ ଲକ୍ଷ୍ମୀ ଦେବୀ ଅଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲକ୍ଷ୍ମୀଦେବୀଙ୍କ ମାଧମରେ କରାଯାଇଥିବା ଦାବିକୁ ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଦୀର୍ଘ ବର୍ଷ ଧରି ଲକ୍ଷ୍ମୀଦେବୀ ରାଜ୍ୟର ନେତୃତ୍ୱ ନେଇଛନ୍ତି। ତେଣୁ ବ୍ଲକ ଅଞ୍ଚଳର କେତେଜଣ କଥାକଥିତ ମହିଳାଙ୍କ ବ୍ୟକ୍ତିଗତ ସ୍ୱାର୍ଥ ପ୍ରତି ପ୍ରଶାସନ ଦୃଷ୍ଟି ନ ଦେବାକୁ ସେମାନେ ଅଭିଯୋଗରେ ଜଣାଇଛନ୍ତି। ତେବେ କିଏ ଅସଲି କିଏ ନ କଲି ତାକୁ ନେଇ ଏବେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## କାଳିଆ ଯୋଜନା ସଚେତନତା

**ନିଶ୍ଚିନ୍ତକୋଇଲି, ୧୮।୧ (ସ୍ୱ.ପ୍ର.)**

ଚାଷୀଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର କାଳିଆ ଯୋଜନା ହାତକୁ ନେଇଛନ୍ତି। ଏହି ଯୋଜନାରେ କିଭଳି ସମସ୍ତ ଚାଷୀ ଉପକୃତ ହୋଇପାରିବେ ସେ ନେଇ ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ସ୍ଥାନରେ ପାଲା, ଦାସକାଠିଆ, ଲଉଡି, ଭଜନ ଓ କବିତା ଜରିଆରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ, ଏବିଡିଓ ସୁଶାନ୍ତ ରଣା, ସହକାରୀ ଯନ୍ତ୍ରୀ ପ୍ରଫୁଲ ସାହୁଙ୍କ ସମେତ କୃଷି ଅଧିକାରୀ ଓ ସମବାୟ ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜମରା ପଞ୍ଚାୟତରେ ସରପଞ୍ଚ ରାଜେନ୍ଦ୍ର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଗିରିଶ ମହାପାତ୍ର, ଯୋଗଦେଇ ଯୋଜନା ସମ୍ପର୍କରେ ଉପସ୍ଥାପନ କରିଥିଲେ। ନରେନ୍ଦ୍ରପୁର ପଞ୍ଚାୟତରେ ସରପଞ୍ଚ ବନ ବିହାରି ସେଠୀଙ୍କ ତତ୍ତ୍ୱାବଧାନରେ ଜିଲା ପରିଷଦ ସଭ୍ୟା ଗୀତାଞ୍ଜଳି ପଣ୍ଡା ଓ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦିଲୀପ ମହନ୍ତ ଯୋଗଦେଇ ଚାଷୀଙ୍କୁ ସଚେତନ କରିଥିଲେ। କଟିକଟା ପଞ୍ଚାୟତରେ ସରପଞ୍ଚ ମନସ୍ମିତା ପଣ୍ଡା ଓ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁଜୟ କୁମାର ବେହେରା ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ କରିଥିଲେ। ସେହିପରି ନତକାଇ ପଞ୍ଚାୟତରେ ସରପଞ୍ଚ ବନ୍ଦନା ମାଝି, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କେଦାରଶ୍ୱର ବେହେରା ଓ ଉତ୍ତରକୂଳ ପଞ୍ଚାୟତରେ ସରପଞ୍ଚ ଦିଲୀପ ବିଶ୍ୱାଳ ଯୋଗଦେଇ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ।

# ଆମ ଘରେ ଏଲ୍ଇଡି କାର୍ଯ୍ୟକ୍ରମର ଶୁଭାରମ୍ଭ

**ନିଶ୍ଚିନ୍ତକୋଇଲି, ୧୮।୧ (ସ୍ୱ.ପ୍ର.)**

କଟକ ସଦର ନିର୍ବାଚନମଣ୍ଡଳୀରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରାଙ୍କ ଦ୍ୱାରା ଶୁକ୍ରବାର ଆମ ଘରେ ଏଲ୍ଇଡି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି କ୍ରମରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ଥିବା ସଦର ନିର୍ବାଚନମଣ୍ଡଳୀର ୧୪ ପଞ୍ଚାୟତରେ ପ୍ରାଥମିକ ପର୍ଯ୍ୟାୟରେ ପ୍ରତି ପଞ୍ଚାୟତର ୧୦୦ ରାଶନକାର୍ଡ ହିତାଧିକାରୀଙ୍କୁ ଏହି ଏଲ୍ଇଡି ବଲ ପ୍ରଦାନ କରାଯାଇଛି। ସାନ୍ତପୁର ପଞ୍ଚାୟତରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ମନ୍ତ୍ରୀ ବେହେରା କହିଥିଲେ, ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ଉଜ୍ଜ୍ୱଳ ଆଲୋକ ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କର ଏହା ଲକ୍ଷ୍ୟ। ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ବିଜୟଲକ୍ଷ୍ମୀ ମୁଦୁଲି, ସମିତିସଭ୍ୟା ଅନ୍ନପୂର୍ଣ୍ଣା ମହାନ୍ତି ଉପସ୍ଥିତ ରହି ବଲ ବାଣ୍ଟିବା ସହ ୧୭୨ଜଣଙ୍କୁ ଭତ୍ତା, ୨୭ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା, ୧୪୧ ଜଣଙ୍କୁ ବିଜୁ କୃଷକ କାର୍ଡ ପ୍ରଦାନ କରିଥିଲେ। ସେହିପରି କେରିଲୋ ପଞ୍ଚାୟତରେ ଜିଲାପରିଷଦ ସଭ୍ୟା ଗୀତାଞ୍ଜଳି ପଣ୍ଡା, ସିଡିପିଓ ନିଳାବତୀ ସେଠୀ ଓ ଲୋକପ୍ରତିନିଧି ଉପସ୍ଥିତ ରହି ବଲ ସହ ପ୍ରୋତ୍ସାହନ ରାଶି ବଣ୍ଟନ କରିଥିଲେ। ବୁହାଲୋ ପଞ୍ଚାୟତରେ ଏବିଡିଓ ସୁଶାନ୍ତ ରଣା, ସରପଞ୍ଚ ସରୋଜିନୀ ଦାସ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଯୋଗଦେଇ ଏଲ୍ଇଡି ବଲ ଓ ସହାୟତା ରାଶି ବଣ୍ଟନ କରିଥିଲେ। କେଣ୍ଟାଳ ପଞ୍ଚାୟତରେ ସରପଞ୍ଚ ଅନଦା ପ୍ରସାଦ ନାୟକ, ସମିତିସଭ୍ୟା ମୀନା କୁମାରୀ ମିର୍ଦ୍ଧା ଉପସ୍ଥିତ ରହି ବଲ ସହ ଅନ୍ୟ ସହାୟତା ବଣ୍ଟନ କରିଥିଲେ। ଶୁକରପଡ଼ା ପଞ୍ଚାୟତରେ ସରପଞ୍ଚ ବାସନ୍ତୀ ସ୍ୱାଇଁ, ସମିତିସଭ୍ୟ ସେକ କଲାମ ଓ କାର୍ଯ୍ୟନିର୍ବାହୀ ଅଧିକାରୀ କେଦାରଶ୍ୱର ବେହେରା ଉପସ୍ଥିତ ଥିବାବେଳେ ନଗସପୁର ପଞ୍ଚାୟତରେ ସରପଞ୍ଚ ହିମାଂଶୁ ଭୂୟାଁ ଓ ଭିଏଲଡବ୍ଲ୍ୟୁ ପ୍ରସନ୍ନ ସାହୁ ଉପସ୍ଥିତ ରହି ସହାୟତା ରାଶି ବଣ୍ଟନ କରିଥିଲେ।

## ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ ସଙ୍ଗୀତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ।

**ବାଙ୍କୀ, ୧୮।୧ (ସ୍ୱ.ପ୍ର.)**

ବାଙ୍କୀ ପ୍ରଶାସନ ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଉପଖଣ୍ଡସ୍ତରୀୟ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଖଣ୍ଡର ସମସ୍ତ ବିଦ୍ୟାଳୟ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହାକୁ ବରିଷ୍ଠ, କନିଷ୍ଠ ଓ ସବ୍‌ଜୁନିୟରେ ବିଭାଗରେ ବିଭକ୍ତ କରାଯାଇଥିଲା। ବରିଷ୍ଠ ବିଭାଗରେ ଆୟୁଷ ଦାଶ ୧ମ, ଅଲିଭା ମହାପାତ୍ର ୨ୟ ଓ ଜ୍ୟୋତିରାଦ୍ୱିତ-୩ୟ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବିଭାଗରେ କୁମାର ଭାବତୋଷ ୧ମ, ଓମ୍‌ପ୍ରକାଶ ଚୌଧୁରୀ ୨ୟ ଓ ଝାନ୍ସିରାଣୀ ପୃଷ୍ଟି ୩ୟ ସ୍ଥାନ ଅଧିକାର କରିଥିଲେ। ସବ୍‌ଜୁନିୟର ବିଭାଗରେ ସୌମ୍ୟରଞ୍ଜନ ବେହେରା ୧ମ, ସୁଚିତ୍ରା ଜେନା ୨ୟ ଓ ଅନନ୍ୟା ପ୍ରିୟଦର୍ଶିନୀ ୩ୟ ସ୍ଥାନ ଅଧିକାର କରିଥିଲେ। ଏହି କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସ ଉତ୍ସବରେ ପୁରସ୍କୃତ କରାଯିବ। ବିଚାରକଭାବେ ସଂଗ୍ରାମ ବିଭୂତି ରାୟ, ସୁରେନ୍ଦ୍ର ମହାପାତ୍ର ଓ ସୁରେଶ ଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କର୍ମଚାରୀ ଦୁର୍ଯ୍ୟୋଧନ ପରିଡ଼ା ଓ ସୁଦର୍ଶନ ବେହେରା ସହଯୋଗ କରିଥିଲେ।

## ମଧ୍ୟାହ୍ନଭୋଜନ ହେରଫେର: ପ୍ରଧାନଶିକ୍ଷକ ନିଲମ୍ବିତ

**ରଘୁନାଥପୁର, ୧୮।୧ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଦେଉଳିସାହିସ୍ଥିତ ସିଦ୍ଧେଶ୍ୱରୀ ଉଚ୍ଚ ବିଦ୍ୟାଳୟ ମଧ୍ୟାହ୍ନଭୋଜନରେ ହେରଫେର ନେଇ ଗୁରୁବାର ଅଭିଯୋଗ ହୋଇଥିଲା। ଏହାପରେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଅଦ୍ୱୈତ ପ୍ରସାଦ ବସ୍ତିଆଙ୍କୁ ଶୁକ୍ରବାର ବିଇଓ କାର୍ଯ୍ୟାଳୟ ପକ୍ଷରୁ ନିଲମ୍ବନ କରାଯାଇଛି। ସୂଚନାଯୋଗ୍ୟ ୧୬ ତାରିଖ ଶାମ୍ବଦଶମୀ ଉପଲକ୍ଷେ ବିଦ୍ୟାଳୟକୁ ମାତ୍ର ୨ ପିଲା ଆସିଥିଲେ। ତେବେ ଉକ୍ତଦିନ ବିଦ୍ୟାଳୟରେ ୬୫ ପିଲା ଉପସ୍ଥିତ ଥିବା ନେଇ ପ୍ରଧାନ ଶିକ୍ଷକ ବସ୍ତିଆଙ୍କ ପକ୍ଷରୁ ମେସେଜ କରାଯାଇଥିଲା। ଏ ସମ୍ପର୍କରେ ଗୁରୁବାର ପରିଚାଳନା କମିଟିର ସଭ୍ୟାସଭ୍ୟ ଓ ଅଭିଭାବକ ବିଦ୍ୟାଳୟକୁ ଯାଇ ଯାଞ୍ଚ କରିବା ପରେ ବିଇଓ ରାଜ୍ୟଶ୍ରୀ ସାହୁଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସ୍କୁଲ ଫାଟକରେ ତାଲା ମାରି ଧାରଣାରେ ବସିବାକୁ ଚେତାବନୀ ମଧ୍ୟ ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ୨୪ ଘଣ୍ଟା ମଧ୍ୟରେ ଆଇନ ଅନୁଯାୟୀ ବିଇଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସାହୁ କହିଛନ୍ତି।

## ଛପଡ଼ାରେ ମୁଁ ହିରୋ ପ୍ରତିଭା ଅନ୍ୱେଷଣ

**ରଘୁନାଥପୁର, ୧୮।୧ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡ଼ିଶା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଯୁବବାହିନୀ ସଭାପତି ଆଶିଷ ସ୍ୱାଇଁ ଓ ସମ୍ପାଦିକା ମାନୁଲତା ପରିଡାଙ୍କ ପରିଚାଳନାରେ ୩୦ ପ୍ରତିଯୋଗୀଙ୍କୁ ନେଇ ନୃତ୍ୟ, ଗୀତ କ୍ରୀଡା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜଜ୍ ଭାବେ କଳାକାର ବୈରାଗୀ ଚରଣ ସାହୁ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ କୌଶଲ୍ୟା ମଲ୍ଲ ୧ମ, ଆଶ୍ରିତା ଖୁଣ୍ଟିଆ ୨ୟ ଓ ଅନ୍ୟାଶା ଅନ୍ୟନ୍ୟା ମହାପାତ୍ର ୩ୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବ୍ଲକ ଅଧକ୍ଷା ସ୍ୱାପ୍ନାସରିତା ବଳ, ଡେଜାଲିନ ମହାପାତ୍ର, ଡ. ସୁରେନ୍ଦ୍ରନାଥ ମହାପାତ୍ର, ସରପଞ୍ଚ ବିଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

**ନିଶ୍ଚିନ୍ତକୋଇଲି, ୧୮।୧ (ସ୍ୱ.ପ୍ର.)**

କଟକ ସଦର ବିଧାୟକ ତଥା କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଶୁକ୍ରବାର ନିଶ୍ଚିନ୍ତକୋଇଲି ବ୍ଲକର ସାନ୍ତପୁର ପଞ୍ଚାୟତ ଗସ୍ତକରି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଅପରାହ୍ନରେ ମନ୍ତ୍ରୀ ବେହେରା ସାନ୍ତପୁର ପଞ୍ଚାୟତ ଅଙ୍ଗନୱାଡ଼ି ଗୃହର ଲୋକାର୍ପଣ କରିବା ସହ ୧୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସ, ୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଜଳନିଆ-ରହଂସ ରାସ୍ତା ଓ ୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଓରିକଣ୍ଟା ବଡ଼ ପୋଖରୀର ପୁନରୁଦ୍ଧାର ପାଇଁ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଥିଲେ, ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଅଙ୍ଗୀକାରବଦ୍ଧ। ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ବହୁ ପଦକ୍ଷେପ ନିଆଯାଇଛି। ରାଜ୍ୟ କ୍ରୀଡ଼ା ବିଭାଗ ନିଷ୍ଠାପରତା ପାଇଁ ଆନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଛି। କାର୍ଯ୍ୟକ୍ରମରେ ପୂର୍ବତନ ଜିଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ, ସରପଞ୍ଚ ବିଜୟଲକ୍ଷ୍ମୀ ମୁଦୁଲି, ସମିତିସଭ୍ୟା ଅନ୍ନପୂର୍ଣ୍ଣା ମହାନ୍ତି, ବରିଷ୍ଠ ବିଜେଡି ନେତା ରବୀନ୍ଦ୍ରନାଥ ପଣ୍ଡା ଓ ସୁଧାଂଶୁ ଶେଖର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।



ଏକ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଓ ଅନ୍ୟମାନେ।

# ନାହିଁ ସୁରକ୍ଷା ବାଡ଼ା, ବଢୁଛି ଦୁର୍ଘଟଣା

**ବାଙ୍କୀ, ୧୮।୧ (ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ଭେଡ଼ା ରାମଚନ୍ଦ୍ରପୁର ଦେଇ ପଶ୍ଚିମ ବାଙ୍କୀକୁ ସଂଯୋଗ କରୁଥିବା ଚନ୍ଦ୍ରପା ସେତୁଟି ଦୀର୍ଘଦିନ ହେବ ଅସୁରକ୍ଷିତ ଅବସ୍ଥାରେ ପଡ଼ିରହିଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ସେତୁରେ ବାଡ଼ା ନ ଥିବାରୁ ଦିନକୁ ଦିନ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଅଞ୍ଚଳଟି ତଳୁଆ ଅଞ୍ଚଳ ହୋଇଥିବାରୁ ବନ୍ୟା ସମୟରେ ଓ ସାମନ୍ୟ ବର୍ଷା ହେଲେ ଏଠାରେ ପାଣି ଜମାହୋଇ ରହୁଥିଲା।

ଯଦ୍ଦ୍ୱାରା ସାଧାରଣ ଲୋକଙ୍କ ଯାତାୟାତାରେ ବାଧା ସୃଷ୍ଟି କରୁଥିଲା। ଏପରିକି ବାଙ୍କୀ ଓ ପଶ୍ଚିମ ବାଙ୍କୀ ମଧ୍ୟରେ ଯାତାୟାତ ବିଚ୍ଛିନ୍ନ ହୋଇଯାଉଥିଲା। ଜରୁରୀ କାମ ପଡ଼ିଲେ ଲୋକେ ଛୋଟ ଡଙ୍ଗାରେ ଯାତାୟାତ କରୁଥିଲେ। ଏହାକୁ ଦୃଷ୍ଟିରେ ରଖି ୧୯୮୧ମସିହା ଏପ୍ରିଲ ୯ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏହି ସେତୁର ଶିଳାନ୍ୟାସ କରାଯାଇଥିଲା। ୧୯୮୩ ଜୁଲାଇ ୧୭ରେ ସେତୁଟି ଉଦ୍‌ଘାଟିତ ହୋଇଥିଲା। ଫଳରେ ପୂର୍ବରୁ ଚନ୍ଦ୍ରପା ନାଳଦେଇ ଯାତାୟାତରେ ହେଉଥିବା ଅସୁବିଧାର ସମାଧାନ ହେବା ସହିତ ରାସ୍ତାଟି ସବୁଦିନ ପାଇଁ ବାଙ୍କୀ ସହିତ ଯୋଡ଼ି ହୋଇଥିଲା। ସରକାରଙ୍କ ଦ୍ୱାରା ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏଯାବତ୍ ସେତୁ ଉପରେ ସୁରକ୍ଷା ବାଡ଼ା ନିର୍ମାଣ ହୋଇପାରିନାହିଁ। ସେତୁ ଉପର କିଛି ସ୍ଥାନରେ ମାତ୍ର ଦେଢଫୁଟ ଉଚ୍ଚର ଛୋଟ ଖୁଣ୍ଟ କେତୋଟି ନିର୍ମାଣ କରାଯାଇଛି। ଯାହାଫଳରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଏପରି କି ଲୋକେ ଗାଡ଼ି ସହ ସେତୁ ତଳେ ପଡ଼ି ଗୁରୁତର ହେଉଛନ୍ତି।




ବାଡ଼ା ନ ଥିବାରୁ ଲୋକେ ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି।

**ଅସୁରକ୍ଷିତ ଚନ୍ଦ୍ରପା ସେତୁ**

■ ଶୀଘ୍ର ବାଡ଼ା ନିର୍ମାଣ କରିବାକୁ ଦାବି

■ ୧୯୮୩ରେ ସେତୁ ଉଦ୍‌ଘାଟନ ହୋଇଥିଲେ ମଧ ବାଡ଼ା ନିର୍ମାଣ ହୋଇନାହିଁ

ତେଣୁ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ସେତୁ ଉପରେ ସୁରକ୍ଷା ବାଡ଼ା ନିର୍ମାଣ କରିବାକୁ ଅନୁଆରୀ, ଗୋଳାଗଣ୍ଡ, ବରହ୍ମପୁରା, ପଥୁରୀପଡା ଅଞ୍ଚଳର ବହୁ ଜନସାଧାରଣ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ କୁମାର ନାୟକ କୁହିଛନ୍ତି, ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରି ବାଡ଼ା ନିର୍ମାଣ କରାଇବି। ଏବେ ଦେଖିବାକୁ ଅପେକ୍ଷା କେବେ ବାଡ଼ା ନିର୍ମାଣ ହେଉଛି।



ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି, ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।

- ଫ୍ରାଙ୍କଲିନ୍



## ଆଜି କ'ଣ କେଉଁଠି

କଟକ

- ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ୫୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ, ବିଦ୍ୟାଳୟ ପରିସର, ପୂର୍ବାହ୍ଣ ୧୦ଟା।
- ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ଜୟ ହିନ୍ଦ୍ ଉତ୍ସବ, ନେତାଜୀ ଭବନ, ଓଡ଼ିଆ ବଜାର, ଅପରାହ୍ଣ ୩ଟା।
- ୭୧ତମ ରାଜ୍ୟ ପୋଲିସ ଦୌଡ଼କୁଦ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ପୋଲିସ ପରେଡ୍ ପଡ଼ିଆ, ବକ୍ସିବଜାର, ଅପରାହ୍ଣ ୪ଟା।
- ସିପିଆଇ ପକ୍ଷରୁ ସଂଗ୍ରାମୀ ଆହବାନନ୍ଦ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା, ଗାନ୍ଧୀସ୍ମୃତି ଭବନ, ବାଖରାବାଦ, ଅପରାହ୍ଣ ୪ଟା ୩୦।
- ଶିଖ୍ କମ୍ୟୁନିଟି ଅଫ୍ ଓଡ଼ିଶା ପକ୍ଷରୁ ସମାଗମ, ଦଉମ୍ ସାହିବ୍ ଗୁରୁଦ୍ୱାରା, ସନ୍ଧ୍ୟା ୬ଟା।

## ଆଜି ସ୍ୟାଟ୍ କଟକ ବାର୍ ନିର୍ବାଚନ

**କଟକ ଅଫିସ, ୧୮।୧:** ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲ (ସ୍ୟାଟ୍) କଟକ ବାର୍‌ର ସଭାପତି ଓ ସମ୍ପାଦକ ପଦବୀ ନିମନ୍ତେ ମତଦାନ ଶନିବାର ଅନୁଷ୍ଠିତ ହେବ। ବାକି ପଦବୀ ନିମନ୍ତେ ପ୍ରାର୍ଥୀମାନେ ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ପଦବୀ ପାଇଁ ଧୂଳିରାମ ପଟ୍ଟନାୟକ ଏବଂ କରୁଣାକର ରଥ ଓ ସମ୍ପାଦକ ପଦବୀ ନିମନ୍ତେ ପ୍ରକାଶ କୁମାର ରାଉତ ଏବଂ ଅଶୋକ କୁମାର ବେହେରାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏହି ନିର୍ବାଚନରେ ୬୧୧ ଜଣ ଆଇନଜୀବୀ ମତଦାନ କରିବେ।

## ସର୍ବଭାରତୀୟ୍ ସ୍ତରରେ ସିଡ଼ିଏ ଡିଏଭି ଛାତ୍ରଙ୍କ କୃତିତ୍ୱ

**କଟକ ଅଫିସ,୧୮।୧:** ସର୍ବଭାରତୀୟସ୍ତରୀୟ ପ୍ରତିଯୋଗିତା ଜାତୀୟ୍ ଟେରି ଅଲିମ୍ପିଆଡରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି ସିଡିଏ ଡିଏଭି ସ୍କୁଲ ଛାତ୍ର କୃଷ୍ଣାଂଶୁ ମହାପାତ୍ର। ସେ ଦଶମ ଶ୍ରେଣୀରେ ପଢନ୍ତି। ଦିଲ୍ଲୀସ୍ଥିତ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଅଡିଟୋରିୟମରେ ବୁଧବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କୃଷ୍ଣାଂଶୁଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭଡେକର ଅତିଥି ଭାବେ ଯୋଗଦେଇଥିଲେ। ସିଡ଼ିଏ ଡିଏଭି ଅଧକ୍ଷା ନମିତା ମହାନ୍ତି କୃଷ୍ଣାଂଶୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**କଟକ ଅଫିସ,୧୮।୧:** କଟକ ମହାନଗର ନିଗମ ଅନ୍ତର୍ଗତ ୨୩ ନଂ. ୱାର୍ଡ ଚୌଧୁରୀ ବଜାର ମାରୁତି ମଣ୍ଡପରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜ୍ୟ ଛାତ୍ର ବିଜେଡ଼ି ଉପସଭାପତି ମନୋଜିତ ଦାସ, ଚୌଧୁରୀ ବଜାର ପୂଜା କମିଟି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶାନ୍ତନୁ ମିଶ୍ର, ତୁଷାର ନାୟକ, ନାରାୟଣ ନନ୍ଦୀ, କେଶବ ମାଝୀ, ଡି. ଅଶୋକ ରାଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାସ୍ତାପାର୍ଶ୍ୱକୁ ଓଲଟିଲା ଟ୍ରକ୍

**ଫୁଲନଖରା, ୧୮।୧ (ଡି.ଏନ୍.ଏ.):** କଟକ-ଭୁବନେଶ୍ୱର ୧୬ନଂ. ଜାତୀୟ ରାଜପଥର ବର୍ଣ୍ଣଂକୁଦ ନିକଟରେ ଗୁରୁବାର ରାତିରେ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାପାର୍ଶ୍ୱକୁ ଓଲଟି ପଡିଛି। ଏଥିରେ ଚାଳକ ଆହତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଲୁହା ସ୍କ୍ରାପ୍ ବୋଝେଇ କରି ଉକ୍ତ ଟ୍ରକ(ଓଆର୦୫ଇ-୦୧୫୫) ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିବେଳେ ଭାରସାମ୍ୟ ହରାଇ ସମ୍ମୁଖରେ ଥିବା ଅନ୍ୟ ଏକ ଟ୍ରକ୍‌କୁ ଧକ୍କା ଦେଇ ରାସ୍ତାପାର୍ଶ୍ୱକୁ ଓଲଟି ପଡିଥିଲା। ପରେ ଘଟଣାସ୍ଥଳରୁ ଅନ୍ୟ ଟ୍ରକ୍‌ଟି ପଳାଇଯାଇଥିଲା। ଖବରପାଇ କଟକ ସଦର ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରିଛି।

## ରକ୍ତଦାନ ଶିବିର

**ଖୁଣ୍ଟୁଣୀ,୧୮।୧ (ଡି.ଏନ୍.ଏ) :** ଖୁଣ୍ଟୁଣୀ ଥାନା ଅଧୀନ ଆରତି ଷ୍ଟିଲ କାରଖାନା ପକ୍ଷରୁ ଶୁକ୍ରବାର ରକ୍ତଦାନ ଶିବିର କାରଖାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆରତି ଷ୍ଟିଲର ସଭାପତି ଏଲ.ଟି.ପି. ନାରାୟଣ ଏହାକୁ ଉଦ୍‌ଘାଟନ କରିଥିଲେ। ଲୋକସମ୍ପର୍କ ଅଧିକାରୀ ଶରତ ନିଶଙ୍କ, ଫାର୍ମାସିଷ୍ଟ ଧରିତ୍ରୀ ଭୂଷଣ ପ୍ରତିହାରୀଙ୍କ ସହଯୋଗରେ ଶିବିରରେ ୧୧୮ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ବରିଷ୍ଠ ପଦାଧିକାରୀ ଆର୍ଜେଶ ମିଶ୍ରା, ଡ. ସୁଧାକର ସିଂ, ବାବୁଲାଲ ଯାଦବ, ଶ୍ରୀନିବାସ ନାୟକ ଓ ଆର.କେ. ବଂଶଲ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

■ ସରକାରୀ ଯୋଜନାର ସମୀକ୍ଷା କଲେ ରାଜ୍ୟପାଳ

# ଯୋଜନାର ସଫଳତା ନିମ୍ନସ୍ତରରେ ପହଞ୍ଚୁ

**କଟକ ଅଫିସ, ୧୮।୧**



ବୈଠକରେ ଉପସ୍ଥିତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଅନ୍ୟମାନେ।

ସରକାରୀ ଯୋଜନାର ସୁଫଳ ଯେପରି ସମାଜର ନିମ୍ନସ୍ତରରେ ଥିବା ଲୋକଟି ନିକଟରେ ପହଞ୍ଚିବ ସେଥିପ୍ରତି ଦୃଷ୍ଟି ଦେଇ ନିଷ୍ଠାପର ଭାବେ ଜିଲାସ୍ତରୀୟ ଅଧିକାରୀମାନେ କାର୍ଯ୍ୟ କରିବା ଉଚିତ୍। ଓଡିଶା ଗତିଶୀଳ ହେବା ସହ ଚମକିବା ପାଇଁ ଅଧିକାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। କଟକ ଜିଲାକୁ ଦିନିକିଆ ଗସ୍ତରେ ଆସିଥିବା ରାଜ୍ୟପାଳ ପ୍ରଫେସର ଲାଲ ଶୁକ୍ରବାର ପୂର୍ବାହ୍ନରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ଜିଲାରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ମାନବ ପ୍ରଗତି ସୂଚକାଙ୍କକୁ ଆଧାର କରି ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ, ଖାଦ୍ୟ, ଯୋଗାଯୋଗ, ବିଦ୍ୟୁତୀକରଣ ଓ ପରିମଳ ଆଦି କ୍ଷେତ୍ରରେ ବିଭିନ୍ନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ଯୋଜନା ସମ୍ପର୍କରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା ପୂର୍ବକ ସମୀକ୍ଷା କରିଥିଲେ ରାଜ୍ୟପାଳ। ମୁଖ୍ୟତଃ ଜିଲାରେ ସ୍ୱାସ୍ଥ୍ୟସେବାକୁ ଅଗ୍ରାଧିକାର ଦେଇ ଶତପ୍ରତିଶତ ଗର୍ଭବତୀ ମହିଳାଙ୍କ ପ୍ରସବ ଡାକ୍ତରଖାନାରେ କରାଇବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜନ୍ମ ସମୟରେ କମ୍ ଓଜନର ଶିଶୁମାନଙ୍କର ଯତ୍ନ ନେବା, ଶିଶୁ ମୃତ୍ୟୁହାର କମାଇବା, ପ୍ରସୂତି ମହିଳାମାନଙ୍କର ପ୍ରସବ ପୂର୍ବ ଓ ପରବର୍ତ୍ତୀ ଅବସ୍ଥାରେ ଠିକ୍ ଚିକିତ୍ସା ଯୋଗାଇଦେବା ପାଇଁ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ଶିଶୁ ବିକାଶ ପ୍ରକଳ୍ପ (ଆଇସିଡିଏସ) ଗୁଡିକ ଦ୍ୱାରା ୦-୫ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କର ସ୍ୱାସ୍ଥ୍ୟ ରକ୍ଷା ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ଜିଲାସ୍ତରରେ ନିୟମିତ ତର୍ଜମା କରିବା ସହ ସମୟୋଚିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ସମସ୍ତେ ଯେପରି ଶୁଦ୍ଧ ପାନୀୟଜଳ ପାଇପାରିବେ ଏବଂ

■ମାତୃ, ଶିଶୁ ମୃତ୍ୟୁହାର ରୋକିବା ଉପରେ ଗୁରୁତ୍ୱ

■ବସ୍ତିବାସିନ୍ଦାଙ୍କୁ ବାସଗୃହ ନିମନ୍ତେ ଜାଗା ଯୋଗାଇଦେବାକୁ ପଦକ୍ଷେପ ନିଅ

କେହି ଗୃହହୀନ ରହିବେ ନାହିଁ ସେଥିପ୍ରତି ଦୃଷ୍ଟି ଦେଇ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟ କରିବାକୁ ରାଜ୍ୟପାଳ ମତବ୍ୟକ୍ତ କରିଥିଲେ। ଅଦ୍ୟାବଧି ଜିଲାର ଗ୍ରାମାଞ୍ଚଳରେ ୭୭ ପ୍ରତିଶତ ଖୋଲା ମଳମୁକ୍ତ ଅଞ୍ଚଳ ହୋଇପାରିଥିବା ବୈଠକରୁ ଜଣାପଡିଛି। ସହରାଞ୍ଚଳର ବସ୍ତିବାସିନ୍ଦାଙ୍କୁ ବାସଗୃହ ନିମନ୍ତେ ଜାଗା ଯୋଗାଇଦେବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ରାଜ୍ୟପାଳ କହିଥିଲେ। ଶିକ୍ଷାନୁଷ୍ଠାନଗୁଡିକର ଶୌଚାଳୟରେ ଯେଉଁଠି ପାଇପ ଯୋଗେ ପାଣି ଯୋଗାଇବା ବ୍ୟବସ୍ଥା ନାହିଁ ସେଠାରେ ପାଣି ବ୍ୟବସ୍ଥା କରିବା ଓ କୌଣସି ପରିସ୍ଥିତିରେ ୬ରୁ ୧୪ ବୟସ ପର୍ଯ୍ୟନ୍ତ ପିଲାମାନେ ଯେପରି ଶିକ୍ଷା ଗ୍ରହଣରୁ ବଞ୍ଚିତ ନ ହେବେ ତାହା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ମଧୁସୂଦନ ପାଢୀ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ହରିଶ ଚନ୍ଦ୍ର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ସଦର ଉପଜିଲାପାଳ ସୁକାନ୍ତ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

■ ଦେବୋତ୍ତର ଅଧିକାରୀଙ୍କ ମଧ୍ୟରେ ମତଭେଦ

# ଠାକୁରଙ୍କ ନୀତି ପାଇଁ ୨ ଟ୍ରଷ୍ଟ ବୋର୍ଡ ଗଠିତ

**କଟକ ସଦର,୧୮।୧(ଡି.ଏନ.ଏ.)**

ଗତ ଏକ ସପ୍ତାହ ମଧ୍ୟରେ କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସନାଥ ଦେବଙ୍କ ନୀତିକାନ୍ତି ପରିଚାଳନା ନିମନ୍ତେ ୨ଟି ଟ୍ରଷ୍ଟବୋର୍ଡ ଗଠନ କରାଯାଇଛି। ଦେବୋତ୍ତର ଆୟୁକ୍ତ ଗୋଟିଏ ଟ୍ରଷ୍ଟ ଗଠନ କରିଥିବାବେଳେ ଅନ୍ୟଟି ଦେବୋତ୍ତର ନିରୀକ୍ଷକ କରିଛନ୍ତି। ଏହାକୁ ନେଇ ଦେବୋତ୍ତର ଅଧିକାରୀଙ୍କ ମଧ୍ୟରେ ମତଭେଦ ଘଟଣା ପଦାକୁ ଆସିଛି। କାରଣ ଗୋଟିଏ ସଂସ୍ଥା ପାଇଁ ଏକକାଳୀନ ଦୁଇଟି ଟ୍ରଷ୍ଟବୋର୍ଡ ଗଠନ କରାଯିବାର ଉଦାହରଣ ଅନ୍ୟ କୌଣସି ମନ୍ଦିରରେ ନାହିଁ। ଭୁବନେଶ୍ୱରସ୍ଥ ଦେବୋତ୍ତର ଆୟୁକ୍ତଙ୍କ ଆଦେଶ ସଂଖ୍ୟା ୩୩୩(୫)/୧୧।୧।୧୯ରେ କଟକ ସଦର ଉପଜିଲାପାଳ ଓ ଅନ୍ୟ ୪ଜଣଙ୍କୁ ନେଇ ଏକ ମଧ୍ୟବର୍ତ୍ତିକାଳୀନ ଟ୍ରଷ୍ଟବୋର୍ଡ ଗଠନ କରାଯାଇଛି। ଅନ୍ୟପକ୍ଷରେ ବୁଧବାର କଟକସ୍ଥିତ ଦେବୋତ୍ତର ନୀରିକ୍ଷକ ଉକ୍ତ ମନ୍ଦିର ପ୍ରାଙ୍ଗଣରେ ସଭା ଡକାଇ ୭ଜଣଙ୍କୁ ଟ୍ରଷ୍ଟିଭାବେ ମନୋନିତ କରିଛନ୍ତି। ସେମାନଙ୍କ ମଧ୍ୟରେ କଟକ ସଦର ଉପଜିଲାପାଳ, ତହସିଲଦାର ଓ ଅନ୍ୟ ୫ଜଣ ସ୍ଥାନୀୟ ବ୍ୟକ୍ତି ରହିଛନ୍ତି। ଆଗାମୀ ଜାଗରଯାତ୍ରା ଓ ଦୋଳପର୍ବର ସୁପରିଚାଳନା କେଉଁ ଟ୍ରଷ୍ଟବୋର୍ଡ ତୁଲାଇବ ତାହା ସ୍ପଷ୍ଟ କରିବା ପାଇଁ ପରମହଂସ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ମିଶନ ଶକ୍ତି ରଥର ଶୁଭାରମ୍ଭ



ମିଶନ ଶକ୍ତି ରଥକୁ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଶୁଭାରମ୍ଭ କରୁଛନ୍ତି।

**କଟକ ଅଫିସ, ୧୮।୧**

କଟକ ଜିଲାରେ ମିଶନ ଶକ୍ତି କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ନିମନ୍ତେ ଶୁକ୍ରବାର ମିଶନ ଶକ୍ତି ରଥର ଶୁଭାରମ୍ଭ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହି ରଥକୁ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଶୁଭାରମ୍ଭ କରିଛନ୍ତି। ଜିଲାର ସମସ୍ତ ପଞ୍ଚାୟତ ଏବଂ ୪ଟି ସହରାଞ୍ଚଳରେ ୭ଟି ରଥ ପରିକ୍ରମା କରି ମିଶନ ଶକ୍ତି କାର୍ଯ୍ୟକ୍ରମ ଏବଂ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବା ଯୋଜନା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବ।

# ଓରିୟନ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ




ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**କଟକ ଅଫିସ, ୧୮।୧**

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଓରିୟନ ସାଂସ୍କୃତିକ ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ଅଭିନେତା ତଥା ବିଜେଡି ନେତା ଅରିନ୍ଦମ ରାୟ, ଜାତୀୟ ପୁରସ୍କାର ବିଜେତା ଅଭିନେତ୍ରୀ ପ୍ରକୃତି ମିଶ୍ର, ଶ୍ରୀ ଶ୍ରୀ ଯୋଗ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଗିରିନ ଗୋବିନ୍ଦ ଯୋଗଦେଇଥିଲେ। ଏହି ମହୋତ୍ସବ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ମୁଖ୍ୟ ଉଦ୍ଦେଶ୍ୟ ଯାହା କି 'ପୂର୍ବ ଓ ପାଶ୍ଚାତ୍ୟର ସର୍ବଶ୍ରେଷ୍ଠ' ପ୍ରତିପାଦିତ କରୁଛି। ଏହି ଅବସରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଓଡିଶୀ ନୃତ୍ୟ ବିଭାଗ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ଓରାୟନ ସଞ୍ଚାଳନ ମଣ୍ଡଳୀର ସଦସ୍ୟମାନେ ବିଭିନ୍ନ ବିଭାଗର ପତାକା ଧରି ମାର୍ଚ୍ଚପାଷ୍ଟ କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ର ବ୍ୟବସ୍ଥା ନିର୍ଦ୍ଦେଶକ କ୍ୟାପଟେନ ଚନ୍ଦ୍ରଶେଖର ପଣ୍ଡା ସମସ୍ତ ଅତିଥି ତଥା ପ୍ରତିଯୋଗୀମାନଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ମିକ ନିର୍ଦ୍ଦେଶକ ନରେନ୍ଦ୍ର ଲାମ୍ବା ଯୋଗଦେଇ ଅତ୍ୟନ୍ତ ସରଳ ରହି ଜୀବକୁ କିପରି ଉପଭୋଗ କରିପାରିବ ସେ ବିଷୟରେ ଅବଗତ କରାଇଥିଲେ।

## ଗୋରୁ ଗାଡ଼ି ଧକ୍କାରେ ଯୁବକ ଗୁରୁତର: ୧୨ ଗୋରୁ ଉଦ୍ଧାର

**କଟକ ଅଫିସ, ୧୮।୧**

ବେଆଇନ ଗୋରୁ ବୋଝେଇ ହୋଇ ଯାଉଥିବା ଏକ ପିକଅପ୍ ଭ୍ୟାନ ଧକ୍କାରେ ଶୁକ୍ରବାର ମୁଲଚାନ୍ଦ ଯଯ୍ରା ନାମକ ଯୁବକ ଗୁରୁତ୍ୱର ହୋଇଛନ୍ତି। ତାଙ୍କ ଘର ମହାରାଷ୍ଟ୍ରରେ ହୋଇଥିବାବେଳେ ସେ ପରିବାର ସହ ପୁରୀଘାଟ ଥାନା ଅଞ୍ଚଳରେ ରହୁଛନ୍ତି। ଚିକିତ୍ସାଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ପୁରୀଘାଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଭ୍ୟାନ୍‌କୁ ଜବତ କରିବା ସହ ସେଥିରେ ଥିବା ୧୨ ଗୋରୁଙ୍କୁ ଉଦ୍ଧାର କରିଛି। ଅପରାହ୍ନରେ ମୁଲଚାନ୍ଦ ଏବଂ ତାଙ୍କର ଜଣେ ସାଙ୍ଗ ଦୋଳମୁଣ୍ଡାଇ ଛକରୁ ପିଠାପୁର ଆଡକୁ ଯାଉଥିବାବେଳେ ବାଦାମବାଡି ଆଡୁ ଆସୁଥିବା ଉକ୍ତ ଭ୍ୟାନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଯୁବକ ଦ୍ୱୟ ତଳେ ପଡିଯିବାରୁ ଭ୍ୟାନ ଚାଳକ ସେଠାରେ ଗାଡି ରଖି ଫେରାର ହୋଇଯାଇଥିଲେ। ଏଥିରେ ମୁଲଚାନ୍ଦ ଗୁରୁତ୍ୱର ହୋଇଥିବାବେଳେ ତାଙ୍କ ସାଙ୍ଗ ସାମାନ୍ୟ ଆହତ ହୋଇଥିଲେ।

# ଏମ୍‌ଏସ୍‌ଏମ୍‌ଇର ମେଗା କ୍ରେତା, ବିକ୍ରେତା ବିକାଶ କାର୍ଯ୍ୟକ୍ରମ

**କଟକ ଅଫିସ, ୧୮।୧**

ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ପକ୍ଷରୁ ଜାତୀୟ ଅନୁସୂଚିତ ଜାତି ଓ ଜନଜାତି ହବ୍ ପରିଯୋଜନା ଅନ୍ତର୍ଗତ ଏକ ବୃହତ୍ କ୍ରେତା, ବିକ୍ରେତା ବିକାଶ କାର୍ଯ୍ୟକ୍ରମ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ହୋଇଛି। ଏହାକୁ ରାଜ୍ୟ ଶିଳ୍ପ ନିର୍ଦ୍ଦେଶକ ପ୍ରଣବଜ୍ୟୋତି ନାଥ ବିଧିବଦ୍ଧ ଉଦ୍‌ଘାଟନ କରିଥିଲେ। ଏମ୍‌ଏସ୍‌ଏମ୍‌ଇ ବିକାଶ ସଂସ୍ଥାର ନିର୍ଦ୍ଦେଶକ ପ୍ରଭାରୀ ଡ. ସୁକାନ୍ତ କୁମାର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ରାଜ୍ୟ ସରକାରଙ୍କ ରପ୍ତାନି ବିକାଶ ଓ ବଜାରୀକରଣ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଶରତ କୁମାର ଜେନା ଉଦ୍‌ବୋଧନ ଦେଇଥିଲେ। ଏମ୍‌ଏସ୍‌ଏମ୍‌ଇ ବିକାଶ ସଂସ୍ଥାନ କଟକର ସହ ନିର୍ଦ୍ଦେଶକ ସି.ପି. ରେଡ୍ଡୀ ଅତିଥି ଏବଂ ପ୍ରତିଯୋଗୀମାନଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମ କେନ୍ଦ୍ରୀୟ ସାର୍ବଜନୀନ ଉଦ୍ୟୋଗ, ଅନ୍ୟାନ୍ୟ ବୃହତ୍ ସରକାରୀ ଓ ଉଦ୍ୟୋଗ ଉପରେ ଗୁରୁତ୍ୱ ଦେଉଛି। ଏମ୍‌ଏସ୍‌ଏମ୍‌ଇ ୟୁନିଟ୍‌ଗୁଡ଼ିକର ବଜାର ସଂଯୋଗୀକରଣ ଏବଂ ସଂଯୋଗ ସ୍ଥାପନ ସହିତ ଅନୁସୂଚିତ ଜାତି ଓ ଜନଜାତି ସୂକ୍ଷ୍ମ, ଲଘୁ ଉଦ୍ୟମୀମାନେ କିପରି ଏଥିରୁ ବିଶେଷ ଉପକୃତ ହୋଇପାରିବେ ସେହି ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା। ଭାରତୀୟ ତୈଳ ନିଗମର ରିଫାଇନାରି ପ୍ରୋଜେକ୍ଟ, ନାଲ୍‌କୋ, ପାୱାର ଗ୍ରୀଡ୍ କର୍ପୋରେଶନ, ପୂର୍ବତଟ ରେଲୱେ, ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ ଭୁବନେଶ୍ୱର ଏସ୍‌ସି/ଏସ୍‌ଟି ହବ୍‌ର ଅଧିକାରୀମାନଙ୍କ ଦ୍ୱାରା ସେମାନଙ୍କ କ୍ରୟ ସାମଗ୍ରୀ ଏବଂ କ୍ରେତା ପଞ୍ଜୀକରଣ ଉପରେ ଉପସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବିଭିନ୍ନ ଶିଳ୍ପୋଦ୍ୟୋଗୀ ସଂଘର କର୍ମକର୍ତ୍ତା ଯୋଗଦେଇଥିଲେ।

# ଠକେଇ: ସାଇବର ଥାନାରେ ଅଭିଯୋଗ

## ମୋବାଇଲ ବଦଳରେ ଆସିଲା ବେଲ୍ଟ, ପର୍ସ

**କଟକ ଅଫିସ, ୧୮।୧**

ମୋବାଇଲକୁ ଫୋନ୍ ଆସିଲା ଆପଣ ଗୋଟିଏ ମୋବାଇଲ ଜିତିଛନ୍ତି। ଏକ ବ୍ରାଣ୍ଡ କମ୍ପାନୀର ୨୦ ହଜାର ଟଙ୍କାର ମୋବାଇଲ ଆପଣଙ୍କୁ ମାଗଣାରେ ମିଳିବ। ହେଲେ ଏଥିପାଇଁ କାଗଜପତ୍ର ଖର୍ଚ୍ଚ ବାବଦକୁ ତୁମକୁ ୫ ହଜାର ଟଙ୍କା ଦେବାକୁ ପଡିବ। ଏତେ କମ୍ ଟଙ୍କାରେ ଭଲ ମୋବାଇଲ ପାଇବା ଲୋଭରେ ଭଦ୍ରକ ଜିଲା ବିଦେଇପୁର ଅଞ୍ଚଳର ବାସିନ୍ଦା ମଣ୍ଟୁ ନାୟକ ରାଜି ହୋଇଗଲେ। କିଛିଦିନ ପରେ ନିକଟସ୍ଥ ପୋଷ୍ଟ ଅଫିସ୍‌ରୁ ମଣ୍ଟୁଙ୍କୁ ଫୋନ୍ ଆସିଥିଲା। ଆପଣଙ୍କର ପାର୍ସଲ ଆସିଛି ୫ ହଜାର ଟଙ୍କା ଜମା କରି ନେଇଯାଆନ୍ତୁ। ମଣ୍ଟୁ ୫ ହଜାର ଟଙ୍କା ଜମା କରି ପାର୍ସଲଟିକୁ ଆଣି ଖୋଲିବା ପରେ ସେଥିରୁ ବାହାରିଲା ଏକ ବେଲ୍ଟ ଏବଂ ଗୋଟିଏ ପର୍ସ। ଯାହାର ମୂଲ୍ୟ ୫୦୦ ଟଙ୍କାରୁ କମ୍ ହେବ। ପାର୍ସଲ ଦେଖିବା ପରେ ମଣ୍ଟୁ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଲେ। ଏ ନେଇ ସେ ଶୁକ୍ରବାର ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ୨୧ରୁ ପାଲା ମହୋତ୍ସବ

**କଟକ ଅଫିସ, ୧୮।୧:** ଆସନ୍ତା ୨୧ ଓ ୨୨ତାରିଖରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପାଲା ମହୋତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହେବ। ଏହିଅବସରରେ ପ୍ରଥମ ସନ୍ଧ୍ୟାରେ ଗାୟକ ଚକ୍ରଧର ବାରିକ ଓ ସାଥୀବୃନ୍ଦ ଏବଂ ଦ୍ୱିତୀୟ ସନ୍ଧ୍ୟାରେ ଲକ୍ଷ୍ମୀପ୍ରିୟା ଦାଶ ଓ ସାଥୀବୃନ୍ଦ ପାଲା ପରିବେଷଣ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ଜୋନ୍ କଂଗ୍ରେସ କମିଟି କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷିତ

**ଖୁଣ୍ଟୁଣୀ, ୧୮।୧ (ଡି.ଏନ୍.ଏ.)**

ଆଠଗଡ ବ୍ଲକ ୨ନଂ. ଜୋନ୍ କଂଗ୍ରେସ କମିଟିର କାର୍ଯ୍ୟକର୍ତ୍ତାଙ୍କ ନାମ ଶୁକ୍ରବାର ଜୋନ୍ ସଭାପତି ସୁରେଶ ଚନ୍ଦ୍ର ବିଶ୍ୱାଳ ଘୋଷଣା କରିଛନ୍ତି। କଟକ ଜିଲା କଂଗ୍ରେସ କମିଟି ସଭାପତି ଗୁରୁପଦ ନନ୍ଦଙ୍କ ଅନୁମୋଦନକ୍ରମେ ନିମ୍ନୋକ୍ତ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦିଆଯାଇଥିବା ସଭାପତି ବିଶ୍ୱାଳ କହିଛନ୍ତି। ଏଥିରେ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ରାଉତ, ରୋହିତ କୁମାର ମୁଦୁଲି, ସୁରେନ୍ଦ୍ର ଜେନା, ଉପସଭାପତି ଭାବେ ପଞ୍ଚାନନ ରାଉତ, ଜଳଧର ବେଉରା, ପ୍ରବୋଧ କୁମାର ସ୍ୱାଇଁ, ଧୀରେନ୍ଦ୍ର ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବାରିକ, ମାନସ କୁମାର ମଲ୍ଲିକ, ବିଭୂତି ଭୂଷଣ ଦାସ, ସାଧାରଣ ସମ୍ପାଦକ ଭାବେ ବସନ୍ତ କୁମାର ସାହୁ, ଦିବ୍ୟସିଂହ ପରିଡା, ଧୀରେନ୍ଦ୍ର ବିଶ୍ୱାଳ ଓ ପ୍ରତାପ ଚନ୍ଦ୍ର ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ବୁଥ୍‌ସ୍ତରରୁ କଂଗ୍ରେସ ଦଳକୁ ମଜଭୁତ କରିବା ପାଇଁ ଉପରୋକ୍ତ କର୍ମକର୍ତ୍ତାମାନଙ୍କୁ ସଭାପତି ବିଶ୍ୱାଳ ଆହ୍ୱାନ ଦେଇଛନ୍ତି। ଗୁରୁଡିଝାଟିଆଠାରେ ଶୁକ୍ରବାର ଅନୁଷ୍ଠିତ ଜୋନ୍-୨ ବୈଠକରେ ଜିଲା କଂଗ୍ରେସ କମିଟି ଉପସଭାପତି କିଶୋର ସାମନ୍ତରାୟ, ପୂର୍ବତନ ସରପଞ୍ଚ ଚନ୍ଦନ ବିଶ୍ୱାଳ, ସୁନୀଲ ସୂତାର, ବିକ୍ରମସେନ ଧଳ, ସୁନୀଲ ପଟ୍ଟନାୟକ, ସଞ୍ଜୟ ସାହୁ ଓ ନିଶିକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ରାସ୍ତାପାର୍ଶ୍ୱରୁ ମୃତ ହରିଣ ଉଦ୍ଧାର

**ଖୁଣ୍ଟୁଣୀ, ୧୮।୧ (ଡି.ଏନ୍.ଏ.)**

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ବାଲି-ବଉଳଗ୍ରାମ ଜାତୀୟ ରାଜପଥ ପାର୍ଶ୍ୱରୁ ଶୁକ୍ରବାର ଏକ ମୃତ ମାଈ ହରିଣକୁ ଉଦ୍ଧାର କରାଯାଇଛି। ସକାଳେ ହରିଣଟି ମରି ପଡିଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନାଞ୍ଚଳ ଅଧିକାରୀ ମାଗୁଣି ବେହେରା, ଓରନ୍ଦା ଫରେଷ୍ଟର ରାକେଶ ଦଳେଇ ଓ ବନରକ୍ଷୀ ରମାକାନ୍ତ ବଳବନ୍ତରାୟ ଘଟଣାସ୍ଥଳରେ ପହଞ୍ଚି ମୃତ ହରିଣକୁ ବ୍ୟବଚ୍ଛେଦ କରାଇବା ସହ ବନାଞ୍ଚଳ କାର୍ଯ୍ୟାଳକୁ ଆଣି ପୋତି ଦେଇଥିଲେ। ତେବେ ଅଜଣା ଗାଡି ଧକ୍କାରେ ହରିଣର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।



କଟକ ମିଶନରୋଡ୍‌ସ୍ଥିତ ଷ୍ଟିୱାର୍ଟ ସ୍କୁଲର ବାର୍ଷିକ ଉତ୍ସବରେ ଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ରିଜିଓନାଲ ଫେଷ୍ଟ ଉଦ୍‌ଯାପିତ




ଅତିଥିଙ୍କ ଗହଣରେ କୃତୀ ଖେଳାଳି।

**କଟକ ଅଫିସ,୧୮।୧**

ଖପୁରିଆ ସ୍ଥିତ ସରକାରୀ ଆଇଟିଆଇ କଲେଜ ଦ୍ୱାରା ବୋଷ ଗ୍ରାଉଣ୍ଡରେ ଦୁଇଦିନ ଧରି ଚାଲିଥିବା ରିଜିଓନାଲ ଫେଷ୍ଟ-୨୦୧୯ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସରକାରୀ ଓ ବେସରକାରୀ ଆଇଟିଆଇ କଲେଜର ୧୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଳିକା, ବାଳକ, ଅଧ୍ୟାପିକା ଓ ଅଧ୍ୟାପକମାନଙ୍କୁ ନେଇ ୫୪ଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ ଆୟୋଜକ ଖପୁରିଆ ସରକାରୀ ଆଇଟିଆଇ କଲେଜ ଚାମ୍ପିୟନ ଓ ମଧୁସୂଦନ ଆଇଟିଆଇ କଲେଜ ରନର୍ସଅପ ହୋଇଛି। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଭା ବିକାଶ କରିବା ଦିଗରେ ଏଭଳି କାର୍ଯ୍ୟକ୍ରମ ଆୟୋଜନର ଗୁରୁତ୍ୱ ରହିଛି ବୋଲି କହିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଯୋଗଦେବା ପୂର୍ବରୁ ସେ ଖପୁରିଆ ସରକାରୀ ଆଇଟିଆଇ କଲେଜର ସ୍କିଲ ମ୍ୟୁଜିୟମ ବୁଲି ଦେଖିଥିଲେ। ଅଧ୍ୟକ୍ଷ ଇଂ. ହୃଷୀକେଶ ମହାନ୍ତି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସୂର୍ଯ୍ୟାଂଶୁ ଭାର୍ଗବ, ଉପାଧ୍ୟକ୍ଷ ଇଂ. ଉମେଶ ଚନ୍ଦ୍ର ମିଶ୍ର, ସହକାରୀ ଶିକ୍ଷା ନିବେଶ ଉପଦେଷ୍ଟା ଇଂ. ଶୁଭଶ୍ରୀ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୯ ଜାନୁୟାରୀ ,୨୦୧୯



ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି, ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।

-ଫ୍ରାଙ୍କଲିନ୍



## ସଂକ୍ଷେପରେ

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ଟାଙ୍ଗୀ (ଖୋର୍ଦ୍ଧା),୧୮।୧ (ଡି.ଏନ.ଏ.)- ବିଜେଡିର ଜନସମ୍ପର୍କ ପଦଯାତ୍ରା ଶୁକ୍ରବାର ଚିଲିକା ବ୍ଲକ୍‌ର ବିରିବାଡି ପଞ୍ଚାୟତରେ ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରା ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହିତ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ସହ କେନ୍ଦ୍ର ସରକାରଙ୍କ ରାଜ୍ୟ ପ୍ରତି ବୈମାତୃକ ମନୋଭାବ ଅବଗତ କରାଯାଇଥିଲା। ପଦଯାତ୍ରାରେ ପୂର୍ବତନ ବିଧାୟକଙ୍କ ସହିତ ପର୍ଯ୍ୟବେକ୍ଷକ ଅଜିତ୍ ରାଉତ, ଏମ୍‌ପିଙ୍କ ପ୍ରତିନିଧି ରମେଶ ମହାପାତ୍ର, ବ୍ଲକ୍ ସଭାପତି ଦେବେନ୍ଦ୍ର ସାମନ୍ତସିଂହାର, ଯୁବ ବିଜେଡି ସଭାପତି ମହେଶ ବିଶ୍ୱାଳ, ଜୟନ୍ତ ପ୍ରଧାନଙ୍କ ସମେତ ପ୍ରାୟ ୭୫୦ ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଅଂଶଗ୍ରହଣ କରିଥିଲେ।

### ଉଜ୍ଜ୍ୱଳା ଗ୍ୟାସ୍ ବ୍ୟବହାର ନେଇ ସଚେତନତା

ଟାଙ୍ଗୀ (ଖୋର୍ଦ୍ଧା),୧୮।୧ (ଡି.ଏନ.ଏ.)- କୁହୁଡି ପଞ୍ଚାୟତର ବ୍ୟାଘ୍ରଦେବୀ ମନ୍ଦିର ପରିସରରେ ଶୁକ୍ରବାର ଉଜ୍ଜ୍ୱଳା ଗ୍ୟାସ୍ ବ୍ୟବହାର ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ଭାଜପା ସମ୍ପାଦକ ଶ୍ରୀନିବାସ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ମାଷ୍ଟର ଟ୍ରେନର ନିରଞ୍ଜନ ବେହେରା ଯୋଗଦେଇ ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଗ୍ୟାସ ବ୍ୟବହାର କରିବା ଦ୍ୱାରା କ'ଣ ସବୁ ଉପକାର ହୁଏ ଓ ଏହାର ହିତାଧିକାରୀ ହେବା ପାଇଁ ଆବଶ୍ୟକ କାଗଜପତ୍ର ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ମଣିମାଳ ଚମ୍ପତି, ୱାର୍ଡ ସଭ୍ୟା ମିନତୀ ବିଶ୍ୱାଳ, ତପନ ମହାନ୍ତି, ଟାଙ୍ଗୀ ବ୍ଲକ୍ ଉଜ୍ଜ୍ୱଳା ସଂଯୋଜକ ପ୍ରମୁଖ ଯୋଗଦେଇଥିଲେ।

### ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଟାଙ୍ଗୀ (ଖୋର୍ଦ୍ଧା), ୧୮।୧ (ଡି.ଏନ.ଏ.)- ଟାଙ୍ଗୀ ବ୍ଲକର ଟାଙ୍କୋଳ ହାଇସ୍କୁଲରେ ଶୁକ୍ରବାର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଟାଙ୍ଗୀ ବ୍ଲକ୍ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ, କମାଗୁରୁ ରାମଚନ୍ଦ୍ର କଳ୍ପନା କଲେଜର ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତି, ଅଚ୍ୟୁତପୁର ଦାଶରଥୀ ମହାପାତ୍ର ହାଇସ୍କୁଲର ପ୍ରଧାନଶିକ୍ଷକ ବ୍ରଜବନ୍ଧୁ କର, ସିଆରସିସି ନାରାୟଣ ପାଇକରାୟ, ପରିଚାଳନା କମିଟି ସଭାପତି ଭାଗୀରଥି ବେହେରା, ଟାଙ୍କୋଳ ସରପଞ୍ଚ ଲତା ପ୍ରଧାନ, ମୋ ସ୍କୁଲ କମିଟି ସଭାପତି ରବିନାରାୟଣ ମିଶ୍ର, ପ୍ରଧାନ ଶିକ୍ଷକ ବାଉରୀବନ୍ଧୁ ଦଳେଇ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଧ୍ୟାନ ଦେଇ ପାଠ ପଢ଼ିବା ସହିତ ପିତାମାତା ଗୁରୁଜନମାନଙ୍କୁ ଭକ୍ତି ପ୍ରଦର୍ଶନ କରି ଭବିଷ୍ୟତରେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ପରିଶେଷରେ ୧୩୮ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

### ମକରରେ ଅହମ୍ମଦିୟା ମୁସଲିମ ବୁକ ଷ୍ଟଲ

ଖୋର୍ଦ୍ଧା ଅଫିସ,୧୮।୧:ଅତ୍ରି ମକର ମେଳାରେ ଖୋର୍ଦ୍ଧା ବ୍ଲକ କେରଙ୍ଗ ଅହମ୍ମଦିୟା ମୁସଲିମ ଜମାତ୍ ପକ୍ଷରୁ ଏକ ବୁକ୍ ଷ୍ଟଲ ପଡିଛି। ୩୨ ବର୍ଷ ଧରି ପଡି ଆସୁଥିବା ଏହି ଷ୍ଟଲରେ ଧାର୍ମିକ, ନୈତିକ ଏବଂ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ବିଭିନ୍ନ ଶିକ୍ଷଣୀୟ ପୁସ୍ତକ ବିଭିନ୍ନ ଭାଷାର ରହିଛି। ଏ ବର୍ଷ ଏହି ବୁକ୍ ଷ୍ଟଲରେ ପୁସ୍ତକ ବିଶ୍ୱ ସଙ୍କଟ ଏବଂ ଶାନ୍ତିର ପଥ, ଶାନ୍ତିର ବାର୍ତ୍ତା, ଇସଲାମ ଏବଂ ବିବେକ ସ୍ୱାଧୀନତା, ଇସଲାମରେ ନାରୀ ଭଳି ପୁସ୍ତକ ରହିଛି। ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ମୁଖ୍ୟ ମୌଲାନା ଫଜଲ ହକ ଖାଁ ଏବଂ କେରଙ୍ଗ ଅହମ୍ମଦିୟା ମୁସଲିମ ପ୍ରଚାର ମୁଖ୍ୟ ମୌଲାନା ଜମାଲ ଶରିୟତ ଅହମ୍ମଦ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଷ୍ଟଲର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୌଲାନା ଶମସୁଲ ହକ ଖାଁ, ମୌଲାନା ଫଜଲ ହକ ଖାଁ, ଅହମ୍ମଦିୟା ପ୍ରଚାର ବିଭାଗର ସେକ୍ରେଟାରି ସେକ୍ କୁଦ୍ଦୁସ ପ୍ରମୁଖ ଉପସ୍ଥିତ ଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

ଜଟଣୀ,୧୮।୧(ଡି.ଏନ.ଏ): ଜଟଣୀସ୍ଥିତ ପାଇକରାପୁର ଅଞ୍ଚଳରେ ଶୁକ୍ରବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାର ଡାକ୍ତରମାନେ ଯୋଗଦେଇ ୧୧୫ ଜଣଙ୍କ ଚକ୍ଷୁ ପରୀକ୍ଷା କରିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ। ଆୟୋଜକ ଅନୁଷ୍ଠାନର ଲିଙ୍ଗରାଜ ସାହୁ, ମନୋଜ ବାରିକ, କ୍ଷେତ୍ରବାସୀ ବାରିକ, ମନୋଜ ସାହୁ ଓ ଅନ୍ୟମାନେ ଶିବିର ପରିଚାଳନାରେ ସହାୟତା କରିଥିଲେ।

## ■ ଠାକୁରଙ୍କ ଜମିରୁ ଜବରଦଖଲ ହଟୁନି

# ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶକୁ ଅଣଦେଖା

ଖୋର୍ଦ୍ଧା ଅଫିସ,୧୮।୧:

ଖୋର୍ଦ୍ଧା ଜିଲା ଜଟଣୀ ତହସିଲର ଦକ୍ଷିଣ ମୁଣ୍ଡମୁହାଣ ମୌଜାରେ ଥିବା ଶ୍ରୀମଦ୍ ଭାଗବତ ବାସୁଦେବଙ୍କ ଜମି ପ୍ରାୟ ୬ ବର୍ଷ ହେଲା ଜବରଦଖଲ ହୋଇ ରହିଛି। ଜବରଦଖଲ ହଟାଇବା ପାଇଁ ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶ ରହିଛି। ତେବେ ଜଟଣୀ ତହସିଲ ଖୋର୍ଦ୍ଧା ନିକଟସ୍ଥ ଦକ୍ଷିଣ ମୁଣ୍ଡମୁହାଣ ମୌଜାରେ ଶ୍ରୀମଦ୍ ଭାଗବତ ବାସୁଦେବ ବିଜେଙ୍କର ୧ ଏକର ୪୪୫ ଡେସିମିଲ ଜମି ଅଛି। ଯାହାର ଖାତା ନଂ. ୨୦, ୨୧, ୧୬୯, ୨୨ ଅଟେ। ଏହାର ମାର୍ଫତଦାର ଦକ୍ଷିଣ ମୁଣ୍ଡମୁହାଣ ମୌଜାର ସ୍ୱର୍ଗତ ବାଳମୁକୁନ୍ଦ ସାମନ୍ତରାୟ ଓଗେରଙ୍କ ନାଁ ରହିଛି। ଉକ୍ତ ଜମିକୁ ଦକ୍ଷିଣ ମୁଣ୍ଡମୁହାଣ ମୌଜାର ସୁନୀଲ କୃଷ୍ଣ ସାମନ୍ତରାୟ ନାମରେ ଜଣେ ବ୍ୟକ୍ତି ଜବରଦଖଲ କରି ଗୃହ ନିର୍ମାଣ କରିଛନ୍ତି। ତେବେ ସ୍ୱର୍ଗତ ବାଳମୁକୁନ୍ଦଙ୍କ ଜ୍ୟେଷ୍ଠ ନାତି ରାଧାକୃଷ୍ଣ ହିନ୍ଦୁ ଦେବୋତ୍ତର ଆଇନର ୨୫ ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ପାଇଁ ଦେବୋତ୍ତର କମିଶନରଙ୍କ କୋର୍ଟରେ ଓଏ ୧୫/୧୬ରେ ମକଦ୍ଦମା ଦାଏର କରିଥିଲେ। ଅଭିଯୋଗ ପରେ ଦେବୋତ୍ତର କମିଶନର ଉଭୟପକ୍ଷଠାରୁ ଶୁଣାଣି କରି ରେକର୍ଡ ଯାଞ୍ଚ କରିଥିଲେ। କୋର୍ଟ ପକ୍ଷରୁ ୧୮।୬। ୧୮ରେ ଜମିରୁ ଜବରଦଖଲକାରୀଙ୍କୁ ବେଦଖଲ ପାଇଁ ଆଦେଶ ଦେଇଥିଲେ। କିନ୍ତୁ ଫଳାଫଳ ନ ମିଳିବାରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ପୁଣି ୨୬।୯।୧୮ରେ ଖୋର୍ଦ୍ଧା ଜିଲାପାଳଙ୍କୁ ଦେବୋତ୍ତର କମିଶନର ଚିଠି କରିଥିଲେ। ଜବରଦଖଲକାରୀଙ୍କୁ ଉଚ୍ଛେଦ କରି ଠାକୁରଙ୍କ ତରଫରୁ ରାଧାକୃଷ୍ଣ ସାମନ୍ତରାୟଙ୍କୁ ଜମି ଦଖଲ ଦେବାକୁ ଚିଠିରେ ନିର୍ଦ୍ଦେଶ ଥିଲା। ଦେବୋତ୍ତର କମିଶନରଙ୍କ ଚିଠି ପାଇବା ପରେ ଜିଲାପାଳ ଏଣ୍ଡାଓମେଣ୍ଟ ମିସ୍ କେସ୍ ନଂ. ୧୭/୧୮, ୨୬।୧୧।୧୮ରେ ଜଟଣୀ ତହସିଲଦାରଙ୍କୁ ଦେବୋତ୍ତର କମିଶନରଙ୍କ ଉପରୋକ୍ତ ଆଦେଶ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଆଦେଶ ଦେଇଥିଲେ। ତେବେ ଏଯାବତ ଜବରଦଖଲ ଉଚ୍ଛେଦ ହୋଇପାରିନାହିଁ। ଏଭଳିସ୍ଥଳେ ତୁରନ୍ତ ଜବରଦଖଲ ଉଚ୍ଛେଦ କରା ନ ଗଲେ ହାଇକୋର୍ଟରେ ଆଶ୍ରୟ ନେବେ ବୋଲି ରାଧାକୃଷ୍ଣ ସୂଚନା ଦେଇଛନ୍ତି।



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଭୂମିହୀନ ଲୋକେ ।

# ଭୂମିହୀନଙ୍କୁ ମିଳୁନି ଘରଡ଼ିହ

ଖୋର୍ଦ୍ଧା ଅଫିସ,୧୮।୧

ଖୋର୍ଦ୍ଧା ଜିଲା ଟାଙ୍ଗୀ ତହସିଲର ଚଣ୍ଡେଶ୍ୱର, ଚମ୍ପାଦେଇପୁର, କୁହୁଡି ଗାଁରେ ସରକାରୀ ଜମି ପାଇବା ପାଇଁ ୨ ବର୍ଷ ହେଲା ଭୂମିହୀନମାନେ ଆବେଦନ କରିଥିଲେ ହେଁ ସେମାନଙ୍କୁ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଏଭଳିସ୍ଥଳେ ଭୂମିହୀନ ପରିବାର ଶୁକ୍ରବାର ଜିଲାପାଳଙ୍କୁ ଭେଟି ସେମାନଙ୍କୁ ସରକାରୀ ଯୋଜନାରେ ଜମି ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ମିଳିଥିବା ଅଭିଯୋଗ ଅନୁସାରେ, ଚଣ୍ଡେଶ୍ୱର, ଚମ୍ପାଦେଇପୁର, କୁହୁଡି ଗାଁର ଭୂମିହୀନମାନେ ୨୦୧୭ ଜାନୁୟାରୀ ୫ରେ ସତ୍ୟପାଠ ମାଧ୍ୟମରେ ଘରଡିହ ପାଇବାକୁ ସ୍ଥାନୀୟ ତହସିଲରେ ଆବେଦନ କରିଥିଲେ। ଆବେଦନର କିଛିଦିନ ପରେ ୨ ଥର ସର୍ଭେ ହୋଇଛି। ତେବେ ମୁଣ୍ଡ ଗୁଞ୍ଜିବାକୁ ଜମି ଓ ଘର ନ ଥିବାରୁ ଜିଲାପାଳ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଯାଇଛି।

# ଗ୍ରାହକଙ୍କ ଅଜାଣତରେ ଏଟିଏମ୍‌ରୁ ୩ ଲକ୍ଷ ଉଠାଣ

ଜଟଣୀ,୧୮।୧(ଡି.ଏନ.ଏ.): ଗ୍ରାହକଙ୍କ ଅଜାଣତରେ ଆକାଉଣ୍ଟରୁ ଟଙ୍କା ଉଠିଯାଉଛି। ମୋବାଇଲକୁ ମେସେଜ ଆସିବା ପରେ ଗ୍ରାହକ ଜାଣୁଛନ୍ତି। ହେଲେ ସେତେବେଳକୁ ଦୁର୍ବୃତ୍ତମାନେ ଗ୍ରାହକଙ୍କ ଆକାଉଣ୍ଟକୁ ଖାଲି କରି ଦେଇଥାନ୍ତି। ପୂର୍ବରୁ ଅପରାଧୀମାନେ ଗ୍ରାହକଙ୍କୁ ଫୋନ କରି ଏଟିଏମ୍ ଓ ଆକାଉଣ୍ଟ ସମ୍ବନ୍ଧୀୟ ତଥ୍ୟ ହାସଲ କରି ଲୁଟ କରୁଥିଲେ। ଏବେ ନୂତନ ପଦ୍ଧତିରେ ବିନା ଏଟିଏମ କାର୍ଡ ଓ ବିନା ଫୋନ କଲରେ ଆକାଉଣ୍ଟରୁ ଟଙ୍କା ଉଠାଇ ନେବାକୁ ସକ୍ଷମ ହେଉଛନ୍ତି। ଏହିରି ଜଟଣୀ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାର ଅଞ୍ଚଳର ଗୋବିନ୍ଦ ଚନ୍ଦ୍ର ସାହୁଙ୍କ କ୍ଷେତ୍ରରେ ଘଟିଛି। ଷ୍ଟେଟ ବ୍ୟାଙ୍କର ଜଟଣୀ ବଜାର ଶାଖାରେ ତାଙ୍କର ଆକାଉଣ୍ଟ ରହିଛି। ଚଳିତମାସରେ ଦୁଇଥର ତାଙ୍କ ଆକାଉଣ୍ଟରୁ ୩ ଲକ୍ଷ ଟଙ୍କା କେହି ଅଜଣା ବ୍ୟକ୍ତି ଉଠାଇ ନେଇଛନ୍ତି। ମୋବାଇଲକୁ ମେସେଜ ଆସିବା ପରେ ସେ ଜାଣିବାକୁ ପାଇଥିଲେ। ପ୍ରଥମେ ୧୩ ତାରିଖରେ ୨ ଲକ୍ଷ ଓ ଏହାର ପରଦିନ ଅର୍ଥାତ ୧୪ ତାରିଖରେ ଆଉ ୧ ଲକ୍ଷ ଟଙ୍କା ଉଠାଣ ହୋଇଛି। ଏ ନେଇ ସେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ପ୍ରଥମଟି ବାଲେଶ୍ୱର ଏଫ୍‌ଏମ୍ ସର୍କଲ ଓ ଅନ୍ୟଟି ରାଞ୍ଚିର କାନ୍‌କେ ସେକ୍ଟର-୨ ଥିବା ବ୍ୟାଙ୍କ ଏଟିଏମ୍‌ରୁ ଉପରୋକ୍ତ ଦୁଇଦିନରେ ବିଭିନ୍ନ ସମୟରେ ଟଙ୍କା ଉଠାଣ କରାଯାଇଥିବା ଜଣାଯାଇଛି। ଏ ନେଇ ଗୋବିନ୍ଦ ଜଟଣୀସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖା ଓ କଟକସ୍ଥିତ ସାଇବର କ୍ରାଇମ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ସେହିପରି ସ୍ଥାନୀୟ ବିକାଶନଗର ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ଦାଶରଥି ସାହୁଙ୍କର ମଧ୍ୟ ଏହିପରି ଭାବେ ଚଳିତମାସରେ ୯୦ ହଜାର ଟଙ୍କା କେହି ଉଠାଇ ନେଇଥିଲେ। ଏ ନେଇ ସେ ଜଟଣୀ ଥାନାରେ ଅଭିଯୋଗ କରିଛନ୍ତି।

# ଫୁଟବଲ: ଫାଇନାଲରେ କିଶୋର କ୍ଲବ

ଜଟଣୀ,୧୮।୧(ଡି.ଏନ.ଏ.):

ଜଟଣୀ ଛଣଘର-କୁଶମାଟିରେ ଚାଲିଥିବା ଶ୍ରୀବତ୍ସ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ସେମିଫାଇନାଲ ମ୍ୟାଚରେ ସମ୍ବଲପୁରର ସ୍ପୋର୍ଟସ ହଷ୍ଟେଲକୁ ୨-୧ ଗୋଲରେ ପରାସ୍ତ କରି ଭୁବନେଶ୍ୱରର କିଶୋର କ୍ଲବ ଫାଇନାଲରେ ପ୍ରବେଶ କରିଛି। ବିଜୟୀ କିଶୋର କ୍ଲବର ପପୁ ମାଝି, ଶଶିକାନ୍ତ ସାଣ୍ଡିଲ ଗୋଟିଏ ଲେଖାଏ ଗୋଲ କରିଥିବାବେଳେ ସ୍ପୋର୍ଟସ୍ ହଷ୍ଟେଲର ଶ୍ରୀକାନ୍ତ ଭୋଇ ଗୋଟିଏ ଗୋଲ ସ୍କୋର କରିଥିଲେ। ସ୍ପୋର୍ଟସ ହଷ୍ଟେଲର ସୁନୀଲ ଓରାମ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୂର୍ବତନ ଫୁଟବଲ ଖେଳାଳି ଦାନିଏଲ ରାଉତଙ୍କଠାରୁ ପୁରସ୍କୃତ ହୋଇଥିଲେ। ସୁଜିତ ପାତ୍ର ରେଫରି ରହିଥିବା ବେଳେ ରାମଚନ୍ଦ୍ର ମିଶ୍ର, ଅବିନାଶ ପଟ୍ଟନାୟକ ଲାଇନ୍‌ରେ ସହାୟତା କରିଥିଲେ। ଆସନ୍ତା ୨୦ ତାରିଖରେ ଭୁବନେଶ୍ୱରର କିଶୋର କ୍ଲବ ଓ ଜଗା ୟୁନାଇଟେଡ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।



ସୁନୀଲ ଓରାମଙ୍କୁ ପୁରସ୍କୃତ କରାଯାଉଛି।

### ବିଦ୍ୟାଳୟ ପୁରସ୍କାର ବିତରଣ ଉତ୍ସବ

ବୋଲଗଡ,୧୮।୧(ଡି.ଏନ.ଏ.)

ବୋଲଗଡ ବ୍ଲକ ପିଚୁକୁଳିସ୍ଥିତ ଶ୍ରୀରଘୁନାଥଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ଆଚାର୍ଯ୍ୟ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବୋଲଗଡ ବିଇଓ ବିଭୂତି ଭୂଷଣ ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଏସବିଆଇ ଅଫିସର୍ସ ଆସୋସିଏଶନର ସାଧାରଣ ସମ୍ପାଦକ ସମ୍ବିତ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ କୃଷ୍ଣଚନ୍ଦ୍ର ବଳିୟାରସିଂହ, ପ୍ରମୋଦ ଚନ୍ଦ୍ର ଦାସ ଏବଂ ଏବିଓ ନାରାୟଣ ଛୁଆଳସିଂହ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ସମେତ ଶିକ୍ଷା କ୍ଷେତ୍ରରେ ମେଧାବୀ ମୋଟ ୧୫୨ଜଣ କୃତୀ ଛାତ୍ରୀ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ବିଚିତ୍ରାନନ୍ଦ ରାୟଗୁରୁ ମାହାପାତ୍ରଙ୍କ ଲିଖିତ ଓ ନିର୍ଦ୍ଦେଶିତ ହିନ୍ଦୀ ନାଟକ 'ସରାବ ପିନା ମନା ହେଁ ' ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ହୋଇଥିଲା ।

### ବ୍ଲକସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ

ବୋଲଗଡ,୧୮।୧(ଡି.ଏନ.ଏ.)

ବୋଲଗଡ ବ୍ଲକ ପିଚୁକୁଳି ଠାରେ କଂଗ୍ରେସ ପକ୍ଷରୁ ବ୍ଲକସ୍ତରୀୟ କର୍ମୀସମ୍ମିଳନୀ ଅନିଷ୍ଠିତ ହୋଇଛି । କଂଗ୍ରେସ ନେତା ପ୍ରକାଶ କୁମାର ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କର୍ମୀସମ୍ମିଳନୀରେ ଗଦାଧର ଚମ୍ପତି ସଭାପତିତ୍ୱ କରିଥିଲେ । ଏଥିରେ ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ଉପସଭାପତି ପ୍ରଶାନ୍ତ କୁମାର ପରିଡା,ପୂର୍ବତନ ସମ୍ପାଦକ ପ୍ରଭାତ ପରିଡା, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଖୋର୍ଦ୍ଧା ଜିଲା କର୍ମକର୍ତ୍ତା ସୀମାଞ୍ଚଳ ଖଣ୍ଡାଇ , ବେଗୁନିଆ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ରମେଶ ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ପ୍ୟାରୀ ଦାସ, ମାଧବ ବିଶ୍ୱାଳ , ପ୍ରଫୁଲ ଜୟସିଂହ ପ୍ରମୁଖ ବ୍ଲକ ଅଞ୍ଚଳର ବହୁ ଛାମୁଆ କର୍ମୀ ଏ ସଂଗଠକ ଉକ୍ତ ବୈଠକରେ ଉପସ୍ଥିତ ଥିଲେ।





ଭାଜପା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

## ଘର ନ ପାଇ ଲକ୍ଷ୍ମୀଧରଙ୍କ ଆତ୍ମହତ୍ୟା ଘଟଣା

# ଟାଙ୍ଗୀ ବିଡିଓଙ୍କ ଗିରଫ ଦାବିରେ ଭାଜପାର ବିକ୍ଷୋଭ

ଖୋର୍ଦ୍ଧା ଅଫିସ,୧୮।୧: ଗ୍ରାମୀଣ ଆବାସ ଯୋଜନାରେ ଘରଟିଏ ନ ପାଇ ଗତ ବୁଧବାର ଆତ୍ମହତ୍ୟା କରିଥିଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ନିରାକାରପୁରସାହିର ଲକ୍ଷ୍ମୀଧର ବେହେରା। ଏଭଳିସ୍ଥଳେ ଟାଙ୍ଗୀ ବିଡିଓଙ୍କ ଗିରଫ ଦାବିରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚାର ସାଧାରଣ ସମ୍ପାଦକ ବିଶ୍ୱ ରଞ୍ଜନ ବଡଜେନାଙ୍କ ନେତୃତ୍ୱରେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ କରାଯାଇଛି। ଜୀବଦ୍ଦଶାରେ ଗରିବକୁ ଅଣଦେଖା କରି ସ୍ୱାମୀଙ୍କ ମୃତ୍ୟୁ ପରେ ପତ୍ନୀଙ୍କୁ ବିଜୁ ପକ୍କାଘର ଯୋଜନା ସରକାର ନୂଆ ସ୍କିମରେ ଦେଉଛନ୍ତି ବୋଲି ସମାଲୋଚନା କରାଯାଇଥିଲା।

## ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜବରଦଖଲ ଚାଲିଛି

# ଜିଲାପାଳଙ୍କ ନିକଟରେ ଅଭିଯୋଗ

ଜଟଣୀ,୧୮।୧(ଡି.ଏନ.ଏ.): ଜଟଣୀ ତହସିଲ ଅନ୍ତର୍ଗତ ଛଣଘର-କୁଶମାଟି ମୌଜାରେ ସରକାରୀ ଜମି ଜବରଦଖଲ ଧାରାବାହିକ ଭାବେ ଚାଲିଛି। ବହୁବାର ଏ ନେଇ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ସେପରି କୌଣସି ଦୃଢ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଅଭିଯୋଗ ପରେ କେବଳ ଏଠାରେ ଥିବା ଶ୍ରୀମନ୍ଦିର ତହସିଲ ପକ୍ଷରୁ ଜବରଦଖଲ ସ୍ଥାନରେ ନାଲି ପତାକା ପୋତି ଦେଇ କାମ ସେତିକିରେ ସାରି ଦିଆଯାଉଛି। ହେଲେ ପରବର୍ତ୍ତୀ ଅବସ୍ଥାରେ ପୋତା ଯାଇଥିବା ପତାକାକୁ ଫୋପାଡି ଦେଇ ଜବରଦଖଲକାରୀ ତାଙ୍କ ନିର୍ମାଣ କାର୍ଯ୍ୟ କରୁଛନ୍ତି। ଏହିପରି ସ୍ଥାନୀୟ ଶ୍ରୀମନ୍ଦିର ତହସିଲ ଓ ଜଟଣୀ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିବା ପରେ କୌଣସି ପ୍ରତିକାର ନ ହେବାରୁ ଛଣଘର-କୁଶମାଟି ସୁରକ୍ଷା କମିଟିର ସଭାପତିଶ୍ରୀନିବାସ ସାହୁ ଓ ସମ୍ପାଦକ ବୀରକିଶୋର ବାରିକ ଶୁକ୍ରବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ତାଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି। ଏ ମୌଜାରେ ୫୦ ଏକରରୁ ଅଧିକ ସରକାରୀ ଜମିରେ ଥିବା କାଜୁ ଜଙ୍ଗଲକୁ ନଷ୍ଟ କରି କେତେଜଣ ଖଳ ପ୍ରକୃତିର ଲୋକ ଜବରଦଖଲ କରି ନିର୍ମାଣ କାର୍ଯ୍ୟ କରୁଛନ୍ତି। ଏପରି ହେବା ଦ୍ୱାରା ଜଙ୍ଗଲ ନଷ୍ଟ ହୋଇ ପରିବେଶ ଉପରେ କୁପ୍ରଭାବ ପଡିବା ସହ ଏଠାରେ ରହୁଥିବା ବିଭିନ୍ନ ବନ୍ୟଜନ୍ତୁ ଅସୁରକ୍ଷିତ ଭାବେ କାଳାତିପାତ କରୁଛନ୍ତି। ଏଣୁ ଏଥିପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏପରି ବେଆଇନ କାର୍ଯ୍ୟକୁ ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି।

# ଆନ୍ତଃ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

ଯାଁଳା,୧୮।୧(ଡି.ଏନ.ଏ.):

ଜଟଣୀ ବ୍ଲକର ଯାଁଳାସ୍ଥିତ କୃଷ୍ଣଚନ୍ଦ୍ର ବିଦ୍ୟାପୀଠ ପରିସରରେ ପଞ୍ଚାୟତସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ସ୍କୁଲର ୨୩୧ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ରାଜ୍ୟ ସଭା ସଦସ୍ୟ ରଘୁନାଥ ମହାପାତ୍ର, ପୂର୍ବତନ ଜିଲା ପରିଷଦ ସଦସ୍ୟ ବିଜୟ ଛୋଟରାୟ, ଯାଁଳା ସରପଞ୍ଚ ପ୍ରଦୋଷ କୁମାର ଜେନା, ଆଇନଜୀବୀ ଦାତାରାମ ଅଶୋକ କୁମାର ମଙ୍ଗରାଜ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବ୍ଲକ ସଂଯୋଜିକା ଝୁମୁରୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ପରେ ବିଦ୍ୟାର୍ଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେଟ ମାଝିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କ୍ରୀଡା କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଦୀପ୍ତି ମିଶ୍ର, ସତ୍ୟବାନ ସାହୁ ଓ ଅନ୍ୟମାନେ ସହାୟତା କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।


# କାର୍-ପିକ୍‌ଅପ୍ ମୁହାଁମୁହିଁ

ଗୋପ, ୧୮।୧(ଡି.ଏନ୍.ଏ.)- ପିପିଲି-କୋଣାର୍କ ରାସ୍ତା ବେଗୁନିଆ ଛକ ନିକଟରେ କାର୍-ପିକ୍‌ଅପ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ କେହି ଆହତ ହୋଇ ନ ଥିବା ବେଳେ ପିକ୍‌ଅପ୍‌କୁ ଧକ୍କା ଦେଇ କାର୍‌ଟି ପଳାଇ ଯାଇଥିଲା। ସାରଦ଼ା ସ୍ଥିତ ଘରୋଇ ଦୁଗ୍ଧ କମ୍ପାନୀରୁ ଦୁଗ୍ଧ ନେଇ ଏକ ପିକ୍‌ଅପ୍ ଗାଡ଼ି ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ପିପିଲି ପଟୁ ଆସୁଥିବା ଏକ କାର୍ ବେଗୁନିଆ ଛକ ନିକଟରେ ପିକ୍‌ଅପକୁ ଧକ୍କା ଦେଇଥିଲା। ଫଳରେ ପିକ୍‌ଅପ୍‌ଟି ରାସ୍ତା କଡ଼କୁ ଖସି ପଡ଼ିଥିଲା।

# ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର

ନିରାକାରପୁର,୧୮।୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ପରିସରରେ ୩ ଡିସେମ୍ବର ୨୦୧୮ରୁ ଆରମ୍ଭ ହୋଇଥିବା ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଅଶୋକ କୁମାର ବଳବନ୍ତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ବରିଷ୍ଠ ପ୍ରାଧ୍ୟାପକ ଡ. ଅଜିତ କୁମାର ରଥ, ଡ. ଅଜୟ କୁମାର ପଟ୍ଟନାୟକ, ଡ. ପ୍ରଫୁଲ୍ଲ କୁମାର ଷଡଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆତ୍ମରକ୍ଷା କୌଶଳ ତାଲିମ୍‌ର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ସୋନାଲି ପଟ୍ଟନାୟକ ପରିଚାଳନାରେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ପୁସ୍ତିକା ପ୍ରଦାନ କରାଯାଇଥିଲା। ତାଲିମ ଗ୍ରହଣ କରିଥିବା ଛାତ୍ରୀମାନେ ଅତିଥିମାନଙ୍କ ଉପସ୍ଥିତିରେ ସୁରକ୍ଷା ସମ୍ବନ୍ଧିତ କୌଶଳ ପ୍ରଦର୍ଶନ କରିଥିଲେ।



କଲେଜ ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ ଦିଆଯାଉଛି ।


# ଅଭିନବ କୃଷି ଯନ୍ତ୍ରପାତି ଗଢ଼ି ୩ ଚାଷୀ ହେଲେ ସମ୍ବର୍ଦ୍ଧିତ

ଖୋର୍ଦ୍ଧା ଅଫିସ,୧୮।୧

ନିଜ ସମସ୍ୟାର ସମାଧାନ କରିବା ଉଦ୍ଦେଶ୍ୟରେ ଜ୍ଞାନକୌଶଳ ଖଟାଇ ତିଆରି କରିଥିଲେ କୃଷି ଯନ୍ତ୍ରପାତି। ଆଉ ସେଥିରେ ସଫଳ ହୋଇଥିଲେ। ସେହି ସଫଳତା ସେମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନରେ ସମ୍ମାନିତ କରିଛି। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଖୋର୍ଦ୍ଧା ଜିଲାର ୩ ଜଣ ଚାଷୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ପତ୍ରଗୁଣ୍ଡ କରିବା ଯନ୍ତ୍ର ପାଇଁ ଭୁବନେଶ୍ୱର ଖାରବେଳନଗରର ବିଜୟରାମ ମହାପାତ୍ର, ମହୁମାଛି ସୁରକ୍ଷା ଯନ୍ତ୍ର ପାଇଁ ଜଟଣୀ ବ୍ଲକ ପାଣିଓରା ଗାଁର ଲକ୍ଷ୍ମୀଧର ସ୍ୱାଇଁ, ଧାନକଟା ଯନ୍ତ୍ର ପାଇଁ ବାଣପୁର ବ୍ଲକ ହରିଚନ୍ଦନପୁର ଗାଁର ନିରଞ୍ଜନ ପରିଡାଙ୍କୁ ଖୋର୍ଦ୍ଧା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ସମ୍ମାନିତ କରିଛନ୍ତି। ସମ୍ମାନ ସ୍ୱରୂପ ସେମାନଙ୍କୁ ୧୫ ହଜାର ଟଙ୍କା ମିଳିଛି। ଏଥିରେ କୃଷି ଉପନିର୍ଦ୍ଦେଶକ ଭାସ୍କର ବାରିକ, ଆତ୍ମାର ଉପପ୍ରକଳ୍ପ ନିର୍ଦ୍ଦେଶକ ଭୁବନେଶ୍ୱର ଜେନା ଉପସ୍ଥିତ ଥିଲେ। ଏହି ସମ୍ମାନ ପାଇବାକୁ ଖୋର୍ଦ୍ଧା ଜିଲାର ୧୦ ଟି ବ୍ଲକରୁ ୪୯ ଆବେଦନ ହୋଇଥିଲା। ଜାତୀୟ ଇନୋଭେଶନ ଫାଉଣ୍ଡେଶନ ପକ୍ଷରୁ ଉପରୋକ୍ତ ୩ ଜଣଙ୍କୁ ଚୟନ କରାଯାଇଥିଲା। ହରିଚନ୍ଦନପୁର ଗାଁର ନିରଞ୍ଜନଙ୍କ ହାତ ତିଆରି ଧାନକଟା ଯନ୍ତ୍ର ଦିନକୁ ୧ ଏକର ଧାନ କାଟୁଛି। ତାହା ପୁଣି ଶାରୀରିକ ପରିଶ୍ରମରେ। ୧ ଏକର ଧାନ ଫସଲ କାଟିବାକୁ ୮ ଜଣ ଶ୍ରମିକଙ୍କ ପାଇଁ ୨୪୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡେ। ତେବେ ଜଣେ ଚାଷୀ ତାଙ୍କ ହାତ ତିଆରି ଧାନକଟା ଯନ୍ତ୍ର କିଣିଲେ ମାତ୍ର ୫ ହଜାର ଟଙ୍କା ଦେବାକୁ ପଡିବ। ଏହି ଯନ୍ତ୍ର ନେଇ ୩୦୦ ଟଙ୍କା ମଜୁରି ଦେଇ ଦିନକରେ ୧ ଏକର ଫସଲ କଟା ଯାଇ ପାରିବ। ସରକାରଙ୍କ ପକ୍ଷରୁ ସବ୍‌ସିଡିରେ ମିଳୁଥିବା ଧାନକଟା ଯନ୍ତ୍ରରେ ଡିଜେଲ, ପେଟ୍ରୋଲ ଖର୍ଚ୍ଚ ହୁଏ। ପୁଣି ଏହାର ଦାମ ୭୦ ହଜାରରୁ ଆରମ୍ଭ। ନିରଞ୍ଜନ ତାଙ୍କର ଯନ୍ତ୍ରକୁ ସୋଲାର ସିଷ୍ଟମ କରିବାକୁ ଯୋଜନା ରଖିଛନ୍ତି। ଏହା ହେଲେ ସୋଲାରରେ ମଧ୍ୟ ବିନା ଖର୍ଚ୍ଚରେ କମ ପରିଶ୍ରମରେ ଧାନକଟା ଯାଇପାରିବ। ଚଳିତବର୍ଷ ନିଜେ ଚାଷ କରିଥିବା ୨ ଏକର ଜମିର ଫସଲ କାଟିଛନ୍ତି। ପାଣିଓରାର ଲକ୍ଷ୍ମୀଧରଙ୍କ ମହୁ ବାକ୍ସର ତଳ ପାଖରେ ଗୋଟିଏ ପ୍ଲାଷ୍ଟିକର ପ୍ଲେନ ବୋର୍ଡ ଲଗାଇ ଦେଇ ସୁରକ୍ଷା କରିଛନ୍ତି। ଯାହାଦ୍ୱାରା ମହୁମାଛି ସୁରକ୍ଷିତ ରହିବ। ମହୁବାକ୍ସକୁ ଝିଟିପିଟି, ଏଣ୍ଡୁଅ ଓ ସାପ ଆଦି ସରୀସୃପ ଚଢ଼ି ମାଛି ଖାଇପାରିବେ ନାହିଁ। ଏଥିରେ ଖର୍ଚ୍ଚ ପୂରା କମ। ମହୁଚାଷରେ ଭଲ ଲାଭ ହେବ। ଖାରବେଳନଗରର ବିଜୟଙ୍କ ପତ୍ର ଗୁଣ୍ଡକରିବା ଯନ୍ତ୍ରର ବିକଳ୍ପ ତିଆରି ହୋଇନାହିଁ। ତାଙ୍କର ବେଗୁନିଆ ବ୍ଲକର ଗଡମାଣତୀରରେ ରହିଛି ୫ ଏକରର ଫାର୍ମ। ଫାର୍ମରେ ଗଛର ପତ୍ର ପଡି ପରିବେଶ ପ୍ରଦୂଷିତ ହେଉଥିଲା। ଏହାର ନିରାକରଣ ଉଦ୍ଦେଶ୍ୟରେ କରୁ କରୁ ସେ ପତ୍ରଗୁଣ୍ଡ ଯନ୍ତ୍ର ତିଆରି କରି ପାରିଛନ୍ତି। ଏହାକୁ ନିର୍ମାଣ କରିବାକୁ ତାଙ୍କ ୨ ବର୍ଷ ସମୟ ଲାଗିଛି। ଏଥିପାଇଁ ପତ୍ନୀ ତାଙ୍କୁ ସହଯୋଗ କରି ଆସୁଛନ୍ତି। ଏହି ଯନ୍ତ୍ର ପତ୍ରକୁ ଗୁଣ୍ଡ କରି କମ୍ପୋଷ୍ଟ ଖତ କରୁଛି। ଯାହାକି ନିଜ ଫାର୍ମରେ ବ୍ୟବହାର କରିବା ସହ ବିକ୍ରି କରୁଛନ୍ତି। କିଣିବା ପାଇଁ ୩୦ ହଜାର ଓ ୨୦ ହଜାର ଟଙ୍କାର ଦୁଇ ଭଳି ଯନ୍ତ୍ର ଉପଲବ୍ଧ ରହିଛି।



ଜିଲାପାଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।



ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି, ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।
-ଫ୍ରାଙ୍କଲିନ୍



## ଆଜି କ'ଣ କେଉଁଠି

**ପୁରୀ**

- ନଗର କୀର୍ତ୍ତନ ଶୋଭାଯାତ୍ରା, ବାଉଳି ମଠ ଗୁରୁଦ୍ୱାରା, ସକାଳ ୭ଟା।
- ପ୍ରେମାଚାର୍ଯ୍ୟ ବାବାଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ, ରାଧାବଲ୍ଲଭ ସତ୍‌ସଙ୍ଗ ଭବନ, ଶରଧାବାଲି, ପୂର୍ବାହ୍ନ ୧୦ଟା।
- ଜିଲା ମହିଳା କଂଗ୍ରେସ ପକ୍ଷରୁ ଶୋଭାଯାତ୍ରା, କଂଗ୍ରେସ ଭବନ, ଭିଆଇପି ରୋଡ୍, ମଧ୍ୟାହ୍ନ ୧୨ଟା।
- ପ୍ରାଇଜ୍ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପୁରସ୍କାର ବିତରଣ, ଅନୁଷ୍ଠାନ ପରିସର, ଅପରାହ୍ନ ୨ଟା।
- ଅନୁରାଗ ସାହିତ୍ୟ ସଂସଦ ସଂଗୋଷ୍ଠୀ ପକ୍ଷରୁ ସାହିତ୍ୟ ଆସର, ଭକ୍ତ ସାଲବେଗ ପୀଠ, ଅପରାହ୍ନ ୪ଟା ୩୦।

**ସାକ୍ଷୀଗୋପାଳ**

- ଜାଗେଶ୍ୱରୀ ବିଦ୍ୟାପୀଠରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ବିଦ୍ୟାଳୟ ପରିସର, ଅଳଗୁମ, ଅପରାହ୍ନ ୨ଟା ୩୦।

■ ୨୦୨୦ ସୁଦ୍ଧା ସରିବ ବ୍ୟାଖ୍ୟାନ କେନ୍ଦ୍ର କାମ

# ପ୍ରଦର୍ଶିତ ହେବ ମହାପ୍ରଭୁଙ୍କ ବେଶ

**ପୁରୀ ଅଫିସ,୧୮।୧:**



ଜଗନ୍ନାଥ ବଲ୍ଲଭ ପରିସରରେ ପ୍ରସ୍ତାବିତ ବ୍ୟାଖ୍ୟାନ କେନ୍ଦ୍ର।

■ଶ୍ରୀମନ୍ଦିରର ଐତିହ୍ୟ, ପରମ୍ପରା ସ୍ଥାନ ପାଇବ
■ପାରମ୍ପରିକ ସାହିଯାତ ବିଷୟରେ ଜାଣି ହେବ
■ଖର୍ଚ୍ଚ ହେବ ୫ କୋଟି

ପର୍ଯ୍ୟଟନ ମାନଚିତ୍ରରେ ପୁରୀର ସ୍ଥାନ ସ୍ୱତନ୍ତ୍ର। ଶ୍ରୀମନ୍ଦିର ଏବଂ ବିସ୍ତୀର୍ଣ୍ଣ ବେଳାଭୂମିର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। କେନ୍ଦ୍ର ସରକାରଙ୍କ ଆଇକନିକ ସିଟି ତାଲିକାରେ ସ୍ଥାନ ପାଇଥିବା ପୁରୀ ସହରରେ ରହିଛି ବହୁ ପୁରାତନ ମଠ ଓ ମନ୍ଦିର। ଯେଉଁଥିପାଇଁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀ ଏଠାକୁ ଛୁଟି ଆସନ୍ତି। ବିଭିନ୍ନ ସ୍ଥାନ ବୁଲିବା ବେଳେ ପର୍ଯ୍ୟଟକମାନେ ଆଧ୍ୟାତ୍ମିକ ଭାବଧାରା ପ୍ରତି କିପରି ଅଧିକ ଉଦ୍‌ବୁଦ୍ଧ ହେବେ ସେଥିପାଇଁ ବିଭିନ୍ନ ଯୋଜନାର ପରିକଳ୍ପନା କରାଯାଇଛି। ସେଥିମଧ୍ୟରୁ ବ୍ୟାଖ୍ୟାନ କେନ୍ଦ୍ର (ଇଣ୍ଟରପ୍ରିଟେଶନ ସେଣ୍ଟର) ହେଉଛି ଅନ୍ୟତମ। ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଏହି କେନ୍ଦ୍ର ପାଇଁ ବହୁବର୍ଷ ହେବ କୋଠା ତିଆରି ସରିଛି। ହେଲେ ଆଭ୍ୟନ୍ତରୀଣ କାମ ନ ହେବା ଯୋଗୁ ଏହା ପଡି ରହିଛି। ଏହି କେନ୍ଦ୍ରକୁ ଏବେ କାର୍ଯ୍ୟକ୍ଷମ କରିବା ଲାଗି ଅଣ୍ଟା ଭିଡ଼ିଛି ରାଜ୍ୟ ପର୍ଯ୍ୟଟନ ବିଭାଗ। ୨୦୨୦ ଜାନୁୟାରୀ ସୁଦ୍ଧା ଏହି କେନ୍ଦ୍ରକୁ ଖୋଲିବା ଲାଗି ଯୋଜନା ରହିଛି। ଏଥିପାଇଁ କାମକୁ ଆଗେଇ ନେବା ଲାଗି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ବ୍ୟାଖ୍ୟାନ କେନ୍ଦ୍ରରେ ବିଶେଷକରି ମହାପ୍ରଭୁଙ୍କ ବିଭିନ୍ନ ବେଶ ପ୍ରଦର୍ଶିତ କରାଯିବ। ଏହା ବ୍ୟତୀତ ଶ୍ରୀମନ୍ଦିରର ନିର୍ମାଣ, ଇତିହାସ, ପରମ୍ପରା, ସେବାପୂଜା, ରୀତିନୀତି, ପର୍ବପର୍ବାଣି, ରଥଯାତ୍ରା ଓ ଅନ୍ୟାନ୍ୟ କଳା ସ୍ଥାପତ୍ୟ ମଧ୍ୟ ପ୍ରଦର୍ଶିତ ହେବାର ଯୋଜନା ରହିଛି। ଏଥିସହ ପୁରୀର ବିଭିନ୍ନ ପ୍ରକାର ଖାଦ୍ୟ, ପାରମ୍ପରିକ ସାହିଯାତ ସମ୍ପର୍କରେ ଯେପରି ପର୍ଯ୍ୟଟକମାନେ ଜାଣିପାରିବେ ତାହାର ବ୍ୟବସ୍ଥା କରାଯିବ। ଶ୍ରୀମନ୍ଦିରର ଏକ ଛୋଟ କଳାକୃତି ମଧ୍ୟ ଏହି କେନ୍ଦ୍ରର ଶୋଭାବର୍ଦ୍ଧନ କରିବ ବୋଲି ଜଣାପଡିଛି।

ଏହି କେନ୍ଦ୍ର ପାଇଁ ଶ୍ରୀଜଗନ୍ନାଥବଲ୍ଲଭ ମଠ ପରିସରରେ କିଛି ବର୍ଷ ପୂର୍ବରୁ କୋଠା ନିର୍ମାଣ ସରିଥିଲା। ପିପିପି ମୋଡରେ ଏହାକୁ କୌଣସି ସଂସ୍ଥା ନେଇ ଚଳାଇବା ଲାଗି ରାଜ୍ୟ ସରକାର ଚାହିଁଥିଲେ। ହେଲେ କୌଣସି ସଂସ୍ଥା ଏଥିପ୍ରତି ଆଗ୍ରହ ପ୍ରକାଶ ନ କରିବାରୁ ପର୍ଯ୍ୟଟନ ବିଭାଗ ଏହାର ଦାୟିତ୍ୱ ନେଇଛି। ଏଥିପାଇଁ ଗତବର୍ଷ ସେପ୍ଟେମ୍ବର ୩ରେ ଭୁବନେଶ୍ୱରଠାରେ ଏକ ବୈଠକ ବସିଥିଲା। ଏଥିରେ ବ୍ୟାଖ୍ୟାନ କେନ୍ଦ୍ରର ରୂପରେଖ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଯେ ହେତୁ ଏହା ଶ୍ରୀକ୍ଷେତ୍ରରେ ନିର୍ମିତ ହେଉଛି ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ପରମ୍ପରା ଉପରେ ଅଧିକ ଫୋକସ ରହିବା ଲାଗି ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ବିଭାଗ ୫ କୋଟି ଟଙ୍କା ଖର୍ଚ୍ଚ କରିବ। ଏହି କାମ ଦିଲ୍ଲୀର ଏକ ସଂସ୍ଥାକୁ ଦିଆଯାଇଛି। ଇତିମଧ୍ୟରେ ସମ୍ପୃକ୍ତ ସଂସ୍ଥା ଆସି ଏହାର ଆଭ୍ୟନ୍ତରୀଣ କାମ ପାଇଁ ମାପଚୁପ କରି ଯାଇଛି। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ଏ ନେଇ ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କେତେଜଣ ସେବାୟତଙ୍କ ସହ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଛନ୍ତି, ବ୍ୟାଖ୍ୟାନ କେନ୍ଦ୍ରରେ ଶ୍ରୀମନ୍ଦିର ଏବଂ ମହାପ୍ରଭୁଙ୍କ ସମ୍ପର୍କିତ ସମସ୍ତ ତଥ୍ୟ ରହିବ। ତେଣୁ ଏକ ବୈଠକ ଡାକି ଆଲୋଚନା କରିବା ଲାଗି ପର୍ଯ୍ୟଟନ ବିଭାଗ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ କୁହାଯାଇଛି। ଆସନ୍ତା ଫେବୃୟାରୀ ୫ରେ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ, ଜିଲାପାଳ, ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ଓଟିଡିସି ଅଧିକାରୀ ଉପସ୍ଥିତ ରହିବେ।

■ ଦଇତାପତି ନିଯୋଗ ନିର୍ବାଚନ

# ଆଜି ପ୍ରାର୍ଥୀପତ୍ର ଦାଖଲ

**ପୁରୀ ଅଫିସ,୧୮।୧:**

■ ନିର୍ବାଚନ ନିଯୋଗର ବ୍ୟକ୍ତିଗତ ବ୍ୟାପାର: ମୁଖ୍ୟ ପ୍ରଶାସକ

ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ ଦଇତାପତି ନିଯୋଗ ନିର୍ବାଚନ। ଏଥିପାଇଁ ଶନିବାର ପ୍ରାର୍ଥୀପତ୍ର ଦାଖଲ କରିବା ଲାଗି ସମୟ ଧାର୍ଯ୍ୟ ହୋଇଛି। ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ପ୍ରକୋଷ୍ଠରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ମଧ୍ୟରେ ଇଚ୍ଛୁକ ଦଇତାପତି ସେବକ ପ୍ରାର୍ଥୀପତ୍ର ଦାଖଲ କରିପାରିବେ। ଦଇତାପତି ନିଯୋଗ ନିର୍ବାଚନ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, କୌଣସି ନିଯୋଗର ନିର୍ବାଚନ ସେମାନଙ୍କ ବ୍ୟକ୍ତିଗତ ବ୍ୟାପାର। ଏଥିରେ ଶ୍ରୀମନ୍ଦିର ପ୍ରଶାସନର କୌଣସି ମତାମତ ଦେବାର ନାହିଁ।

ଏହି ନିର୍ବାଚନ ପାଇଁ ନିଯୋଗ ପକ୍ଷରୁ ଶୁକ୍ରବାର ଏସ୍‌ପି, ଜିଲାପାଳ ଏବଂ ମୁଖ୍ୟ ପ୍ରଶାସକଙ୍କୁ ଚିଠି କରାଯାଇ ସହାୟତା ମଗାଯାଇଥିବା ଜଣାପଡିଛି। ଏସ୍‌ପିଙ୍କୁ ପୋଲିସ ସହାୟତା ପାଇଁ ଲେଖାଯାଇଛି। ଜିଲାପାଳଙ୍କୁ ଜଣେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ପଠାଇବାକୁ ଅନୁରୋଧ କରାଯାଇଛି। ସେହିପରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଜଣେ ଅଫିସରଙ୍କୁ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ପଠାଇବାକୁ ଅନୁରୋଧ କରାଯାଇଥିବା ବେଳେ ନିର୍ବାଚନ ହେବାକୁ ଥିବା ପ୍ରକୋଷ୍ଠରେ ସିସିଟିଭି ଲଗାଇବାକୁ ଅନୁରୋଧ କରାଯାଇଥିବା ଜଣାପଡିଛି।

ଅନ୍ୟପକ୍ଷରେ ଦଇତାପତି ନିଯୋଗ ଏବେ ଦୁଇଫାଳ ହୋଇଯାଇଛି। ଗୋଟିଏ ଗୋଷ୍ଠୀ ନିର୍ବାଚନ ସପକ୍ଷରେ ଥିବା ବେଳେ ଅନ୍ୟ ଗୋଷ୍ଠୀ ଏହାକୁ ବିରୋଧ କରୁଛନ୍ତି। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ବେଳେ ଆଗକୁ ସ୍ଥିତି କ'ଣ ରହୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

ସୂଚନାଥାଉ କି, ଗତ ବୁଧବାର ନିଯୋଗର ସ୍ଥାୟୀ ସଭାପତି ନବକିଶୋର ପତିମହାପାତ୍ର ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଯାଇ ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳଙ୍କୁ ନିର୍ବାଚନ ପ୍ରକ୍ରିୟାର କାର୍ଯ୍ୟସୂଚୀ ପ୍ରଦାନ କରି ଅବଗତ କରାଇଥିଲେ।

## ଶିକ୍ଷା ସଫଳତାର ମାପକାଠି

ପୁରୀ ଅଫିସ,୧୮।୧: ଶିକ୍ଷା ହେଉଛି ସଫଳତାର ମାପକାଠି। ଅତି ପ୍ରାଚୀନ କାଳରୁ ମୁନିଋଷିମାନେ ଶିକ୍ଷା ଓ ସଂସ୍କାରକୁ ପ୍ରାଥମିକତା ଦେଇ ଆସିଛନ୍ତି। ମନୁଷ୍ୟ ନିଜର ତ୍ରୁଟି ସଂଶୋଧନ କରିପାରିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଗୋପୀନାଥପୁର ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ଥାନୀୟ ସରପଞ୍ଚ ରାଜକିଶୋର ରାଉତ କହିଛନ୍ତି। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବିଦ୍ୟାଧର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଏବିଇଓ ନମିତା ବେହେରା, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଅଧିବକ୍ତା ରଚିତା ରାଉତରାୟ, ୱାର୍ଡସଭ୍ୟା ସସ୍ମିତା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁ ସାହିତ୍ୟିକ ରାମଚନ୍ଦ୍ର ସାହୁ କହିଲେ, ଉନ୍ନତ ରାଷ୍ଟ୍ର ନିର୍ମାଣ ଲାଗି ଛାତ୍ରସମାଜ ଶୃଙ୍ଖଳିତ ଓ ଚରିତ୍ରବାନ ହେବା ଆବଶ୍ୟକ। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିରେଖା ମିଶ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଚଳିତବର୍ଷର ଶ୍ରେଷ୍ଠ, ଆଦର୍ଶ, ଶୃଙ୍ଖଳିତ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଅମୁହାଁ ଦେଉଳର ପ୍ରତିଷ୍ଠା ଉତ୍ସବ

ବ୍ରହ୍ମଗିରି, ୧୮।୧(ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବେଣ୍ଟପୁର ସ୍ଥିତ ଅମୁହାଁ ଦେଉଳ ତଥା ଗ୍ରାମେଶ୍ୱର ଦେବଙ୍କ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବ ୩ଦିନ ଧରି ଚାଲିଥିଲା। ଏହି ମନ୍ଦିର ସମ୍ପର୍କରେ ଏକ କିମ୍ବଦନ୍ତୀ ରହିଛି ଯେ, ଅତୀତରେ ଏହି ସ୍ଥାନରେ ଲୁଣିଜିରା ନାମକ ଏକ ନାଳ ରହିଥିଲା। ଯାହା ସମୁଦ୍ରକୁ ସଂଯୋଗ କରୁଥିଲା। । ଏହି ଲୁଣି ଜିରା ଦେଇ ବୋଇତରେ ବଣିକ ମାନେ ବାଣିଜ୍ୟ ପାଇଁ ଯାତାୟତ କରୁଥିଲେ। ଏକଦା ଏକ ବୋଇତ ଉକ୍ତ ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେହି ସମୟରେ ବୋଇତରେଥିବା ସମସ୍ତ ଧନ ସମ୍ପତ୍ତିକୁ ଏକତ୍ରିତ କରି ଚାରିପଟୁ ବନ୍ଦ କରିଦିଆଯାଇଥିଲା। ଏହାକୁ କେହି ନ ଖୋଲିବା ପାଇଁ ଏକ ଫଳକ ମରାଯାଇଥିଲା। ସେବେଠାରୁ ଏହି ମନ୍ଦିରଟି ଅମୁହାଁ ଦେଉଳ ନାମରେ ପରିଚିତ ହୋଇଆସୁଥିଲା। ଦୀର୍ଘ ଦିନ ଧରି ଏହି ମନ୍ଦିରଟି କୌତୁହଳିକା ହୋଇ ରହିଥିବା ସମୟରେ ତତ୍କାଳୀନ ବିଧାୟକମାନେ ବାରମ୍ବାର ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ। ଧୀରେ ଧୀରେ ରକ୍ଷଣାବେକ୍ଷଣ ଅଭାବରୁ ଏହି ମନ୍ଦିରଟି ଭାଙ୍ଗିବାରୁ ସ୍ଥାନୀୟ ଗ୍ରାମବାସୀ ଏହାକୁ ଖୋଲିଥିଲେ। ଉକ୍ତ ମନ୍ଦିର ମଧ୍ୟରୁ ଏକ ଶିବ ଲିଙ୍ଗ ବାହାରିବାରୁ ତାଙ୍କ ନାମ ଦେଇଥିଲେ ଗ୍ରାମେଶ୍ୱର। ସେଠାରେ ଏକ ନୂତନ ମନ୍ଦିର ନିର୍ମାଣ କରି ଏହାର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ସମ୍ପନ୍ନ ହୋଇଛି।



ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଏନ୍‌ସିସି 'ଏ' ପ୍ରମାଣପତ୍ର ପରୀକ୍ଷାରେ ଭାଗନେଇଥିବା ଛାତ୍ରୀଛାତ୍ର ଓ ଅଧିକାରୀମାନେ।

## ଶୃଙ୍ଖଳା, ସମୟାନୁବର୍ତ୍ତିତା ଏନ୍‌ସିସିର ମୂଳମନ୍ତ୍ର

**ସାକ୍ଷୀଗୋପାଳ,୧୮।୧(ଡି.ଏନ୍.ଏ):**

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ଏନ୍‌ସିସି ଛାତ୍ରୀଛାତ୍ରଙ୍କ ସଫଳତା ନିମନ୍ତେ 'ଏ' ପ୍ରମାଣପତ୍ର ପରୀକ୍ଷା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ୨୩ଜଣ ଓ ମହନ୍ତ ଗଦାଧର ଉଚ୍ଚ ବିଦ୍ୟାଳୟର ୨୨ଜଣ ଏନ୍‌ସିସି ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ୬ଷ୍ଠ ଓଡିଶା ବାଟାଲିୟନ ପୁରୀ ଶାଖା ଏନ୍‌ସିସି ଅଧିକାରୀ ବିଜୟ କୁମାର ପରିଡା ଏନ୍‌ସିସିର ମୂଳମନ୍ତ୍ର ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ପ୍ରତି ଯତ୍ନଶୀଳ ହେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭବମ ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ସୁଚିତ୍ର ଖଟେଇ ପରିଚାଳନା କରିଥିଲେ।

## କାର୍-ପିକ୍‌ଅପ୍ ମୁହାଁମୁହିଁ

**ଗୋପ, ୧୮।୧(ଡି.ଏନ୍.ଏ.)**

ପିପିଲି-କୋଣାର୍କ ରାସ୍ତା ବେଗୁନିଆ ଛକ ନିକଟରେ କାର୍-ପିକ୍‌ଅପ୍ ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ କେହି ଆହାତ ହୋଇ ନ ଥିବା ସୂଚନା ମିଳିଥିବାବେଳେ ପିକ୍‌ଅପ୍‌କୁ ଧକ୍କା ଦେଇ କାର୍‌ଟି ସେଠାରୁ ଫେରାର୍ ହୋଇଯାଇଥିଲା। ଗୋପ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

■ ଚିଲିକାରେ ଭେସେଲ ଚଳାଚଳ ବନ୍ଦ

# ଧାରଣାରେ କର୍ମଚାରୀ, ଥାନାରେ ଅଭିଯୋଗ



କର୍ମଚାରୀମାନେ ଚିଲିକା ଉନ୍ନୟନ କର୍ତ୍ତପକ୍ଷ କାର୍ଯ୍ୟାଳୟ ଗେଟ୍‌ରେ ତାଲା ପକାଇଦେଇଛନ୍ତି।

**ବ୍ରହ୍ମଗିରି, ୧୮।୧(ଡି.ଏନ୍.ଏ.)**

ଚିଲିକାରେ ଭେସେଲ କର୍ମଚାରୀ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ କର୍ମଚାରୀଙ୍କୁ ଗୁରୁବାର କେତକ ଯୁବକ ଆକ୍ରମଣ କରିଥିଲେ। ଏ ନେଇ ଶୁକ୍ରବାର ଏହି କର୍ମଚାରୀମାନେ ଧାରଣାରେ ବସିବା ସହିତ ବ୍ରହ୍ମଗିରି ଥାନାରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ଚିଲିକାରେ ଡଲଫିନ ଗଣନା ପାଇଁ ପୂର୍ବ ସୂଚନା ଅନୁଯାୟୀ ଚିଲିକାରେ ଭେସେଲ ସେବା ବନ୍ଦ ରହିଥିଲା। ମାତ୍ର ଗୁରୁବାର କୃଷ୍ଣପ୍ରସାଦରେ କେନ୍ଦ୍ରସରକାରଙ୍କ ଉଜ୍ଜଳା ସ୍ୱାଭିମାନ ଉତ୍ସବ ପାଳନ କରାଯାଉଥିଲା। ଏଥିରେ ଯୋଗଦେବା ପାଇଁ ବ୍ରହ୍ମଗିରି ବ୍ଲକ ଓ କୃଷ୍ଣପ୍ରସାଦର ବ୍ଲକର ୭ପଞ୍ଚାୟତର ଜନସାଧାରଣ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ବାଟରେ ଚିଲିକା ପଡୁଥିବାରୁ ଏହାକୁ ପାର କରିବା ପାଇଁ ଏକମାତ୍ର ସୁରକ୍ଷିତ ମାଧ୍ୟମ ହେଉଛି ଭେସେଲ। କିନ୍ତୁ ଚିଲିକାରେ ଭେସେଲ ବନ୍ଦ ଥିବାରୁ କେତେକ ଯୁବକ ଭେସେଲ କର୍ମଚାରୀଙ୍କୁ ଚଳାଇବା ପାଇଁ ଅନୁରୋଧ କରିଥିଲେ। କର୍ମଚାରୀମାନେ ଏଥିପାଇଁ ମନାକରିବାରୁ ଉତ୍ତେଜନା ଦେଖାଦେଇଥିଲା। ପରେ କର୍ମଚାରୀମାନେ ବାଧ୍ୟହୋଇ ଉପସ୍ଥିତ ଲୋକଙ୍କୁ ଚିଲିକା ପାର କରାଇଥିଲେ। ପରେ ଏହି କର୍ମଚାରୀମାନେ ନିଜକୁ ଅସୁରକ୍ଷିତ ମଣି ସୁରକ୍ଷା ଏବଂ ଉପଯୁକ୍ତ ନ୍ୟାୟ ପାଇବା ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ତାଲାପକାଇ ଧାରଣାରେ ବସିବା ସହ ଚିଲିକାରେ ଭେସେଲ ସେବାକୁ ବନ୍ଦ ରଖିଛନ୍ତି । ଅନ୍ୟପକ୍ଷରେ ସିଡିଏ କର୍ମଚାରୀମାନଙ୍କୁ ଆକ୍ରମଣ ହୋଇଥିବା କାରଣ ଦର୍ଶାଇ ସିଡିଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଶାନ୍ତ ନନ୍ଦ ବ୍ରହ୍ମଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ।

■ଜୟୀ ରାଜଗୁରୁ ବାରବାଟୀ ଅଭିଯାନ ଦିବସ ପାଳନ ପ୍ରସ୍ତୁତି ବୈଠକ

# ମାର୍ଚ୍ଚ ୧୧ରେ ହେବ ସ୍ମରଣୀୟ ସଭା

**ପୁରୀଅଫିସ,୧୮।୧:**

ଓଡ଼ିଶାରେ ଇଂରେଜ ଶାସନକୁ ଦମନ କରିବା ଲାଗି ଶହୀଦ ଜୟୀ ରାଜଗୁରୁ ୧୮୦୪ ମାର୍ଚ୍ଚ ୧୧ରେ କଟକ ବାରବାଟୀ ଦୁର୍ଗ ଘେରାଉ କରିଥିଲେ। ଏଥିରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ପାଇକ ବୀର ଯୋଗଦାନ କରିଥିଲେ। ଜୟୀ ରାଜଗୁରୁଙ୍କ ରଣନୀତି ଏବଂ ଦେଶପ୍ରେମ ଆଗରେ ବ୍ରିଟିଶ ସରକାର ହାର ମାନିଥିଲା। ଏହି ଦିବସକୁ ସ୍ମରଣୀୟ ଦିବସ ଭାବେ ପାଳନ କରିବା ଲାଗି ଜୟୀ ରାଜଗୁରୁ ସ୍ମୃତି ସଂସଦ ପକ୍ଷରୁ ସ୍ଥାନୀୟ ଭକ୍ତ ସାଲବେଗ ପୀଠ ସମ୍ମିଳନୀ କକ୍ଷରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

ସ୍ମୃତି ସଂସଦର ସମ୍ପାଦକ ଜଟାଧାରୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ପୂର୍ବତନ ଭାରତୀୟ ପ୍ରଶାସନିକ ଅଧିକାରୀ ଦିଗାମ୍ବର ମହାନ୍ତି ସଭାପତିତ୍ୱ କରିଥିଲେ। ବୈଠକରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ପ୍ରଫେସର ରାମଚନ୍ଦ୍ର ମିଶ୍ର, ବରିଷ୍ଠ ଆଇନଜୀବୀ ଉମାବଲ୍ଲଭ ମହାପାତ୍ର, ଐତିହ୍ୟ ଗବେଷକ ଡ. ସୁରେନ୍ଦ୍ର ମିଶ୍ର, ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ସଂସ୍କୃତି ଗବେଷକ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ପ୍ରତିମା ମିଶ୍ର, ବରିଷ୍ଠ ସେବାୟତ ଭଗବାନ ସୁଆର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଖୋର୍ଦ୍ଧା ଅଞ୍ଚଳର ୧୦ଟି ଗଡ଼ର ଦଳବେହେରା, ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମାର୍ଚ୍ଚ ୧୧ରେ ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ସିଂହଦ୍ୱାରରୁ ଏକ ବିଶାଳ ଶୋଭଯାତ୍ରା ବାହାରି ଶରଧାବାଲିରେ ପହଞ୍ଚିବ। ସେଠାରେ ଜୟୀ ରାଜଗୁରୁଙ୍କ ବାରବାଟୀ ଘେରାଉ ସ୍ମରଣୀୟ ଦିବସ ସଭା ଓ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଶୋଭାଯାତ୍ରାରେ ପାଇକ ଆଖଡ଼ା, ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେବେ। ଏଥିସହ ପୁରୀ ଜାଗା ଆଖଡ଼ା ପକ୍ଷରୁ ବୀରତ୍ୱ ପ୍ରଦର୍ଶନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଚିତ୍ତରଞ୍ଜନ ମିଶ୍ର, ବିଜୟ କୁମାର ପଣ୍ଡା, ବିଜୟ କୁମାର ନନ୍ଦ, ଡ. ଭାସ୍କର ମିଶ୍ର, ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ, ସୁକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ରାଜ୍ୟପାଳଙ୍କ ସମୀକ୍ଷା ବୈଠକ


**ପୁରୀ ଅଫିସ,୧୮।୧:**

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଶନିବାର ପୁରୀ ଗସ୍ତରେ ଆସୁଛନ୍ତି। ସେ ଜିଲାର ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିବେ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ହୋଇଛି। ଶନିବାର ପୂର୍ବାହ୍ନ ୧୧ଟାରେ ସର୍କିଟ ହାଉସ୍‌ରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏଥିରେ ୨୩ଟି ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗଦେବେ। ବିଭିନ୍ନ ଯୋଜନାରୁ କେତେ ଟଙ୍କା ପାଇଛନ୍ତି, କେତେ ଖର୍ଚ୍ଚ କରିଛନ୍ତି ଏବଂ କେତେ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ସେ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇବେ। ରାଜ୍ୟପାଳଙ୍କ ଗସ୍ତସୂଚୀ ଅନୁଯାୟୀ, ପୂର୍ବାହ୍ନ ସାଢେ ୧୦ଟାରେ ରାଜ୍ୟପାଳ ପୁରୀ ରାଜଭବନରେ ପହଞ୍ଚିବେ। ତାଙ୍କୁ ସେଠାରେ ଜିଲାପାଳ, ଏସ୍‌ପି ପ୍ରମୁଖ ସ୍ୱାଗତ କରିବେ। ଏହାପରେ ୧୧ଟାରେ ରାଜ୍ୟପାଳ ସର୍କିଟ ହାଉସ୍‌ରେ ପହଞ୍ଚି ସମୀକ୍ଷା ବୈଠକରେ ଯୋଗଦେବେ। ବୈଠକ ସାରି ମଧ୍ୟାହ୍ନ ୧୨ଟା ୩୫ରେ ପୁଣି ପୁରୀ ରାଜଭବନକୁ ଫେରିବେ। ସେଠାରେ ମଧ୍ୟାହ୍ନଭୋଜନ ସାରି ଅପରାହ୍ନ ୨ଟାରେ ଅଳଗୁମସ୍ଥିତ ଜାଗେଶ୍ୱରୀ ବିଦ୍ୟାପୀଠ ଅଭିମୁଖେ ବାହାରିବେ। ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

■ ଜିଲାସ୍ତରୀୟ ନିଯୁକ୍ତିମେଳା

# କ୍ୟାରିୟର ବାଛିବାକୁ ସୁଯୋଗ ଦିଏ ନିଯୁକ୍ତିମେଳା

**ପୁରୀ ଅଫିସ,୧୮।୧:**



ନିଯୁକ୍ତିମେଳାରେ ଆଶାୟୀ ପ୍ରାର୍ଥୀମାନେ ପଞ୍ଜୀକରଣ କରୁଛନ୍ତି।

■୯୨୩ ପଞ୍ଜୀକରଣ, ଚୟନ ହେଲେ ୩୩୪
■ପ୍ରଶିକ୍ଷଣ ପାଇଁ ମନୋନୀତ ୫୭୨

ନିଯୁକ୍ତି ମେଳା ରାଜ୍ୟ ସରକାରଙ୍କର ଏକ ଅଭିନବ ଯୋଜନା। ପ୍ରତିବର୍ଷ ଏହା ଆୟୋଜନ କରାଯାଉଛି। ଏହି ମେଳା ନିଜ କ୍ୟାରିୟର ନିଜେ ବାଛିବାକୁ ସୁଯୋଗ ଦେଉଛି। ନିଯୁକ୍ତି ମେଳା ମାଧ୍ୟମରେ ଗ୍ରାମାଞ୍ଚଳର ଅନେକ ଯୁବତୀ ଯୁବକ ଏବଂ ଛାତ୍ରୀଛାତ୍ର ରାଜ୍ୟ ବାହାରେ ଯାଇ ଚାକିରି କରିଛନ୍ତି ବୋଲି କହିଛନ୍ତି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି।

ଶୁକ୍ରବାର ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ପରିସରରେ ଆୟୋଜିତ ଜିଲାସ୍ତରୀୟ ନିଯୁକ୍ତି ମେଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡ. ମାଝି କହିଥିଲେ ନିଯୁକ୍ତି ମେଳା ଦ୍ୱାରା କେହି କେହି ସିଧାସଳଖ ଚାକିରି କରୁଥିବା ବେଳେ ଆଉ କେହି ପ୍ରଶିକ୍ଷଣ ପରେ ନିଯୁକ୍ତି ସୁଯୋଗ ପାଉଛନ୍ତି। ଏହାଦ୍ୱାରା ନିଯୁକ୍ତି କ୍ଷେତ୍ରରେ ଆମ ରାଜ୍ୟ ମଧ୍ୟ ଆଗେଇ ପାରିଛି।

ଏଥିରେ ଓର୍ମାସର ସହକାରୀ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶ ଯୋଗଦେଇ କହିଲେ, ଏମିତି କେତେଜଣ ପିଲା ଅଛନ୍ତି ଯେଉଁମାନେ ଅଧିକ ପାଠ ପଢିବାକୁ ଚାହୁଁଥିଲେ ବି ଆର୍ଥିକ ଦୃଷ୍ଟିକୋଣରୁ ହେଉ କିମ୍ବା ଅନ୍ୟ କୌଣସି କାରଣ ପାଇଁ ଅଧାରୁ ପାଠ ଛାଡିଥାନ୍ତି। ସେମାନଙ୍କ ପାଇଁ ଏହି ମେଳା ନିଯୁକ୍ତି ଦେବାରେ ବେଶ୍ ସହାୟକ ହୋଇପାରୁଛି। ରାଜ୍ୟ ଦକ୍ଷତା ବିକାଶର ନୋଡାଲ ଅଫିସର ସଞ୍ଜୀବ କୁମାର ପ୍ରଧାନ ସରକାରଙ୍କ ବିଭିନ୍ନ ଯୋଜନା ଓ ଯୁବତୀଯୁବକଙ୍କ ନିଯୁକ୍ତି ସୁଯୋଗ ବିଷୟରେ କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ, ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନର ଅଧ୍ୟକ୍ଷ ଆଶୁତୋଷ ଦେ ଯୁବତୀଯୁବକମାନେ ନିଯୁକ୍ତି ମେଳାରେ ଅଂଶଗ୍ରହଣ କରି ଏହାକୁ ସଫଳ କରିବାକୁ କହିଥିଲେ। ନବମ ଏୟାରମ୍ୟାନର କୁଳଦୀପ ସିଂ ଫେବୃୟାରୀରେ ହେବାକୁ ଥିବା ଆର୍ମି ରିକ୍ରୁଟ୍‌ମେଣ୍ଟ ସମ୍ପର୍କରେ କହିଥିଲେ। ଜିଲା ନିୟୋଜନ ଅଧିକାରୀ ଅର୍ପିତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଏହି ମେଳାରେ ୨୪ ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟିଙ୍ଗ ଏଜେନ୍ସି (ପିଆଇଏ) ଏବଂ ୨୦ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଅଂଶଗ୍ରହଣ କରିଥିଲେ। ମୋଟ ୧୦୧୨ ଜଣ ନିଯୁକ୍ତି ଆଶାୟୀ ମେଳାକୁ ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ୯୨୩ ଜଣ ନାମ ପଞ୍ଜୀକରଣ କରିଥିଲେ। ବିଭିନ୍ନ କମ୍ପାନୀ ଦ୍ୱାରା ୩୩୪ ଜଣ ଚୟନ ହୋଇଥିବା ବେଳେ ୫୭୨ ଜଣ ପିଆଇଏ ଦ୍ୱାରା ଟ୍ରେନିଂ ନେବାକୁ ମନୋନୀତ ହୋଇଛନ୍ତି। ମେଳାରେ ଦିଲ୍ଲୀ, ହାଇଦ୍ରାବାଦ, ହରିଦ୍ୱାର, ଚେନ୍ନାଇରୁ ମଧ୍ୟ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଭାଗ ନେଇଥିଲେ।

# ନାବାଳିକାଙ୍କୁ ଅପହରଣ କରି ଯୁବକ ଗିରଫ

**କଣାସ, ୧୮।୧(ଡି.ଏନ୍.ଏ.)**

ଡେଲାଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଡେଲାଙ୍ଗ ଥାନା ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ କଟକ ଜିଲା ବୈଦ୍ୟେଶ୍ୱର ଥାନା ଅଞ୍ଚଳରୁ ଗିରଫ କରିଛି । ଗିରଫ ଯୁବକ ହେଲେ ଖୋର୍ଦ୍ଧା ଜିଲା କଳାଙ୍ଗ ଗ୍ରାମର ଭରତ ମଲିକ(୨୫)। ଭରତ ପୂର୍ବରୁ ବିବାହ କରିଥିଲେ। ବିବାହିତା ଜଣଙ୍କ ଭରତଙ୍କୁ ଛାଡି ପଳାଇ ଯିବାପରେ ଭରତ ମୋବାଇଲ ଫୋନରେ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ କଟକ ଜିଲା ବୈଦ୍ୟେଶ୍ୱର ଅଞ୍ଚଳରେ ଥିବା ତାଙ୍କ ଭିଣୋଇ ଘରେ ନେଇ ରଖିଥିଲେ। ନାବାଳିକାଙ୍କ ପିତାଙ୍କ ଅଭିଯୋଗ କ୍ରମେ ଗୁରୁବାର ଡେଲାଙ୍ଗ ଥାନା ପୋଲିସ କେସ୍‌ନଂ-୧୩/୧୯ ମାମଲା ରୁଜୁ କରିବା ସହ ସଦଳବଳ ବୈଦ୍ୟେଶ୍ୱର ଥାନା ପୋଲିସ ସହାୟତରେ ସେମାନଙ୍କୁ ଠାବ କରିଥିଲା। ଉଭୟଙ୍କୁ ପୁରୀରେ ଡାକ୍ତରୀମାଇନା କରି ଭରତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ନାବାଳିକାଙ୍କୁ ଶନିବାର କୋର୍ଟରେ ବୟାନ ରେକର୍ଡ କରାଇ ପିତାଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ଅସୀତ୍‌ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।



ଅନ୍ୟକୁ କଠୋର କଥା କହି କଟେ ଦୋଷ ଅଧର୍ମ, ମାତ୍ର କଠୋର କଥା
କହିଲେ ଅନ୍ୟର ମଙ୍ଗଳ ହେବ ବୋଲି ଜାଣି ଯଦି ତାହା କରାଯାଏ
ତେବେ ସେଇଟି ଅଧର୍ମ ନୁହେଁ। -ସେନେକା



## ସଂକ୍ଷେପରେ

### ନିମାପଡ଼ା ପ୍ରେସ କ୍ଲବର ସାଧାରଣ ଅଧିବେଶନ

**ନିମାପଡ଼ା,୧୮।୧(ଡି.ଏନ୍.ଏ):** ନିମାପଡ଼ା ପ୍ରେସ କ୍ଲବର ସାଧାରଣ ଅଧିବେଶନ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ଗ୍ରୀନଲ୍ୟାଣ୍ଡ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ପ୍ରେସକ୍ଲବର ସାଙ୍ଗଠନିକ ସ୍ଥିତିକୁ ମଜଭୁତ କରିବା, ନୂତନ ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବା, ଖବରଦାତାଙ୍କ ବିଭିନ୍ନ ସମସ୍ୟାର ପ୍ରତିକାର ଦିଗରେ ବିଭିନ୍ନ ପଦକ୍ଷେପ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଖବରଦାତା ସ୍ୱର୍ଗତ ପ୍ରତାପ ମହାପାତ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୧ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଅଧିବେଶନ ପରେ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ବି.ଏନ୍. ସାହୁ, ଉପସଭାପତି ଭାବେ ସତ୍ୟେନ୍ଦ୍ରମୋହନ ମହାନ୍ତି, ମାନସ ଦାସ, ସାଧାରଣ ସମ୍ପାଦକ ଭାବେ ରାଜକିଶୋର ଦାଶ, ସମ୍ପାଦକ ଭାବେ ରଞ୍ଜନ ପଟ୍ଟନାୟକ, ନିବେଦିତା ମିଶ୍ର, କୋଷାଧ୍ୟକ୍ଷଭାବେ ପ୍ରଦ୍ୟୁମ୍ନ ବେହେରା, ଉପଦେଷ୍ଟା ଭାବେ ପ୍ରତାପ ମହାନ୍ତି, ଚିତ୍ତରଞ୍ଜନ ମହାନ୍ତି, ଶରତ କୁମାର ସେନାପତି, ଶକ୍ତିପ୍ରସାଦ ରଥ, ବସନ୍ତ ଦାସ ପ୍ରମୁଖ ନିର୍ବାଚିତ ହୋଇଥିଲେ।

### ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ସାକ୍ଷୀଗୋପାଳ,୧୮।୧(ଡି.ଏନ୍.ଏ):** ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ୨୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ନବ କିଶୋର ନନ୍ଦ ଯୋଗଦେଇ କହିଥିଲେ, ନିୟମିତ କ୍ରୀଡ଼ା ଅଭ୍ୟାସ ଜାରି ରଖିଲେ ଶରୀର ସୁସ୍ଥ ରହିବା ସଙ୍ଗେସଙ୍ଗେ ସଫଳତା ମିଳିଥାଏ। ସମ୍ମାନିତ ଅତିଥିଭାବେ ଉତ୍କଳମଣି ଜନ୍ମପୀଠ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ କୁମାର ସମାନ୍ତରାୟ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବିଜୟ କୁମାର ମହାପାତ୍ର ଓ ଦୁଗଲ ସରପଞ୍ଚ ପ୍ରକାଶ ଚନ୍ଦ୍ର ଖଟେଇ ପ୍ରମୁଖ ଯୋଗଦେଇ କ୍ରୀଡାବିତଙ୍କ ଜୀବନ ଶୈଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଳିକା ବିଭାଗରେ କବିତା ସ୍ୱାଇଁ ଓ ବାଳକ ବିଭାଗରେ ଚନ୍ଦନ କୁମାର ଭୋଇଙ୍କୁ ନବ କିଶୋର ମହାପାତ୍ର ସ୍ମୃତି ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସବିତା ମିଶ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ,ଶିକ୍ଷକ ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

### ଜେଜେମା'ଙ୍କ ଦଶାହ ତୁଠରୁ ନାତି ନିଖୋଜ

**ସାକ୍ଷୀଗୋପାଳ, ୧୮।୧ (ଡି.ଏନ୍.ଏ/ ସ୍ୱ.ପ୍ର.):** ସତ୍ୟବାଦୀ ବଜାର ଉପକଣ୍ଠ କମାରସାହିରେ ଜେଜେମା'ଙ୍କ ସୁଦ୍ଧିକ୍ରିୟାରେ ଯୋଗଦେବାକୁ ଆସିଥିବା ନାତି ପ୍ରଦୀପ୍ତ କୁମାର ମହାନ୍ତି ଶୁକ୍ରବାର ଅପରାହ୍ନରେ ଦଶାହ ତୁଠରୁ ନିଖୋଜ ହୋଇଯାଇଛନ୍ତି। ପହଁରା ଜାଣିନଥିବାରୁ ପ୍ରଦୀପ୍ତ ଗ୍ରାମର ପଦ୍ମପୋଖରୀରେ ବୁଡି ଯାଇଥିବା ସନ୍ଦେହ କରାଯାଉଛି। ଖବରପାଇ ସାକ୍ଷୀଗୋପାଳ ଦମକଳ କେନ୍ଦ୍ରର କର୍ମଚାରୀ ଓ ଗ୍ରାମର ଯୁବକମାନେ ପୋଖରୀ ଭିତରେ ଖୋଜିଖୋଜି କରିଥିଲେ ମଧ ପ୍ରଦୀପ୍ତଙ୍କୁ ପାଇ ନ ଥିବା ଦମକଳ କେନ୍ଦ୍ର ଅଧିକାରୀ ମନୋଜ କୁମାର ପାତ୍ର କହିଛନ୍ତି। ପୋଖରୀ ତୁଠରେ ତାଙ୍କର ଚପଲ ଓ ଚଷମା ଥିବା ଦେଖିବାକୁ ମିଳିଛି। ପାଖରୀରେ ତୁଠ ପାହାଚ ନ ଥିବାରୁ ପ୍ରଦୀପ୍ତଙ୍କ ଗୋଡ ଖସିଯାଇଥିବା ସନ୍ଦେହ କରାଯାଉଛି ବୋଲି ସରପଞ୍ଚ ବିଶ୍ୱଜିତ ମହାପାତ୍ର କହିଛନ୍ତି।

### ନଡ଼ିଆ ପଡ଼ି ଶିଶୁ ଗୁରୁତର

**ବାଲିପାଟଣା,୧୮।୧(ଡି.ଏନ୍.ଏ):** ବାଲିପାଟଣା ଥାନା ଅନ୍ତର୍ଗତ ମଝିହରା ଭୋଇସାହିରେ ଶୁକ୍ରବାର ଅଭିଜିତ ଭୋଇ(୪)ଙ୍କ ମୁଣ୍ଡରେ ନଡ଼ିଆ ପଡ଼ିବାରୁ ସେ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଅଭିଜିତ ତାଙ୍କ ଘର ନିକଟରେ ଖେଳୁଥିବା ବେଳେ ନଡ଼ିଆ ଗଛରୁ ଏକ ନଡ଼ିଆ ତାଙ୍କ ମୁଣ୍ଡ ଉପରେ ପଡିଥିଲା। ଫଳରେ ଘଟଣାସ୍ଥଳରେ ସେ ଚେତାଶୂନ୍ୟ ହୋଇପଡିଥିଲେ। ଗ୍ରାମବାସୀ ଅଭିଜିତଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

## ■ କୃଷି ଓଡ଼ିଶା-୨୦୧୯

# 'କୃଷି ଉତ୍ପାଦନକୁ ମୂଲ୍ୟଯୁକ୍ତ କରିବ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ'

**ଭୁବନେଶ୍ୱର, ୧୮।୧(ବ୍ୟୁରୋ)**

ଓଡ଼ିଶାରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଯଥେଷ୍ଟ ସୁଯୋଗ ରହିଛି। କୃଷି ଉତ୍ପାଦନକୁ ମୂଲ୍ୟଯୁକ୍ତ କରିବା ପାଇଁ ଏହାର ଆବଶ୍ୟତା ରହିଛି। ଏଥିପାଇଁ ସରକାର ଶିଳ୍ପନୀତିରେ ଅନେକ ପ୍ରୋତ୍ସାହନର ବ୍ୟବସ୍ଥା କରିଛନ୍ତି। ଏହା ଦ୍ୱାରା ଚାଷୀ ତା'ର ଶସ୍ୟ ବାବଦରେ ଅଧିକ ମୂଲ୍ୟ ପାଇବା ସହିତ ଯୁବପିଢ଼ିମାନେ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ ହୋଇପାରିବେ ବୋଲି ଏମ୍ଏସ୍ଏମ୍ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି। ଶୁକ୍ରବାର କୃଷି ଓଡ଼ିଶାର ଚତୁର୍ଥ ଦିବସ ସମାରୋହ ଅବସରରେ ମନ୍ତ୍ରୀ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, କୃଷି ଓଡ଼ିଶା ଯେଉଁ ଲକ୍ଷ୍ୟ ନେଇ ଆରମ୍ଭ କରାଯାଇଛି ତାହା ନିଶ୍ଚିତ ଓଡ଼ିଶାର ଚାଷୀକୁଳଙ୍କ ଚାଷ କାର୍ଯ୍ୟକୁ ଆଗେଇ ନେବାରେ ସହାୟକ ହେବ।

ଭୁବନେଶ୍ୱର ମଧ ବିଧାୟକ ବିଜୟ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଲେ, ଗତ ଦଶନ୍ଧି ମଧ୍ୟରେ ରାଜ୍ୟରେ କୃଷି ସମେତ ପ୍ରତ୍ୟେକ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। କୃଷି କ୍ଷେତ୍ରରେ ଅଭିବୃଦ୍ଧି ହେତୁ ରାଜ୍ୟର ସାମଗ୍ରିକ ଅର୍ଥନୀତି ସୁଦୃଢ଼ ହୋଇପାରିଛି। 'କାଳିଆ' ଯୋଜନାର ସଫଳ ରୂପାୟନ ପାଇଁ ପ୍ରତ୍ୟେକ ସ୍ତରରେ ନିଷ୍ଠାପର ଉଦ୍ୟମ ହେବା ଆବଶ୍ୟକ। ଅର୍ଥ ତଥା କୃଷି ମନ୍ତ୍ରୀ ଶଶିଭୂଷଣ ବେହେରା ସଭାରେ ପୌରୋହିତ୍ୟ କରି କହିଲେ, ଜାତୀୟ ନମୁନା ସର୍ଭେ ରିପୋର୍ଟ ଅନୁସାରେ ରାଜ୍ୟରେ କୃଷକର ଆୟ ଦୁଇଗୁଣିତ ହୋଇପାରିଛି। ଏଥିରେ ମତ୍ସ୍ୟଚାଷ, ଗୋପାଳନ, କୁକୁଡ଼ା ଚାଷ ଆଦି ଆନୁଷଙ୍ଗିକ କୃଷିର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହି ଅବସରରେ ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ମୁଖପତ୍ର 'ମତ୍ସ୍ୟ ଦର୍ପଣ' ଉନ୍ମୋଚିତ ହୋଇଥିଲା। ଉତ୍ସବରେ ୩୦ ସଫଳ ମତ୍ସ୍ୟଚାଷୀଙ୍କୁ ୧୦ ହଜାର ଟଙ୍କାର ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ଉତ୍ସବ ପ୍ରାରମ୍ଭରେ ଓଡ଼ିଶା ରାଜ୍ୟ କୃଷି ବିପଣନ ସଂସ୍ଥାର ନିର୍ଦ୍ଦେଶକ ବଲୱନ୍ତ ସିଂ ସ୍ୱାଗତ ଭାଷଣ ଦେଇଥିବାବେଳେ ମତ୍ସ୍ୟ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିମାନେ ମୁଖପତ୍ର 'ମତ୍ସ୍ୟ ଦର୍ପଣ' ଉନ୍ମୋଚନ କରୁଛନ୍ତି।



ପୁରୀ ସମୁଦ୍ରରେ ଶୁକ୍ରବାର ଜଣେ ବିଦେଶୀ ଶର୍ଫିଂର ମଜା ନେଉଛନ୍ତି।

## ଦୁଇଘଣ୍ଟା ପଡ଼ି ରହିଲା ମୃତଦେହ

**ମିଳିଲାନି ସ୍ୱର୍ଗଦ୍ୱାର ସବାରି**

**ପୁରୀଅଫିସ,୧୮।୧**

ପର୍ଯ୍ୟଟକଙ୍କ ମୃତଦେହ ସ୍ୱର୍ଗଦ୍ୱାର ନେବାକୁ ମିଳିଲା ନାହିଁ ସ୍ୱର୍ଗଦ୍ୱାର ସବାରି। ମୃତଦେହ ମେଡିକାଲରେ ଦୀର୍ଘ ଦୁଇଘଣ୍ଟା ଧରି ପଡି ରହିଲା। ସରକାରୀ ଆମ୍ବୁଲାନ୍ସ ଲାଗି ଟଙ୍କା ପଇଠ ସତ୍ତ୍ୱେ ଦୁଇଘଣ୍ଟା ବିଳମ୍ବରେ ଆମ୍ବୁଲାନ୍ସ ମିଳିଲା। ଏନେଇ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ କୌଣସି ସହଯୋଗ କରାଯାଇ ନ ଥିଲା। ବରଂ ଅପେକ୍ଷା କରିବାକୁ କୁହାଯାଇଥିଲା ବୋଲି ମୃତକଙ୍କ ପରିବାର ଲୋକେ କହିଛନ୍ତି।

ସୂଚନା ମୁତାବକ, ଗୁରୁବାର ଉତ୍ତରପ୍ରଦେଶର କ୍ଷୀର ଜିଲାରୁ ଏକ ପର୍ଯ୍ୟଟକ ଦଳ ପୁରୀ ବୁଲିବାକୁ ଆସିଥିଲେ। ଗୁରୁବାର ବିଳମ୍ବିତ ରାତିରେ ପର୍ଯ୍ୟଟକ ଯମୁନା ଦାସ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କ ସ୍ତ୍ରୀ ଗୁମତୀ ଦାସ ମେଡିକାଲ ନେବା ପାଇଁ କୌଣସି ସହଯୋଗ ପାଇ ନ ଥିଲେ। କଂଗ୍ରେସ ନେତା ଗୋପାଳ ଚନ୍ଦ୍ର ଖୁଣ୍ଟିଆ ଏକ ଅଟୋ ଯୋଗେ ତାଙ୍କୁ ମେଡିକାଲ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶୁକ୍ରବାର ପୋଲିସ ମୃତଦେହ ପରିବାର ଲୋକଙ୍କୁ ମଧ୍ୟାହ୍ନ ୧ଟାରେ ହସ୍ତାନ୍ତର କରିଥିଲା। ପରିବାର ଲୋକେ ସ୍ୱର୍ଗଦ୍ୱାରରେ ଶବସତ୍କାର ପାଇଁ ସ୍ୱର୍ଗଦ୍ୱାର ସବାରି ନମ୍ବରକୁ ବାରମ୍ବାର ଯୋଗାଯୋଗ କରି ବିଫଳ ହୋଇଥିଲେ। ମୃତଦେହ ବ୍ୟବଚ୍ଛେଦ ଗୃହ ଆଗରେ ଅପରାହ୍ନ ୩ଟା ଯାଏ ପଡିରହିଥିଲା। ଏନେଇ ପରିବାର ଲୋକେ ଟିକେଟ କାଉଣ୍ଟର ନିକଟରେ ହୋହଲ୍ଲା କରିଥିଲେ। କଂଗ୍ରେସ ନେତା ସ୍ୱାଧୀନ ପଣ୍ଡା ପହଞ୍ଚି ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଆମ୍ବୁଲାନ୍ସ ବ୍ୟବସ୍ଥା କରିଥିଲେ।

ପ୍ରକାଶ ଯେ, ଲଜିଂହାଉସ ଫଣ୍ଡ ପକ୍ଷରୁ ମେଡିକାଲରେ ଚାଲିଥିବା ସ୍ୱର୍ଗଦ୍ୱାର ସବାରି ଗତ କିଛିମାସ ହେଲା ବନ୍ଦ ପଡିଛି। ଫଳରେ ସ୍ୱର୍ଗଦ୍ୱାରକୁ ମୃତଦେହ ନେବାଲାଗି ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଏହି ସୁବିଧା ତୁରନ୍ତ ପ୍ରଦାନ ଲାଗି ପୌରସଂସ୍ଥାକୁ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି।

## ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ




ବାର୍ଷିକୋତ୍ସବରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ଅନ୍ୟମାନେ।

**କଣାସ, ୧୮।୧(ସ୍ୱ.ପ୍ର.)**

କଣାସ ବ୍ଲକ୍ ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମ ପଞ୍ଚାୟତରେ ପ୍ରତିଷ୍ଠିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଞ୍ଚଦଶ ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ପ୍ରଭାତ କିଶୋର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ଭଲ ପାଠ ପଢିବା ସହିତ ଭଲ ମଣିଷ ହୋଇ ନାଁ ରଖିବା ପାଇଁ ଉପଦେଶ ଦେଇଥିଲେ। ଅନ୍ୟାନ୍ୟ ଅତିଥି ଭାବେ ବିଡିଓ ପ୍ରତିଭା ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ବିରକିଶୋର ପ୍ରଧାନ, ରବିନାରାୟଣ ଷଡ଼ଙ୍ଗୀ, ଭାଗିରଥି ମହାପାତ୍ର, ଗୁରୁଚରଣ ନାୟକ ଯୋଗଦେଇଥିଲେ। କମ୍ ପାରିଶ୍ରମିକରେ ଗୁରୁମାଗୁରୁଜୀଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ଆଜି ସାରା ରାଜ୍ୟରେ ସରସ୍ୱତୀ ଶିଶୁ ମନ୍ଦିର ସୁନାମ ଅର୍ଜନ କରିଥିବା କହିଥିଲେ। ପ୍ରଧାନ ଅଚାର୍ଯ୍ୟ ମଧୁସୂଦନ ପାଣି ବାର୍ଷିକ ବିବରଣୀ ପଠନ କରିଥିଲେ। ବିଧାୟକ ସାମନ୍ତରାୟ ବିଦ୍ୟାମନ୍ଦିରର ବିକାଶ ପାଇଁ କିଛିଦିନ ତଳେ ୨ଲକ୍ଷ ଟଙ୍କା ପ୍ରଦାନ କରିଥିବା ବେଳେ ଶୁକ୍ରବାର ୩ ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବା ସହ ୧୫ ଦିନ ମଧ୍ୟରେ ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି କହିଥିଲେ। କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ବଡ଼ଗୋଠ ତ୍ରିବେଣୀ ବୁଡ଼ ପାଇଁ ପ୍ରସ୍ତୁତି ବୈଠକ

**କଣାସ, ୧୮।୧(ଡି.ଏନ୍.ଏ.)**

ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ଉତ୍ତର ଚିଲିକା ନିକଟ ଗୋପୀନାଥପୁର ପଞ୍ଚାୟତ ଅନ୍ତର୍ଗତ ଦୟା, ଲୁଣା ଓ ଭାର୍ଗବୀର ସଙ୍ଗମ ସ୍ଥଳ ବଡଗୋଠରେ ତ୍ରିବେଣୀ ବୁଡ (ମାଘ ସପ୍ତମୀ ବୁଡ) ପାଇଁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବଡ ଗୋଠ ବିକାଶ ପରିଷଦର ସଭାପତି ବୈକୁଣ୍ଠନାଥ ନରେନ୍ଦ୍ର ଏଥିରେ ସଭାପତିତ୍ୱ କରିଥିଲେ। ବଡ ଗୋଠ ତ୍ରିବେଣୀ ଘାଟରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇଥାନ୍ତି। ଚଳିତ ବର୍ଷ ଫେବୃୟାରୀ ୧୨ ତାରିଖରେ ଏହି ବୁଡ ଅନୁଷ୍ଠିତ ହେବ। ଏଠାରେ ଅନନ୍ତ ନାରାୟଣଙ୍କ ମନ୍ଦିର ରହିଛି । ପୀଠରେ ବୁଡ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ । ବୁଡକୁ ଶୃଙ୍ଖଳିତ କରିବା ପାଇଁ ଜିଲା ଓ ବ୍ଲକ ପ୍ରଶାସନ ସହିତ ପୋଲିସ ବିଭାଗ ଓ ଅଗ୍ନିଶମ, ସ୍ୱାସ୍ଥ୍ୟ ବିଭାଗର ସହାୟତା ନିଆଯିବା ପାଇଁ ସ୍ଥିର ହୋଇଥିଲା । ପୀଠରେ ସଫେଇ କାର୍ଯ୍ୟକ୍ରମ ସହିତ ପ୍ରଚାର ପ୍ରସାର ପାଇଁ ବ୍ୟାନର, ପୋଷ୍ଟର ବହୁଳ ଭାବରେ କରାଯାଇ ବଣ୍ଟନ କରାଯିବ। ବିଶେଷକରି ବଡ଼ଗୋଠ ଐତିହ୍ୟ ଓ ସଂସ୍କୃତି ଉପରେ କବି ବୈକୁଣ୍ଠ ନାଥ ନରେନ୍ଦ୍ରଙ୍କ ରଚିତ ପୁସ୍ତକ ''ତୀର୍ଥ ତ୍ରିବେଣୀ'' ଉନ୍ମୋଚନ କରାଯିବା ପାଇଁ ବ୍ୟବସ୍ଥା ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଣାସ ବିକାଶ ପରିଷଦର ସମ୍ପାଦକ ଲିଙ୍ଗରାଜ ପରିଡା, ସଭାପତି ପ୍ରଭାକର ମଙ୍ଗରାଜ, ବଡ ଗୋଠ ବିକାଶ ପରିଷଦର ସମ୍ପାଦକ ହେମନ୍ତ କୁମାର ପ୍ରଧାନ, ଯୁଧିଷ୍ଠିର ସାମନ୍ତରାୟ, କ୍ୟାପଟେନ୍ ପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ସତ୍ୟପୀର ବଳିୟାରସିଂହ, ପୂର୍ଣ୍ଣଚନ୍ଦ୍ର ରାଉତ, ନିରଞ୍ଜନ ପଲାଇ, ବିଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଫାଇନାଲ୍‌ରେ ଓସ୍କାର, ମହାବୀର ସ୍ପୋର୍ଟିଂ

**ନାରାୟଣୀ କପ୍ କ୍ରିକେଟ୍**

**କଣାସ, ୧୮।୧(ସ୍ୱ.ପ୍ର.)**

କଣାସ ବ୍ଲକ ଗଡସାନପୁଟ ଗ୍ରାମପଞ୍ଚାୟତର କଣ୍ଟାବଣିଆ ଗ୍ରାମ ଖେଳପଡିଆରେ ଚାଲିଥିବା ନାରାୟଣୀ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ୨ଟି ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଭୁବନେଶ୍ୱରର ସ୍କାନସ୍ପୋର୍ଟିଂ ଏବଂ ଓସ୍କାର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସ୍କାନସ୍ପୋର୍ଟିଂ ଟସ୍ ଜିତି ୨୦ଓଭରରେ ୮ଉଇକେଟ୍ ହରାଇ ୧୧୫ରନ୍ କରିଥିବାବେଳେ ୨ୟ ଇନିଂସ୍‌ରେ ଓସ୍କାର ସ୍ପୋର୍ଟିଂ ୧୯ଓଭର ୫ଟି ବଲ୍‌ରେ ୬ଉଇକେଟ ହରାଇ ୧୧୬ ରନ୍ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଓସ୍କାର ସ୍ପୋର୍ଟିଂର ପ୍ରମୋଦ ମହାରଣା ବ୍ୟକ୍ତିଗତ ୪୭ରନ୍ କରିଥିବାରୁ ତାଙ୍କୁ ମ୍ୟାନ୍‌ଅଫ୍‌ଦିମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିପରି ୨ୟ ସେମିଫାଇନାଲ ମ୍ୟାଚ୍ ମଙ୍ଗଳା ସ୍ପୋର୍ଟିଂ କଟକ ଏବଂ ମହାବୀର ସ୍ପୋର୍ଟିଂ ପୁରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ମଙ୍ଗଳା ସ୍ପୋର୍ଟିଂ ୨୦ଓଭରରେ ୪ଉଇକେଟ୍ ହରାଇ ୧୯୪ରନ୍ କରିଥିଲା। ୨ୟ ଇନିଂସ୍‌ରେ ମହାବୀର ସ୍ପୋର୍ଟିଂ ୨୦ଓଭର ଖେଳି ୧୦ଉଇକେଟ ହରାଇ ୧୯୪ରନ୍ କରିବାରୁ ମ୍ୟାଚ୍ ଟାଇ ହୋଇଥିଲା। ପରେ ସୁପର ଓଭର ଖେଳାଯାଇଥିଲେ ସେଥିରେ ମଧ କୌଣସି ନିର୍ଣ୍ଣୟ ହୋଇପାରି ନ ଥିଲା। ପରେ ରେଫେରିଙ୍କ ନିଷ୍ପତ୍ତି କ୍ରମେ ଛକା ଦ୍ୱାରା ମ୍ୟାଚ୍‌ର ନିର୍ଣ୍ଣୟ ହୋଇଥିଲା। ଏଥିରେ ମହାବୀର ସ୍ପୋର୍ଟିଂ ୯ଟି ଛକା ମାରି ଫାଇନାଲରେ ପ୍ରବେଶ କରିଥିଲା। ମହାବୀର ସ୍ପୋର୍ଟିଂର ଅନୀଲ ପ୍ରଧାନ ମ୍ୟାନଅଫ୍‌ଦମ୍ୟାଚ୍ ବିବେଚିତ ହୋଇଥିଲେ।

## ■ ନୟାହାଟରେ ଚାଲିଛି ଚୋରା ମଦ କାରବାର

# ସବୁ ଜାଣି ଚୁପ୍ ବସିଛି ପୋଲିସ

**ଗୋପ, ୧୮।୧(ଡି.ଏନ୍.ଏ.)**

ଗୋପ ଥାନା ଅଧୀନ ନୟାହାଟ ଅଞ୍ଚଳଟି ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ଜଣାଶୁଣା। ପ୍ରତ୍ୟେକ ଦିନ ସ୍ଥାନୀୟ ତଥା ବାହାର ବ୍ୟବସାୟୀମାନେ ସେଠାକୁ ବ୍ୟବସାୟ ଉଦ୍ଦେଶ୍ୟରେ ଆସିଥାନ୍ତି। ତେବେ ଗତ କେତେଦିନ ଧରି ନୟାହାଟ ଅଞ୍ଚଳରେ ବିଭିନ୍ନ ଦୋକାନରେ ଖୁଲମଖୁଲା ଭାବରେ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରୟ କରାଯାଉଥିବା ଅଭିଯୋଗ ହୋଇଛି। ଏଭଳି ଖୁଲମଖୁଲା ମଦ ବିକ୍ରି ଯୋଗୁ ଯୁବଗୋଷ୍ଠୀ ପଥଭ୍ରଷ୍ଟ ହେଉଥିବାବେଳେ ବଜାର ଘାଟରେ କଲେଜ ଛାତ୍ରୀମାନେ ଯିବା ଆସିବା ସମୟରେ କେତେକ ଅସାମାଜିକ ବ୍ୟକ୍ତି ନିଶା ସେବନ କରି ସେମାନଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ପୁରୀ ଜିଲାପାଳ ଓ ଏସ୍‌ପି ଦୃଷ୍ଟି ଦେବାକୁ ବିଭିନ୍ନ ମହିଳା ସଂଗଠନ ପକ୍ଷରୁ ଦାବି କରାଯାଇଛି।

ପ୍ରକାଶ ଯେ, ନୟାହାଟ ଅଞ୍ଚଳରେ ବିଭିନ୍ନ ତେଜରାତି ଦୋକାନ ଠାରୁ ଆରମ୍ଭ କରି ପାନଖିଲ ଦୋକାନ ପର୍ଯ୍ୟନ୍ତ ଚୋରା ମଦ କାରବାର ଚାଲିଛି। ଏହି ଚୋରାମଦ କାରବାର ସମ୍ପର୍କରେ ସ୍ଥାନୀୟ ପୋଲିସ ସବୁ ଜାଣି ଚୁପ୍ ରହୁଥିବାବେଳେ ଅବକାରୀ ବିଭାଗ ନୀରବ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପୋଲିସ ମୋଟା ଅଙ୍କର ଅର୍ଥ ନେଇ ଚୁପ୍ ରହୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଏଠାରେ ସରକାରୀ ମଦ ଦୋକାନ ରହିଥିବାବେଳେ ଚୋରା ମଦ ବେପାରୀ ବେଆଇନ୍ ଭାବେ ଅପମିଶ୍ରିତ ମଦ ବିକ୍ରି କରି ବେଶ୍ ଲାଭବାନ୍ ହେଉଛନ୍ତି। ସରକାର ମଦ ବ୍ୟବସାୟରୁ ବ୍ୟାପକ ରାଜସ୍ୱ ପାଉଥିବାବେଳେ ଚୋରା ମଦ ଓ ଅପମିଶ୍ରିତ ମଦ କାରବାର ଦ୍ୱାରା ରାଜ୍ୟ ସରକାର ରାଜସ୍ୱ ହରାଉଥିବାରୁ ପୋଲିସ ଓ ଅବକାରୀ ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଗୋପ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନଙ୍କୁ ପଚାରିବାରେ ଚୋରା ମଦ କାରବାରକୁ ନେଇ ତୁରନ୍ତ ଚଢ଼ାଉ କରାଯିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ■ ପଞ୍ଚୁପାଣ୍ଡବ ମହୋତ୍ସବ ଉଦ୍‌ଘାଟିତ

# ଅଶୋକ ପଣ୍ଡାଙ୍କୁ ପ୍ରଥମ 'ପଞ୍ଚୁପାଣ୍ଡବ ସମ୍ମାନ'

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

ଭୁବନେଶ୍ୱର ଉପକଣ୍ଠବର୍ତ୍ତୀ ବଡ଼ଗଡ଼ ବ୍ରିଟ୍ କଲୋନୀସ୍ଥିତ ଐତିହାସିକ କୀର୍ତ୍ତିସ୍ଥଳୀ ପଞ୍ଚୁପାଣ୍ଡବ ପୀଠରେ ଶୁକ୍ରବାରଠାରୁ ପ୍ରଥମ ପଞ୍ଚୁପାଣ୍ଡବ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପଞ୍ଚୁପାଣ୍ଡବ ଫାଉଣ୍ଡେଶନ ସଭାପତି ଦିଲୀପ ହାଲି ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ଏହି ଅବସରରେ ମନ୍ତ୍ରୀ ପଣ୍ଡାଙ୍କୁ ପ୍ରଥମ 'ପଞ୍ଚୁପାଣ୍ଡବ ସମ୍ମାନ' ପ୍ରଦାନ କରାଯାଇଥିଲା। ଲୋକକଳା ଓ ଲୋକସଙ୍ଗୀତର ଉନ୍ନତି ପାଇଁ ରାଜ୍ୟ ସରକାର କଳା ସଙ୍ଗଠନଗୁଡ଼ିକୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଆସୁଛନ୍ତି। ଆଗାମୀ ଦିନରେ ଗ୍ରାମାଞ୍ଚଳରେ ଲୋକକଳା ଓ ଲୋକସଙ୍ଗୀତର ପୁନରୁଦ୍ଧାର ପାଇଁ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ ବୋଲି ମନ୍ତ୍ରୀ କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଅନୁଷ୍ଠାନ ଉପଦେଷ୍ଟା ଉମାଶଙ୍କର ପଟ୍ଟନାୟକ, ପ୍ରତାପ ଜେନା, ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସନ୍ତୋଷ କୁମାର ସିଂ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ପୂର୍ବତନ ଡେପୁଟି ମେୟର କେ. ଶାନ୍ତି ଓ ବ୍ରିଟ୍ କଲୋନୀର ପୂର୍ବତନ କର୍ପୋରେଟର ବନ୍ଦନା ସାହୁ ଯୋଗଦେଇ ମହୋତ୍ସବ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ।


ରବିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବରେ ପାରମ୍ପରିକ ଲୋକନୃତ୍ୟ ଓ ଲୋକସଙ୍ଗୀତ ପ୍ରମୁଖ ଆକର୍ଷଣ ସାଜିଥିଲା। କାର୍ଯ୍ୟକ୍ରମ ଶେଷରେ ଅଜିତ ବେହେରା ଧନ୍ୟବାଦ ଦେଇଥିଲେ।

## ■ ଫେବୃୟାରୀ ୧୨ରେ ଚନ୍ଦ୍ରଭାଗା ମାଘମେଳା

# ବସିଲା ପ୍ରଥମ ସମନ୍ୱୟ ବୈଠକ

**କୋଣାର୍କ, ୧୮।୧(ଡି.ଏନ୍.ଏ.)**

ଅର୍କକ୍ଷେତ୍ରର ପ୍ରସିଦ୍ଧ ମାଘ ସପ୍ତମୀ ମେଳା ଆସନ୍ତା ଫେବୃୟାରୀ ୧୨ତାରିଖ ମଙ୍ଗଳବାର ଅନୁଷ୍ଠିତ ହେବ। ଶୁକ୍ରବାର ସନ୍ଧ୍ୟାରେ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଯାତ୍ରିନିବାସଠାରେ ପ୍ରଥମ ସମନ୍ୱୟ ବୈଠକ ଆୟୋଜିତ ହୋଇଥିଲା। ଏଥିରେ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ ଯୋଗଦେଇ ମେଳାକୁ ଆକର୍ଷଣୀୟ କରିବା ନେଇ ମତାମତ ଦେବାସହ ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଲକ୍ଷାଧିକ ଶ୍ରଦ୍ଧାଳୁ ମାଘ ଶୁକ୍ଳ ଷଷ୍ଠୀ(୧୧ତାରିଖ) ରାତିରେ ଚନ୍ଦ୍ରଭାଗା ମେଳାପଡିଆରେ ସମବେତ ହୋଇ ରାତ୍ରୀଯାପନ କରିବା ସହିତ ସପ୍ତମୀ ପ୍ରତ୍ୟୁଷରୁ ପବିତ୍ର ତୀର୍ଥ ପୁଷ୍କରିଣୀରେ ବୁଡ ପକାଇ ସୂର୍ଯ୍ୟ ଦର୍ଶନ ଓ ପୂଜାର୍ଚ୍ଚନା କରିବେ। ଅର୍କକ୍ଷେତ୍ରର ତିନି ମହାଦେବ ଶ୍ରୀ ତ୍ରିବେଣୀଶ୍ୱର, ଈଶାନେଶ୍ୱର ଓ ଦକ୍ଷିଣେଶ୍ୱରଙ୍କ ଚଳନ୍ତି ପ୍ରତିମାମାନଙ୍କୁ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଚନ୍ଦ୍ରଭାଗାକୁ ନିଆଯାଇ ତୀର୍ଥଜଳରେ ମହାସ୍ନାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଡି.ସି.ନନ୍ଦ, କୋଣାର୍କ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ, ପୁରୀ ଏଡିଏମଓ ଡାକ୍ତର ଲଲାଟେନ୍ଦୁ ମିଶ୍ର, ଗୋପ ତହସିଲଦାର ସୁଧାକର ସାମନ୍ତରାଙ୍କ ସହ ଜିଲାର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶ୍ରଦ୍ଧାଳୁମାନଙ୍କ ରାତ୍ରରହଣୀ, ଗାଡି ପାର୍କିଂ, ପାନୀୟ ଜଳ, ପରିମଳ, ସ୍ୱାସ୍ଥ୍ୟ, ପରିବହନ ଓ ସୁରୁଖୁରୁରେ ତୀର୍ଥସ୍ନାନ ଦୃଷ୍ଟିରୁ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ମେଳାପଡିଆରେ ୩୦୦ରୁ ଅଧିକ ସ୍ୱେଚ୍ଛାସେବୀ ଏବଂ ସମୁଦ୍ର ସ୍ନାନକୁ ସୁରକ୍ଷିତ କରିବାପାଇଁ ଲାଇଫଗାର୍ଡ ମୁତୟନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଶ୍ରୀଜୀଉମାନଙ୍କ ମେଳାପଡିଆକୁ ଶୋଭାଯାତ୍ରା ଓ ତୀର୍ଥସ୍ନାନ ନୀତି ସମ୍ପନ୍ନ ନିମନ୍ତେ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସବ୍‌କମିଟି ଗଠନ କରାଯାଇଛି। ଏହି ସବ୍‌କମିଟି ଶ୍ରୀଜୀଉମାନଙ୍କ ନୀତି ସମ୍ପାଦନ ସମ୍ପର୍କିତ ସମୟ ନିର୍ଦ୍ଧାରଣ ଓ ପରିଚାଳନା ସମ୍ପର୍କରେ ପୃଥକ୍ ବୈଠକ କରି ନିଷ୍ପତ୍ତି ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।




ବୈଠକରେ ଉପସ୍ଥିତ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ ଓ ଅନ୍ୟମାନେ।